# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଫେବୃୟାରୀ ୧୪/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Sambalpur, Sunday, February 14/2021 | ★★

୧୭ଶ ଭାଗ ୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ରବିବାର, ଫେବୃୟାରୀ ୧୪/୨୦୨୧ | Sunday, February 14/2021 | ପୃଷ୍ଠା-୧



## ରାଜକୁମାରୀ ଲୁକ୍‌ରେ ନୋରା

ବଲିଉଡ୍ ଅଭିନେତ୍ରୀ ନୋରା ଫତେହୀଙ୍କର ଇନ୍‌ଷ୍ଟାରେ ଏକ ଫଟୋ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ରାଜକୁମାରୀ ବେଶରେ ନଜର ଆସିଛନ୍ତି।

୧୨

୧୧

## ରୋହିତ ଶର୍ମାଙ୍କ ଶତକ

ଭାରତୀୟ ଓପନର ରୋହିତ ଶର୍ମା ଶନିବାର ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି।



# ଉପଯୋଗ ନ କଲେ ଜରିମାନା

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

ଶିଳ୍ପାଞ୍ଚଳରୁ ବାହାରୁଥିବା ଗଦା ଗଦା ଫ୍ଲାଏ ଆଶ୍ (ଉଡ଼ନ୍ତା ପାଉଁଶ) ପରିବେଶ ପାଇଁ ଭୟଙ୍କର ବିପଦ ସୃଷ୍ଟି କରି ଚାଲିଛି। ଶିଳ୍ପାୟନ ବଢୁଥିବାରୁ ଏହା ଜଳ, ଭୂପୃଷ୍ଠ ଓ ବାୟୁମଣ୍ଡଳକୁ ବିପଜ୍ଜନକ ଭାବେ ଆକ୍ରାନ୍ତ କଲାଣି। ଏହାକୁ ଦୃଷ୍ଟିରେ ରଖି ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ(ଏମ୍‌ଓଇଏଫ୍ ଆଣ୍ଡ ସିସି) ଫ୍ଲାଏ ଆଶ୍ ଉପଯୋଗ ନେଇ ନୂଆ ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଛି। ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଯେଉଁ ଶିଳ୍ପାନୁଷ୍ଠାନଗୁଡ଼ିକ ନୂତନ ଗାଇଡ୍‌ଲାଇନ ଅନୁଯାୟୀ ଫ୍ଲାଏ ଆଶ୍ ଉପଯୋଗ କରିବେ ନାହିଁ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରି କି ଟନ୍ ପିଛା ୧ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଛି।

ଗାଇଡ୍‌ଲାଇନରେ କୁହାଯାଇଛି ଯେ କୋଇଲା ଓ ଲିଗ୍‌ନାଇଟ ବ୍ୟବହାର କରୁଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର (ଟିପିପି), ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ଲାଣ୍ଟ(ଆଇପିପି) ଓ ଅନ୍ୟାନ୍ୟ ଶିଳ୍ପଗୁଡ଼ିକ ଉତ୍ପାଦନ କରୁଥିବା ପାଉଁଶକୁ ପରିବେଶକୁ ସୁହାଇଲା ଭଳି ଶତ ପ୍ରତିଶତ ବ୍ୟବହାର କରିବେ। ପାଉଁଶକୁ ଇଟା ତିଆରି, ସିମେଣ୍ଟ, ନଦୀବନ୍ଧ ନିର୍ମାଣ, ଖାଲୁଆ ଅଞ୍ଚଳ ପୋତିବା, ଖଣି ଅଞ୍ଚଳ, ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ସମୁଦ୍ର କୂଳ ପୋତିବା କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ। ୩ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ୮୦ ପ୍ରତିଶତରୁ କମ୍ ଉପଯୋଗ କରାଯାଇପାରିବ ନାହିଁ। ୮୦ ପ୍ରତିଶତ ଫ୍ଲାଏ ଆଶ୍ ଉପଯୋଗ କରୁଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ୧୦୦ ପ୍ରତିଶତ କରିବାକୁ ୩ବର୍ଷ, ୬୦ରୁ ୮୦ ପ୍ରତିଶତ ପାଇଁ ୪ ଓ ୬୦ ପ୍ରତିଶତ ଉପଯୋଗ କରୁଥିବା ୟୁନିଟ୍‌ଗୁଡ଼ିକୁ ୫ ବର୍ଷ ସମୟ ଦିଆଯାଇଛି। ଟିପିପିଗୁଡ଼ିକ ୧୦ ବର୍ଷ ମଧ୍ୟରେ ୧୦୦% ଉପଯୋଗ କରିବାକୁ କୁହାଯାଇଛି। ନୂଆ ଟିପିପିଗୁଡ଼ିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଦାରଖରେ ଆଶ୍ ପଣ୍ଡ ବ୍ୟବହାର କରିପାରିବେ। ଦୈନିକ କେତେ ପାଉଁଶ ବାହାରୁଛି ସେ ବିଷୟରେ ପାୱାର ପ୍ଲାଣ୍ଟଗୁଡ଼ିକ ନିୟମିତ ଭାବେ ଅନ୍‌ଲାଇନ କିମ୍ବା ମୋବାଇଲ ଆପ୍ ଜରିଆରେ ସୂଚନା ଦେବେ। ଟିପିପିଗୁଡ଼ିକୁ ୩୦୦ କି.ମି. ପରିଧି ମଧ୍ୟରେ ସରକାରୀ ଉଦ୍ୟୋଗ କିମ୍ବା ଘରୋଇ ସଂସ୍ଥା ଦ୍ୱାରା ଖାଲି ଅଞ୍ଚଳ ଭରଣା, ନଦୀବନ୍ଧ କିମ୍ବା ଫ୍ଲାଏ ଓଭର ରାସ୍ତା ନିର୍ମାଣ ପାଇଁ ମାଗଣାରେ ଫ୍ଲାଏ ଆଶ୍ ଯୋଗାଇ ଦେବାକୁ ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ଏହା ୨୫୦ କି.ମି. ପର୍ଯ୍ୟନ୍ତ ଥିଲା। ଫ୍ଲାଏ ଆଶ୍‌ର ବ୍ୟବହାର ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ, ଇଣ୍ଡିଆନ କଂଗ୍ରେସ, ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ରାଜ୍ୟ ସରକାରଙ୍କ ବିଭିନ୍ନ ଏଜେନ୍ସି ଦ୍ୱାରା ଧାର୍ଯ୍ୟ ମାନ ଅନୁଯାୟୀ କରିବାକୁ ପଡ଼ିବ। ସେହିପରି ଖଣିଗୁଡ଼ିକୁ ପୋତିବା ପାଇଁ ଲିଜ୍‌ଧାରୀମାନେ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବେ। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହେବ। ଏହା ଖଣି ଭରଣା କାର୍ଯ୍ୟକୁ ତଦାରଖ କରିବ। ପାୱାର ପ୍ଲାଣ୍ଟର ୩୦୦ କି.ମି. ମଧ୍ୟରେ କୌଣସି କୋଠାବାଡ଼ି ନିର୍ମାଣ ପାଇଁ ନାଲି ଇଟା ବ୍ୟବହାର କରାଯାଇ ପାରିବ ନାହିଁ। କେବଳ ଫ୍ଲାଏ ଆଶ୍ ଇଟାକୁ ବ୍ୟବହାର କରିବାକୁ ଗାଇଡ୍‌ଲାଇନରେ କୁହାଯାଇଛି।

ଫ୍ଲାଏ ଆଶ୍‌ର ଉପଯୁକ୍ତ ଉପଯୋଗ ନ କଲେ ଜରିମାନାର ବ୍ୟବସ୍ଥା କରାଯାଇଛି। ପ୍ରଥମ ୨ ବର୍ଷ ମଧ୍ୟରେ ଟିପିପିଗୁଡ଼ିକ ଯଦି ୮୦ ପ୍ରତିଶତ ଫ୍ଲାଏ ଆଶ୍ ଉପଯୋଗ କରିପାରିବେ ନାହିଁ ତେବେ ଟନ୍ ପିଛା ୧ ହଜାର ଟଙ୍କା ଜରିମାନା ଦେବାକୁ ହେବ। କୌଣସି ଶିଳ୍ପ ସଂସ୍ଥା ଫ୍ଲାଏ ଆଶ୍ ୩୦୦ କି.ମି. ମଧ୍ୟରେ ନ ଯୋଗାଇଲେ ଟନ୍ ପିଛା ୧୫୦୦ ଟଙ୍କା ଜରିମାନା ଆଦାୟ କରାଯିବ। ଆଦାୟ ଜରିମାନା ରାଶିକୁ ଫ୍ଲାଏ ☞ପୃଷ୍ଠା-୮

### ପରିବେଶକୁ ଫ୍ଲାଏଆଶ୍ ବିପଦ

- ନୂଆ ଗାଇଡ୍‌ଲାଇନ ଜାରି କଲା ଏମ୍‌ଓଇଏଫ୍
- ୩୦୦ କି.ମି. ମଧ୍ୟରେ ମାଗଣା ଯୋଗାଇବେ ଶିଳ୍ପ ସଂସ୍ଥା
- କଡ଼ାକଡ଼ି ଲାଗୁ କରିବାକୁ ରାଜ୍ୟକୁ ପରାମର୍ଶ
- ରାଜ୍ୟରେ ବର୍ଷକୁ ବାହାରୁଛି ୩୩ ନିୟୁତ ଟନ୍ ପାଉଁଶ






# ଅଭିଯୁକ୍ତଙ୍କ ଲାପ୍‌ଟପ୍‌କୁ ପଠାଯାଇଥିଲା ମାଲୱେର

### ଭୀମା-କୋରେଗାଁଓ ମାମଲା

**ନୂଆଦିଲ୍ଲୀ, ୧୩।୨**

ସରକାର ଭାଙ୍ଗିବା ପାଇଁ ମହାରାଷ୍ଟ୍ର ଭୀମା କୋରେଗାଁଓରେ ଗୋଟିଏ ଗୋଷ୍ଠୀ କର୍ମୀ ଚକ୍ରାନ୍ତ ଚଳାଇଥିବା ଅଭିଯୋଗ ପଛର ସତ ପଦାକୁ ଆସିଛି। ପୋଲିସ ଜବତ କରିଥିବା ଜଣେ କର୍ମୀଙ୍କ ଲାପ୍‌ଟପ୍‌ରେ ଜାଲିଆତି କରି ପ୍ରମାଣ ଛଡ଼ାଯାଇଥିଲା ବୋଲି ଫୋରେନ୍‌ସିକ୍ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ତେବେ ଉକ୍ତ ସାଇବର ଆକ୍ରମଣ ପଛର ଅପରାଧୀ କିଏ ତାହା ଜଣାପଡ଼ିନାହିଁ।

ରିପୋର୍ଟ ଅନୁଯାୟୀ କର୍ମୀ ରୋନା ୱିଲ୍‌ସନ୍ ଗିରଫ ହେବା ପୂର୍ବରୁ ତାଙ୍କ ଲାପ୍‌ଟପ୍‌କୁ ହ୍ୟାକ୍ କରାଯାଇ ମାଲୱେର ଦ୍ୱାରା ଅପରାଧ ସମ୍ବନ୍ଧୀୟ ଅନ୍ୟୂନ ୧୦ ଚିଠି ଛଡ଼ାଯାଇଥିଲା। ପୁଣେ ପୋଲିସ ଭୀମା କୋରେଗାଁଓ ମାମଲାରେ ଦାଖଲ କରିଥିବା ଚାର୍ଜଶିଟ୍‌ରେ ଉକ୍ତ ଚିଠିକୁ ପ୍ରାଥମିକ ପ୍ରମାଣ ଭାବେ ଦର୍ଶାଇଥିଲା। ସେହି ଚିଠି ମଧ୍ୟରୁ ଗୋଟିଏ ୱିଲ୍‌ସନ ମାଓବାଦୀଙ୍କ ପାଖକୁ ଲେଖିଥିବା ଉଲ୍ଲେଖ କରାଯାଇଥିଲା, ଯେଉଁଥିରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କରିବା ପାଇଁ ବେଆଇନ ମାଓବାଦୀ ସଂଗଠନକୁ ଆହ୍ୱାନ ଦେବା ସହ ଏଥିପାଇଁ ବନ୍ଧୁକ ଓ ଗୁଳିଗୋଳା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଚିଠି ୱିଲ୍‌ସନ୍‌ଙ୍କ ଲାପ୍‌ଟପ୍‌ର ଏକ ଗୁପ୍ତ ଫୋଲ୍ଡରରୁ ମିଳିଛି, ଯାହା ଅନ୍ୟ କେହି ପ୍ଲାଣ୍ଟ କରିଥିବା ଫୋରେନ୍‌ସିକ୍ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ମାସାଚ୍ୟୁସେଟ୍ସର ଡିଜିଟାଲ ଫୋରେନ୍‌ସିକ ସଂସ୍ଥା ଆର୍ସେନାଲ କନ୍‌ସଲ୍ଟିଂ ଗିରଫ କର୍ମୀ ୱିଲ୍‌ସନ୍‌ଙ୍କ ଓକିଲଙ୍କ ଅନୁରୋଧକ୍ରମେ ଲାପ୍‌ଟପ୍‌ର ଇଲେକ୍ଟ୍ରୋନିକ୍ କପି ଯାଞ୍ଚ କରିବା ପରେ ଉପରୋକ୍ତ ସୂଚନା ମିଳିଥିଲା।

ମିଛ ଅଭିଯୋଗକୁ ନେଇ ଭୀମା କୋରେଗାଁଓର ଅନେକ କର୍ମୀ ବିନା ବିଚାରରେ ଆତଙ୍କବାଦ ନିରୋଧୀ ଆଇନ ଅନୁଯାୟୀ ଦୁଇବର୍ଷରୁ ଊର୍ଦ୍ଧ୍ୱ ସଜା କାଟିଆସୁଛନ୍ତି। ମାନବାଧିକାର ସଂଗଠନ ଓ ନ୍ୟାୟିକ ବିଶେଷଜ୍ଞମାନଙ୍କ ଅନୁଯାୟୀ ଭାରତରେ ଭିନ୍ନମତକୁ ଚାପିଦେବା ପାଇଁ ଏହି ମାମଲା ଏକ ଉଦ୍ୟମ। ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ସରକାରଙ୍କୁ ସମାଲୋଚନା କରୁଥିବା ବ୍ୟକ୍ତିମାନଙ୍କୁ ଧମକ ଦିଆଯିବା ସହ ଗିରଫ କରାଯାଉଛି। ଭାରତୀୟ ସାମାଜିକ କର୍ମୀମାନଙ୍କ ବିରୋଧରେ ମାମଲାକୁ ବିଶେଷଜ୍ଞ ଓ ଅଧିକାର ଗୋଷ୍ଠୀ ପକ୍ଷରୁ ସମାଲୋଚନା କରାଯାଇଛି। ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଉକ୍ତ କର୍ମୀମାନଙ୍କୁ ମୁକ୍ତ କରିଦେବା ପାଇଁ ନିକଟରେ ☞ପୃଷ୍ଠା-୮


ରୋନା ୱିଲ୍‌ସନ୍

# ପେଟ୍ରୋଲ ୩୧, ଡିଜେଲ ୪୦ ପଇସା ବଢ଼ିଲା

**ନୂଆଦିଲ୍ଲୀ,୧୩।୨**

୨୦୨୧-୨୨ ବଜେଟରେ କେନ୍ଦ୍ର ସରକାର ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଯଥାକ୍ରମେ ୨ଟଙ୍କା ୫୦ପଇସା ଏବଂ ୪ଟଙ୍କା କୃଷି ସେସ୍ ଲଗାଇବା ନେଇ ଘୋଷଣା କରିଛନ୍ତି। ଏପରି କି ଏହି ସେସ୍ ଖାଉଟିଙ୍କ ଉପରେ ସିଧାସଳଖ ପଡ଼ିବ ନାହିଁ କିମ୍ବା ତେଲ ଦରରେ ବୃଦ୍ଧି ହେବ ନାହିଁ, ଉକ୍ତ ବର୍ଦ୍ଧିତ ସେସ୍ ତୈଳ କମ୍ପାନୀଗୁଡ଼ିକ ବହନ କରିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସ୍ପଷ୍ଟ କରିଥିଲେ। ଖାଉଟିଙ୍କ ବିରୋଧରୁ ରକ୍ଷା ପାଇବା ପାଇଁ ଅର୍ଥମନ୍ତ୍ରୀ ସୀତାରାମନ ଏହା କହିଥିଲେ ବୋଲି ସେତେବେଳେ ଅନୁଭବ ହେଉଥିଲେ ମଧ୍ୟ ଦରବୃଦ୍ଧି ନ ହେବା କଥା ଶୁଣି ଖାଉଟିଙ୍କ ମନରେ କିଛି ☞ପୃଷ୍ଠା-୮

### କୃଷି ସେସ୍ ବୃଦ୍ଧି ପ୍ରଭାବ

**ଆଜିର ସମ୍ପାଦକୀୟ**

**ପିଲାଙ୍କୁ ଉପେକ୍ଷା**

# ମନ୍ଦିର ବାଇ-ଲ' ପ୍ରତ୍ୟାହାର ଦାବି


ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀଙ୍କ ସହ ବିଜେଡି ପ୍ରତିନିଧି ଦଳର ଆଲୋଚନା ।

### କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ଏମ୍‌ପି

**ନୂଆଦିଲ୍ଲୀ,୧୩।୨**

ପୁରୀ ଶ୍ରୀମନ୍ଦିର ଐତିହ୍ୟ ପାଇଁ ପ୍ରସ୍ତାବିତ ଉପନିୟମ(ବାଇ-ଲ') ଚିଠା ପ୍ରତ୍ୟାହର ପରେ ଏବେ ଏକାମ୍ର କ୍ଷେତ୍ରର ଅନନ୍ତ ବାସୁଦେବ ଏବଂ ବ୍ରହ୍ମେଶ୍ୱର ମନ୍ଦିରର ବିବାଦୀୟ ଚିଠା ବିଜ୍ଞପ୍ତିକୁ ପ୍ରତ୍ୟାହାର ପାଇଁ ଦାବି ଜୋର ଧରିଛି। ଶନିବାର ବିଜେଡି ଏମ୍‌ପି ପିନାକୀ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀଙ୍କୁ ଭେଟି ଏହାର ପ୍ରତ୍ୟାହାର ଦାବି କରିଛନ୍ତି। ପ୍ରତିନିଧିଦଳରେ ଭର୍ତ୍ତୃହରି ମହତାବ, ଅନୁଭବ ମହାନ୍ତି, ମଞ୍ଜୁଲତା ମଣ୍ଡଳ, ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର, ଏମ୍.ଭାସ୍କରରାଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କେନ୍ଦ୍ରମନ୍ତ୍ରୀ ଜୋଷୀ ଏବଂ ଅର୍ଜୁନ ମେହୱାଲଙ୍କୁ ଭେଟି ଏସମ୍ପର୍କରେ ଆଲୋଚନା କରିଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ ଦିଲ୍ଲୀରେ ଉପସ୍ଥିତ ନ ଥିବାରୁ ଆମେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଜୋଷୀଙ୍କ ସହ ଆଲୋଚନା କରିଛୁ। ସେ ଖୁବ୍‌ଶୀଘ୍ର ଏହି ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଏମ୍‌ପି ପିନାକୀ କହିଛନ୍ତି। ପୂର୍ବରୁ ଯେତେବେଳେ ବି କେନ୍ଦ୍ର ସରକାର ବିଭିନ୍ନ ବିଲ୍ ପାସ୍ ସମୟରେ ବିଜେଡିର ସହଯୋଗ ଚାହିଁଛି, ସେତେବେଳେ ପ୍ରହଲ୍ଲାଦ ଜୋଷୀ ହିଁ ସଂଯୋଗକାରୀ ସାଜିଥାନ୍ତି। ତେଣୁ ସଂସ୍କୃତି ମନ୍ତ୍ରୀଙ୍କ ଅନୁପସ୍ଥିତିରେ ବିଜେଡି ଏମ୍‌ପି ପ୍ରତିନିଧି ଦଳ ଜୋଷୀଙ୍କୁ ☞ପୃଷ୍ଠା-୮

# ଦୁର୍ଗାଙ୍କୁ କେହି ଜାଣନ୍ତି ନାହିଁ

### ଦିଲୀପ ଘୋଷଙ୍କ ମନ୍ତବ୍ୟକୁ ନେଇ ଝଡ଼

**କୋଲକାତା, ୧୩।୨**

ପଶ୍ଚିମବଙ୍ଗ ନିର୍ବାଚନୀ ପ୍ରଚାର ଭଗବାନ ରାମଙ୍କଠାରୁ ଆରମ୍ଭ ହୋଇ ଦେବୀ ଦୁର୍ଗା ଓ ମହିଷାସୁର ପ୍ରସଙ୍ଗରେ ପହଞ୍ଚିଛି। ଏ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀ ଏବଂ ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ ବାକ୍‌ଯୁଦ୍ଧରେ ମୁହାଁମୁହିଁ ହୋଇଛନ୍ତି। ମମତାଙ୍କୁ ଦୁର୍ଗା ବୋଲି କହି ସେହି ଦେବୀଙ୍କୁ କେହି ଜାଣି ନ ଥିବା ଦିଲୀପ କହିଥିବାବେଳେ ଭାଜପାକୁ ମହିଷାସୁର ଆଖ୍ୟା ଦେଇଛନ୍ତି ଅଭିଷେକ।

ଏକ ବିତର୍କରେ ଭାଗ ନେଇ ଦିଲୀପ କହିଥିଲେ, ପ୍ରଭୁ ରାମ ଜଣେ ସମ୍ରାଟ ଥିଲେ। କେହି କେହି ତାଙ୍କୁ ଅବତାର ଭାବରେ ବିବେଚନା କରନ୍ତି। ଆମେ ତାଙ୍କର ପୂର୍ବପୁରୁଷମାନଙ୍କ ନାମ ଜାଣୁ। କିନ୍ତୁ ଆମେ ଦୁର୍ଗାଙ୍କ ବିଷୟରେ ସମାନ କଥା ଜାଣିଛେ କି? ରାମଙ୍କୁ ମର୍ଯ୍ୟାଦା ପୁରୁଷ କୁହାଯାଏ। ରାମାୟଣର ବଙ୍ଗଳା ସଂସ୍କରଣ ମଧ୍ୟ ଅଛି। ମହାତ୍ମା ଗାନ୍ଧୀ ସର୍ବଦା ରାମ ରାଜ୍ୟ କଥା କହିଥିଲେ ବୋଲି ଦିଲୀପ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଟିଏମ୍‌ସି। ଜବାବରେ ଟିଏମ୍‌ସି ଏମ୍‌ପି ଅଭିଷେକ କହିଛନ୍ତି, ପ୍ରଭୁ ରାମଙ୍କ ପୂର୍ବପୁରୁଷଙ୍କୁ ଲୋକେ ଜାଣିଛନ୍ତି ବୋଲି ଭାଜପା କହୁଛି। କିନ୍ତୁ ମା' ଦୁର୍ଗାଙ୍କ କଥା ନୁହେଁ। ସେମାନଙ୍କ ମତରେ ମା' ଦୁର୍ଗାଙ୍କର କୌଣସି ମୂଲ୍ୟ ନାହିଁ। ସେମାନେ ବୋଧେ ଜାଣିନାହାନ୍ତି, ନିଜେ ପ୍ରଭୁ ରାମ ଦେବୀ ଦୁର୍ଗାଙ୍କ ପୂଜା କରିଥିଲେ। ଏମିତିକି ମହିଳାଙ୍କ ପ୍ରତି ରାମଙ୍କ ସମ୍ମାନ ଥିବାରୁ ସେ ଦେବୀଙ୍କୁ ଆଖି ମଧ୍ୟ ଅର୍ପଣ କରିଦେଇଥିଲେ। ସେମାନେ 'ଜୟ ଶ୍ରୀରାମ' କହୁଛନ୍ତି। ପ୍ରଥମେ ମା ସୀତା ଏବଂ ପରେ ରାମଙ୍କ ନାଁ ☞ପୃଷ୍ଠା-୮


ଦିଲୀପ ଘୋଷ



## ୧୨୬ ଡିଏସ୍‌ପିଙ୍କୁ ନୂଆ ନିଯୁକ୍ତି

ଭୁବନେଶ୍ୱର,୧୩।୨(ବ୍ୟୁରୋ): ନିକଟରେ ଓଡ଼ିଶା ପୋଲିସର ୩୦୧ ଇନ୍‌ସ୍ପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଥିଲା। ସେମାନଙ୍କ ମଧ୍ୟରୁ ୧୨୬ ଜଣଙ୍କୁ ବଦଳି ସହ ନୂଆ ପଦରେ ଅବସ୍ଥାପିତ କରାଯାଇଛି। ସେମାନଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଶନିବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଡିଏସ୍‌ପି ଇନ୍‌ଚାର୍ଜ ଥିବା କେତେଜଣ ଅଧିକାରୀଙ୍କ ନାମ ମଧ୍ୟ ରହିଛି। କ୍ରାଇମ୍‌ବ୍ରାଞ୍ଚ, ଭିଜିଲାନ୍ସ, କମିଶନରେଟ ପୋଲିସ, ପିସିଆର ସେଲ୍, ଗୋଇନ୍ଦା ବିଭାଗ ସମେତ ପ୍ରାୟ ସବୁ ବିଭାଗରେ କାର୍ଯ୍ୟରତ ଅଫିସର ରହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଶୋଭିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନାବାଳିକାଙ୍କୁ ଗଣବଳାତ୍କାର, ୪ଗିରଫ

ଭଞ୍ଜନଗର,୧୩।୨(ଡି.ଏନ.ଏ): ଭଞ୍ଜନଗରରେ ସୋମବାର ଜଣେ ନାବାଳିକା ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା। ଏନେଇ ଭଞ୍ଜନଗର ଥାନାରେ ନଂ.୪୯/୨୧ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଶନିବାର ଭଞ୍ଜନଗର ଓ ଆଖପାଖର ୪ଜଣଙ୍କୁ ଗିରଫ କରିଛି। ବ୍ରହ୍ମପୁର ବଡ଼ମେଡିକାଲରେ ଡାକ୍ତରୀମାଇନା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଛାତ୍ରୀଜଣକ ଗତ ସୋମବାର ଏକ କମ୍ପ୍ୟୁଟର ସେଣ୍ଟରକୁ ପାଠ ପଢ଼ିବାକୁ ଯାଇଥିଲେ। ମଧ୍ୟାହ୍ନରେ ନିଛାଟିଆ ରାସ୍ତାଦେଇ ଘରକୁ ଫେରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଟେକିନେଇ ଏକ ବୁଦାମୂଳେ ଗଣବଳାତ୍କାର କରିଥିଲେ। ସେ ଭୟଭୀତ ହୋଇଯାଇଥିଲେ। ୨ଦିନ ପରେ ପରିବାର ଲୋକଙ୍କୁ ଜଣାଇବା ପରେ ତାଙ୍କ ମା’ ବୁଧବାର ଥାନାରେ ଅଭିଯୋଗ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୋଗୀ ବ୍ରାହ୍ମଣ କୁକୁର ଘୋଡ଼ା
କେବେ ନୁହନ୍ତି ଯୋଡ଼ା ଯୋଡ଼ା
ଯେବେ ହୁଅନ୍ତି ଯୋଡି ଯୋଡି
ତେବେ ହୁଅନ୍ତି କାମୁଡ଼ା କାମୁଡ଼ି ।**

ପ୍ରକୃତରେ ଦେଖିବାକୁ ଗଲେ ଯୋଗୀ, ବ୍ରାହ୍ମଣ, କୁକୁର ଓ ଘୋଡ଼ା ଏଇ ଜାତିର ଜୀବନ ପରସ୍ପର ପ୍ରତି ଖୁବ୍ ବିରୋଧୀ। ଏମାନଙ୍କ ମଧ୍ୟରୁ ଯିଏ ଯାହା ସାଙ୍ଗରେ ମିଶେ ସେଥିରେ ତା’ର ମୋଟେ ଫାଇଦା ନ ଥାଏ। ତେଣୁ ସେମାନେ ନିଜ ନିଜର ପତିଆରା ଦେଖାଇବାକୁ ଯାଇ ପ୍ରତ୍ୟେକେ ଅଲଗା ଅଲଗା ରହିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଯା ମନ ଯହିଁରେ ରସେ
ଗନ୍ଧିଆ ମୁହଁରେ ଚୁମ୍ବନ ଦେଲେ
ଚମ୍ପା ଫୁଲ ପରି ବାସେ ।**

ପ୍ରେମ ହେଉଛି ଦୁଇ ମନ ଓ ହୃଦୟର ମିଳନ। ଯିଏ ଯାହା କୁ ଭଲପାଏ, ତା’ର ସବୁଗୁଣ ତାକୁ ସୁନ୍ଦର ଲାଗିଥାଏ। ପ୍ରେମାସ୍ପଦର କୌଣସି ମନ୍ଦ ଗୁଣ ପ୍ରେମୀକୁ ଦେଖାଯାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଉଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ୭ ଇନ୍ସପେକ୍ଟର, ୮ ଏସ୍‌ଆଇଙ୍କ ବଦଳି

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

ଓଡ଼ିଶା ପୋଲିସରେ କାର୍ଯ୍ୟରତ ୭ ଇନ୍ସପେକ୍ଟର ଓ ୮ ସବ୍‌ଇନ୍ସପେକ୍ଟରଙ୍କ ବଦଳି କରାଯାଇଛି। କେନ୍ଦ୍ରାପଡାରେ କାର୍ଯ୍ୟରତ ଇନ୍ସପେକ୍ଟର ସଞ୍ଜିବ କୁମାର ରାଣାଭଇଁଶଙ୍କୁ ବୌଦ୍ଧ, କନ୍ଧମାଳରେ ଥିବା ନରେଶ କୁମାର ସାହୁଙ୍କୁ ଅନୁଗୋଳ, କେନ୍ଦୁଝରରେ ଥିବା ପଦ୍ମସିନି ମେହେର ଓ ସନ୍ଧ୍ୟାରାଣୀ ଜେନାଙ୍କୁ ସମ୍ବଲପୁର, ପୁରୀରେ ଥିବା ବୁଲୁ ମୁଣ୍ଡାଙ୍କୁ ବଲାଙ୍ଗୀର, ଢେଙ୍କାନାଳରେ ଥିବା ପ୍ରମୋଦ କୁମାର ଲେଙ୍କାଙ୍କୁ କଟକ, ଯାଜପୁରରେ କାର୍ଯ୍ୟରତ ଇନ୍ସପେକ୍ଟର ଆଶିଷ ସାହୁଙ୍କୁ ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚକୁ ବଦଳି କରାଯାଇଛି। ସେହିପରି ଗଜପତିରେ ଅବସ୍ଥାପିତ ଥିବା ଏସ୍‌ଆଇ ସୁଲୋଚନା ପ୍ରଧାନଙ୍କୁ କୋରାପୁଟ, ବ୍ରହ୍ମପୁରରେ ଥିବା ହେମକାନ୍ତି ଛତ୍ରିଆଙ୍କୁ ବଲାଙ୍ଗୀର, କଳାହାଣ୍ଡିରେ ଥିବା ଇଗାନ୍ସ ବାର୍ଲାଙ୍କୁ ଝାରସୁଗୁଡା, ଫୁଲ୍‌ଗେନ୍ସ ଲାକ୍ରାଙ୍କୁ ରାଉରକେଲା, କନ୍ଧମାଳରେ ଥିବା ବିଦ୍ୟା ଭାରତୀ ନାୟକଙ୍କୁ କଟକ, ଏନ୍.ଏନ୍. ଜୟଶ୍ରୀ ଓଝାଙ୍କୁ ଜଗତ୍‌ସିଂହପୁର, ବାଲେଶ୍ୱରରେ ଥିବା ନୀଳମଣି ନାୟକଙ୍କୁ ଜଗତ୍‌ସିଂହପୁର, ଗଞ୍ଜାମରେ ଥିବା ଅବଦୁଲ୍ ଜାବର ଖାନ୍‌ଙ୍କୁ କଟକ ସିଆଇଡି ସିବିକୁ ବଦଳି କରାଯାଇଛି। ଏନେଇ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଜାଲ୍ ହନୁମାନ ପଇସା ଦେଇ ଠକୁଥିବା ୩ ଗିରଫ

**ଚିତ୍ରକୋଣ୍ଡା,୧୩।୨(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସଦରର ଜଣେ ବ୍ୟକ୍ତିଙ୍କ ଘରୁ ହନୁମାନ ପଇସା, ବହୁ ପୁରୁଣା ତମ୍ବା ମୁଦ୍ରା, ହରିଣ ଛାଲ, ଗୋଟିଏ ବନ୍ଧୁକ, ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଚିତ୍ରକୋଣ୍ଡା ପୋଲସ ଗିରଫ କରିଛି। ସେମାନେ ହେଲେ ମୋହନ ତ୍ରିବେଦୀ, ଇଥାମ ସେଟି ଭେଙ୍କେଟ ରାମନା ଓ କୃପାଭରାମ ତ୍ରିପାଲି। ମୋହନଙ୍କ ଘର ଓଡ଼ିଶାରେ ହୋଇଥିବା ବେଳେ ଇଥାମ ଓ କୃପାଭରାମଙ୍କ ଘର ଆନ୍ଧ୍ର ପ୍ରଦେଶର ଏଲମାନଚିଲି ଗ୍ରାମରେ ବୋଲି ଜଣାପଡିଛି।

ଖବରରୁ ଜଣାପଡିଛି ଚିତ୍ରକୋଣ୍ଡା ଦୈନିକ ବଜାରର ମୋହନ ତ୍ରିବେଦୀଙ୍କ ଘରେ ହନୁମାନ ପଇସା, ବହୁ ପୁରୁଣା ତମ୍ବା ମୁଦ୍ରା ଓ ହରିଣ ଛାଲ ଥିବା ଖବର ପାଇ ଆଇଆଇସି ସୂର୍ଯ୍ୟ ପ୍ରକାଶ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେଠାରୁ ଏକ ଡବଲ ବ୍ୟାରେଲ ବନ୍ଧୁକ, ୫୦ଟି ଭାରତୀୟ ଓ ବିଦେଶୀ ପୁରୁଣା ତମ୍ବା ପଇସା, ହନୁମାନ ପଇସା, ବିଭିନ୍ନ ରଙ୍ଗର ଓ ଭିନ୍ନ ରୂପର ରତ୍ନପଥର ଥିବା ଗୋଟିଏ ଷ୍ଟିଲ ବାକ୍ସ, ନଗଦ ୧୨,୩୧୦ ଟଙ୍କା, ହରିଣ ଚମଡା, ଗୋଟିଏ ସ୍କୁଟି (ଏପି ୩୧ ଡିଜି-୮୩୭୮), ତିନୋଟି ମୋବାଇଲ, ଏଟିଏମ୍‌କାର୍ଡ ପୋଲିସ ଜବତ କରିଥିଲା। ଘର ମାଲିକ ଦ୍ୱିବେଦୀଙ୍କ ସହ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଥିଲା। ଏହି ତିନିଜଣ ଦୀର୍ଘଦିନ ହେଲା ଏଠାରେ ରହି ଲୋକଙ୍କୁ ଜାଲ୍ ରତ୍ନପଥର, ଜାଲ୍ ତମ୍ବା ପଇସା, ହନୁମାନ ପଇସା ଦେଇ ଠକୁଥିଲେ। ଚିତ୍ରକୋଣ୍ଡା ସଦର ମହକୁମା ଆନ୍ଧ୍ର ସୀମାନ୍ତରେ ଥିବାରୁ ଏହାର ସୁଯୋଗ ନେଇ ଆନ୍ଧ୍ରର ଚୋରା ବେପାରୀ ଏଠାରେ ସେମାନଙ୍କ ଜାଲ୍ କାରବାର ଅନାୟାସରେ ଚଳାଇଥାନ୍ତି। ଏନେଇ ଚିତ୍ରକୋଣ୍ଡା ଥାନାରେ କେସ୍ ନଂ. ୨୫, ଧାରା ୪୧୭, ୪୨୦, ୩୪ ଚୋରା ବନ୍ଧୁକ ରଖିବା ଅଭିଯୋଗରେ ଧାରା ୨୫, ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୫୧ ଅନୁଯାୟୀ ମାମଲା ରୁଜୁ ହୋଇଛି। ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଆଜିର ମନ୍ତବ୍ୟ

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପୂର୍ଣ୍ଣ କୃଷି ବ୍ୟବସାୟକୁ ତାଙ୍କ ଦୁଇଜଣ ବନ୍ଧୁଙ୍କ ହାତରେ ଟେକିଦେବାକୁ ଚାହାଁନ୍ତି।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବହୁତ ଦିନରୁ ଚିନ୍ତା କରିପାରି ନ ଥିବା କାମଟିକୁ ଆଜି ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ନିର୍ଦ୍ଦିଷ୍ଟ ସମୟରେ ବନ୍ଧୁଙ୍କ ଉପସ୍ଥିତିର ଅଭାବକୁ ନେଇ କ୍ଷୋଭ ପ୍ରକାଶ କରିପାରନ୍ତି। ପରିବାରରେ ମନୋମାଳିନ୍ୟଜନିତ ବିବାଦ ବଢ଼ିପାରେ। ଯାହା କରନ୍ତୁ ନା କାହିଁକି ସ୍ୱାସ୍ଥ୍ୟପ୍ରତି ସଚେତନ ରହି କାମ କରିବା ଭଲ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକମାନେ କ୍ରମଶଃ ଦୂରେଇ ଯାଉଥିବାର ଲକ୍ଷ୍ୟ କରିବେ। ଆର୍ଥିକ ସମସ୍ୟା ଦୂରେଇବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି। ନିକଟ ଅତୀତର ପରିସ୍ଥିତିକୁ ଯେତିକି ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବ୍ୟବସାୟ, ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ** ଆଜି କାମ ହାସଲ ସକାଶେ ସମ୍ପର୍କୀୟଙ୍କ ଆବଶ୍ୟକତା ଅନୁଭବ କରିବେ। ଜଣେ ବନ୍ଧୁଙ୍କଠାରୁ ହାତ ଉଧାରି ଟଙ୍କା ଆଣିପାରନ୍ତି। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ସପକ୍ଷରେ ମତ ଦେବେ। ଛୋଟ ଘଟଣାକୁ ଗୁରୁତର ମନେକରି ଭାବପ୍ରବଣ ହୋଇପାରନ୍ତି।

**କର୍କଟ** ଆଜିର ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଠିକ୍ ହେବ। ପରୋକ୍ଷ ଶତ୍ରୁତା ପ୍ରତି ସାବଧାନ ନ ରହିଲେ ଅସୁବିଧାର ସମ୍ମୁଖୀନ ହେବେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ଚିନ୍ତାକୁଳ ହେବ। କାମଗୁଡ଼ିକ ବହୁତ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ମଉଜ କରିବାକୁ ଅବସର ପାଇବେ ନାହିଁ। ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ କରିବାକୁ ବାଧ ହୋଇପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ଉଚିତ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ନିକଟ ପରିସରରେ ଆୟୋଜିତ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ତୁଳା** ମନରେ ବିଭିନ୍ନ ଭାବନା ହେତୁ ସବୁ ସମୟରେ ଆନମନା ରହିପାରନ୍ତି। ପରିବାରର ଅବସ୍ଥାକୁ ଦେଖି ବ୍ୟବସ୍ଥା କରନ୍ତୁ, ନଚେତ୍ ଅନାକାଂକ୍ଷିତ ସମସ୍ୟା ଦେଖାଦେଇପାରେ। ସମୟକୁ ଅପେକ୍ଷା କରନ୍ତୁ, ବାଟରୁ ଆପଣ କହିଥିବା ଜିନିଷଟି ଧରି ବନ୍ଧୁ ନିଶ୍ଚୟ ଆସିବେ। ବ୍ୟବସାୟରେ କ୍ଷତିର ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ।

**ବିଛା** ସମସ୍ୟାର ଯଥାବିଧି ସମାଧାନ ପାଇଁ ତତ୍ପରତା ପ୍ରକାଶ କରି ସଫଳ ହେବେ। ଆକସ୍ମିକ ଭାବେ ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବିଭିନ୍ନ ସମସ୍ୟା ମାନସିକ ଦୁଶ୍ଚିନ୍ତା ବୃଦ୍ଧିକରିବ। ସମ୍ପର୍କୀୟମାନେ ଉପର ମନରେ ସ୍ନେହ, ଶ୍ରଦ୍ଧା ଦେଖାଇ ଭିତରେ ଚେର କାଟିପାରନ୍ତି।

**ଧନୁ** ଚିନ୍ତା କରିଥିବା ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ନାହିଁ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ରାଜନୈତିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ପାରିବାରିକ ସମସ୍ୟାକୁ ଦୃଢ଼ ହସ୍ତରେ ଦମନ କରିବାର ବିଫଳ ପ୍ରୟାସ କରିପାରନ୍ତି।

**ମକର** ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଶେଷ ଭାବରେ ବିଚଳିତ କରିବାର ଆଶଙ୍କା ରହିଛି। ଅନ୍ୟର ମନ ଅନୁଯାୟୀ କାମ କରି କର୍ମକ୍ଷେତ୍ରରେ ବାହାବା ନେଇପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇବାର ସମ୍ଭାବନା ରହିଛି। ନିର୍ମାଣ, ମରାମତି କାମ ଓ ପ୍ରତିଟି ପଦକ୍ଷେପରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**କୁମ୍ଭ** ଆର୍ଥିକ ପ୍ରଗତି କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ମାଙ୍ଗଳିକ କାମ ପ୍ରସ୍ତୁତିରେ ପ୍ରତିବେଶୀଙ୍କ ସାହାଯ୍ୟ ଓ ସହଯୋଗରୁ ଉପକୃତ ହେବେ। ଏଣୁ ତେଣୁ ଗୁଡାଏ ଖାଦ୍ୟ ଖାଇ ପେଟ ଗୋଳମାଳ ଓ ଅଜୀର୍ଣ୍ଣଜନିତ ବ୍ୟାଧିକୁ ଆମନ୍ତ୍ରଣ କରିପାରନ୍ତି। ରାଜନୀତି, ପ୍ରଶାସନ ତଥା ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ମୀନ** ବହୁତ ପରିଶ୍ରମ କରିବା କାରଣରୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ଅବହେଳା ଜନିତ ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ପାରିବାରିକ ବ୍ୟତିକ୍ରମକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି।

ଆଜି ମାଘ ଶୁକ୍ଳ ତୃତୀୟା, ରବିବାର, ଫେବୃୟାରୀ ୧୪ ତାରିଖ, ବିଶ୍ୱ ବିବାହ ଦିବସ, (ଫେବୃୟାରୀ ଦ୍ୱିତୀୟ ରବିବାର), (ଭାଲେଣ୍ଟାଇନ୍‌ସ ଡେ), ରାଶି ନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ଦିବା ଘ.୧୦।୦୯ମି. ପରେ ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୭।୦୫ ଗତେ ଘ.୧୦।୦୫ ମଧ୍ୟେ, ସନ୍ଧ୍ୟା ଘ.୦୭।୨୨ ଗତେ ଘ.୦୯।୦୩ ମଧ୍ୟେ ଅମୃତବେଳା। ସକାଳ ଘ.୦୬।୧୯ ଗତେ ଘ. ୦୭।୦୫ ମଧ୍ୟେ, ଘ.୦୧।୦୯ ଗତେ ଘ.୦୧।୫୪ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୧୬ ଗତେ ଘ.୦୫।୪୧ ମଧ୍ୟେ ରାହୁକାଳ।

# classifieds Everyday

**0674-2580101, 2549302**




### BRIDE WANTED

Brahmin boy B.Tech. 1981 5'5" established businessman. Sangaam. 9338224867, 8249768787. D-70425

Brahmin groom 53 yrs, 5ft. 3inch, Central Govt. service, Caste no bar, widow and divorcee allowed. Mob./ Whatsapp. 7205806557. D-19898

Teli groom 32, fair, settled Engineer (Early marriage). Caste no bar. 9337197338. D-19945

### GROOM WANTED

Suitable match invited for fair, Bengali Kayasta girl, 1995, 5'2", B.Tech, Pursuing MBA. Father businessman and mother teacher, Baudpur, Bhadrak. Early marriage. Contact: 6371220090, 9437343898. D-69968

Wanted Brahmin Groom, working in Govt./ PSUs/ Banks for a fair MSc Physics 24,5'4" Singha Rasi Girl. M-9437351346. D-19894

Wanted fresh, divorcee, Widower groom for Lecturer 39+, Bank 37+, Engineer 32+. 9338901177. D-19946




### SALE

Swift D'zire 2016 VDI Diesel, Swift D'zire-2016 (Petrol), Swift D'zire 2009 (Diesel). 7381091234, 9861194627. D-70182




### SALE

Immediately sale BDA house Badagada Brit Colony (Broker Excuse). 7205912222. D-48727

**For sale- 3stored building area 6500sqft. land area 3500sqft. at Jagannathnagar, Bhubaneswar @ 2.5cr. Only buyer Contact: 8984290141.** D-19947

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19937

**Residential land/plot immediately sale at 3000sft. Laxmi Sagar, Bhubaneswar. Please contact- DEEPAK- 9937329999.** D-69969

200sqft. shop for sale Sahid Nagar, Prime location. 7008210578, 7873019959. D-70531

**2BHK with Garage individual House Sale at Srijagannath Vihar, Puri near Batagaon. Cost 24 lakh including Registration. 8 Minutes from Srimandir &5 minutes from Lokanath Temple. Call : 8984304650/ 9438109040.** D-19899

**Demarcated gharabari plot sale Gudiapokhari near KEC Puri road, advance boundarywall 30ft. road electricity. Patta 9238902929, 8763887357.** D-70187

**Earthquake proof 2BHK flat in Apartment Avantika near Gokul residency on Rasulgarh GGP Pandra road for immediate sale with special discount. Contact: 7656861995, 8763935874 during office hour.** D-69970

Gharabari plot near Kalinga Nagar, backside of Trident Galaxy, Bhubaneswar. 8984752938. D-70186

**Require, Yellowzone Homestead Land with 30/40 feet road on Outright/ Sharing basis across Bhubaneswar and Cuttack for Plotting and Housing Projects. Contact- 9861022055/ 9938219397.** D-19938

**ଭୁବନେଶ୍ୱର, ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK simplex, duplex, plot ଅଛି। 9658122456, 8327785834.** D-70188

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**NH-16ରେ ପିତାପଲ୍ଲୀରେ ଗୃହୋପଯୋଗୀ, ଭୁବନେଶ୍ୱର Sum Hospitalରୁ 7K.M. distance NH-16- Aର କଣ୍ଟାବାଡ଼ରେ free registration, ଘରବାରି boundary, electricity Water supply ସହ ପ୍ଲଟ ମିଳୁଅଛି। 7504861292.** D-19864

Book a duplex house near Patia, Bhubaneswar 1300sqft. land area and 1400sqft. construction area. Price- 64lakh. Contact: 8260595320. D-70527

**Hurry Up !!! last 5Nos. (2BHK). ready to move flats (192) for sale on "The land mark PH-2", in Sundarpada, back side of Ariport Bhubaneswar, Cost 35lakh to 40lakh. 9938569014 & 9861433014.** D-19902

**Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/, 9937166932.** D-69370

**ପିପିଲି Block Office ଏବଂ ଧଉଳି ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। 8249776268, 8327774136.** D-69373

**Booking open 2BHK apartment with all amenities at Madhusudan Nagar, Bhubaneswar. Call: 9777017120.** D-70523

**Laxmi Sagar station ଠାରୁ 300mtr ଦୂରରେ residential plot sqft. 3550/- ରେ ବିକ୍ରିହେବ। 9937366406, 6370621085** D-70178

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

**Ready to move 1BHK at DHPL Villa One Kalarahanga. Cost 2300000/-, Contact- 9937059891.** D-19868

**ଭୁବନେଶ୍ୱର Balianta Canal roadରେ ଘରବାରି boundary and electricity ସହିତ ମିଳୁଛି। Sqft. 750/- ଯେଉଁମାନେ immediate ଘର କରିବେ Call କରନ୍ତୁ। 9437005434.** D-70184

**Developed ଘରବାରି ପ୍ଲଟ୍ କେସୁରା ଛକରୁ 3 କିଲୋମିଟର ମଧ୍ୟରେ କିଣନ୍ତୁ। 7008492511.** D-69369

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

ଭୁବନେଶ୍ୱର ତମାଣ୍ଡୋ yellowzone plot 30' ରାସ୍ତାଥାଇ କିଣନ୍ତୁ। 7894216209, 7064615305. D-70167

**Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395.** D-70166

**Gharabadi sthitiban plot 1800sqft. at Kharakhia Baidyanath, near Lingaraj Temple and 2000sqft. boundary Wall plot at Bankuala near Tankapani road, Sai Temple. Call : 7077398807/ 8144658008.** D-19900

### PURCHASE

Wanted plots, flats duplexes Bungalows in Bhubaneswar for marketing. 6371090682. D-68270




Want a dream home on your own plot with engineer's supervision. Contact: 7008268129, 9439143273. D-67585

**For construction only in your plot inside Bhubaneswar area, contact MRC- 9937064680.** D-27287

### GENERAL

### SALE

Dining Table with glass top, 6 chairs almost brand new Rs. 20,000/-, (Fixed price). 7735522110. D-69483

### AFFIDAVIT

I, Santosh Kumar Digal at Pragatimarg, Phulbani declare that my son's name was D.Anshuman in the school register. Now the purpose of Affidavit is to produce before the Principal, Kendriya Vidyalaya, Kandhamal, to change my son's name as Kumar Anshuman in school register. D-19949




**Accommodation for 150 students for Hostel, School, College or Holidays homes available at Gouri Nagar, near Ravi Talkies Square. Interested persons may contact on Phone No.- 9040030066, 8280002989.** D-19887

2BHK flat with garage adjcent Srijan E.M. Public School near KEC. 8917425581. D-59875

3BHK, ground floor, Bharatpur GA plot, 24hr water supply. 8093515429, 7008162351. D-70427




Shivam logistic packers movers. Household/ car relocation countrywide. 9777044177, 9338461133. D-19726




Zen salon and SPA positively health benefits with expert therapeutic & genuinely massage appointment. 7205084157. D-70530

Refreshing your mind & body with best therapy at Lotus SPA. 8018234866. D-59978

New opening Saikrupa Panchakarma and SPA jointpain, fullbody massage, 8984068077. D-65910

Swarna SPA newly open positively health benefits with expert therapist. 9556978408. D-70529

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

**ପୁରୀ ଅଫିସ,୧୩।୨**

ଶ୍ରୀମନ୍ଦିର ଭିତର ଫଟୋ ପୁଣି ଭାଇରାଲ ହୋଇଛି। ସୋସିଆଲ ମିଡିଆରେ ଉକ୍ତ ଫଟୋ ଘୂରି ବୁଲିବା ପରେ ବିବାଦ ବଢ଼ିଛି। ଇନ୍‌ଷ୍ଟାଗ୍ରାମ୍‌ରେ ସାଲିନୀ ଫସୀ ଓ ଇଣ୍ଡିଆ ଟେମ୍ପଲ ନାମକ ଦୁଇଟି ଆକାଉଣ୍ଟରେ ଶ୍ରୀମନ୍ଦିର ଭିତର ଫଟୋ ପୋଷ୍ଟ ହୋଇଛି। ଫେବୃୟାରୀ

## ସିଂହଦ୍ୱାର ଥାନାରେ ଏତଲା

୨ରେ ଏହି ଫଟୋ ଅପ୍‌ଲୋଡ୍ ହୋଇଥିବାବେଳେ ଦକ୍ଷିଣ ଦ୍ୱାର ଗୁମୁଟ ନିକଟ ନୃସିଂହ ମନ୍ଦିର ପାର୍ଶ୍ୱରୁ ଫଟୋଟି ଉଠା ଯାଇଥିବା ଭଳି ପ୍ରତୀୟମାନ ହେଉଛି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀମନ୍ଦିର ଭିତରକୁ କ୍ୟାମେରା ଓ ମୋବାଇଲ୍ ଫୋନ୍‌କୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।



ସିଂହଦ୍ୱାର ସମେତ ଅନ୍ୟ ପ୍ରବେଶ ପଥରେ ସ୍ୱତନ୍ତ୍ର ଯାଞ୍ଚ ବ୍ୟବସ୍ଥା ରହିଛି। ପୂର୍ବରୁ ଶ୍ରୀମନ୍ଦିରର ଭିତର ଫଟୋ ବାରମ୍ବାର ଭାଇରାଲ ହେବା ପରେ କଡ଼ା ନଜର ରଖାଯାଉଛି। ଏହାସତ୍ତ୍ୱେ ପୁଣି ଫଟୋ ଭାଇରାଲ ଘଟଣା ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ପୁରୀ ଶ୍ରୀମନ୍ଦିର ପାଇଁ ଏହା ନୂଆ କଥା ନୁହେଁ। ଅନେକ ସମୟରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ତେବେ ଏବେର ଭାଇରାଲ ସଂକ୍ରାନ୍ତରେ ଶ୍ରୀମନ୍ଦିର ପ୍ରଶାସକ ତଥା ଉନ୍ନୟନ କମିଶନର ଅଜୟ କୁମାର ଜେନା କହିଛନ୍ତି ଯେ, ଘଟଣାର ତଦନ୍ତ କରାଯାଉଛି। ରିପୋର୍ଟ ମିଳିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଏ ସଂକ୍ରାନ୍ତରେ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଏତଲାରେ ପୋଷ୍ଟ କରିଥିବା ମହିଳାଙ୍କ ନାମ ଉଲ୍ଲେଖ ଥିବାବେଳେ ଶ୍ରୀଜଗନ୍ନାଥ ମନ୍ଦିର ଆକ୍ଟ ସେକ୍ସନ-୩୦(ଏ) ଆଧାରରେ ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। ଉକ୍ତ ଫଟୋ କେବେ ଉଠାଯାଇଛି, ପ୍ରକୃତରେ ପୋଷ୍ଟ କରିଥିବା ବ୍ୟକ୍ତି କିଏ, ସେ ନା ଆଉ କିଏ ଫଟୋ ଉଠାଇଛନ୍ତି ସେ ସଂକ୍ରାନ୍ତରେ କିଛି ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ତଦନ୍ତ ଚାଲିଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

# ଲେଖକ ଅଭୟ ସିଂହଙ୍କ ପରଲୋକ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**



ବିଶିଷ୍ଟ ଲେଖକ, ସ୍ତମ୍ଭକାର ତଥା ସାମ୍ବାଦିକ ଅଭୟ ସିଂହଙ୍କ ଶୁକ୍ରବାର ରାତିରେ ହୃଦ୍‌ଘାତରେ ଦେହାନ୍ତ ହୋଇଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। କିଛିବର୍ଷ ଧରି ସେ ଟଙ୍କପାଣି ରୋଡ୍‌ସ୍ଥିତ ଆନନ୍ଦାଶ୍ରମ ଜରାଶ୍ରମରେ ରହୁଥିଲେ। ମାସେ ହେବ ସେ ମହତାବରୋଡ୍‌ଠାରେ ଥିବା ଜରା ନିବାସରେ ରହୁଥିଲେ। ଏହିଠାରେ ହିଁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୫୩ ଜାନୁୟାରୀ ୧ରେ ଜନ୍ମିତ ଅଭୟଙ୍କ ଘର କେନ୍ଦ୍ରାପଡ଼ା ଜିଲା ଡେରାବିଶ ଅଞ୍ଚଳରେ। ସେ ଭୁବନେଶ୍ୱରର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରୁ ସ୍ନାତକ ହାସଲ ପରେ ସମବାୟ ବିଭାଗର ମାସିକ ପତ୍ରିକା 'କଲ୍ୟାଣି'ର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଜଣେ ସ୍ପଷ୍ଟବାଦୀ ତଥା ସ୍ୱାଧୀନ ଚେତା ବ୍ୟକ୍ତିତ୍ୱ ଭାବେ ପରିଚିତ ଅଭୟଙ୍କ ପ୍ରବନ୍ଧ ଦୈନିକ 'ଧରିତ୍ରୀ' ସମେତ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇଛି। ସେ କଟକରୁ ପ୍ରକାଶିତ ଗଳ୍ପ ପତ୍ରିକା 'ଅଧୁନା'ର ସୌଜନ୍ୟ ସମ୍ପାଦକ ଥିଲେ। 'ପ୍ରବାହ' ନାମକ ଏକ ପତ୍ରିକା ସମ୍ପାଦନା କରିବା ସହ ପଣ୍ଡିଚେରୀରୁ ପ୍ରକାଶିତ ଲୋକପ୍ରିୟ ଓଡ଼ିଆ ପତ୍ରିକା 'ସଚିତ୍ର ବିଜୟା' ଏବଂ ଓଡ଼ିଶାର 'ପ୍ରଭା' ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ୧୯୮୮ରେ ଭୁବନେଶ୍ୱରରେ କାନ୍ତକବିଙ୍କ ଜନ୍ମ ଶତବାର୍ଷିକ ଉତ୍ସବରେ ଅଭୟ ପ୍ରମୁଖ ଆୟୋଜକ ଥିଲେ। ପି. ସାଇନାଥଙ୍କ ପୁସ୍ତକ 'ଏଭ୍ରିବଡି ଲଭ୍‌ସ ଏ ଗୁଡ୍ ଡ୍ରଟ୍'ର ଓଡ଼ିଆ ଅନୁବାଦ (ମରୁଡ଼ି ପଡ଼ିଲେ ସଭିଙ୍କ ମଉଜ) କରିଥିଲେ। ସେ ଜଣେ ପରିବେଶବିତ୍ ମଧ୍ୟ ଥିଲେ। ପରିବେଶ ସୁରକ୍ଷା ପାଇଁ ସେ ନିଜକୁ ସାମିଲ କରିବା ସହ 'ଜୀବନ' ନାମକ ଏକ ସଙ୍ଗଠନ ପ୍ରତିଷ୍ଠା କରିଥିଲେ। ତାଙ୍କ ବିୟୋଗରେ ସାମାଜିକ କର୍ମୀ ମାୟାଧର ନାୟକ, ଶିକ୍ଷାବିତ୍ ପ୍ରୀତୀଶ ଆଚାର୍ଯ୍ୟ, ଲୋହିଆ ଏକାଡେମୀର ଦେବରାୟ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ସରକାରୀ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଇଂଲିଶ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ):** ଏଣିକି ସରକାରୀ ସ୍କୁଲରେ ପିଲାମାନେ ପ୍ରଥମ ଶ୍ରେଣୀରୁ ଇଂଲିଶ ପାଠ ପଢ଼ିବେ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଥିବା ୧୦୦ଟି ସେଣ୍ଟର ଅଫ୍ ଏକ୍ସିଲେନ୍ସ ସ୍କୁଲରେ ଇଂଲିଶ ବିଷୟକୁ ସାମିଲ କରାଯିବ। ଶନିବାର ଏ ସଂକ୍ରାନ୍ତରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇ କହିଛନ୍ତି ଯେ, ପିଲାଙ୍କ ମଧ୍ୟରେ କମ୍ୟୁନିକେଶନ ସ୍କିଲ୍ ବୃଦ୍ଧି କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ୧୦୦ଟି ସ୍କୁଲରେ ପ୍ରଥମ ଶ୍ରେଣୀରେ ଇଂଲିଶ ବିଷୟକୁ ସାମିଲ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଏସ୍‌ସିଇଆର୍‌ଟିକୁ କୁହାଯାଇଛି। ୨୦୨୧-୨୨ ଶିକ୍ଷାବର୍ଷରୁ ଏହା ଲାଗୁ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ପ୍ରଥମ ଶ୍ରେଣୀରେ ପିଲା ଓଡ଼ିଆ ପଢ଼ୁ, ଦ୍ୱିତୀୟ ଶ୍ରେଣୀରୁ ଇଂଲିଶ ରଖାଗଲେ ଭଲ ହୁଅନ୍ତା। ଏହାଛଡ଼ା ରାଜ୍ୟରେ ଏବେ ବି ଅନେକ ସ୍କୁଲରେ ଇଂଲିଶ ଶିକ୍ଷକ ନାହାନ୍ତି। ତେଣୁ ପ୍ରଥମେ ଶିକ୍ଷକ ପଦବୀ ପୂରଣ କରିବା ଉପରେ ଗୁରୁତ୍ୱ ଦିଆଯାଉ ବୋଲି ମହାନ୍ତି କହିଛନ୍ତି।










"ଯେତେବେଳେ ଆମକୁ କିଛି ଦେଖାଯାଏନା– ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରି ନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ –ଆମେ ଯଥାର୍ଥ ଜ୍ଞାନ ଆଡକୁ ପାଦେ ଆଗେଇ ଚାଲିବୁ। ସେହିପରି ସେ ଆମ ଉପରେ ପରାଜୟ ଲଦି ଦେଇଛନ୍ତି– ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ। –ଶ୍ରୀଅରବିନ୍ଦ



# ପିଲାଙ୍କୁ ଉପେକ୍ଷା



ଆକାର ପଟେଲ

ଚଳିତ ମାସ ପ୍ରାରମ୍ଭରେ ଉପସ୍ଥାପିତ ବଜେଟକୁ ଦୁଇଟି ବିଷୟ ପାଇଁ ପ୍ରଶଂସା କରାଗଲା। ପ୍ରଥମତଃ କୁହାଗଲା ବ୍ୟୟବରାଦ ପୁଞ୍ଜି ଖର୍ଚ୍ଚ ଠିକ୍ ବାଟରେ ହୋଇଛି, ଯାହା ଦୀର୍ଘମିଆଦୀ ଭିତ୍ତିରେ ଲାଭଦେବ। ଦ୍ୱିତୀୟରେ କୁହାଗଲା ଯେ, ଏହା ସମ୍ପୂର୍ଣ୍ଣ ସ୍ୱଚ୍ଛ। ବଜେଟରେ ବିତ୍ତୀୟ ନିଅଣ୍ଟ ତିନିଗୁଣା ବଢ଼ିଥିବା ସରକାର ଅନ୍ତତଃପକ୍ଷେ ସ୍ୱୀକାର କରିଛନ୍ତି। ସମ୍ଭବତଃ ବଜେଟ ସମ୍ପର୍କରେ ଜାଣି ନ ଥିବା ବ୍ୟକ୍ତିଙ୍କୁ ଏହି ଦୁଇଟି ବିଷୟ ଏକ ଉତ୍ତମ ବଜେଟ ଲାଗି ଯଥେଷ୍ଟ ବୋଲି ମନେ ହୋଇପାରେ। ବାସ୍ତବରେ ୧୯୯୧ର ବଜେଟକୁ ବାଦ୍‌ଦେଲେ ମୋ ଜାଣିବାରେ ଅଧିକାଂଶ ଲୋକଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ଭଳି କୌଣସି ବଜେଟ ହୋଇନି। ତେବେ ଏହା ସ୍ପଷ୍ଟ ଯେ ଅତି ଜରୁରୀ ଦିଗକୁ ଏହି ବଜେଟ ଅଣଦେଖା କରିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୨୦୧୯–୨୦୨୦ କିଛି ଭୟଙ୍କର ସାଂଖ୍ୟିକ ତଥ୍ୟ ପ୍ରକାଶ କରିଛି। ଜଣାପଡ଼ିଛି ଯେ, ୪ଟି ମୁଖ୍ୟ ମାନକ ଯାହା ଆମ ପିଲାମାନଙ୍କ ପୋଷଣ ସମ୍ବନ୍ଧୀୟ ସ୍ଥିତିକୁ ସୂଚାଇଥାଏ, ତାହା ରାଜ୍ୟଗୁଡ଼ିକରେ ୨୦୧୫–୧୬ ତୁଳନାରେ ୨୦୧୯–୨୦୨୦ରେ ରେକର୍ଡ ସ୍ତରର ହ୍ରାସ ଘଟିଛି। ଗୁଜରାଟ, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ ପିଲାମାନଙ୍କର ଆନେମିକ (ରକ୍ତହୀନତା) ଏବଂ ୱେଷ୍ଟେଡ୍ (ପିଲାଙ୍କ ଉଚ୍ଚତା ଅନୁସାରେ କମ୍ ଓଜନ)ର ଅନୁପାତ ୧୫ ବର୍ଷ ପୂର୍ବର ୨୦୦୫–୦୬ର ସ୍ତରଠାରୁ ଅତ୍ୟଧିକ ଉଚ୍ଚରେ ରହିଛି। ଏହା ବିକାଶର ବିପର୍ଯ୍ୟୟକୁ ସୂଚାଉଛି। ଏପରିକି ଏହି ମାନକଗୁଡ଼ିକରେ ସବୁଠୁ ଆଗରେ ରହିଆସିଥିବା କେରଳରେ ୨୦୧୫–୧୬ ତୁଳନାରେ ୨୦୧୯–୨୦୨୦ରେ ଦୁର୍ବଳ ସ୍ତରରେ ରହଛି। ଉକ୍ତ ସର୍ଭେରେ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ତଥ୍ୟ ପ୍ରକାଶ କରାଯିବା ସହ ୧୦ଟି ପ୍ରମୁଖ ରାଜ୍ୟର ତଥ୍ୟ ଉପରେ ଗଭୀର ଅନୁଧ୍ୟାନ କରାଯାଇଥିଲା। ୨୦୧୫–୧୬ ତୁଳନାରେ ୨୦୧୯–୨୦ରେ ପିଲାମାନଙ୍କ ରକ୍ତହୀନତା ସମସ୍ୟା ଏହି ୧୦ଟି ରାଜ୍ୟରେ ଅଧିକ। ଗୁଜରାଟ, ହିମାଚଳପ୍ରଦେଶ, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ ୨୦୦୫–୦୬ ତୁଳନାରେ ୨୦୧୯–୨୦୨୦ରେ ଅଧିକ ପ୍ରତିଶତ ରକ୍ତହୀନତା ପୀଡ଼ିତ ପିଲା ରହିଥିଲେ। ଆସାମ, ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ ୨୦୦୫–୦୬ ତୁଳନାରେ ୨୦୧୯–୨୦ରେ ଅଧିକ ପ୍ରତିଶତ ୱେଷ୍ଟେଡ ବର୍ଗର ପିଲା ରହିଥିଲେ। ୧୦ଟି ରାଜ୍ୟରୁ ୭ଟିରେ ଅଣ୍ଡରୱେଟ (ବୟସ ଅନୁସାରେ କମ୍ ଓଜନ) ୨୦୧୫–୧୬ ଅପେକ୍ଷା ୨୦୧୯–୨୦ରେ ବହୁତ କମ୍ ଓ ୬ଟି ରାଜ୍ୟରେ ଷ୍ଟୁଣ୍ଟିଂ (ବୟସ ଅନୁସାରେ କମ୍ ଉଚ୍ଚତା)୨୦୧୫–୧୬ ତୁଳନାରେ ଅଧିକ ରହିଥିଲା। ଅନୁଧ୍ୟାନରୁ ଏହା ମଧ୍ୟ ଜଣାପଡ଼ିଥିଲା ଯେ, ଆନ୍ଧ୍ରପ୍ରଦେଶ, ବିହାର, ଗୁଜରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗରେ ଡାଇରିଆ ହାର ବୃଦ୍ଧି ପାଇଥିଲା। ବିହାରରେ ଏହା ୨୦୧୫–୧୬ରେ ୧୦.୪% ରହିଥିଲାବେଳେ ୨୦୧୯–୨୦ରେ ପହଞ୍ଚିଥିଲା ୧୩.୭%ରେ। ଏହା ହିଁ ବାସ୍ତବ ସ୍ଥିତି। ସମସ୍ୟା ହେଉଛି ବଜେଟ ଏହାକୁ ସ୍ୱୀକାର କଲା ନାହିଁ କି ଏହି ସମସ୍ୟା ପ୍ରତି ଧ୍ୟାନ ଦେଲାନାହିଁ।

ଦିନକୁ ଗୋଟିଏ ବେଳାର ଖାଦ୍ୟ ପାଇଁ ପିଲାମାନେ ମଧ୍ୟାହ୍ନଭୋଜନ ଉପରେ ନିର୍ଭର କରନ୍ତି। ଏଥିରେ ବି ପିଲାଙ୍କୁ ଉପେକ୍ଷା କରାଗଲା। ଏ ବାବଦରେ ୨୦୨୧ ଆର୍ଥିକ ବର୍ଷର ୧୩,୪୦୦ କୋଟି ଟଙ୍କାରୁ କମାଇ ୨୦୨୨ରେ ୧୧,୫୦୦ କୋଟି ଟଙ୍କା ରଖାଗଲା। ୭ ବର୍ଷ ପୂର୍ବରୁ ଯାହା ରହିଥିଲା ଏହା ତା'ଠାରୁ ବି କମ୍ ହେଲା। ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସ୍କୁଲ ଯାଇ ନ ଥିବା ୬ ବର୍ଷ ବୟସରୁ କମ୍ ପିଲା ଓ ସେମାନଙ୍କ ମା'ମାନଙ୍କୁ ଖାଦ୍ୟ, ଶିକ୍ଷା, ପ୍ରାଥମିକ ସ୍ୱାସ୍ଥ୍ୟସେବା, ଟିକାରକରଣ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଏସମ୍ପର୍କିତ ସେବା ଯୋଗାଇଦିଏ। କିନ୍ତୁ ଏ ବଜେଟରେ ଏଥିପାଇଁ କମ୍ ବରାଦ କରାଯାଇଛି। ୨୦୧୪–୧୫ରେ ଏଥିପାଇଁ ୧୮,୬୯୧ କୋଟି ଟଙ୍କା ରଖାଯାଇଥିବାବେଳେ ୨୦୨୨ ଆର୍ଥିକ ବର୍ଷରେ ରଖାଗଲା ୧୬,୮୮ କୋଟି ଟଙ୍କା।

୨୦୨୨ ସୁଦ୍ଧା ପୋଷଣ ସମ୍ବନ୍ଧୀୟ ପରିଣାମରେ ଉନ୍ନତି ଆଣିବା ଲାଗି ଆରମ୍ଭ କରାଯାଇଥିବା 'ପୋଷଣ ଅଭିଯାନ'ରେ ବାଧା ଆଣିଲା। ଅକ୍ଟୋବର ୩୧ ସୁଦ୍ଧା ନିର୍ଦ୍ଧାରିତ ବାର୍ଷିକ ପରିବ୍ୟୟର ମାତ୍ର ୪୬% ସରକାର ଦେଇଛନ୍ତି। ୨୦୨୨ ବଜେଟରେ ଏହାକୁ ୨୭% କମାଇ ଦିଆଯାଇଛି। ପାନୀୟ ଜଳ ଓ ପରିମଳ ବିଭାଗର ବଜେଟ ୨୧,୦୦୦ କୋଟି ଟଙ୍କାରୁ ୬୦,୦୩୦ କୋଟି ଟଙ୍କାକୁ ବୃଦ୍ଧି କରାଗଲା। କିନ୍ତୁ ସେଥିମଧ୍ୟରୁ ୫୦,୦୦୦ କୋଟି ଟଙ୍କା କେନ୍ଦ୍ରୀୟ ରାସ୍ତା ଓ ଭିତ୍ତିଭୂମି ପାଣ୍ଠିକୁ ଦିଆଯାଇଛି। ଲଜ୍ଜାଜନକ ପ୍ରଶ୍ନବାଣରୁ ବଞ୍ଚିବା ଲାଗି ଏହା ଏକ ସ୍ୱଷ୍ଟ ଯୋଜନା ଭଳି ଜଣାପଡୁଛି। ଆଇସିଡିଏସ୍ ପୋଷଣ ଅଭିଯାନ, କିଶୋରୀ ବାଳିକା ଯୋଜନା ଏବଂ ରାଷ୍ଟ୍ରୀୟ ଶିଶୁଗୃହ ଯୋଜନା ସହ ଆଇସିଡିଏସ୍‌କୁ ସଂଯୋଜିତ କରି କୁହାଗଲା ସକ୍ଷମ। କେବଳ ଆଇସିଡିଏସ୍ ପାଇଁ ପୂର୍ବ ବର୍ଷ ବଜେଟରେ ଯାହା ଥିଲା ସକ୍ଷମ ପାଇଁ ୨୦୨୨ ବଜେଟରେ ତା'ଠାରୁ କମ୍ ରଖାଗଲା। ଗର୍ଭବତୀ ମହିଳାମାନଙ୍କୁ ଲାଭ ପହଞ୍ଚାଇବା ଲାଗି କରାଯାଇଥିବା କେନ୍ଦ୍ରର ପ୍ରଧାନମନ୍ତ୍ରୀ ମାତୃବନ୍ଦନ ଯୋଜନା, କନ୍ୟାଶିକ୍ଷା ପାଇଁ ବେଟି ବଚାଓ ବେଟି ପଢ଼ାଓ ଯୋଜନା, ମହିଳା ଶକ୍ତି କେନ୍ଦ୍ର ଏବଂ ମହିଳା ଓ ଶିଶୁ କଲ୍ୟାଣ ପାଇଁ କରାଯାଇଥିବା ଅନ୍ୟସବୁ ସାଧାରଣ ଯୋଜନାକୁ ସଂଯୋଜିତ କରି କୁହାଗଲା ସାମର୍ଥ୍ୟ। ୨୦୨୧ରେ ବଜେଟରେ ଏହା ୨୮୫୮ କୋଟି ଟଙ୍କା ପାଇଥିବାବେଳେ ୨୦୨୨ରେ ପାଇଲା ୨୫୨୨ କୋଟି ଟଙ୍କା। ଆୟୁଷ୍ମାନ ଭାରତ ପାଇଁ ଗତ ବର୍ଷ ବଜେଟରେ ଥିଲା ୬୪୦୦ କୋଟି ଟଙ୍କା ଏବଂ ଏହି ବଜେଟରେ ବି ସେତିକି ରଖାଗଲା। ସର୍ବନିମ୍ନ ମଜୁରି ଏବଂ ଅଙ୍ଗନୱାଡି ଏବଂ ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମକର୍ତ୍ତା, ଯାହାଙ୍କୁ ମୋଦି କହୁଛନ୍ତି 'କରୋନା ଯୋଦ୍ଧା', ସେମାନଙ୍କ ପାଇଁ ଏହି ବଜେଟରେ କୌଣସି ପ୍ରାବଧାନ ହୋଇପାରିଲାନାହିଁ। ସେମାନେ ଏହା ବିରୋଧରେ କିଛି କହିପାରିବେ ନାହିଁ। ସେମାନେ ଲୋଡ଼ିବେ ସରକାରରୁ ଏହା ବିରୋଧରେ ପ୍ରତିବାଦର ସ୍ୱର, କିନ୍ତୁ ଏ ବଜେଟରେ ତାହା ହୋଇପାରିଲା ନାହିଁ। ଆମର କୋଟିକୋଟି ପିଲାଙ୍କୁ ସଙ୍କଟରେ ପକାଇଆସୁଥିବା ଏକ ସମସ୍ୟା ସମ୍ବନ୍ଧରେ ସରକାର ଜାଣିଥିଲେ କି ନାହିଁ ତାହା ଆଗାମୀ ସର୍ଭେ ନ ହେବାଯାଏ ଆମେ ସେ ସମ୍ପର୍କରେ ଜାଣିପାରିବାନି।

Email:aakar.patel@gmail.com

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | | | | | 2 | | | | 6 | | E | | |
| | | | | | | | 3 | | | | E | | 0 | |
| | | 4 | | | 7 | | | | | | | | | 5 |
| 6 | 2 | | 4 | | | | | | | 5 | | 9 | | |
| 3 | A | 0 | | | | | | | | | D | 1 | | |
| C | | | | | 3 | 0 | 7 | | | | 5 | A | B | 2 |
| | 7 | | | D | | | | | | 3 | A | C | 1 | |
| 9 | | | 1 | | | | 5 | | | | 2 | | | |
| | | D | | 6 | | C | | | | | 0 | | 4 | |
| | | 5 | | | | | 2 | A | 8 | 1 | | | | 9 |
| 8 | | 7 | | 9 | | | | | | | | | | E |
| | | | | | | | | 1 | | B | | | | 8 |
| E | 3 | | 5 | B | | 6 | | | | 0 | | | A | |
| | 6 | 9 | | 2 | | 3 | | 5 | | | 7 | | | B |
| | | | D | | | 9 | A | | C | | 3 | 4 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | E | 1 | 0 | 6 | 7 | C | 8 | D | 3 | 2 | 4 | 9 | B | 5 |
| 8 | 4 | 7 | 2 | 5 | 1 | E | 0 | 9 | 6 | B | A | D | 3 | C |
| B | 9 | 5 | 3 | D | 8 | A | 6 | 7 | E | C | 0 | 4 | 1 | 2 |
| 3 | 0 | 2 | 9 | A | C | 1 | 4 | B | D | 8 | 5 | E | 6 | 7 |
| 6 | C | D | 4 | B | E | 3 | 5 | 2 | 7 | 1 | 9 | 0 | 8 | A |
| 5 | 8 | C | E | 0 | 4 | 2 | 1 | 3 | B | D | 7 | 6 | A | 9 |
| 4 | D | B | 1 | 8 | 6 | 7 | C | A | 9 | E | 2 | 3 | 5 | 0 |
| 2 | 7 | A | D | C | 5 | 0 | 9 | 8 | 4 | 6 | 3 | 1 | E | B |
| E | 1 | 6 | A | 9 | 3 | 5 | B | 4 | C | 0 | 8 | 7 | 2 | D |
| 9 | 3 | 0 | 7 | 2 | B | 6 | D | E | 5 | A | 1 | 8 | C | 4 |
| C | 6 | 8 | 5 | 7 | 9 | D | A | 0 | 1 | 3 | B | 2 | 4 | E |
| 1 | 5 | 9 | C | E | 2 | B | 7 | 6 | 8 | 4 | D | A | 0 | 3 |
| 0 | 2 | E | B | 1 | D | 4 | 3 | C | A | 7 | 6 | 5 | 9 | 8 |
| 7 | B | 4 | 8 | 3 | A | 9 | 2 | 1 | 0 | 5 | E | C | D | 6 |
| D | A | 3 | 6 | 4 | 0 | 8 | E | 5 | 2 | 9 | C | B | 7 | 1 |

ଗତକାଲିର ଉତ୍ତର

# ପ୍ରେମ: ଏକ ସତ୍ୟଶୀଳ ଉପଲବ୍ଧି



ଡ.ପ୍ରଫୁଲ୍ଲ କୁମାର ସାହୁ

ମାନବୀୟ ବିଚାରବୋଧରୁ ବିକଶିତ ସାମାଜିକ ଜୀବନଧାରାକୁ କୁହାଯାଏ ସଂସ୍କୃତି। ଧର୍ମକର୍ମ, ପର୍ବପର୍ବାଣି, ଖାଦ୍ୟପେୟ, ବେଶପୋଷାକ ଆଦି ତା'ର ଅଙ୍ଗୀଭୂତ ବିଷୟ। ପ୍ରତ୍ୟେକ ଦେଶର ପରିବେଶ ଓ ପରିସ୍ଥିତି ଅନୁଯାୟୀ ପ୍ରତିଷ୍ଠା ଲଭେ ସେଠାକାର ସାମାଜିକ ଚଳଣି। ତେଣୁ ଗୋଟିଏ ଦେଶର ସଂସ୍କୃତି ଅନ୍ୟ ଦେଶର ସଂସ୍କୃତିଠାରୁ ଫରକ ହେବା ସ୍ୱାଭାବିକ। ସମୟକ୍ରମେ ସଂସ୍କୃତି କେତେକାଂଶରେ ବଦଳେ, ମାତ୍ର ଅନ୍ୟ କୌଣସି ବାହ୍ୟ ସଂସ୍କୃତି ଭାରି ପଡ଼ିବା କାରଣରୁ ଯଦି ତାକୁ ବଦଳାଇବାକୁ ଚେଷ୍ଟା କରାଯାଏ, ତେବେ ବିଲିପି ଉଠେ ସଂସ୍କୃତିର ଅବକ୍ଷୟୀ ଆତ୍ମା। କାରଣ ସଂସ୍କୃତି ହେଉଛି ଗୋଟିଏ ଜାତିର ଜୀବନନାଟିକା। ମୌଳିକ ମୂଲ୍ୟବୋଧ ଅନୁପ୍ରେରିତ ଜୀବନଶୈଳୀ। ତାକୁ ଅବଜ୍ଞା କରି ଅନ୍ୟ କୌଣସି ସଂସ୍କୃତିକୁ ଗ୍ରହଣ କଲେ ଭାଙ୍ଗିଯାଏ ଆପଣା ସଂସ୍କୃତିର ମୌଳିକତା। ଇତିହାସ କହେ ଭାରତବର୍ଷ ଥିଲା ସଂସ୍କୃତି, ସଂସ୍କାର ଓ ସାଧନାର ଦିବ୍ୟ ଭୂଖଣ୍ଡ। କିନ୍ତୁ ଏବେ ତା'ର ସେ ଐତିହ୍ୟ ଉପରେ ଭାରି ପଡ଼ିଲାଣି ଆଧୁନିକ ଶିକ୍ଷାର ପ୍ରସାର ତଥା ପଶ୍ଚିମା ସଂସ୍କୃତିକୁ ଆପଣେଇ ନେବାର ଦୁଷ୍ଟ ମାନସିକତା। ଆମର ପ୍ରଚଣ୍ଡ ଆଧ୍ୟାତ୍ମିକ ସଂସ୍କୃତିଟିଏ ଅଛି ବୋଲି ଆମେ ଯେତେ ଦାବି କଲେ ବି ତା'ର ବିଭଙ୍ଗ ଚେହେରା ପ୍ରତିଫଳିତ ହେଉଛି ଆମ ପର୍ବପର୍ବାଣି ଓ ସାମାଜିକ ଜୀବନଧାରାରେ। ବହୁ ପୂର୍ବରୁ ଆମ ସମାଜ ଜୀବନ ସହିତ ଯୋଡି ହୋଇ ରହିଛି ବାର ମାସରେ ତେର ପର୍ବ। କୃଷି ପର୍ବ ହେଉ କି ଆଧ୍ୟାତ୍ମିକ ପର୍ବ, ଏସବୁ ଆମ ସଂସ୍କୃତିର ମୌଳିକ ବିଭବ। ଅଥଚ ସେସବୁ ପ୍ରତି ଆମ ଯୁବପିଢ଼ିର ଭାରି ହତାଦର ଭାବ। ଏପରିକି ଅଧିକାଂଶ ଯୁବତୀଯୁବକଙ୍କୁ ଜଣା ନଥିବ ଆମ ରାଜ୍ୟରେ କେବେ ପାଳନ କରାଯାଏ ଓଡ଼ିଆ ନୂଆବର୍ଷ। ଆପଣା ସଂସ୍କୃତିକୁ ଅଣଦେଖା କରି ସେମାନେ ଏବେ ଖୁବ୍ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରୁଛନ୍ତି ଇଂରାଜୀ ନୂଆବର୍ଷ ଓ ବଡ଼ଦିନ ଇତ୍ୟାଦି ଅନେକ ବିଦେଶୀ ଉତ୍ସବ। ବିଶେଷକରି ସେମାନଙ୍କୁ ଏବେ ଘାରିଛି 'ଭାଲେଣ୍ଟାଇନ ଡେ' ବା ପ୍ରେମ ଦିବସ ପାଳନ କରିବାର ଉତ୍କଟ ନିଶା। ଭାଲେଣ୍ଟାଇନ ଡେ'ର ଇତିହାସ କହେ ଏକଦା ରୋମ୍‌ର ତତ୍କାଳୀନ ସମ୍ରାଟ କ୍ଲାଡିୟସଙ୍କର ଧାରଣା ହେଲା ଯୁବକମାନେ ଯଦି ବିବାହ କରନ୍ତି ବା ପ୍ରେମ ବ୍ୟାପାରରେ ଲିପ୍ତ ରହନ୍ତି,ତେବେ ଯୁଦ୍ଧ କ୍ଷେତ୍ରରେ ସେମାନେ କେବେ ବି ପ୍ରୟୋଗ କରିପାରିବେନି ପୂର୍ଣ୍ଣ ସାମର୍ଥ୍ୟ। ତେଣୁ ସେମାନଙ୍କୁ ବିବାହ ଓ ପ୍ରେମ ବ୍ୟାପାରଠାରୁ ଦୂରେଇ ରଖିବା ଆବଶ୍ୟକ। ଏଭଳି ଏକ ଉଦ୍ଭଟ ଧାରଣାର ବଶବର୍ତ୍ତୀ ହୋଇ ସେ ଦେଶର ଯୁବକମାନଙ୍କ ବିବାହ ଓ ପ୍ରଣୟ ବ୍ୟାପାର ଉପରେ ଜାରି କଲେ କଠୋର କଟକଣା। ଯୁବକମାନଙ୍କ ପ୍ରତି ଏହା ଘୋର ଅନ୍ୟାୟ ବୋଲି ଅନୁଭବ କରି ତା'ର ପ୍ରତିବାଦ କଲେ ସନ୍ଥ ଭାଲେଣ୍ଟାଇନ। ପରିଣାମ ସ୍ୱରୂପ ସେ ବନ୍ଦୀ ହେଲେ ଏବଂ ତାଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଗଲା ରାଜଦ୍ରୋହ ଅପରାଧରେ।

ଯୁବକମାନଙ୍କ ପ୍ରତି ତାଙ୍କର ଏହି ଆତ୍ମବଳି ପାଇଁ ତାଙ୍କୁ ପ୍ରେମର ପ୍ରତୀକ ଭାବେ ଗ୍ରହଣ କରି ତାଙ୍କ ବଳିଦାନ ଦିବସକୁ(୧୪ ଫେବୃୟାରୀ) ଭାଲେଣ୍ଟାଇନ ଡେ ବା ପ୍ରେମ ଦିବସ ଭାବରେ ପାଳନ କରାଗଲା ରୋମ୍ ଓ ବିଶ୍ୱର ଅନ୍ୟ କେତେକ ଦେଶରେ। ବିଗତ ଶତାବ୍ଦୀର ନବେ ଦଶକରେ ଏହା ଭାରତକୁ ସଂକ୍ରମିତ ହେଲା ଏବଂ ସେବେଠାରୁ ତା' ପ୍ରତି ଲଗାତର ଭାବରେ ବଢ଼ିଚାଲିଛି ଆମ ଯୁବ ସମାଜର ଆକର୍ଷଣ। ସନ୍ଥ ଭାଲେଣ୍ଟାଇନଙ୍କ ପ୍ରେମ ପଛରେ ଭୋଗର ବାସନା ନଥିଲା, ବରଂ ଥିଲା ତ୍ୟାଗ ଓ ତପସ୍ୟା। ପ୍ରେମ ତାଙ୍କ ହୃଦୟରେ ଏକ ମହାଭାବ ବିକଶିତ କରିଥିଲା, ଯାହା ତାଙ୍କୁ ବାଟ କଢ଼େଇ ନେଇଥିଲା ଏକ କଲ୍ୟାଣକାରୀ ମାର୍ଗରେ। ତେଣୁ ତାଙ୍କୁ ପ୍ରେମର ପ୍ରତୀକ ଭାବରେ ଗ୍ରହଣ କରିବା ଓ ତାଙ୍କ ବଳିଦାନ ଦିବସକୁ ପ୍ରେମ ଦିବସ ଭାବରେ ପାଳନ କରିବା କିଛି ଭୁଲ କଥା ନୁହେଁ ସତ, କିନ୍ତୁ ଏ ଦିବସ ପାଳନ ଅବସରରେ ଆମ ଯୁବକ ଓ ଯୁବତୀଙ୍କ ମଧ୍ୟରେ ଯେଉଁ ଉଚ୍ଛୃଙ୍ଖଳତା ପ୍ରକାଶ ପାଉଛି ତାହା ହିଁ ଆମ ମହାନ ସଂସ୍କୃତି ପାଇଁ ଚିନ୍ତାର କାରଣ। ହଂସ ପରି କାହାଠାରୁ କ୍ଷୀର ଗ୍ରହଣ କରିବାରେ କାହାରି ଆପତ୍ତି ନାହିଁ, ମାତ୍ର କ୍ଷୀରକୁ ଛାଡି ଖାଲି ପାଣି ଆହରଣରେ କି ମୂଲ୍ୟ? ପ୍ରାଚ୍ୟ ମୂଲ୍ୟବୋଧରେ ପ୍ରେମ ହେଉଛି ମିଳନ ପାଇଁ ଆତ୍ମାର ଆକୁଳତା। ମାତ୍ର ପାଶ୍ଚାତ୍ୟ ମୂଲ୍ୟବୋଧରେ ଏହା ଜାନ୍ତବ ଜୈବିକ ବ୍ୟାପାର। ତେଣୁ ସେ ଦେଶର ଲୋକେ ଲଙ୍ଗଳା ମୁକୁଳା ହୋଇ ପ୍ରେମ ଦିବସ ପାଳନ କରିପାରନ୍ତି, ମାତ୍ର ତାକୁ ଅନୁକରଣ କରିବାରେ ଆମର ଏତେ ବ୍ୟାକୁଳତା କାହିଁକି?

ଯୌବନରେ ପ୍ରାଣର ଧର୍ମ ହେଉଛି ପ୍ରେମ। ଭାରତୀୟ ଦର୍ଶନ କହେ ପ୍ରେମ ହେଉଛି ଏକ ଶୁଦ୍ଧ ସାତ୍ତ୍ୱିକ ସୌନ୍ଦର୍ଯ୍ୟବୋଧ। ଏକ ସତ୍ୟଶୀଳ ଉପଲବ୍ଧି। ପ୍ରେମର ପୁଲକ ଓ ତଲ୍ଲୀନ ଭାବମୁଦ୍ରା ଏକ ବିରଳ ଅନୁଭବ। ଏହା ହୋଇପାରେ ଜୈବିକ ଆକର୍ଷଣ ଜନିତ ସମ୍ମୋହନ ବା ଏକ ଆନନ୍ଦମୟୀ ସୂକ୍ଷ୍ମ ଆବେଗ। ମାତ୍ର ଆଦିମ କାଳରୁ ନିଜକୁ ହଜାଇ ଦେବାର ସେ ଆଦିମ ଆକାଂକ୍ଷା ଓ ରହସ୍ୟମୟ ଅନୁଭବ ଯୋଗୁ ନାରୀ ପୁରୁଷର ସମ୍ପର୍କ ସଞ୍ଜ ସକାଳ ପରି ସତ୍ୟ। ଏହି ଶକ୍ତିଶାଳୀ ଜୀବଧର୍ମ ଉଭୟ ମାନସିକ ଓ ତଜ୍ଜନିତ ଶାରୀରିକ ପୁଲକମୟ ଉପଲବ୍ଧିର ବିଷୟ ହୋଇଥିବାରୁ ତାହା ଆମ ଅନ୍ତକରଣରେ ସୃଷ୍ଟି କରେ ଗଭୀର ସ୍ପନ୍ଦନ। ହୃଦୟର ସେ ସ୍ପନ୍ଦନକୁ ପ୍ରକାଶ କରିବାକୁ ଯାଇ କବି ଅଭିମନ୍ୟୁ ସାମନ୍ତସିଂହାର ଲେଖିଛନ୍ତି "ଅନଳ ନୁହଁଇ ଦେହ ଦହଇ,ଅସ୍ତ୍ର ନୁହଁଇ ମରମ ଭେଦଇ, ନୁହଁଇ ତ ଜଳ ବୁଡ଼ାଏ କୁଳ, ନୁହଁଇ ମାଦକ କରେ ବିହ୍ୱଳ"। ସୁତରାଂ ପ୍ରେମ ଜୀବନର ସର୍ବୋତ୍ତମ ସତ୍ୟର ଏକ ମୁଗ୍ଧ ଉଚ୍ଚାରଣ ଏବଂ ତା'ର ପରବର୍ତ୍ତୀ ପର୍ଯ୍ୟାୟ ହେଉଛି ଦେହଧର୍ମ, ଯାହା ଖୁବ୍ ତୁଚ୍ଛ ମନେହୁଏ ପ୍ରେମର ପ୍ରାଣ ପ୍ରାଚୁର୍ଯ୍ୟତା ପାଖରେ।

ସବୁ ଧର୍ମ ଦର୍ଶନ ଓ ସଂସ୍କୃତିରେ ପ୍ରତିପାଦିତ ହୋଇଛି ପ୍ରେମର ମହତ୍ତ୍ୱ। ଭାରତୀୟ ସାହିତ୍ୟରେ ରାଧା–କୃଷ୍ଣ, ହର–ପାର୍ବତୀ, ରାମ–ସୀତା, ରତି–କାମଦେବ,ସାବିତ୍ରୀ–ସତ୍ୟବାନ ଓ ଦୁଷ୍ମନ୍ତ–ଶକୁନ୍ତଳା ଆଦି ପ୍ରେମ କାହାଣୀରେ ରହିଛି ପ୍ରେମର ସର୍ବୋଚ୍ଚ ଉପଲବ୍ଧି। ଆମ ଇତିହାସ ଓ ଲୋକକଥାରେ ମଧ୍ୟ ଅମର ହୋଇ ରହିଛି ପୃଥ୍ୱୀରାଜ–ସଂଯୁକ୍ତା, ମମତାଜ୍–ଶାହାଜାହାନ୍, କେଦାର–ଗୌରୀଙ୍କ ପ୍ରେମ କାହାଣୀ। ଏସବୁ ପ୍ରେମ କାହାଣୀରେ ପ୍ରେମର ଉପସ୍ଥିତି ନୁହେଁ, ତା'ର ଅବର୍ତ୍ତମାନ ହିଁ ଅଧିକ ବୈଚିତ୍ର୍ୟମୟ। ଶେଷହୀନ ବିରହ ବାଧା ଓ ବେଦନା ଭିତରେ ଶୁଦ୍ଧ ସୁବର୍ଣ୍ଣ ପରି ଆହୁରି ସୁନ୍ଦର ଓ ସ୍ନିଗ୍ଧ ହୋଇଛି ପ୍ରାଣର ଉଚ୍ଛ୍ୱାସ। ଅର୍ଥାତ୍ ମିଳନରେ ନୁହେଁ, ବିରହର ବିଦଗ୍ଧତାରେ, ସମ୍ଭୋଗରେ ନୁହେଁ, ବିପ୍ରଲମ୍ଭର ବିଶ୍ୱସନୀୟତାରେ ମୁଦ୍ରିତ ପ୍ରେମର ମହନୀୟତା।

ଭାରତୀୟ ମୂଲ୍ୟବୋଧରେ ପ୍ରେମ ଶାଶ୍ୱତ, ଯାହା ମାନବ ଜୀବନର ସାରବସ୍ତୁ ବା ସର୍ବୋତ୍ତମ ସତ୍ୟର ଭାବସତ୍ତା। ଆମ ବିଶ୍ୱାସରେ ପ୍ରେମ ଏକ ମହାଜାଗତିକ ଶକ୍ତି, ଯେଉଁ ଶକ୍ତି ଦ୍ୱାରା ନିୟନ୍ତ୍ରିତ ହୁଏ ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ କ୍ରିୟାକଳାପ। ପ୍ରେମର ନିଜର ଅମାପ ଶକ୍ତି ବଳରେ ଭୀରୁକୁ ସାହସୀ କରେ, ମୂକକୁ ବାଚାଳ କରେ ଓ ଆତ୍ମା ଆତ୍ମା ମଧ୍ୟରେ ସଂସ୍ଥାପନ କରେ ମହାଯୋଗ ବା ମହାମିଳନ। ଜଗତ ଓ ଜୀବନକୁ ବୁଝିବା ପାଇଁ ଖୋଲିଦିଏ ଦିବ୍ୟ ଚକ୍ଷୁ। ଏଭଳି ଉତ୍ସର୍ଗୀକୃତ ପ୍ରେମକୁ କବଳିତ କରି ପାରେନି ମୃତ୍ୟୁ। ସେଥିପାଇଁ ତ କୁହାଯାଏ ପ୍ରେମ ହେଉଛି କାଳକୁ ଜିଣିବାର ଏକ କଳା। ସେଥିରେ ନିହିତ ଯେ କୌଣସି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାର ଉତ୍ସାହ ଓ ପ୍ରେରଣା। ପ୍ରେମର କୋମଳ ସ୍ପର୍ଶ ଜଣକୁ କବି କରିଦେଇପାରେ, ତେଣୁ ବନ୍ଧୁ ଜଗତର ହଜାରେ ଅଭାବ ସତ୍ତ୍ୱେ ନିଜକୁ ଧନୀ ସୌଦାଗର ମନେକରେ ପ୍ରେମମନସ୍କ ମଣିଷ। ବିଶ୍ୱକବି ରବୀନ୍ଦ୍ରନାଥଙ୍କ ମତରେ ପ୍ରେମ ଏକ ଅନ୍ତହୀନ ରହସ୍ୟ, ଯାହା କେହି କାହାକୁ ବୁଝେଇ ପାରେନି ଭାଷାରେ। ସ୍ୱାମୀ ବିବେକାନନ୍ଦ କହନ୍ତି, ଜୀବନର ସବୁ ସତ୍ୟ ଓ ସନ୍ତୋଷର ଚାବିକାଠି ବା ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଆଧାରଶିଳା ହେଉଛି ପ୍ରେମ। ଯେଉଁଠି ପ୍ରେମ, ସେଇଠି ଜ୍ଞାନ ଓ ପବିତ୍ରତା। ଯେଉଁଠି ପ୍ରେମ ସେଇଠି ବାଧ୍ୟତା ଓ କର୍ତ୍ତବ୍ୟନିଷ୍ଠା। ଅର୍ଥାତ ପ୍ରେମ ଆମ ଜୀବନଯାତ୍ରାର ଅଙ୍ଗ ଓ ଅଙ୍ଗୀକାର। ସେଥିପାଇଁ କୁହାଯାଏ ଏ ପୃଥିବୀ ହେଉଛି ପ୍ରେମର ପୃଥିବୀ। ଏଠି ଶିଶୁଟିଏ ଜନ୍ମ ହେବା ମାତ୍ରେ ତା' ଭିତରେ ଜନ୍ମଦାତ୍ରୀ ପ୍ରତି ଭରିଯାଏ ଭଲପାଇବା। ଏହା ଏକ ପ୍ରକୃତିଦତ୍ତ ପ୍ରକ୍ରିୟା। ସତରେ ପ୍ରେମ ଏମିତି ଏକ ମଞ୍ଜି, ଯାହା ଦ୍ରୁମାୟିତ ହେବା ପାଇଁ ଲୋଡ଼ା ମଣିଷର ହୃଦୟ। ଥରେ ପ୍ରେମର ପ୍ରବାହ ସୃଷ୍ଟି ହେଲେ ମଣିଷ ଏମିତି ବିନୀତ ହୋଇଯାଏ ଯେ କାହାକୁ ଘୃଣା କରିବାକୁ ସେ ହରାଇ ବସେ ସାମର୍ଥ୍ୟ। କାରଣ ଭଲ ପାଇବାର ଭାବଜଗତରେ ନ ଥାଏ ଶତ୍ରୁତାର ବିଚାର ଓ ବିଭେଦ। ଅନ୍ୟପକ୍ଷରେ ପ୍ରେମଶୂନ୍ୟ ହୃଦୟ ପ୍ରେତ ପିଶାଚର ଲୀଳାଭୂମି। ତେଣୁ ପ୍ରକୃତ ପ୍ରେମର ପ୍ରସାର ଘଟିଲେ ବଦଳି ଯାଆନ୍ତା ପୃଥିବୀର ଚିତ୍ର। ଆଉ ରହନ୍ତାନି ଯୁଦ୍ଧର ବିଭୀଷିକା ଏବଂ ସନ୍ତ୍ରାସବାଦର ଭୟ ଓ ଆତଙ୍କ। କିନ୍ତୁ ସେ ଅସଲ ପ୍ରେମ ଆଜି କାହିଁ! ହୃଦୟରେ ସେ ପ୍ରେମର ଅଭାବ କାରଣରୁ ଆମ ପାଇଁ ଅପହଞ୍ଚ ଏବେ ପ୍ରେମର ପୃଥିବୀ! ଆମେ ଯାହାକୁ ପ୍ରେମ ବୋଲି କହୁଛୁ ତାହା ପ୍ରେମ ନୁହେଁ, ପଣ୍ୟ। ତୁଚ୍ଛା ଦେବା ନେବାର ସମ୍ପର୍କ। ଲାଭ କ୍ଷତିର ସଉଦା। ଅଥଚ ପ୍ରେମ କେବେ ଦେହର କ୍ଷୁଧା ନୁହେଁ, ଏହା ଏକ ସମ୍ବେଦାତ୍ମକ ବିଷୟ।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ
ପଡ଼ିଆବେଡ଼ା, ମୟୂରଭଞ୍ଜ
ମୋ– ୯୪୩୮୮୫୫୦୮୮

# ପିଢ଼ି ପରିବର୍ତ୍ତନକାରୀ

## ବ୍ୟକ୍ତିତ୍ୱ



ଆରୋରା ଆକାଂକ୍ଷା

ଉଚ୍ଚାଭିଳାଷ ବ୍ୟକ୍ତିକୁ ବଡ଼ ହେବା ପାଇଁ ପ୍ରେରଣା ଦେଇଥାଏ। ଯୁବପିଢ଼ି ହିଁ ପରିବର୍ତ୍ତନର ରୂପକାର ପାଲଟିଥାଆନ୍ତି। ଏକବିଂଶ ଶତାବ୍ଦୀରେ ଅଭିଜ୍ଞ ତଥା ବରିଷ୍ଠ ବ୍ୟକ୍ତିମାନେ ଯେଉଁ କ୍ଷେତ୍ରରେ ଯୁବବର୍ଗଙ୍କୁ ସୁଯୋଗ ଦେଉଛନ୍ତି ସେମାନେ ଉତ୍କର୍ଷ ଲାଭ କରୁଥିବା ଦେଖିବାକୁ ମିଳୁଛି। ଏବେ ଭାରତୀୟ ବଂଶୋଦ୍ଭବ ଆରୋରା ଆକାଂକ୍ଷା ଜାତିସଂଘ ମହାସଚିବ ପଦ ଲାଗି ଆଗ୍ରହ ଦେଖାଇଛନ୍ତି। ବିଶ୍ୱର ଏହି ଶ୍ରେଷ୍ଠ କୂଟନୈତିକ ପଦବୀ ସକାଶେ ୩୪ ବର୍ଷୀୟା ମହିଳା ନିଜକୁ ଉପଯୁକ୍ତ ଭାବି ଅଢ଼େଇ ମିନିଟ୍‌ର ଏକ କ୍ୟାମ୍ପେନ୍ ଭିଡିଓ ଅନ୍‌ଲାଇନ୍‌ରେ ପୋଷ୍ଟ କରିବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଆକାଂକ୍ଷା କାନାଡାର ଟରଣ୍ଟୋସ୍ଥିତ ୟର୍କ ୟୁନିଭର୍ସିଟିରୁ ଆଡ୍‌ମିନିଷ୍ଟ୍ରେଟିଭ୍ ଷ୍ଟଡିଜ୍‌ରେ ଡିଗ୍ରୀ ଅର୍ଜନ କରିବା ପରେ କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ୍‌ରେ ସ୍ନାତକୋତ୍ତର କରିଛନ୍ତି। ପଢ଼ା ପରେ ସେ ଜାତିସଂଘରେ ନିଯୁକ୍ତି ପାଇ ବିତ୍ତୀୟ ସଂସ୍କାର ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ଅଡିଟ୍ କୋଅର୍ଡିନେଟର ଦାୟିତ୍ୱ ସମ୍ଭାଳିଛନ୍ତି। ତେବେ ବର୍ତ୍ତମାନର ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ବିପକ୍ଷରେ ୨୦୨୨ରେ ଲଢ଼ିବେ ବୋଲି ସିଧାସଳଖ କହିବା ଆଲୋଚନାର ବିଷୟ ପାଲଟିବା ସ୍ୱାଭାବିକ। ଅଦ୍ୟାବଧି କେହି ମହିଳା ଏହି ପଦବୀରେ ଆସୀନ ହୋଇ ନ ଥିବାରୁ ଆକାଂକ୍ଷାଙ୍କ ଉଚ୍ଚାକାଂକ୍ଷାକୁ ଅନେକେ ସମର୍ଥନ କରିଥିବା ସେ ପ୍ରକାଶ କରିଛନ୍ତି। ୭୫ ବର୍ଷର ଇତିହାସ ମଧ୍ୟରେ ଜାତିସଂଘ ଯେଉଁଭଳି ଭୂମିକା ନିର୍ବାହ କରିବା କଥା ତାହା କରିନାହିଁ ବୋଲି ସେ କ୍ଷୋଭ ବ୍ୟକ୍ତ କରିଛନ୍ତି। ଶରଣାର୍ଥୀଙ୍କୁ ସୁରକ୍ଷା ମିଳୁ ନାହିଁ ଓ ସେମାନଙ୍କୁ ଯେଉଁ ମାନବୀୟ ସହାୟତା ଦିଆଯାଉଥିଲା, ତାହା ହ୍ରାସ ପାଇଛି। ପ୍ରଯୁକ୍ତି ଓ ଅଭିନବତ୍ୱରେ ଶିଥିଳତା ଦେଖାଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ଏକ ପରିବର୍ତ୍ତନ ଆଣିବା ଦିଗରେ ସେ ମହାସଚିବ ପଦ ଲାଗି ଇଚ୍ଛୁକ ବୋଲି କହିଛନ୍ତି। ଏହି ବିଶ୍ୱ ସଙ୍ଗଠନରେ ପୁନର୍ବାର ଆଣ୍ଟୋନିଓ ଅବସ୍ଥାପିତ ହେବାକୁ ଚେଷ୍ଟା କରୁଥିବା ଜଣାପଡ଼ିବା ପରେ ଆକାଂକ୍ଷା ତାଙ୍କ ବିପକ୍ଷରେ ପ୍ରାର୍ଥୀ ହେବା ଲାଗି ସାଧାରଣରେ ପ୍ରକାଶ କରିବା ଦ୍ୱାରା ସେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୧ ଜାନୁୟାରୀ ୨୦୧୭ରେ ଆଣ୍ଟୋନିଓ ଜାତିସଂଘ ମହାସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସାଧାରଣତଃ ଜାତିସଂଘର ନିରାପତ୍ତା ପରିଷଦର ସୁପାରିସ କ୍ରମେ ଜେନେରାଲ ଆସେମ୍ବ୍ଲି ମହାସଚିବଙ୍କୁ ନିଯୁକ୍ତ କରିଥାଏ। ଏଥିରେ ଜାତିସଂଘର ସ୍ଥାୟୀ ସଦସ୍ୟଙ୍କ ଭୂମିକା ଗୁରୁତ୍ୱ ବହନ କରେ। ଆକାଂକ୍ଷା ଉକ୍ତ ପଦବୀ ଲାଗି ଆଶାବ୍ୟକ୍ତ କରିଥିବାରୁ ସେ ସଂକ୍ରାନ୍ତରେ ମହାସଚିବଙ୍କ ମୁଖପାତ୍ର ଷ୍ଟିଫେନ ଦୁଜାରିକ୍ କହିଛନ୍ତି ଯେ ଆଣ୍ଟୋନିଓ ଚୟନ ପ୍ରକ୍ରିୟାରେ ଜଣେ ପ୍ରାର୍ଥୀ ରହିଛନ୍ତି। ତେବେ ଅନ୍ୟ କିଏ ଏହି ପଦବୀ ଲାଗି ଇଚ୍ଛୁକ ଅଛନ୍ତି, ସେ ସଂକ୍ରାନ୍ତରେ ମନ୍ତବ୍ୟ ଦେବାକୁ ଦୁଜାରିକ୍ ଉଚିତ ମଣିନାହାନ୍ତି। ଜାତିସଂଘ ସାଧାରଣ ସଭାର ସଭାପତି ଭୋଲକାନ୍ ବୋଜିକିରଙ୍କ ମୁଖପାତ୍ର କହିଛନ୍ତି ଯେ, ଆକାଂକ୍ଷାଙ୍କଠାରୁ ସେଭଳି କିଛି ଔପଚାରିକତା ଆସିନାହିଁ।

ଆକାଂକ୍ଷାଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ ତାହା ଉପରେ ସମସ୍ତଙ୍କ ନଜର। ତଥାପି ଜଣେ ମହିଳା ଭାବେ ବର୍ତ୍ତମାନର ମହାସଚିବଙ୍କ ବିରୋଧରେ ପ୍ରାର୍ଥୀ ହେବାକୁ କହିବା ତାଙ୍କ ସାହସକୁ ଦର୍ଶାଉଛି। ଜାତିସଂଘ ରାଜନୈତିକ ବ୍ୟକ୍ତିଙ୍କୁ ସେବା ଯୋଗାଇବା ବନ୍ଦ କରି ସାଧାରଣ ଲୋକଙ୍କ କଥା ବୁଝୁ ବୋଲି ଭିଡିଓ ମାଧ୍ୟମରେ ସେ ଯେଉଁ ବାର୍ତ୍ତା ଦେଇଛନ୍ତି, ତାହା ଅନେକଙ୍କୁ ପ୍ରଭାବିତ କରିଛି। ଏକ ନୂତନ ଜାତିସଂଘ ଗଢ଼ିବାର ସମୟ ଆସିଛି ବୋଲି ସେ ଆହ୍ୱାନ ଦେଇଛନ୍ତି। ଏହି ଚିନ୍ତାଧାରା ନିଶ୍ଚୟ ସମ୍ଭବ ହେବ। ଏଥିଲାଗି ଆହୁରି ୭୫ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ଆକାଂକ୍ଷା କହିବା ଦ୍ୱାରା ସେ ଜାତିସଂଘର କାର୍ଯ୍ୟଧାରାକୁ ଚ୍ୟାଲେଞ୍ଜ କରିଛନ୍ତି ବୋଲି କୁହାଗଲାଣି। ତଥାପି ପିଢ଼ି ପରିବର୍ତ୍ତନକାରୀ ଭାବେ ତାଙ୍କ ଆହ୍ୱାନ ସମସ୍ତଙ୍କ ପାଇଁ ଚିନ୍ତା ଉଦ୍ରେକ କରିଛି। କେବଳ ପରିବର୍ତ୍ତନ କରିବା ବୋଲି ମୁହଁରେ କହିଲେ ହେବ ନାହିଁ, ଆମକୁ ତାହାର ମାଧ୍ୟମ ପାଲଟିବାକୁ ପଡ଼ିବ ବୋଲି ଆକାଂକ୍ଷା ଦେଇଥିବା ସ୍ଲୋଗାନ ତର୍ଜମାଯୋଗ୍ୟ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କୋଭିଡ୍ ମହାମାରୀରେ କୋଟି କୋଟି ଲୋକ ଚାକିରି ହରାଇଛନ୍ତି। ଦିନ ମଜୁରିଆମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ କେରଳର ଦିନମଜୁରିଆ ସଗୀର ଉପହାର ତାଙ୍କ ସାହସ ହରାଇନାହାନ୍ତି, ବରଂ ନିଜ ଘରେ କୁଣ୍ଡରେ ମାଛଚାଷ କରି ୩୦୦ କେ.ଜି. ମାଛ ବିକ୍ରି କରିବା ସହ ଅଗଣାରେ ଆକ୍ୱାପୋନିକ୍ସ(ମାଟି ବିନା କେବଳ ପାଣିରେ ଚାଷ)ରେ ପରିବା ଉତ୍ପାଦନ କରିବାରେ ଲାଗିଛନ୍ତି। ଥ୍ରିସୁର ଜିଲା ନିବାସୀ ସଗୀରଙ୍କ ବୟସ ୩୭। ପେଣ୍ଟାଲ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ସଗୀର ରୋଜଗାର ହରାଇବା ପରେ ଲକ୍‌ଡାଉନ୍ ସମୟରେ ମାଛ ଓ ପରିବା ଚାଷ ଆରମ୍ଭ କରିଛନ୍ତି। ସେ ୟୁଟ୍ୟୁବ୍‌ରୁ ମାଛଚାଷ ସମ୍ପର୍କରେ ଜାଣିବାପରେ ଫିଶ୍ ନର୍ସରି ସହ ଯୋଗାଯୋଗ କରି ତିଲାପିଆ (ଏକ ପ୍ରକାର କଉ ମାଛ) ମାଛ ଆଣି ୧୦,୦୦୦ ଲିଟର ଟାଙ୍କିରେ ଚାଷ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ମାଛରୁ ଯାହା ଆୟ କରିଛନ୍ତି ସେଥିରେ ମାଛଚାଷ ବଢ଼ାଇବା ଲାଗି ଯୋଜନା କରିଛନ୍ତି। ଆକ୍ୱାପୋନିକ୍ସ ଓ ମାଛଚାଷ କରିବା ପାଇଁ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଫେବୃୟାରୀ ୧୯୯୬

- ପୂର୍ବତନ ସୋଭିଏଟ୍ ୟୁନିୟନର ଗଣରାଜ୍ୟ ତାଜିକିସ୍ତାନ ମାଳଅଞ୍ଚଳରେ ଇସଲାମୀୟ ବିଦ୍ରୋହୀମାନେ ଆକ୍ରମଣ କରି ୨୦ଜଣଙ୍କୁ ହତ୍ୟା କରିଛନ୍ତି।
- ହତ୍ୟା, ବଳାତ୍କାର ଓ ଅନ୍ୟାନ୍ୟ ଅଭିଯୋଗରେ ଅଭିଯୁକ୍ତ ୧୬ ଜଣ ବନ୍ଦୀଙ୍କୁ ଚୀନ୍‌ର ଅର୍ଥନୈତିକ ମୁକ୍ତ ଅଞ୍ଚଳ ସେନ୍‌ଟେନ୍‌ରେ ପ୍ରଥମ ଘଟଣାଭାବେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଛି।

# ପାଠକ ଶ୍ରେଷ୍ଠ ବିଚାରକ

## ସମ୍ପତ୍ତି ତାଲିକା ଦାଖଲ କ'ଣ ସତ୍ୟଭିତ୍ତିକ ହେବ

ମହାଶୟ,

ସରପଞ୍ଚ, ଜନ ପ୍ରତିନିଧିଙ୍କଠାରୁ ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ସମ୍ପତ୍ତି ତାଲିକା ଦେବା ନିର୍ଦ୍ଦେଶ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ସରପଞ୍ଚ ଓ ଜନପ୍ରତିନିଧିଙ୍କ କାର୍ଯ୍ୟକାଳ ଅବଧି ପାଞ୍ଚବର୍ଷ। ଏମାନେ ନିର୍ବାଚିତ ହେବା ସମୟର ସମ୍ପତ୍ତି ଆୟ ବିବରଣୀ, ପରବର୍ତ୍ତୀ ସମସ୍ତ(ପଦବୀରୁ ଯିବା ପରେ)ରେ ସମୀକ୍ଷା ହେବ ତ। ଦ୍ୱିତୀୟତଃ ଦାଖଲ କରିଥିବା ବିବରଣୀ ସତ କି ଭ୍ରମାତ୍ମକ ତାହା କିଏ ଦେଖିବେ? କର୍ମଚାରୀ/ଅଧିକାରୀ ନିଜ ନାମରେ ସମ୍ପତ୍ତି କ୍ରୟ, ଗୃହ ନିର୍ମାଣ ନ କରି ପରିବାର ସଦସ୍ୟଙ୍କ ନାମରେ କରିଥାନ୍ତି। ଏଭଳି ଦୁର୍ନୀତିର ଅନେକ ପ୍ରମାଣ ରହିଛି ଏବଂ ଏହା ଏବେ ବଢ଼ିବାରେ ଲାଗିଛି। ଏକ୍ଷେତ୍ରରେ ରାଜସ୍ୱ ନିରୀକ୍ଷକ କିମ୍ବା ଅଞ୍ଚଳ ଅଧିକାରୀ ଏବଂ ସଚେତନ ନାଗରିକ ସବୁ କିଛି ଜାଣନ୍ତି। କିନ୍ତୁ ମୁହଁ ଖୋଲନ୍ତି ନାହିଁ। ଏଣୁ କିଏ କେତେ ସମ୍ପତି ତାଲିକା ଦାଖଲ କରିଛନ୍ତି ତା'ର ସତ୍ୟାସତ୍ୟ ଜାଣିବା ଲାଗି ଠିକ୍ ଭାବେ ତଦନ୍ତ ହେବା ଦରକାର। ଭିଜିଲାନ୍ସ ବିଭାଗ/ଆୟକର ବିଭାଗ ଦୃଷ୍ଟି ଦେଲେ ସତ ମିଛ ଧରା ପଡ଼ିଯାଆନ୍ତା।

ଶ୍ରୀରାମଚନ୍ଦ୍ର ଦାସ
ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ, ଓଡ଼ିଶା

## ଚିରନ୍ତନୀ

ସେ କାଳ ଏକାଳ ପୀରତିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ।
(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୮୮,୭୨,୫୭୫ | ୨୩,୯୭,୮୨୦ | ୮,୦୯,୧୧,୮୭୨ |
| ଭାରତ | ୧,୦୮,୯୪,୭୩୮ | ୧,୫୫,୭୦୯ | ୧,୦୬,୦୦,୯୦୫ |
| ଓଡ଼ିଶା | ୩,୩୭,୧୦୧ | ୧୯୧୦(+୫୩) | ୩,୩୩,୪୫୧ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆନ୍ଧ୍ର ନିର୍ବାଚନରେ ଭୋଟ୍ ଦେଲେ ଓଡ଼ିଶା ଲୋକ

**ପାତ୍ରପୁର/ପାରଳାଖେମୁଣ୍ଡି, ୧୩।୨(ଡି.ଏନ୍.ଏ.)**

ପ୍ରଶାସନର ସବୁ ଚେଷ୍ଟା ଫସର ଫାଟିଛି। ଆନ୍ଧ୍ରପ୍ରଦେଶ ପଞ୍ଚାୟତ ନିର୍ବାଚନରେ ଲୁଚିଛପି ଯାଇ ଓଡ଼ିଶା ଲୋକ ଭୋଟ ଦେଇଥିବାବେଳେ କେତେଜଣ ଲୋକ ଖୋଲାଖୋଲି ମତଦାନ କରିଛନ୍ତି।

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସୀମାନ୍ତରେ ଥିବା ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆନ୍ଧ୍ର ପଞ୍ଚାୟତ ନିର୍ବାଚନରେ ଭାଗ ନେଉଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଶନିବାର ଆନ୍ଧ୍ରରେ ଭୋଟ ଥିବାରୁ ଏହିଦିନ ଓଡ଼ିଶା ଲୋକଙ୍କୁ ଜଗିବାକୁ ପାତ୍ରପୁର ବ୍ଲକ ଓ ତହସିଲ ପ୍ରଶାସନ ୫ ସୀମାନ୍ତ ଗ୍ରାମରେ 'ମୋ ଗାଁରେ ତହସିଲ', 'ଜନ ଅଭିଯୋଗ ଶୁଣାଣି' ଆୟୋଜନ କରିଥିଲା। ହେଲେ ଆନ୍ଧ୍ର ତଳଗୁରାଣ୍ଟି ପଞ୍ଚାୟତର ପ୍ରାର୍ଥୀମାନେ ଶୁକ୍ରବାର ରାତିରେ ଓଡ଼ିଶାର କୁଲାଡ଼ି, ସାତପୁରି, ଗୁଡ଼ିଖଳା, ବାବନାସାହି, ବାଞ୍ଜୁଆସାହି ଓ ତୁମ୍ବା ଗ୍ରାମରେ ବୈଠକ କରି ଯୋଜନା ପ୍ରସ୍ତୁତ କରିଥିଲେ। ଶନିବାର ଭୋରରୁ ଟ୍ରାକ୍ଟର ଓ ବସ୍ ଯୋଗେ ଲୋକଙ୍କୁ ନିକଟସ୍ଥ ତଳଗୁରାଣ୍ଟି ବୁଥ୍‌କୁ ନେଇ ଭୋଟ ଦେବା ବ୍ୟବସ୍ଥା କରାଇଥିଲେ। କୁଲାଡ଼ି ଗ୍ରାମର ଶିବରାମ ଶବର, ସାତପୁରି ଗ୍ରାମର କୁନ୍ଦରି ଶବର ନିଜ ଅଙ୍ଗୁଳିରେ ଲାଗିଥିବା କାଳିକୁ ଦେଖାଇ କହିଥିଲେ ଯେ, ଓଡ଼ିଶା ପ୍ରଶାସନ ଆମ କଥା ବୁଝୁନି। ଆନ୍ଧ୍ର ସରକାର ଆମକୁ ଭଡ଼ା ସାଙ୍ଗକୁ ଘରକୁ ଆଣି ରାଶନ, ସ୍ୱାସ୍ଥ୍ୟସେବା ଆଦି ଯୋଗାଉଛନ୍ତି। ତେଣୁ ଆମେ ଭୋଟ ଦେଉଛୁ ବୋଲି ସେମାନେ କହିଥିଲେ। ଅନ୍ୟପକ୍ଷରେ ଆମେ କୁଲାଡ଼ି ଲୋକଙ୍କୁ ଆନ୍ଧ୍ରରେ ଭୋଟ ଦେବାକୁ ଛାଡ଼ିନୁ ବୋଲି କହି ଦାଣ୍ଡରେ ଜିଲା ଓ ବ୍ଲକ ପ୍ରଶାସନର କର୍ମଚାରୀମାନେ ଡେରା ପକାଇଥିବା ଦେଖିବାକୁ ମିଳିଥିଲା। ସେହିପରି ଗୁଡ଼ିଖଳା ଗ୍ରାମବାସୀଙ୍କୁ ଭୋଟଦାନରୁ ବିରତି ପାଇଁ ଗଞ୍ଜାମ ଉପଜିଲାପାଳଙ୍କ ସହ ପାତ୍ରପୁର ତହସିଲଦାର ଅମିତ କୁମାର ନାୟକ ଯାଇଥିବାବେଳେ ଗଜପତି ଜିଲା ରାୟଗଡ଼ ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ଉଭୟ ଜିଲାର ପୋଲିସ ଉପସ୍ଥିତ ଥିଲେ। ମାତ୍ର ଲୋକେ ବାଡ଼ିପଟେ ଟ୍ରାକ୍ଟରରେ ଯାଇ ଭୋଟ ଦେଇଥିଲେ। ଏପଟେ ପାତ୍ରପୁର ବ୍ଲକ ତରଫରୁ ଅନୁଷ୍ଠିତ 'ମୋ ନିବେଦନ କାର୍ଯ୍ୟକ୍ରମ' ଆନ୍ଧ୍ର ସରକାରଙ୍କ ଦ୍ୱାରା ନିର୍ମିତ ମଣ୍ଡପରେ ହୋଇଥିଲା।



ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ ଲାଇଡା ଗ୍ରାମବାସୀ ଟ୍ରାକ୍ଟର ଯୋଗେ ଭୋଟକେନ୍ଦ୍ରକୁ ଯାଉଛନ୍ତି।

## ଦାଣ୍ଡରେ ଜଗିଲା ପ୍ରଶାସନ, ବାଡ଼ିପଟେ ଯାଇ ଦେଲେ ଭୋଟ୍

ମିଳିଥିବା ସୂଚନା ଅନୁଯାୟୀ, ଗୁଡ଼ିଖଳାରୁ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭୋଟ ଦେଇଥିବାବେଳେ କୁଲାଡ଼ିରୁ ପ୍ରାୟ ସମସ୍ତ ପୁରୁଷଙ୍କ ସହ ୧୫ରୁ ଊର୍ଦ୍ଧ୍ୱ ମହିଳା, ତୁମ୍ବାରୁ ୨ଜଣ, ସାତପୁରିର ପ୍ରାୟ ସମସ୍ତ ଭୋଟର, ବାବନାସାହି ଓ ବାଞ୍ଜୁଆସାହିରୁ ମଧ୍ୟ କେତେଜଣ ଭୋଟ୍ ଦେଇଥିଲେ।

ଗଜପତି ଜିଲା ରାୟଗଡ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା, ଅମରିସିଂହୀ, ବୁରିସିଙ୍ଗି, ଅଖଡ଼ା, ମାଧିଆଖୋଲ, ଗିଡିଖୁଡ଼ୀର ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭୋରରୁ ଯାଇ ସୀମାନ୍ତରୁ ୧୦୦ ମିଟର ଦୂର ଆନ୍ଧ୍ର ମଞ୍ଜୁସା ମଣ୍ଡଳର ସାରା ସ୍କୁଲରେ ହୋଇଥିବା ବୁଥ୍‌ରେ ଭୋଟ ଦେଇଥିଲେ। ଏହାପରେ ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ପ୍ରଶାସନିକ ଅଧିକାରୀମାନଙ୍କ ସହ ଗ୍ରାମରେ ପହଞ୍ଚିବା ପରେ ଆଉ କେହି ଯାଇ ନ ଥିବା ଉପଜିଲାପାଳ କହିଛନ୍ତି।

# ସେଧା ରାପୋକାମି ହେଲେ ସରପଞ୍ଚ

**ପଟାଙ୍ଗୀ, ୧୩।୨(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମକୁ ନିଜର ବୋଲି ସାବ୍ୟସ୍ତ କରିବା ପାଇଁ ଶନିବାର ଆନ୍ଧ୍ର ସେଠାରେ ପଞ୍ଚାୟତ ନିର୍ବାଚନ କରିଛି। ବିଜୟନଗରମ ଜିଲା ପ୍ରଶାସନ ସହଯୋଗରେ ସାଲୁର ବ୍ଲକ ପ୍ରଶାସନ ପକ୍ଷରୁ ଫାଟୁସିନେରିରେ ଏକ ନିର୍ମାଣାଧୀନ ଚର୍ଚ୍ଚ ଗୃହରେ ମତଦାନ କେନ୍ଦ୍ର କରି ନିର୍ବାଚନ କାର୍ଯ୍ୟ ଶେଷ କରିଛି। ଫାଟୁସିନେରି ଗ୍ରାମର ସେଧା ରାପୋକାମି (ହିମିରିକା) ସରପଞ୍ଚ ରୂପେ ନିର୍ବାଚିତ ହୋଇଛନ୍ତି। ସେ ଡି. ବେଲଗାବାଲସା ଗ୍ରାମର କୋଣ୍ଡାପାଲି ପାଇଡି ତାଲିଆମ୍ମାଙ୍କୁ ପରାସ୍ତକରି ବିଜୟୀ ହୋଇଥିବା ରିଟର୍ଣ୍ଣିଂ ଅଧିକାରୀ ଏ. ଜନାର୍ଦ୍ଦନ ରାଓ କହିଛନ୍ତି।

ଏହି ନିର୍ବାଚନ ପ୍ରକ୍ରିୟାରେ ରୋକ ଲଗାଇବା ପାଇଁ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ଫଗୁଣସିନେରି ଗ୍ରାମରେ କରାଯାଇଥିବା ଜନସେବା କାର୍ଯ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମର କୌଣସି ପ୍ରଭାବ ଗ୍ରାମବାସୀଙ୍କ ଉପରେ ପଡ଼ିନାହିଁ। ନିର୍ବାଚନ ପାଇଁ ଫାଟୁସିନେରି ଗ୍ରାମରେ ୮ଟି ୱାର୍ଡର ଭୋଟରଙ୍କ ପାଇଁ ୮ଟି ବୁଥ୍ ହୋଇଥିଲା। ଏହିସବୁ ୱାର୍ଡର ୧୦୨୫ ଭୋଟରଙ୍କ ମଧ୍ୟରୁ ୬୧୭ ଜଣ ମତଦାନ କରିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ମହିଳା ଭୋଟର ୩୦୮ ଥିବାବେଳେ ପୁରୁଷ ଭୋଟର ୩୦୯ ଜଣ ରହିଥିଲେ। ସକାଳ ସାଢ଼େ ୬ଟାରେ ମତଦାନ ଆରମ୍ଭ ହୋଇ ଅପରାହ୍ନ ୧.୩୫ ମିନିଟରେ ସରିଛି। ୨ଟା ପରେ ଭୋଟ ଗଣତି ହୋଇ ଫଳ ଘୋଷଣା ହୋଇଛି। ମତଦାନ ସମ୍ପର୍କରେ ଓଡ଼ିଶା ସୀମାନ୍ତ ମାଡକାର, ଡୋଲିଆମ୍ବ, ବର୍ଣ୍ଣାପାଡୁ ଓ ଫାଟୁସିନେରି ଗ୍ରାମର କେତେଜଣ ଅଧିବାସୀଙ୍କୁ ପଚାରିବାରୁ ସେମାନେ କହିଲେ, ଆନ୍ଧ୍ର ସରକାର ଆମକୁ ସବୁ ପ୍ରକାର ସହାୟତା ଯୋଗାଇଦେଉଛନ୍ତି। ତେଣୁ ଆମେ ପଞ୍ଚାୟତ ନିର୍ବାଚନରେ ତାଙ୍କୁ ଭୋଟ ଦେଇଛୁ ବୋଲି କହିଥିଲେ।

ଅନ୍ୟପକ୍ଷରେ ଫାଟୁସିନେରିରେ ମତଦାନ ଚାଲିଥିବା ବେଳେ ବିଜୟନଗରମ ପୋଲିସର ପ୍ରୋଭିଜନାଲ ଆଇପିଏସ୍ ଅଧିକାରୀ ବି. ରାଜାକୁମାରୀ ନିର୍ବାଚନ କାର୍ଯ୍ୟ ତଦାରଖ କରିବାକୁ ଆସିଥିଲେ। ଏହି ସମୟରେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ସେ କହିଥିଲେ, ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦୁଇ ରାଜ୍ୟର ଏକ ମିଳିତ ବୈଠକ ହୋଇଥିଲା। ସୀମାନ୍ତ ଗ୍ରାମର ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ଭାବେ ମତଦାନ କରୁଛନ୍ତି ବୋଲି ସେ କହିଥିଲେ। ମତଦାନ ସମୟରେ ସେଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ଆନ୍ଧ୍ର ନିର୍ବାଚନ ଉପରେ ପଡ଼ି ନ ଥିଲା। ମତଦାନର ଶେଷ ସମୟରେ କୋରାପୁଟ ଜିଲା ପଞ୍ଚାୟତ ଅଧିକାରୀ ସ୍ୱଦେଶ ପଟ୍ଟନାୟକ, ପଟ୍ଟାଙ୍ଗୀ ବ୍ଲକ ଜିପିଓ ଦାୟିତ୍ୱରେ ଥିବା ମାଳିପୁଟ ପିଇଓ ଦିବାକର ପୁରୋହିତ ମତଦାନ କେନ୍ଦ୍ରରେ ପହଞ୍ଚି ବିଜୟନଗରମ ଜିଲାପାଳ ଏମ୍. ହରି ଜବାହରଲାଲ ରାଓଙ୍କ ନିକଟକୁ କୋରାପୁଟ ଜିଲାପାଳ ମହମ୍ମଦ ଅବଦୁଲ ଅକ୍ତର ପଠାଇଥିବା ଏକ ଚିଠି ଆନ୍ଧ୍ର ରିଟର୍ଣ୍ଣିଂ ଅଧିକାରୀ ରାଓଙ୍କୁ ଦେଇ ଚାଲିଯାଇଥିଲେ। ସେହିପରି କୋରାପୁଟ ଜିଲାପାଳ ଅକ୍ତର ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲି କୋଟିଆ ପଞ୍ଚାୟତରେ ପହଞ୍ଚି ଆନ୍ଧ୍ର କରୁଥିବା ନିର୍ବାଚନ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ।

## ଫାଟୁସିନେରିରେ ନିର୍ବାଚନ



ସେଧା ରାପୋକାମି

# ୩ ଘଣ୍ଟା ପଶ୍ଚିମ ଓଡ଼ିଶା ବନ୍ଦ



ଆନ୍ଦୋଳନ ଯୋଗୁ ସମ୍ବଲପୁର ବିଶ୍ରା ଛକରେ ଭାରିଯାନ ଅଟକିରହିଛି।

- ଚାଷୀ ସମସ୍ୟା ନେଇ ଚକା ଜାମ୍ କଲା ଭାଜପା
- ୧୦ ଜିଲାର ୯୫ରୁ ଊର୍ଦ୍ଧ୍ୱ ସ୍ଥାନରେ ରାସ୍ତାରୋକୋ

**ସମ୍ବଲପୁର, ୧୩।୨ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ଚାଷୀ ସମସ୍ୟା ନେଇ ଭାଜପା ପକ୍ଷରୁ ଶନିବାର ୩ ଘଣ୍ଟା ଚକାଜାମ୍ ଆନ୍ଦୋଳନ କରାଯାଇଥିଲା। ଭାଜପା ନେତା ଓ କର୍ମକର୍ତ୍ତାମାନେ ସ୍ଥାନୀୟ ଅଞ୍ଚଳରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜାତୀୟ ଓ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ସମ୍ବଲପୁର, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, ବୌଦ୍ଧ ଜିଲାର ୯୫ରୁ ଊର୍ଦ୍ଧ୍ୱ ସ୍ଥାନରେ ରାସ୍ତାରୋକୋ ହୋଇଥିଲା। ୫ଟି ସଂସଦୀୟ କ୍ଷେତ୍ରର ୩୫ଟି ବିଧାନସଭା କ୍ଷେତ୍ର ସମେତ ବୌଦ୍ଧ ଓ କନ୍ଧମାଳ ବିଧାନସଭା ମଣ୍ଡଳୀର ଭାଜପା କର୍ମକର୍ତ୍ତାମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ସ୍ଥାନୀୟ ଭାଜପା ନେତା, ବିଧାୟକ, ବିଧାୟକ ପ୍ରାର୍ଥୀ, ଜିଲା ଓ ମଣ୍ଡଳ ସଭାପତିମାନେ ଏହାର ନେତୃତ୍ୱ ନେଇଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକୁ ଆନ୍ଦୋଳନରୁ ବାଦ୍ ଦିଆଯାଇଥିଲା। ଟୋକନ ସମସ୍ୟା, ଧାନ ସଂଗ୍ରହରେ ଅବ୍ୟବସ୍ଥା, ମଣ୍ଡିଗୁଡ଼ିକରେ ପଡିଥିବା ଧାନ ସଂଗ୍ରହ, ଚାଷୀମାନଙ୍କ ପାଇଁ କେନ୍ଦ୍ରର ଯୋଜନା କାର୍ଯ୍ୟକାରୀ କରିବା, କଟ୍‌ନୀଛଟ୍‌ନୀ ବନ୍ଦ ଆଦି ଦାବିରେ ଭାଜପା ନେତୃତ୍ୱ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଆନ୍ଦୋଳନ ବେଳେ କୌଣସି ସ୍ଥାନରେ ଅପ୍ରୀତିକର ଘଟଣା ଘଟି ନ ଥିବା ଜଣାପଡିଛି।

# ଭାଜପା, କଂଗ୍ରେସର ରାସ୍ତା ଅବରୋଧ



ରାସ୍ତା ଅବରୋଧ କରିଥିବା ଭାଜପା ଓ କଂଗ୍ରେସ ନେତାମାନେ।

**ଓଡ଼ିଶାରେ ଆନ୍ଧ୍ର ନିର୍ବାଚନ**

**ପଟାଙ୍ଗୀ, ୧୩।୨(ଡି.ଏନ୍.ଏ.):** କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମରେ ଆନ୍ଧ୍ର କରିଥିବା ନିର୍ବାଚନକୁ ବିରୋଧକରି ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ରାଜ୍ୟ ସରକାର, କୋରାପୁଟ ଜିଲା ଓ ବ୍ଲକ ପ୍ରଶାସନର ଅପାରଗତା ଯୋଗୁ ଆନ୍ଧ୍ର ଓଡ଼ିଶାରେ ନିର୍ବାଚନ କଲା ବୋଲି ସମାଲୋଚନା କରିଛନ୍ତି। ଏହାର ପ୍ରତିବାଦରେ ଦୁଇ ଦଳ କୁନ୍ଦୁଲି ହାଟପଦାଠାରେ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଦୀର୍ଘସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଥିରେ ଭାଜପାର ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ପଟ୍ଟାଙ୍ଗୀର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ବ୍ଲକ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗୀ, ଗୌତମ ସାମନ୍ତରାୟଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ କର୍ମୀମାନେ ସାମିଲ ହୋଇଥିଲେ। ଏସଡିପିଓ ନିରଞ୍ଜନ ବେହେରା ଓ ଥାନା ଅଧିକାରୀ ବିଜୟରାଜ ମାଝି ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ୨ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ପର୍ଯ୍ୟବେକ୍ଷଣ ବିଭାଗ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
www.rbi.org.in

**ସାର୍ବଜନୀନ ସୂଚନା**

**ମେସର୍ସ ଦୁର୍ଲଭ ଫାଇନାନ୍ସ ଲିମିଟେଡ୍‌କୁ ଅଣ-ବ୍ୟାଙ୍କିଙ୍ଗ୍ ବିତ୍ତୀୟ ସଂସ୍ଥାର କାରବାର ପାଇଁ ପ୍ରଦାନ କରାଯାଇଥିବା ପଞ୍ଜିକରଣ ପ୍ରମାଣପତ୍ର ରଦ୍ଦିକରଣ**

ଏତଦ୍ ଦ୍ୱାରା ଜନସାଧାରଣଙ୍କୁ ସୂଚିତ କରାଯାଉଅଛି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଅଧିନିୟମ, ୧୯୩୪ ଖଣ୍ଡ ୪୫-ଆଇ ଏ (୬) ଦ୍ୱାରା ପ୍ରଦତ୍ତ କ୍ଷମତା ଅନୁଯାୟୀ ତା. ୧୮.୦୭.୨୦୧୨ ରିଖରେ ମେସର୍ସ ଦୁର୍ଲଭ ଫାଇନାନ୍ସ ଲିମିଟେଡ୍ (CIN No. U67190OR2011 PLC012921) କୁ ଅଣ- ବ୍ୟାଙ୍କିଙ୍ଗ୍ ବିତ୍ତୀୟ ସଂସ୍ଥା ରୂପେ କାର୍ଯ୍ୟ କରିବା ପାଇଁ ପ୍ରଦାନ କରାଯାଇଥିବା ପଞ୍ଜିକରଣ ପ୍ରମାଣ ପତ୍ର ସଂ. ଏନ-୦୪.୦୦୦୨୪କୁ ତା. ୨୨.୦୧.୨୦୨୧ରିଖର ଆଦେଶ ଅନୁସାରେ ରଦ୍ଦ କରିଅଛି। ଏହି କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ମହାଲକ୍ଷ୍ମୀ ନିବାସ, ଦ୍ୱିତୀୟ ମହଲା, ନରସିଂହ ନଗର, ପାଣ୍ଡରା ଷ୍ଟ୍ରିଟ୍ ପାଖରେ, ବ୍ରହ୍ମପୁର, ଗଂଜାମ, ଓଡ଼ିଶା-୭୬୦ ୦୦୯ ଠାରେ ଅବସ୍ଥିତ। ଏହି ଆଦେଶ ଅନୁଯାୟୀ ଉପରୋକ୍ତ କମ୍ପାନୀ ରିଜର୍ଭ ବ୍ୟାଙ୍କ ଅଧିନିୟମ, ୧୯୩୪ ଖଣ୍ଡ ୪୫-ଆଇ ଧାରା (ଏ) ଅନୁସାରେ ଅଣ- ବ୍ୟାଙ୍କିଙ୍ଗ୍ ବିତ୍ତୀୟ ସଂସ୍ଥାର କାରବାର କରିପାରିବ ନାହିଁ।

ଏହା ଜନହିତରେ ଜାରି କରାଯାଉଅଛି।

ସ୍ଥାନ: ଭୁବନେଶ୍ୱର
ତା. ୧୪.୦୨.୨୦୨୧ ରିଖ

ସ୍ୱା/-
(ସୋନାଲି ଦାସ)
ମହାପ୍ରବନ୍ଧକ

# ଦଶମ ପିଲାଙ୍କ ପାଇଁ ଅଭିଭାବକ-ଶିକ୍ଷକ ବୈଠକ

**ଭୁବନେଶ୍ୱର, ୧୩।୨(ବ୍ୟୁରୋ)**

ମେ' ୩ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ଶନିବାର ସାରା ରାଜ୍ୟରେ ଥିବା ସରକାରୀ ହାଇସ୍କୁଲ୍‌ରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଛି। ଦୁଇଘଣ୍ଟା ଅବଧିର ଏହି ବୈଠକରେ ମୁଖ୍ୟତଃ ୪ଟି ବିଷୟରେ ଆଲୋଚନା ହୋଇଛି। ଶହେ ଦିନିଆ ପାଠପଢ଼ା, କୋଭିଡ୍ ଉପରେ ସଚେତନତା, ପରୀକ୍ଷା ଦର୍ପଣ ଏବଂ ସ୍କୁଲର ସୁରକ୍ଷା ଓ ଉନ୍ନତି ଉପରେ ପରସ୍ପର ମଧ୍ୟରେ ଆଲୋଚନା କରାଯାଇଛି। ଏହି ଅବସରରେ କେତେକ ସ୍କୁଲ୍‌ରେ ମାଟ୍ରିକ ପିଲାଙ୍କ ପାଇଁ ପରୀକ୍ଷା ଦର୍ପଣ ବଣ୍ଟନ କରାଯାଇଛି।

ରାଜ୍ୟବ୍ୟାପୀ ଗୋଟିଏ ଦିନ ବୈଠକ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବୈଠକରେ ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଭାବକଙ୍କ ସହ ଭାବବିନିମୟ କରିଥିଲେ। ସରକାରୀ ସ୍କୁଲ ପ୍ରତି ମଧ୍ୟ ଉଭୟ ପିଲା ଓ ଅଭିଭାବକ ସକାରାତ୍ମକ ଭାବନା ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। କ୍ୟାପିଟାଲ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୋନାମିକା ରାୟ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଆମ ବିଦ୍ୟାଳୟରେ ମଧ୍ୟ ଅଭିଭାବକ ଶିକ୍ଷକ ବୈଠକ ହୋଇଥିଲା। ଦଶମ ଶ୍ରେଣୀ ପିଲାଙ୍କ ୧୦୨ ଅଭିଭାବକ ଯୋଗଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ଆମେ ଅଭିଭାବକଙ୍କୁ ଜଣାଇଲୁ ଓ ସେମାନେ ସନ୍ତୁଷ୍ଟି ପ୍ରଦାନ କଲେ। ୧୦୦ ଦିନର ସ୍କୁଲ ଚାଲିବା ଜରୁରୀ ଥିଲା। ବର୍ତ୍ତମାନ ଯେଉଁଭଳି ଭାବେ ସ୍କୁଲ ଚାଲିଛି ଠିକ୍ ଅଛି ବୋଲି ଅଭିଭାବକମାନେ ମତପ୍ରକାଶ କରିବା ସହ କେତେକ ପ୍ରସ୍ତାବ ଦେଇଥିଲେ। ସେହିପରି ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜୁଲି ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାଥମିକ ଶିକ୍ଷା ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ ଯୋଗଦେଇ ନିଜ ଛାତ୍ର ଜୀବନର ସ୍ମୃତିଚାରଣ କରିବା ସହିତ ମାନସିକ ତଥା ଶୈକ୍ଷିକ କ୍ଷେତ୍ରରେ ଦୃଢ଼ ରହି ବାର୍ଷିକ ହାଇସ୍କୁଲ ପରୀକ୍ଷାର ସମ୍ମୁଖୀନ ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# ଝରାଫୁଲଙ୍କ ଗାଁରେ ତଦନ୍ତ

**ରସୁଲପୁର(ଡି.ଏନ୍.ଏ.)/ ବାରିପଦା ଅଫିସ, ୧୩।୨**

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ ଝରାଫୁଲ ନାୟକଙ୍କ ସନ୍ଦେହଜନକ ମୃତ୍ୟୁକୁ ୧୯ ଦିନ ବିତିଯାଇଥିଲେ ବି ପୋଲିସ ରହସ୍ୟ ପର୍ଦ୍ଦାଫାଶ କରିବାରେ ସଫଳ ହୋଇପାରିନାହିଁ। ଯାଜପୁର ଓ କୁଆଖିଆ ପୋଲିସର ୨ଟି ତଦନ୍ତକାରୀ ଦଳ ଘଟଣାର ତଦନ୍ତ କରୁଛି। ପୋଲିସ ଭୁବନେଶ୍ୱରରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ବୁଲୁଛି। କେତେବେଳେ ଝରାଫୁଲଙ୍କ ପରିବାର ଲୋକଙ୍କୁ ତ କେତେବେଳେ ମୁଖ୍ୟ ଅଭିଯୁକ୍ତ ରାକେଶ ସ୍ୱାଇଁଙ୍କ ପରିବାରକୁ ପଚାରଉଚୁରା କରୁଛି। ଗତ ୧୧ ତାରିଖରେ ଯାଜପୁର ପୋଲିସ୍ ଟିମ୍ ଭୁବନେଶ୍ୱରରେ ତଦନ୍ତ କରି ଫେରିଆସିଛି। ଶନିବାର ଆଉ ଏକ ଟିମ୍ ଝରାଫୁଲଙ୍କ ଗାଁ ମୟୂରଭଞ୍ଜ ଜିଲା ଯଶିପୁର ଥାନା ବୁନ୍ଦେଇପୋଷୀକୁ ଯାଇ ତଦନ୍ତ କରିଛି। ତଦନ୍ତ ସମୟରେ ଝରାଫୁଲଙ୍କ ମା', ବାପା ଓ ଭାଇ, ପଡ଼ୋଶୀ ଓ ଗ୍ରାମବାସୀଙ୍କୁ ପଚରାଉଚରା କରିଥିଲା। ମୃତ୍ୟୁ ପୂର୍ବ ଦିନ ଝରାଫୁଲ ପରିବାର ଲୋକଙ୍କ ସହ କ'ଣ କଥା ହୋଇଥିଲେ ତାହା ପୋଲିସ ପଚାରିଥିବା ଜଣାପଡ଼ିଛି। କିନ୍ତୁ ପରିବାର ଲୋକଙ୍କ ପ୍ରଶ୍ନରେ ପୋଲିସ ସେମାନଙ୍କୁ ଠିକ୍ ଉତ୍ତର ଦେଇ ନ ଥିବା ଜଣାପଡ଼ିଛି। ତେଣୁ ପୋଲିସର ତଦନ୍ତକୁ ନେଇ ପରିବାର ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏପରି କି ମାମଲାକୁ ପୋଲିସ ଗୁରୁତ୍ୱର ସହ ନେଉନାହିଁ ବୋଲି ଅଭିଯୋଗ କରିଛନ୍ତି ଝରାଫୁଲଙ୍କ ବାପା ରମାକାନ୍ତ ନାୟକ। ଅନ୍ୟପକ୍ଷରେ ପୋଲିସ ମୁଖ୍ୟ ଅଭିଯୁକ୍ତ ରାକେଶଙ୍କ ସହଯୋଗୀ ଶକ୍ତିଶେଖର ସ୍ୱାଇଁଙ୍କ ଟେର ପାଉ ନ ଥିବାରୁ ତଦନ୍ତ ଅଗ୍ରଗତି ହୋଇପାରୁ ନ ଥିବା ମନେହେଉଛି। ତଦନ୍ତରେ ବାଧା ସୃଷ୍ଟି ହେବ ଦର୍ଶାଇ ପୋଲିସ କିଛି କହୁ ନ ଥିଲେ ହେଁ ଦିନ ପରେ ଦିନ ଗଡ଼ି ଚାଲିଛି। ଏଯାଏ ଝରାଫୁଲଙ୍କ ମୋବାଇଲ ଫୋନ ମିଳିନାହିଁ କି ଅନ୍ୟତମ ଅଭିଯୁକ୍ତ ଧରାପଡ଼ିନାହାନ୍ତି। ଏହି ୨ଟି ବିଷୟ ମାମଲାକୁ ଏକ ସିଦ୍ଧାନ୍ତରେ ପହଞ୍ଚାଇବା ପାଇଁ ତଦନ୍ତ ଅଧିକାରୀଙ୍କୁ ବିଶେଷ ସହାୟକ ହେବ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ମୁଣ୍ଡବିହୀନ ମହିଳାଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ୍ କରିବାରେ କମିଶନରେଟ୍ ପୋଲିସ ସପ୍ତାହ ମଧ୍ୟରେ ସଫଳ ହୋଇଛି। କିନ୍ତୁ ଭୁବନେଶ୍ୱରରେ ଘଟିଥିବା ଝରାଫୁଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ କମିଶନରେଟ୍ ପୋଲିସ କେବଳ ବିଫଳ ହୋଇନି, ତଦନ୍ତଠାରୁ ଏକପ୍ରକାର ଦୂରେଇ ଯାଇଥିବା ସାଧାରଣରେ ଆଲୋଚନା ହେଉଛି। କାରଣ ମୃତଦେହ ମିଳିଥିବା ସ୍ଥାନ ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ହୋଇଥିବାରୁ ଭୁବନେଶ୍ୱର କମିଶନରେଟ୍ ପୋଲିସ ତଦନ୍ତକୁ ଗୁରୁତ୍ୱ ଦେଉ ନ ଥିବା କୁହାଯାଉଛି।

## ଫିଟିପାରୁନି ମୃତ୍ୟୁ ରହସ୍ୟ



CES, Odisha
Govt. of Odisha
National Green Corps "Ecoclub" Programme
ସ୍କୁଲ ପିଲାମାନେ ଧ୍ୟାନ ଦିଅନ୍ତୁ

**ପରିବେଶ ସଂରକ୍ଷଣ ସଚେତନତା ଉପଲକ୍ଷେ ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ବିଭିନ୍ନ ଅନଲାଇନ ପ୍ରତିଯୋଗିତାରେ ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ର-ଛାତ୍ରୀମାନଙ୍କୁ ଅଂଶଗ୍ରହଣ ନିମନ୍ତେ ଆହ୍ୱାନ କରାଯାଉଅଛି।**

ଜୁନିଅର ଗ୍ରୁପ (କ୍ଲାସ ୬ ରୁ ୮) ଏବଂ ସିନିୟର ଗ୍ରୁପ (କ୍ଲାସ ୯ ରୁ ୧୦) ର ଛାତ୍ର-ଛାତ୍ରୀମାନେ ଭାଗ ନେଇ ପାରିବେ।
ପ୍ରତିଯୋଗିତାର ଅବଧି - ୧୫ରୁ ୨୪ ଫେବୃଆରୀ ୨୦୨୧

| ପ୍ରତିଯୋଗିତାର ପ୍ରକାର | ବିଷୟ | |
|---|---|---|
| | ଜୁନିଅର ଗ୍ରୁପ (କ୍ଲାସ ୬ ରୁ ୮) | ସିନିୟର ଗ୍ରୁପ (କ୍ଲାସ ୯ ରୁ ୧୦) |
| ପ୍ରବନ୍ଧ (Essay) | ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା | COVID-19 ବିଷୟରେ ଆପଣଙ୍କ ଚିନ୍ତାଧାରା |
| ସ୍ଲୋଗାନ (Slogan) | ପରିବେଶ ସଚେତନତା | |
| କବିତା (Poem) | ଆମର ମା' ପୃଥିବୀ | |
| ଚିତ୍ରାଙ୍କନ(Drawing & Painting) | ସ୍ୱଚ୍ଛ ଏବଂ ସବୁଜ ପରିବେଶ | |
| ସେଲ୍‌ଫି ଫଟୋ (Selfie Photo) | ଉତ୍ତମ ପରିବେଶ କାର୍ଯ୍ୟ ସହିତ ସେଲଫି ଫଟୋ | |

**ପ୍ରତିଯୋଗିତାର ପ୍ରଣାଳୀ:**

- ଉପରୋକ୍ତ ପ୍ରତିଯୋଗିତା ଗୁଡିକ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହେବ।
- ଏହା **www.ecoclubcompetitions.org** ପ୍ଲାଟଫର୍ମରେ ଉପଲବ୍ଧ। ପ୍ରତିଯୋଗିତା ଗୁଡିକ ୧୫ ରୁ ୨୪ ଫେବୃଆରୀ ୨୦୨୧ ପର୍ଯ୍ୟନ୍ତ ଚାଲୁରହିବ। ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ।
- ଅଧିକ ଅପଡେଟ ପାଇଁ ଦୟାକରି ଆମର ଟୁଇଟର **www.twitter.com/CESOdishaGovt** ଅନୁସରଣ କରନ୍ତୁ ଏବଂ ଆମର ଫେସବୁକ ପେଜ **www.facebook.com/CESOdishaGovt**କୁ ଲାଇକ କରନ୍ତୁ।
- ପ୍ରତିଯୋଗୀମାନେ ପରିବେଶ ସୁରକ୍ଷା ପ୍ରତି ଅଙ୍ଗୀକାର ବଦ୍ଧ ହେବେ।

ବି.ଦ୍ର. କେବଳ ଓଡ଼ିଶାର ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ। ବିଚାରକ ମଣ୍ଡଳୀ/ଆୟୋଜକମାନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।

ଏହା ବ୍ୟତୀତ ଇକୋ-କ୍ଲବର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏଥିରେ ଭାଗ ନେଇ ପାରିବେ।
ସେମାନେ ନିଜ ଇକୋ-କ୍ଲବ କାର୍ଯ୍ୟକଳାପର ସଫଳ କାହାଣୀ ଓ ପ୍ରାସଙ୍ଗିକ ଭଲ ଫଟୋ ପଠାଇବେ।

ଅଧିକ ଜାଣିବା ପାଇଁ ଦେଖନ୍ତୁ: **www.ecoclubcompetitions.org**
ଫୋନ: ୭୯୭୮୧୧୪୯୩୭, ହ୍ୱାଟସଆପ୍: ୭୯୭୮୭୬୧୨୨୧, ଇମେଲ୍: cescompetition@gmail.com

**ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ୍ ଷ୍ଟଡିଜ, ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର**

## କାରଖାନାରେ ଯୁବତୀଯୁବକଙ୍କୁ ନିଯୁକ୍ତି ଦାବି

ରେଙ୍ଗାଲି, (ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକଲୋଇସ୍ଥିତ ଭୂଷଣ କାରଖାନା ପକ୍ଷରୁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କାରଖାନା ପକ୍ଷରୁ ଲପଙ୍ଗାରେ କରାଯାଉଥିବା ଜଳ ପ୍ରକଳ୍ପ ଶୀଘ୍ର ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏହାସହ ସ୍ଥାନୀୟ ଯୁବତୀଯୁବକଙ୍କୁ ତାଲିମ ଦେଇ ନିଯୁକ୍ତି ଦେବା ପାଇଁ ଦାବି କରାଯାଇଥିଲା। କାରଖାନା ପକ୍ଷରୁ ଠେଲକଲୋଇ ତଥା ଆଖପାଖ ଅଞ୍ଚଳରେ ବିଭିନ୍ନ କାମ ସହ ହାଇସ୍କୁଲରେ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କରାଯାଉଥିବା କୁହାଯାଇଥିଲା। ବୈଠକରେ କାରଖାନାର ପ୍ରଶାସନିକ ଅଧିକାରୀ କେବି ସିଂ ଓ ଅନ୍ୟ ଅଧିକାରୀ, ଗ୍ରାମବାସୀଙ୍କ ମଧ୍ୟରେ ସନ୍ତୋଷ କୁମାର ନାଥ, ଦୁର୍ଗା ସାହୁ, ଅମିତ ନାଥ, ଶୁକଦେବ ସାହୁ, ପୂର୍ଣ୍ଣଚନ୍ଦ୍ର ସେଟ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଲାସ୍ତରୀୟ ମହିଳା ଓ ପୁରୁଷ କବାଡି ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ମନ୍ଦଲିଆ ଖେଳ ପଡିଆ, ସକାଳ ୮ଟା ।
- ତ୍ରିରଙ୍ଗା ଶୋଭାଯାତ୍ରା, ଜିଏମ୍‌ୟୁ ମୁଖ୍ୟ ଫାଟକ ସମ୍ମୁଖ, ପୂର୍ବାହ୍ନ ୯ଟା ।
- ସଚେତନ ନାଗରିକ ବୈଠକ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ୫ଟା ।
- ଶ୍ରୀମଦ୍ ଭାଗବତ ପାଠ, ହାଟପଡା ହନୁମାନ ମନ୍ଦିର, ସନ୍ଧ୍ୟା ୫ଟା ।

## ସଂକ୍ଷେପରେ

### ଶାଳୀଙ୍କୁ ଛୁରିରେ ଆକ୍ରମଣ, ଜେଲ ଗଲେ ଭିଣୋଇ

**ସମ୍ବଲପୁର,୧୩।୨(ବ୍ୟୁରୋ):** ସମ୍ବଲପୁର ସଦର ଥାନା ଅନ୍ତର୍ଗତ ରାଣନପୁର ( ବାଙ୍କିଟିକ୍ରା) ପଡାରେ ଶାଳୀଙ୍କୁ ଛୁରିରେ ଆକ୍ରମଣ କରି ଭିଣୋଇ ହେମନ୍ତ ମୁଣ୍ଡା ଜେଲ ଯାଇଛନ୍ତି। ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ସୂଚନାଯୋଗ୍ୟ, କିସିଣ୍ଡା ଥାନା ଖଡିମୁଡା ଗ୍ରାମର ହେମନ୍ତ ବାଙ୍କିଟିକ୍ରାରେ ବିବାହ କରିଥିଲେ। ସେ ଶ୍ୱଶୁର ଘରକୁ ଆସିଥିଲେ। ଏହି ସମୟରେ ଗୁରୁବାର ସନ୍ଧ୍ୟାରେ କୌଣସି କାରଣରୁ ଶାଳୀ ପିଙ୍କିଙ୍କ ସହ ବଚସା ହୋଇଥିଲା। ଏଥିରେ ରାଗିଯାଇ ହେମନ୍ତ ରୋଷେଇ ପାଇଁ ବ୍ୟବହାର ହେଉଥିବା ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପିଙ୍କିଙ୍କୁ ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ କହିଛନ୍ତି।

### ରୋଡ୍ ସାଇଡରେ ଗାଡ଼ି ପାର୍କିଂ ମନା

**ବ୍ରଜରାଜନଗର,୧୩।୨(ଡି.ଏନ.ଏ.):** ଝାରସୁଗୁଡ଼ା ଜିଲା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଗାଡ଼ି ପାର୍କିଂକୁ ଜିଲା ପ୍ରଶାସନ ବାରଣ କରିଛି। ଲଖନପୁରଠାରୁ ଝାରସୁଗୁଡ଼ା ମଧ୍ୟରେ ରାସ୍ତା କଡରେ ଟ୍ରକ ପାର୍କିଂ କଲେ ୨୦ ହଜାର ଟଙ୍କା ଜରିମାନା କରାଯିବ ବୋଲି ଜିଲାପାଳ ସରୋଜ ସାମଲ ପ୍ରକାଶ କରିଛନ୍ତି। ଦୁର୍ଘଟଣା ଏଡାଇବା ପାଇଁ ଜିଲା ପ୍ରଶାସନ ନେଇଥିବା ପଦକ୍ଷେପକୁ ଜିଲାବାସୀ ସ୍ୱାଗତ କରିଛନ୍ତି।

### କିର୍ମିରା ପ୍ରେସ୍‌କ୍ଲବ ପକ୍ଷରୁ ସଡ଼କ ସୁରକ୍ଷା ଦିବସ

**କିର୍ମିରା,୧୩।୨(ଡି.ଏନ.ଏ.):** ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ପ୍ରେସ୍‌କ୍ଲବ ପକ୍ଷରୁ ବାଗଡିହି ଫାଣ୍ଡି ସମ୍ମୁଖରେ ସଡ଼କ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ତହସିଲଦାର ମୁକୁଟମଣି ଖେସ, ବନବିଭାଗ ରେଞ୍ଜର ବ୍ରଜମୋହନ ପଟ୍ଟନାୟକ, ଫାଣ୍ଡି ଅଧିକାରୀ ସରୋଜ କୁମାର ନାଏକ ଅତିଥି ଭାବେ ଯୋଗଦେଇ ବାଇକ୍‌ରେ ଦୁଇଜଣରୁ ଅଧିକ ନ ବସିବା, ବିନା ଲାଇସେନ୍ସରେ ଗାଡି ନ ଚଳାଇବା, ବାଇକ୍ ଚାଳନା ବେଳେ ମୋବାଇଲ ବ୍ୟବହାର ନ କରିବା, ହେଲମେଟ ଓ ସେଫ୍ଟି ବେଲ୍ଟ ବ୍ୟବହାର କରିବାକୁ କହିଥିଲେ। ଲଇକେରା ଏଏସ୍ଆଇ ଗ୍ଲୋରିଆ କୁଣ୍ଡୁଲାନା ଓ ବନବିଭାଗୀୟ ଅଧିକାରୀ ବି ରୋହିଦାସ ରାସ୍ତାରେ ଯାଉଥିବା ବ୍ୟକ୍ତିଙ୍କୁ ସୁରକ୍ଷା ସମ୍ବନ୍ଧୀୟ ସୂଚନାପତ୍ର ଦେଇ ବୁଝାଇଥିଲେ। ଏଥିରେ ବିରେନ ପଟେଲ, ଆଶିଷ କୁମାର ବାଜପେୟ, ଆଶାରାଣୀ ବେହେରା, ଲକ୍ଷ୍ମଣ କୁମାର ସାହୁ, ସୁରଜ ସିଂ, ଏସ୍ଆଇ ସଞ୍ଜୀବ ନାଏକ ପ୍ରମୁଖ ସାମିଲ ହୋଇ ଅଭିଯାନକୁ ସଫଳ କରିଥିଲେ।

### ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଚୟନ ଶିବିର

**ସମ୍ବଲପୁର,୧୩।୨(ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗରେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ବୀମା କମ୍ପାନୀ ଅଧିକାରୀମାନେ ଉପସ୍ଥିତ ରହି ଚୟନ କରିଥିଲେ। ଇଚ୍ଛୁକ ଥିବା ୨୫ ଛାତ୍ରୀଛାତ୍ର ଶିବିରରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ଲେସମେଣ୍ଟ ଅଧିକାରୀ ଚିନ୍ମୟ ପୁରୋହିତ, ଡ. ମହାଲିକ, ସୁମନ କେରକେଟା ପ୍ରମୁଖ ଯୋଗଦେଇଥିଲେ। ଆଗକୁ ଏଭଳି ଶିବିର ଆୟୋଜନ କରାଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।



ସମ୍ବଲପୁର ଅଇଁଠାପାଲିଠାରେ ଭାଜପା ପକ୍ଷରୁ ରାସ୍ତାରୋକୋ।



ରେଢ଼ାଖୋଲରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଭାଜପାର ୩ ଘଣ୍ଟିଆ ଚକାଜାମ୍

**ସମ୍ବଲପୁର,୧୩।୨(ବ୍ୟୁରୋ)**

ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଶନିବାର ସମ୍ବଲପୁର ଜିଲା ଭାଜପା ପକ୍ଷରୁ ୩ଘଣ୍ଟିଆ ଚକା ଜାମ୍ କରାଯାଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା। ସମ୍ବଲପୁର-ଦେବଗଡ଼ ୫୩ନଂ. ଜାତୀୟ ରାଜପଥର ଅଇଁଠାପାଲି, ଗୋଶାଳା, ରେମେଡ, ସିନ୍ଦୂରପଙ୍କ, ରେଙ୍ଗାଲି, ଲାଉମାଲ ଆଦି ଛକରେ ଦଳୀୟ କର୍ମକର୍ତ୍ତା ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାର ବିଭିନ୍ନ ମଣ୍ଡିରେ ପଡିରହିଥିବା ଧାନ ସଂଗ୍ରହ, ଲାମ୍ପ ହୋଇଥିବା ଟୋକନ୍

**ଚାଷୀ ସମସ୍ୟା ସମାଧାନ ଦାବି**

ପୁନଃ କାର୍ଯ୍ୟକ୍ଷମ, ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ଦ୍ୱାରା ନୀତି ନିର୍ଦ୍ଧାରଣ, ଜଳସେଚିତ ଓ ଅଣଜଳସେଚିତ ଜମି ପାଇଁ କରାଯାଇଥିବା ବିକ୍ରି ପରିମାଣ ବୃଦ୍ଧି ଆଦି ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା। ରେମେଡ ଛକରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ସୀମାଞ୍ଚଳ ଖଟେଇ, ପ୍ରଭାତ ପଣ୍ଡା, ରୁନୁ ପ୍ରଧାନ, ଅଇଁଠାପାଲି ଛକରେ ଅନିଲ ବେହେରା, ରାମଚନ୍ଦ୍ର ମେହେର, ସମୀର ରଞ୍ଜନ ବାବୁ, ସିନ୍ଦୂରପଙ୍କ ଛକରେ ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରି ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଚନ୍ଦ୍ର ଶେଖର ପଣ୍ଡା, ପ୍ରକାଶ ସାହୁ, ମାନସ ପଣ୍ଡାଙ୍କ ନେତୃତ୍ୱରେ ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ରେଙ୍ଗାଲିରେ ତିରୋଜ ହେଞ୍ଜୋଡା, ଆଶିଷ ହୋତା, ନବୀନ ପ୍ରଧାନ, ଗୋଶାଳାରେ ସୀତା ଛୁରିଆ, ସୁଷମା ସାହୁ, ସଂଯୁକ୍ତା ପ୍ରଧାନ, ମନୋଜ ସାହୁ, ଲାଉମାଲରେ ପ୍ରକାଶ ପୃଷ୍ଟି, ଜୟନାରାୟଣ ନାଏକ, ଫକୀର ସାହୁ, ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ଦୋଳନ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବାହାଘର, ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟଗତ ସମସ୍ୟା ଭଳି ଜରୁରିକାଳୀନ ସେବାରେ ନିୟୋଜିତ ଗାଡ଼ି ସହ ଦୁଇଚକିଆ ଯାନ ଚଳାଚଳ କରୁଥିଲା।

**ରେଢ଼ାଖୋଲରେ ଭାଜପାର ଆନ୍ଦୋଳନ**

**ରେଢ଼ାଖୋଲ,(ଡି.ଏନ.ଏ.):** ରେଢ଼ାଖୋଲଠାରେ ଭାଜପା ପକ୍ଷରୁ ସକାଳ ୧୦ ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚକାଜାମ୍ ଆନ୍ଦୋଳନ କରାଯାଇଥିଲା। ସ୍ଥାନୀୟ ଭୀମଭୋଇ ଛକରେ ଭାଜପା ନେତା ପ୍ରତାପ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରମୋଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଗଡତିଆ, ରାମାନୁଜ ମହାପାତ୍ର, ରାଜେନ୍ଦ୍ର ବୈଠାରୁ, ନରେନ୍ଦ୍ର ମଲ୍ଲିକଙ୍କ ସମେତ ବହୁ ନେତା ଆନ୍ଦୋଳନରେ ସାମିଲ ହୋଇଥିଲେ। ବନ୍ଦ ପାଳନକୁ ନେଇ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

**କୁଚିଣ୍ଡାରେ ରାଜପଥ ଅବରୋଧ**

**କୁଚିଣ୍ଡା, (ଡି.ଏନ.ଏ.):** ଚାଷୀ ସମସ୍ୟା ନେଇ କୁଚିଣ୍ଡା ଭାଜପା ପକ୍ଷରୁ ସକାଳ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଚକା ଜାମ୍ କରାଯାଇଥିଲା। କୁଚିଣ୍ଡା ବଜାର ସମ୍ମୁଖ ଏନ୍‌ଏଚ୍-୨୦୦, ଝୁଲେନ ପୋଲ ଉପରେ ଦଳୀୟ ନେତା, କର୍ମୀମାନେ ରାସ୍ତା ଅବରୋଧ କରି ବସିରହିଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। କୁଚିଣ୍ଡା ବଜାର ସମ୍ମୁଖରେ ଭାଜପା ବ୍ଲକ କମିଟି ପକ୍ଷରୁ ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପଟେଲ, ଜିଲା ପରିଷଦ ସଭ୍ୟା ମମତା ପଟେଲ, ସନ୍ତୋଷ ପଟେଲ, ଝୁଲେନ ପୋଲଠାରେ କାହ୍ନୁଚରଣ ନାୟକ, ସୁଶୀଲ କର, ପୂର୍ବତନ ବିଧାୟକ ରବିନାରାୟଣ ପ୍ରମୁଖ ସାମିଲ ହୋଇଥିଲେ।

## ଭାଜପାର ରାସ୍ତାରୋକୋ

**ଲଖନପୁର, ୧୩।୨(ଡି.ଏନ.ଏ)**

ଚାଷୀଙ୍କ ଧାନବିକ୍ରି ସମସ୍ୟା ନେଇ ଭାଜପା ତରଫରୁ ଶନିବାର ଝାରସୁଗୁଡା ଜିଲା ଝାରସୁଗୁଡା ନିର୍ବାଚନମଣ୍ଡଳୀର ପ୍ରସନ୍ନ ପଣ୍ଡା ଛକ ଓ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଲଖନପୁର ବ୍ଲକ ପଞ୍ଚଗାଁ ଛକରେ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନେଶ ଜୈନଙ୍କ ନେତୃତ୍ୱରେ ପ୍ରସନ୍ନ ପଣ୍ଡା ଛକରେ ରାସ୍ତା ଅବରୋଧ ଯୋଗୁ ୪୯ନଂ. ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏହି ଆନ୍ଦୋଳନରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ପଣ୍ଡା, ମଣ୍ଡଳ ସଭାପତି ନେତାଜୀ ପଟ୍ଟନାୟକ, ନରେଶ ନାୟକ, ବିମଳେନ୍ଦୁ ଭୋଳ ପ୍ରମୁଖ ସାମିଲ ଥିଲେ। ପଞ୍ଚଗାଁ ଛକରେ ଭାଜପା ଜିଲା ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ରାସ୍ତାରୋକୋ ହୋଇଥିଲା। ଏଥିରେ ଏମ୍‌ପିଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ଚକାନନ ସା, ସୁଦାମ ପ୍ରଧାନ, ସଞ୍ଜୟ କୁମାର ଭୋଇ, କୁନ୍ଦନ ସିଂଦେଓ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭାଜପାର ରାଜପଥ ଅବରୋଧ

**ଦେବଗଡ଼/ରିଆମାଳ/ବାରକୋଟ, ୧୩।୨ (ଡି.ଏନ୍.ଏ.)**

କୃଷି ସମ୍ବନ୍ଧୀୟ ସମସ୍ୟାର ସମାଧାନ ଦାବିରେ ଜିଲା ଭାଜପା ପକ୍ଷରୁ ତିନି ଘଣ୍ଟିଆ ଚକାଜାମ ଆନ୍ଦୋଳନ କରାଯାଇଥିଲା । ଶନିବାର ପୂର୍ବାହ୍ନ ୧୦ଟାରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୁରୁଣାଗଡ ସ୍ଥିତ ପେଟ୍ରୋଲ ପମ୍ପ ଛକଠାରେ ୪୯ ଓ ୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ଆନ୍ଦୋଳନରେ ନଗର ଭାଜପା ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ପୂର୍ବତନ ନଗର ସଭାପତି ରମଣୀକାନ୍ତ ଦାସ, ମୋତିଲାଲ ଶର୍ମା, ସରୋଜ କୁମାର ପାଢୀ, ରଞ୍ଜନ ଦ୍ୱିବେଦୀ, ରମଣୀ ରଞ୍ଜନ ଆଚାର୍ଯ୍ୟ, ସନ୍ତୋଷ କୁମାର ଭୁତିଆ, ସୁରଜ ଘଡେଇ, ସୁଧିର କୁମାର ପ୍ରଧାନ, ପ୍ରତାପ କୁମାର ପଣ୍ଡା, ଜଗନ୍ନାଥ ବେହେରା, ପ୍ରଶାନ୍ତ କୁମାର ଦେବ, ଡୋଳାମଣି ସୁହୁଲା ଓ ଶତ୍ରୁଘ୍ନ ପାତ୍ର ପ୍ରମୁଖ ଭାଜପା ନେତା ଓ କର୍ମୀ ଅଂଗ୍ରହଣ କରିଥିଲେ । ତିଲେଇବଣିରେ ଭାଜପା ନେତା ବିମ୍ବାଧର ସାହୁଙ୍କ ନେତୃତ୍ୱରେ ଜାତୀୟ ରାଜପଥ ଓ ଧୋବଲିପଥର ଛକଠାରେ ଯୋଗିନ୍ଦ୍ର ସାହୁଙ୍କ ନେତୃତ୍ୱରେ ବହୁ ଭାଜପା କର୍ମୀ ରାଂଚି-ବିଜୟୱାଡା ରାସ୍ତାରେ ଧାନବସ୍ତା ରଖି ରାସ୍ତାରୋକୋ ଆନ୍ଦୋଳନ କରିଥିଲେ । ବାରକୋଟ ବ୍ଲକ ସଦର ମହକୁମା ସ୍ଥିତ ମୁଖ୍ୟ ଛକଠାରେ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ବାରକୋଟ ବ୍ଲକ ଉପାଧ୍ୟକ୍ଷ ହରମୋହନ ପାଣ୍ଡି ଏବଂ କଣ୍ଢେଳ ଠାରେ ଜିଲା ଭାଜପା ଉପସଭାପତି ବିରଂଚି ବେହେରାଙ୍କ ନେତୃତ୍ୱରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ ।

# ବିକାଶରେ ପାପା କେହେତେ ହେଁ କାର୍ଯ୍ୟକ୍ରମ

**ସମ୍ବଲପୁର,୧୩।୨(ବ୍ୟୁରୋ)**

ପାପା କେହେତେ ହେଁ କାର୍ଯ୍ୟକ୍ରମ ଶନିବାର ସମ୍ବଲପୁର ଶାସନସ୍ଥିତ ବିକାଶ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିକାଶ ସମୂହ ଶିକ୍ଷାନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ଏକାଡେମୀ ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣା, ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, କ୍ୟାମ୍ପ ଏକାଡେମୀ ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା ଯୋଗଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ନବମ ଶ୍ରେଣୀ ଛାତ୍ରୀ ସାଏନା ମହାପାତ୍ର ପ୍ରଥମ, ବେନି ରାଜ



କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରୁଛନ୍ତି ।

ଦ୍ୱିତୀୟ ଏବଂ ତନିଶା ଧର ଓ ଦଶମ ଶ୍ରେଣୀ ଛାତ୍ରୀ ମାନବୀ ମିଶ୍ର ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଥିଲେ। ସୂଚନାଯୋଗ୍ୟ ଯେ, ଗୁନ୍ନମ ରାମଚନ୍ଦ୍ର ରାଓଙ୍କ ୨୫ତମ ଶ୍ରାଦ୍ଧବାର୍ଷିକ ଅବସରରେ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା।

# ଆନ୍ତଃ ବିଭାଗୀୟ କ୍ରୀଡ଼ା ଟୁର୍ନାମେଣ୍ଟ ଉଦ୍‌ଯାପିତ

**ସମ୍ବଲପୁର, ୧୩।୨ (ବ୍ୟୁରୋ)**

ପୂର୍ବତଟ ରେଲବାଇ କ୍ରୀଡା ସଂଗଠନ ଆୟୋଜିତ ଆନ୍ତଃ ବିଭାଗୀୟ କ୍ରୀଡା ଟୁର୍ନାମେଣ୍ଟ- ୨୦୨୧ ଶନିବାର ରେଲବାଇ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ୍‌ଭିଏସ୍ଏସ୍ ପାତ୍ରୁଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ। କ୍ରିକେଟ ମ୍ୟାଚରେ ବିଦ୍ୟୁତ୍ ପରିଚାଳନା ଦଳ ଚାମ୍ପିୟନ ଓ ଇଞ୍ଜିନିୟରିଂ ଦଳ ରନର୍ସଅପ୍ ଟ୍ରଫି ହାସଲ କରିଥିଲେ। ଭଲିବଲରେ ବିଦ୍ୟୁତ୍ ବିଭାଗ ଚାମ୍ପିୟନ ହୋଇଥିଲା। ବ୍ୟାଡ୍‌ମିଣ୍ଟନ ଡବଲରେ ଏ ଚକ୍ରବର୍ତ୍ତି ଓ ଏମ୍ ଖାନ ଚାମ୍ପିୟନ, ଚନ୍ଦନ ମିଶ୍ର ଓ ଏ ଜେନା ଯୋଡି ରନର୍ସ ଅପ୍ ଟ୍ରଫି ହାସଲ କରିଥିଲେ।

## କ୍ଲଷ୍ଟରସ୍ତରୀୟ ୟୁଥ୍ ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ

**ନାକଟିଦେଉଳ,୧୩।୨(ଡି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ଚାଲିଥିବା କ୍ଲଷ୍ଟରସ୍ତରୀୟ ୟୁଥ୍ ରେଡ଼କ୍ରସ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ନାକଟିଦେଉଳ, କିସିଣ୍ଡା, ବାଟଗାଁ କଲେଜର ୧୬ ସ୍ୱେଚ୍ଛାସେବୀ ଓ ୪ ସଂଯୋଜକ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀଙ୍କୁ ଏଡ୍‌ସ, ରକ୍ତଦାନ, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷାସମ୍ପର୍କିତ ତାଲିମ ଦିଆଯାଇଥିଲା। ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କିସିଣ୍ଡା ଥାନା ଆଇଆଇସି ଚିରଞ୍ଜନ ନାଏକ ମୁଖ୍ୟଅତିଥି, ରେଢାଖୋଲ ଭୀମଭୋଇ କଲେଜର ୟୁଥ୍ ରେଡ଼କ୍ରସ ସଂଯୋଜକ ଅଞ୍ଜନ କୁମାର ମିଶ୍ର ମୁଖ୍ୟବକ୍ତା ଓ ଯୁକ୍ତ ୨ ଅଧ୍ୟକ୍ଷ କନ୍ଦର୍ପ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ମହାମାୟୀଙ୍କ ବାର୍ଷିକ ପୂଜା ଉଦ୍‌ଯାପିତ

**ନାକଟିଦେଉଳ,୧୩।୨(ଡି.ଏନ.ଏ.)**

ନାକଟିଦେଉଳ ମେଡ଼ିକାଲ ଛକସ୍ଥିତ ମା' ମହାମାୟୀଙ୍କ ମନ୍ଦିରରେ ଚାଲିଆସୁଥିବା ବାର୍ଷିକ ପୂଜା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମହିଳା ଭକ୍ତମାନେ ସ୍ଥାନୀୟ ଟିକିରା ଓ ଚମ୍ପାଳି ନଦୀର ସଙ୍ଗମ ସ୍ଥଳରୁ କଳସରେ ପାଣି ଉଠାଇ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଆସି ସ୍ଥାପନ କରିଥିଲେ। ପରେ ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ପୂଜା ଓ ହୋମ କାର୍ଯ୍ୟ ଆୟୋଜିତ ହୋଇଥିଲା। କର୍ତ୍ତା ଭାବେ ନିରଞ୍ଜନ ପ୍ରଧାନ ଓ ସବିତା ପ୍ରଧାନ ଦାୟିତ୍ୱ ସମ୍ପନ୍ନ କରିଥିବା ବେଳେ ଧୀରେନ କୁମାର ପଣ୍ଡା ପୁରୋହିତ କାର୍ଯ୍ୟ କରିଥିଲେ। ମନ୍ଦିର ବେଢାରେ ଶ୍ରଦ୍ଧାଳୁମାନେ ପୁରାଣ ପାଠ ଓ ନାମସଂକୀର୍ତ୍ତନ କରିଥିଲେ।

## ବଣିଆଁକିଲିଣ୍ଡା କ୍ରିକେଟ: ନୀଳବେରେଣୀ ସାହି ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଦେବଗଡ଼,୧୩।୨(ଡ଼ି.ଏନ୍.ଏ.)**

ଦେବଗଡ ଜିଲା ବଣିଆଁକିଲିଣ୍ଡା ବ୍ରହ୍ମଣୀଦେବୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ନୀଳବେରେଣୀ ସାହି ଓ ମୋହିନୀପୁର ମଧ୍ୟରେ ହୋଇଥିଲା। ନୀଳବେରେଣୀ ସାହି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭୮ ରନ୍ ସଂଗ୍ରହ କରିଥିଲା। ଜବାବରେ ମୋହିନୀପୁର ଦଳ ସମସ୍ତ ଉଇକେଟ ହରାଇ ୬୫ ରନ୍ କରି ପରାଜିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ବାମଣ୍ଡା ରାଣୀ ଅରୁନ୍ଧତି ଦେବୀ ଯୋଗଦେଇ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁବାସିନୀ ଦେହୁରୀ, ଜିଲାପରିଷଦ ସଭ୍ୟା ବୃନ୍ଦାବତୀ ଭୋଇ, ଭାଜପା ଜିଲା ସାଧାରଣ ସମ୍ପାଦକ ଧରଣୀଧର ସାହୁ, ସ୍ଥାନୀୟ ସରପଞ୍ଚ ଜୁଗେଶ ଉଦାବର ମଞ୍ଚାସୀନ ଥିଲେ ।

## ଆତଙ୍କ ଟ୍ରଫି କ୍ରିକେଟ: କଟାପାଲି ବରଗଡ଼ ଚାମ୍ପିୟନ



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି ଅତିଥି।

**ରେଢାଖୋଲ,୧୩।୨ (ଡି.ଏନ.ଏ.)**

ଗତ ୭ ତାରିଖରୁ ଚାଲିଥିବା ୨୭ତମ ଆତଙ୍କ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଆତଙ୍କ କ୍ରିକେଟ ଟିମ୍‌କୁ ହରାଇ କଟାପାଲି ବରଗଡ ଚାମ୍ପିୟନ ହୋଇଛି। ବରଗଡ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୮୩ରନ ସଂଗ୍ରହ କରିଥିଲା। ଜବାବରେ ଆତଙ୍କ ଟିମ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୬୪ ରନ କରି ମ୍ୟାଚ ହାରିଯାଇଥିଲା। ମ୍ୟାଚକୁ ମହମ୍ମଦ ଇସାକ ଓ ପ୍ରଭଞ୍ଜନ ବଳ ପରିଚାଳନା କରିଥିଲେ। ସୁମିତ ରାୟ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଘୋଷିତ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ବ୍ଲକ ଅଧ୍ୟକ୍ଷା କବିତା ପ୍ରଧାନ, ଏନ୍ଏସି ଉପାଧ୍ୟକ୍ଷ ସୁନୀଲ କୁମାର, ନଗର ବିଜେଡି ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନ, କାଉନସିଲର ଜ୍ଞାନରଞ୍ଜନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଟିମ୍‌ର ସଭାପତି ଶୁକଦେବ ପୁଲେଇ, ସମ୍ପାଦକ ସୁଶାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ମୋନିକା ମୃତ୍ୟୁ ରହସ୍ୟ ଉନ୍ମୋଚନ ଦାବିରେ ଥାନା ଘେରାଉ

**ବ୍ରଜରାଜନଗର, ୧୩।୨(ଡି.ଏନ.ଏ.)**

ବ୍ରଜରାଜନଗର ଥାନା ଲମତିବାହାଲ କ୍ୟାମ୍ପ ଛକରେ ଘଟିଥିବା ମୋନିକା ଯୋଶୀ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ ଦାବିରେ ଶନିବାର ଅଞ୍ଚଳବାସୀ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଥାନା ଘେରାଉ କରିଥିଲେ। ରେଳ ବିଭାଗ ପୋଲିସ ଏଥିରେ ତତ୍ପରତା ଦେଖାଉ ନ ଥିବାବେଳେ ସ୍ଥାନୀୟ ପୋଲିସ ଏହାର ସତ୍ୟାସତ୍ୟ ଉନ୍ମୋଚନ କରୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ମର୍ମରେ ସେମାନେ ସ୍ଥାନୀୟ ଏସ୍‌ଡିପିଓ ଦିଲୀପ ଦାସଙ୍କୁ ଏକ



ଥାନା ସମ୍ମୁଖରେ ଲୋକଙ୍କୁ ବୁଝାଶୁଝା କରୁଛନ୍ତି ଏସ୍‌ଡିପିଓ।

ଦାବିପତ୍ର ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜିଆର୍‌ପି ପୋଲିସ ସହ ମିଶି ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ପଦକ୍ଷେପ ନିଆଯିବ ବୋଲି ଏସ୍‌ଡିପିଓ ପ୍ରକାଶ କରିଛନ୍ତି। ଘେରାଉରେ ମୃତକଙ୍କ ମାଆ, ବାପା, ଭାଇ ସାମିଲ ଥିଲେ। ମୋ ଝିଅକୁ ନ୍ୟାୟ ମିଳୁ ବୋଲି ବାପା ସୁରେଶ ଯୋଶୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ମୋନିକା ଗତ ୧୦ ତାରିଖରେ ଘରୁ ବାହାରି ପ୍ରଥମେ ଏକ କମ୍ପ୍ୟୁଟର ଦୋକାନ ଓ ବ୍ରଜରାଜନଗର ରେଳ ଷ୍ଟେଶନ ଅଭିମୁଖେ ଯାଇଥିଲେ। ପରେ ସେ ଟ୍ରେନରେ ଝାରସୁଗୁଡା ଅଭିମୁଖେ ଯାଇଥିବା ସିସି ଟିଭି ଫୁଟେଜରୁ ଜଣାପଡିଛି। ତେବେ ୧୧ ତାରିଖରେ ତାଙ୍କର କ୍ଷତବିକ୍ଷତ ମୃତଦେହ ଇବ୍ ଷ୍ଟେଶନ ପାଖରୁ ମିଳିଥିଲା।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ବାଗମୁଣ୍ଡା ଚାମ୍ପିୟନ

**ଲଖନପୁର,୧୩।୨(ଡି.ଏନ.ଏ.)**

ଲଖନପୁର ବ୍ଲକ ଜୁନିଏନ ଗ୍ରାମ ଖେଳପଡିଆରେ ଗାଁ ଫୁଟ୍‌ବଲ ଟିମ୍ ତରଫରୁ ୨ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଲଖନପୁର ପୋଲିସକୁ ୧-୦ଗୋଲରେ ହରାଇ ବାଗମୁଣ୍ଡା ଚାମ୍ପିୟନ ହୋଇଛି। ଆୟୋଜକଙ୍କ ତରଫରୁ ବିଜେତା ବାଗମୁଣ୍ଡା ଦଳକୁ ଚାମ୍ପିୟନ ଟ୍ରଫି ସହ ୭ହଜାର ଟଙ୍କା ଓ ଉପବିଜେତା ଲଖନପୁର ପୋଲିସ ଦଳକୁ ରନର୍ସ ଟ୍ରଫି ସହ ୫ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ମହେନ୍ଦ୍ର ବର୍ଗଡ଼ା, ମହମ୍ମଦ ସରୋଜ, ରାଜେଶ ହାତୀ, ଗିରିଶ ପ୍ରଧାନ ପ୍ରମୁଖ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଲଖନପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ମୁଖ୍ୟଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ଆଲୋକ ତ୍ରିପାଠୀ, ସୁରେନ୍ଦ୍ର ଜୟସ୍ୱାଲ, ଗୋଲାପି ଭୋଇ, କୈଳାସ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ହନୁମାନ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଲହୁଣୀପଡା (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକଛକ ସ୍ଥିତ ଓଁ ଶ୍ରୀଶ୍ରୀ ସଙ୍କଟ ମୋଚନ, ଶିବ, ସାଇ ମନ୍ଦିରର ନବମ ବାର୍ଷିକ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହାର ପ୍ରଥମ ଦିନରେ ଗୁରୁବାର କଳସ ଶୋଭାଯାତ୍ରା ଓ ସନ୍ଧ୍ୟାରେ ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ହୋମଯଜ୍ଞ ଓ ନାମଯଜ୍ଞ, ଶନିବାର ପୂର୍ଣ୍ଣାହୂତି ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଯଜ୍ଞରେ ବୈଦ୍ୟନାଥ ରାୟ ଓ ତାଙ୍କ ସହଧର୍ମିଣୀ ବିମଳା ଦେବୀ ଓ ନାମଯଜ୍ଞରେ ରିଙ୍କୁ ଚୌଧୁରୀ ଓ ତାଙ୍କ ସହଧର୍ମିଣୀ ରୁବି ଚୌଧୁରୀ କର୍ତ୍ତା ଦାୟୀତ୍ୱ ତୁଲାଇଥିଲେ। ପଣ୍ଡିତ ଗୋପାଳ ଝା, ସୀତାରାମ ଝା ଓ ନାମଯଜ୍ଞରେ ସୁନ୍ଦରମଣୀ ଦାସ ଯଜ୍ଞ ସଞ୍ଚାଳନ କରିଥିଲେ ।

## ଆଜି କ'ଣ କେଉଁଠି

ରାଉରକେଲା

- ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ପ୍ରତିବାଦ ଦିବସ, ଭଞ୍ଜଭବନ, ପୂର୍ବାହ୍ନ ୧୦ଟା।।
- କ୍ଲିନ୍ ଆଣ୍ଡ ଗ୍ରୀନ ତରଫରୁ ସଫେଇ କାର୍ଯ୍ୟକ୍ରମ, ହନୁମାନ ବାଟିକା ଛକ, ସକାଳ ୭ଟା।
- ମାସିକ ସାହିତ୍ୟ ଆସର ଗୀତି କବିତା ପାଠ, ସେକ୍ଟର-୭ ଇସ୍ପାତ ସାହିତ୍ୟ ସଂସଦ, ଅପରାହ୍ନ ୫ଟା।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ବାଇକ ଚାଳକ ମୃତ

ବାଲିଶଙ୍କରା, ୧୩।୨ (ଡି.ଏନ.ଏ): କିଞ୍ଜିରକେଲା ଥାନା ଅନ୍ତର୍ଗତ ଅଲାପକା ପଞ୍ଚାୟତ ନିକଟରେ ରାସ୍ତା କଡରେ ଥିବା ଗଛରେ ଧକ୍କା ଦେବାରୁ ବାଇକରେ ଥିବା ଯୁବକ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ବାଲିଶଙ୍କରା ଗ୍ରାମର ଚନ୍ଦନିମାଲ ପଡାର ଗୋବିନ୍ଦ ଚନ୍ଦ୍ର ଟପ୍ପୋ (୧୮) ଓଆର ୧୬ ଡି- ୭୯୫୨ ବାଇକ୍ ଯୋଗେ ସନ୍ଧ୍ୟା ୬ଟାରେ ଅଲାପକା ଗ୍ରାମରୁ ବାହାରି ନିଜ ଘର ବାଲିଶଙ୍କରା ଚନ୍ଦଲିମାଲକୁ ଆସୁଥିଲେ । କିନ୍ତୁ ଭାରସାମ୍ୟ ହରାଇ ଗଛରେ ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା । ଶନିବାର ପୋଲିସକୁ ଖବର ଦେବାକ୍ଷଣି ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଓ ବାଇକକୁ ଜବତ କରି ବ୍ୟବଚ୍ଛେଦ ପରେ ଘରକୁ ହସ୍ତାନ୍ତର କରାଯାଇଛି ଓ ପୋଲିସ ଅଧିକ ତଦନ୍ତ ଚଳାଇଛି ।

### ପୋଖରୀରେ ବୁଡି ମୃତ୍ୟୁ

ରାଜଗାଙ୍ଗପୁର, ୧୩।୨ (ଡି.ଏନ.ଏ): ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଭଗତଟୋଲା ଗ୍ରାମ ନିବାସୀ ରାମ କିଣ୍ଡୋ (୫୩) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସବୁଦିନ ପରି ବିଲ କାମ ସାରି ଘରକୁ ଫେରିବା ବାଟରେ ଘରପାଖ ପୋଖରୀରେ ଧୁଆଧୋଇ ହୋଇ ସ୍ୱାମୀସ୍ତ୍ରୀ ଘରକୁ ଯାଇଥାଆନ୍ତି । ଗତ ଶୁକ୍ରବାର ସନ୍ଧ୍ୟାରେ ସ୍ତ୍ରୀ ଧୁଆ ଧୋଇ ହୋଇ ଘରକୁ ଆଗ ଚାଲି ଯାଇଥିଲେ । ରାମ କିଣ୍ଡୋ ପଛରେ ଯିବି ବୋଲି କହିଥିଲେ । ବହୁ ସମୟ ଧରି ଘରକୁ ନ ଫେରିବାରୁ ସ୍ତ୍ରୀ ଏଣେ ତେଣେ ଖୋଜାଖୋଜି କରିଥିଲେ । ଡେରି ରାତିରେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବାର ଦେଖିଲେ । ଏହି ଖବର ନିକଟସ୍ଥ କାଂସବାହାଲ ଫାଣ୍ଡିକୁ ଜଣାଇଥିଲେ । ପୋଲିସ ଓ ଗ୍ରାମବାସୀ ମୃତଦେହ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଶନିବାର ସକାଳୁ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ

ରାଉରକେଲା ଅଫିସ,୧୩।୨: ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଓ ମହାପ୍ରୟାଣ ସେବାକୁ ଶନିବାର ଉଦଘାଟନ କରିଛନ୍ତି। ସେକ୍ଟର-୨୦ ସ୍ଥିତ ରାଇଜିଙ୍ଗ କ୍ଲବ ପକ୍ଷରୁ ଏହି ସେବା ଆରମ୍ଭ କରାଯାଇଛି। ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଗୋଟିଏ ଆମ୍ବୁଲାନ୍ସ ଓ ଗୋଟିଏ ମହାପ୍ରୟାଣ ଗାଡି ପ୍ରଦାନ କରାଯାଇଛି। ଏହାଦ୍ୱାରା ସହରରେ ବସବାସ କରୁଥିବା ବୃଦ୍ଧ, ଭିନ୍ନକ୍ଷମଙ୍କ ସହ ଜରୁରୀକାଳିନ ରୋଗୀ ଉପକୃତ ହେବେ । ରାଇଜିଙ୍ଗ କ୍ଲବର ବରିଷ୍ଠ କର୍ମକର୍ତ୍ତା ଶିଶିର ସାହୁଙ୍କ ନେତୃତ୍ୱରେ ବିଜେଡିର ସୁଧୀର ସୁନ୍ଦର ରାୟ, ଆର୍ତ୍ତ ମହାରଣା, ସୁମନ ଦତ୍ତ, ପ୍ରହ୍ଲାଦ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜକ ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଝିରପାଣିରେ ଲକ୍ଷ୍ମୀକୃପା ସ୍ୱାସ୍ଥ୍ୟ ଶିକ୍ଷାକେନ୍ଦ୍ର

ରାଉରକେଲା ଅଫିସ,୧୩।୨: ଝିରପାଣି ସ୍ଥିତ ଡେହୁରୀ ମାର୍କେଟ ପରିସରରେ ଲକ୍ଷ୍ମୀକୃପା ସ୍ୱାସ୍ଥ୍ୟ ଶିକ୍ଷାକେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଶିକ୍ଷାକେନ୍ଦ୍ରକୁ ଝିରପାଣି ସରପଞ୍ଚ ପ୍ରଭା ଖାଲକୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଡିଏମ୍‌ଏଲଟି, ଏକ୍ସରେ ଶିକ୍ଷା, ଅପରେଶନ କୌଶଳ, ପିଜିସିଆନ ସହାୟକ, ଇସିଜି ଟେକ୍ନିସିଆନ ପ୍ରମୁଖ ପାଠ୍ୟକ୍ରମରେ ଡିପ୍ଲୋମା ଶିକ୍ଷା ସହ ଉପଯୁକ୍ତ ପ୍ରାକ୍ଟିକାଲ ଶିକ୍ଷା ପ୍ରଦାନ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ପରିଚାଳକ କରେଶ କୁମାର ବେହେରା କହିଛନ୍ତି।

# ବିକାଶ ନାଁରେ କେବଳ ଧୂଆଁବାଣ

## ସୁନ୍ଦରଗଡ଼ ଭାଜପାର ଅଭିଯୋଗ

କୁଆଁରମୁଣ୍ଡା,୧୩।୨(ଡି.ଏନ.ଏ)

ଗତ ପ୍ରାୟ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେଲା ସୁନ୍ଦରଗଡ଼ ଜିଲାକୁ ରାଜ୍ୟ ମନ୍ତ୍ରୀମଣ୍ଡଳର କେତେଜଣ ମନ୍ତ୍ରୀ ଓ ବିଧାୟକଙ୍କ ସୁଅ ଛୁଟୁଛି। ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାକୁ ଆଗାମୀ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତକୁ କିଭଳି ପୂର୍ଣ୍ଣ ସଫଳତା ମିଳିବ। ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସୁନ୍ଦରଗଡ଼ ଜିଲା ପାଇଁ ବହୁ ମେଗା ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦଘାଟନ କରିବା ପରିପ୍ରେକ୍ଷୀରେ ଜିଲାବାସୀଙ୍କର ବିଶ୍ୱାସଭାଜନ ପାଇଁ ପ୍ରଚେଷ୍ଟା କରୁଛନ୍ତି। କିନ୍ତୁ ଅପରପକ୍ଷେ ୨୦୦୯ ମସିହାରେ କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମ ପରିସରରେ ୨୨ଏକରରୁ ଊର୍ଦ୍ଧ୍ୱ ଜାଗାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶିଳାନ୍ୟାସ କରିଥିଲେ। ହେଲେ ଶିଳାନ୍ୟାସ କରିବାର ୧୨ ବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ସ୍ଥାନରେ ମେଡିକାଲ କଲେଜ ନିର୍ମାଣ ନିମନ୍ତେ ଖଣ୍ଡିଏ ଇଟା ପଡ଼ିନାହିଁ। ଅନ୍ୟପକ୍ଷରେ ଉକ୍ତ ଜମିକୁ ଚଞ୍ଚକତା କରି ରାଜ୍ୟ ସରକାର ମହାବୀର ଫେରୋ ଆଲଏଜ ନାମକ ଏକ ଶିଳ୍ପ ସଂସ୍ଥାକୁ ଇଡକୋ ମାଧ୍ୟମରେ ଅଳ୍ପ ମୂଲ୍ୟରେ ଟେକି ଦେଇଛନ୍ତି। ମାତ୍ର ସ୍ଥାନୀୟ ଲୋକଙ୍କର ପ୍ରବଳ ବିରୋଧ ଯୋଗୁ ସମ୍ପୃକ୍ତ ଶିଳ୍ପସଂସ୍ଥା ସରକାରୀ ନିର୍ଦ୍ଧାରିତ ସମୟ ଅବଧି ଭିତରେ ଉକ୍ତ ଜମିକୁ ଅଧିଗ୍ରହଣ କରି ନ ପାରିବାରୁ ତାହା ଏବେ ଖାରଜ ହୋଇ ପଡିରହିଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରି କେବଳ ସ୍ଥାନୀୟ ଆଦିବାସୀମାନଙ୍କୁ ସ୍ୱପ୍ନ ଦେଖାଇ ଭୂଆଁ ବୁଲାଉଛନ୍ତି ବୋଲି ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ସହ ରାଜ୍ୟ ଭାଜପା ମୁଖପାତ୍ର ଧୀରେନ୍ ସେନାପତି, ବରିଷ୍ଠ ନେତା ସଞ୍ଜୀବ ପ୍ରତାପ ସିଂଦେଓ, ଜିଲା ଭାଜପା ସମ୍ପାଦକ ଶଙ୍କର ପୂଝାରୀ, ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ ପ୍ରମୁଖ କୁଆଁରମୁଣ୍ଡା ସରକାରୀ ଡାଏରୀଫାର୍ମ ଗସ୍ତ କରି ଉପରୋକ୍ତ ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ ଏହିଭଳି ଅନେକ ଉନ୍ନୟନମୂଳକ ପ୍ରକଳ୍ପ ବିଶେଷକରି କୋଏଲ ଓ ଇବ୍ ନଦୀରେ ବ୍ୟାରେଜ୍, କୋଏଲ ନଦୀ ଚତୁଃପାର୍ଶ୍ୱରେ ରିଂରୋଡ, ରାଉରକେଲାରେ ଜାଭିୟର ଇନଷ୍ଟିଚ୍ୟୁଟ୍,ଆରଏମସି ମାର୍କେଟ କମ୍ପ୍ଲେକ୍ସ, ଟ୍ରାନ୍ସପୋର୍ଟ ନଗର ଆଦି କେବଳ ଶିଳାନ୍ୟାସ ଓ ପ୍ରତିଶ୍ରୁତିରେ ଅଟକି ରହିଥିବା ନେଇ ଭାଜପା କାର୍ଯ୍ୟକର୍ତ୍ତାମାନେ ଏହି ଅବସରରେ ଅଭିଯୋଗ କରିଛନ୍ତି।

# ଲୁଟେରା ଗ୍ୟାଙ୍ଗ୍‌ର ୩ ଗିରଫ



ଜବତ ହୋଇଥିବା ବାଇକ୍ ।

ରାଉରକେଲା ଅଫିସ,୧୩।୨

ରଘୁନାଥପାଲି ପୋଲିସ ଲୁଟେରା ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ରାଉରକେଲା ବାସନ୍ତୀ କଲୋନୀ ଆମ୍ବେଡ଼କର ବସ୍ତିର ରାଜା ପାତ୍ର(୨୧), ଅଙ୍ଗଦ କୁମାର ଶର୍ମା(୨୮) ଏବଂ ବିକି ନାଗେଶ(୨୨)। ସେମାନଙ୍କଠାରୁ ୭ଟି ବାଇକ, ୨ଟି ମୋବାଇଲ ଜବତ ହୋଇଛି।

ପୋଲିସ ସୂଚନା ଅନୁସାରେ, ଛେଣ୍ଡ କଲୋନୀର ସତ୍ୟ ନାରାୟଣ ପଣ୍ଡାଙ୍କର ଏଫ୍‌ସିଆଇ ରୋଡ଼ ନିକଟରେ ପାନଦୋକାନ ଅଛି। ଗତ ୧୨ ତାରିଖ ସକାଳ ୯ଟାରେ ସତ୍ୟନାରାୟଣ ପାନଦୋକାନକୁ ଏକ ସ୍କୁଟି (ନଂ.ଓଡି୧୪ସି/୯୫୧୬) ଯୋଗେ ଆସିଥିଲେ। ସେ ସ୍କୁଟିକୁ ଏଫ୍‌ସିଆଇ ବସ୍ତି ରାସ୍ତାକରେ ରଖିଥିବାବେଳେ ଏହି ୩ଜଣ ଲୁଟେରା ସ୍କୁଟିକୁ ନେଇ ଫେରାର ହୋଇଯାଇଥିଲେ। ସେହିପରି ଉକ୍ତ ଦିନ ଗାଡେନବାର ଓ ମ୍ୟୁନିସିପାଲ କଲେଜ ସମ୍ମୁଖରୁ ମୋବାଇଲ ଲୁଟ୍ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ରଘୁନାଥପାଲି ଥାନାଧିକାରୀ ବିଜୟ କୁମାର ବିହାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ବାସନ୍ତୀ କଲୋନୀ ସ୍ଥିତ ଆମ୍ବେଡକର ବସ୍ତିରୁ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# କଟକଣା ଲଗାଇଲେ ମାନବାଧିକାର କମିଶନ

ସୁନ୍ଦରଗଡ଼, ୧୩।୨ (ଡି.ଏନ୍.ଏ) : ବଲିଙ୍ଗା –ଟପରିଆ ରାସ୍ତାରେ ଗାଁ ମଝିରେ କୋଇଲା ପରିବହନ ବନ୍ଦ ଦାବିରେ ଅଞ୍ଚଳବାସୀଙ୍କ ତରଫରୁ ଚାଲିଥିବା ଆନ୍ଦୋଳନ ୨୬ଦିନରେ ପହଞ୍ଚିଛି। ଏହି ରାସ୍ତାରେ ଆସନ୍ତା ଏପ୍ରିଲ ୫ତାରିଖ ପର୍ଯ୍ୟନ୍ତ କୋଇଲା ପରିବହନ ଓ ଖାଲିଯାନ ଚଳାଚଳ ବନ୍ଦ ରଖିବାକୁ ଓଡିଶା ମାନବ ଅଧିକାର କମିଶନ ସୁନ୍ଦରଗଡ ଜିଲା ପ୍ରଶାସନକୁ ନୋଟିସ ଜାରି କରିଛନ୍ତି। ହେମଗିର ବ୍ଲକ ତରନପୁରର ରାଜେନ୍ଦ୍ର କୁମାର ନାଏକଙ୍କ ସମେତ ଗୋପାଳପୁର, ଡୁମୁଲିଆ, ଟପରିଆ, କୁଚେଡେଗା, ଝାରପଲମ ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ବଲିଙ୍ଗା –ଟପରିଆ ରାସ୍ତାରେ ଏମସିଏଲ କୁଲଡା ଖୋଲାମୁହଁ କୋଇଲାଖଣିରୁ ପଡୋଶୀ ଛତିଶଗଡ ରାଜ୍ୟ ରାୟଗଡ ଜିଲାକୁ ହେଉଥିବା କୋଇଲା ପରିବହନ ଯୋଗୁ ଭୟଙ୍କର ପରିବେଶ ପ୍ରଦୂଷଣ ସୃଷ୍ଟି ହେଉଛି। ମାନବଅଧିକାର ଗୁରୁତର ଉଲ୍ଲଙ୍ଘନ ହେଉଥିବା ନେଇ ମାନବଅଧିକାର କମିଶନଠାରେ ଅଭିଯୋଗ ହୋଇଥିଲା। ଓଡିଶା ରାଜ୍ୟ ମାନବ ଅଧିକାର କମିଶନ ଜଷ୍ଟିସ ବିଜୟ କୃଷ୍ଣ ପଟେଲ ଏହି ଅଭିଯୋଗ ପିଟିସନକୁ ବିଚାରକୁ ନେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସମ୍ବଲପୁର, ଜିଲାପାଳ ସୁନ୍ଦରଗଡ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ଙ୍କୁ ରିପୋର୍ଟ ଦାଖଲ ପାଇଁ ନୋଟିସ କରିଛନ୍ତି।

# ରାତି ୧୨ ଯାଏ ଶବ୍ଦ ପ୍ରଦୂଷଣ

ବେଦବ୍ୟାସ, ୧୨।୨ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ ସିଂଟୋଲାରେ ତିନି ଦିନ ହେବ ସନ୍ଧ୍ୟା ୬ଟାରୁ ରାତ୍ର ୧୨ଟା ପର୍ଯ୍ୟନ୍ତ ରାତ୍ରକାଳୀନ କ୍ରିକେଟ ମ୍ୟାଚରେ ମାଇକ ବ୍ୟବହାର କରାଯାଇ ଶବ୍ଦ ପ୍ରଦୁଷଣ କରାଯାଉଥିବା ଅଭିଯୋଗ ହେଉଛି। ଶବ୍ଦ ପ୍ରଦୂଷଣ ଉପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଗାଇଡ଼ ଲାଇନ ରହିଛି ଯେ, ରାତ୍ର ୧୦ଟା ପରେ କୌଣସି ଶବ୍ଦ ପ୍ରଦୂଷଣ କରାଯାଇପାରିବ ନାହିଁ। ମାତ୍ର ଏଠାରେ ତାହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଫଳରେ ସ୍ଥାନୀୟ ଲୋକେ ଦିନସାରା ବିଭିନ୍ନ ପରିଶ୍ରମ କରି ଥକ୍କା ହୋଇ ରାତ୍ରରେ ଶାନ୍ତିରେ ଶୋଇପାରୁନାହାନ୍ତି। ନିକଟରେ ଜନବସତି ରହିଛି । ରାତି ୧୨ଟା ପର୍ଯ୍ୟନ୍ତ ଲୋକଙ୍କ ଯାତାୟତ ଓ କୋଳାହଳ ହେଉଛି । କରୋନା ମହାମାରୀ ସଂକ୍ରମଣରେ କଟକଣା ସମ୍ପୂର୍ଣ୍ଣ ଭାବରେ ଉଠି ନାହିଁ । ଏଭଳି ପରିସ୍ଥିତିରେ ରାତ୍ରକାଳୀନ କ୍ରିକେଟ ମ୍ୟାଚକୁ କିଭଳି ପ୍ରଶାସନ ଅନୁମତି ପ୍ରଦାନ କରିଛନ୍ତି ତାହା ସାଧାରଣରେ ଚର୍ଚ୍ଚା ହେଉଛି । ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ପୋଲିସ ପ୍ରଶାସନକୁ ସୂଚନା ଦେଲାପରେ ମଧ୍ୟ ପୋଲିସ ଜାଣି ନ ଜାଣିଲା ଭଳି ରହୁଛି । କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ବଂର ସହଯୋଗ କରୁଥିବା ଅଭିଯୋଗ ହେଉଛି । ଦାଉ ସାଧୁଛି ସାଧାରଣ ଜନତାଙ୍କ ଉପରେ। ଯାହାର ଉଦାହରଣ ଗତ ବୁଧବାର ସ'ମିଲ ଛକ ସ୍ଥିତ ଏକ ହୋଟେଲକୁ ରାତ୍ର ସାଢ଼େ ୧୦ଟା ବେଳେ ବିଳମ୍ବିତ ରାତ୍ର ଦର୍ଶାଇ ତାଲା ପକାଇ ସିଲ କରିବା ସହ ହୋଟେଲ ମାଲିକଙ୍କ ପ୍ରତି ଜୁଲୁମ ଦେଖାଇଥିଲେ। ହେଲେ ବେଦବ୍ୟାସ ଅଞ୍ଚଳର ନିର୍ଦ୍ଦିଷ୍ଟ କିଛି ଢ଼ାବା ରାତ୍ର ସାଢ଼େ ୧୨ଟା ପର୍ଯ୍ୟନ୍ତ ଖୋଲା ରହୁଛି। ସିଂଟୋଲା ରାତ୍ର କ୍ରିକେଟ ମ୍ୟାଚ ଓ ସ'ମିଲ ଛକ ସ୍ଥିତ ହୋଟେଲ ମାଲିକଙ୍କ ପ୍ରତି ଜୁଲୁମ ବିଷୟରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ କିଶୋର ବିଶ୍ୱାଳଙ୍କୁ ପଚାରିବାରୁ ସେ ଏ ସମସ୍ତ ଅଭିଯୋଗ ବିଷୟରେ କିଛି ଜାଣି ନାହିଁ । ଅଭିଯୋଗ ହସ୍ତଗତ ହେଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

# ରାଉରକେଲାରେ ଏମ୍ସ ଶାଖା, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି

ରାଉରକେଲା ଅଫିସ,୧୩।୨

ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲା ଗସ୍ତ କରୁଛନ୍ତି। ଏହି ସମୟରେ ସେ ରାଉରକେଲାରେ ଏମ୍ସର ଏକ ଶାଖା ପ୍ରତିଷ୍ଠା ପାଇଁ ଘୋଷଣା କରିବାକୁ ସ୍ଥାନୀୟ ଆଇନଜୀବୀମାନେ ଦାବି କରିଛନ୍ତି। ଏହାସହିତ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସାଧାରଣ ବିଶ୍ୱବିଦ୍ୟାଳୟ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରନ୍ତୁ ବୋଲି ରାଉରକେଲା ଆଇନଜୀବୀଙ୍କ ପକ୍ଷରୁ ଦାବି ହୋଇଛି। ଫଳରେ ରାଉରକେଲାର ଅନେକ ମେଧାବୀ ଛାତ୍ରୀଛାତ୍ର ଅନ୍ୟ ରାଜ୍ୟକୁ ନ ଯାଇ ଏଠାରେ ସୁବିଧାରେ ଉଚ୍ଚଶିକ୍ଷା ପାଇପାରିବେ। ସେହିପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ଅଭାବ ଯୋଗୁ ସାଧାରଣ ଲୋକମାନେ ସେବା ପାଇପାରୁନାହାନ୍ତି। ଅଧିକାଂଶ କର୍ମଚାରୀ, ଅଫିସର ରାଉରକେଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାମ କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଅଲ ଇଣ୍ଡିଆ ଆଇନଜୀବୀ ୟୁନିୟନ ପକ୍ଷରୁ ଉପଦେଷ୍ଟା ସୁଜନ ପାଣି, ଗିରିଶ ମହାପାତ୍ର, ଏମ୍. ମାଲେଶ୍ୱରମ୍, ସତ୍ୟବ୍ରତ ଓଝା, ରାମପ୍ରସାଦ ପଟ୍ଟନାୟକ, ଅରିନ୍ଦମ ଦତ୍ତ, ଚନ୍ଦ୍ରଭାନୁ ଦାସ ପ୍ରମୁଖ କହିଛନ୍ତି।

# ଛାତ୍ରୀଛାତ୍ରଙ୍କ ଉନ୍ନତିରେ ଅଭିଭାବକ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା ଅଫିସ,୧୩।୨

ରାଉରକେଲା ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ଜୀବନରେ ଉନ୍ନତି ପାଇଁ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ଗୋଟିଏ ତ୍ରିଭୂଜ ହେଲେ ଗୋଟିଏ କୋଣରେ ଛାତ୍ର, ଅନ୍ୟ ଦୁଇ କୋଣରେ ଅଭିଭାବକ ଓ ଶିକ୍ଷକ ରହିଲେ ଛାତ୍ର ଜୀବନରେ ସଫଳତା ପାଇଥାଏ ବୋଲି ଗଣଶିକ୍ଷା ମନ୍ତ୍ରୀ ଦାଶ ମତପ୍ରକାଶ କରିଥିଲେ। ଚଳିତବର୍ଷ ବିଳମ୍ବରେ ବିଦ୍ୟାଳୟ ଗୁଡ଼ିକ ଖୋଲିଥିବାବେଳେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ନିଜ ସ୍କୁଲରେ ଆଗାମୀ ଦିନରେ ମାଟ୍ରିକ ପରୀକ୍ଷା ଦେବେ। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ପରୀକ୍ଷା ଦର୍ପଣ ପୁସ୍ତକ ସହ ସମସ୍ତ ପ୍ରକାର ଶିକ୍ଷା ବ୍ୟବସ୍ଥାକୁ କିଭଳି ତ୍ୱରାନିତ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ପାଇଁ ଶିକ୍ଷାମନ୍ତ୍ରୀ ଦାଶ ଆହ୍ୱାନ ଦେଇଥିଲେ। ବୈଠକରେ ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଓସେପା ନିର୍ଦ୍ଦେଶିକା ରାଜଶ୍ରୀ ପଟ୍ଟନାୟକ, ବିଶ୍ରା ବିଇଓ ପ୍ରଜ୍ଞାପାରମିତା ଜେନା, ପୁଷ୍ପଲତା ମଲ୍ଲିକ, ଶକୁନ୍ତଳା କିଷାନ, ବିଜୟ ମହାନ୍ତି, ପ୍ରଫୁଲ୍ଲ ଜେନା, କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ଆଲୁମିନି ସମ୍ପାଦକ ରାଜେଶ ବାନାର୍ଜୀ, ବିଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଉଦିତନଗର ହାଇସ୍କୁଲ ପରିସରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଗଣ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ।

# ସୁନ୍ଦରଗଡ଼ରେ ଚକାଜାମ୍ ଆନ୍ଦୋଳନ

ସୁନ୍ଦରଗଡ, ୧୩।୨(ଡି.ଏନ୍.ଏ.)

ଚାଷୀର ହକ୍ ଏବଂ ଧାନମଣ୍ଡିରେ ଅବ୍ୟବସ୍ଥା ପ୍ରତିବାଦରେ ସମଗ୍ର ପଶ୍ଚିମ ଓଡିଶାରେ ଭାଜପାର ୩ଘଣ୍ଟିଆ ଚକାଜାମ୍ ଯୋଗୁ ସୁନ୍ଦରଗଡରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଭାରତୀୟ ଜନତା ପାର୍ଟି ସୁନ୍ଦରଗଡ ସାଙ୍ଗଠନିକ ଜିଲା ତରଫରୁ ରାଜ୍ୟ ରାଜପଥ ନଂ.୧୦ ବିଜୁ ଏକ୍ସପ୍ରେସ ୱେ ଏବଂ ଅନ୍ୟ ମୁଖ୍ୟ ରାସ୍ତାଗୁଡିକରେ ୩ଘଣ୍ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଚକାଜାମ୍ କରାଯାଇଥିଲା। ବିଜୁ ଏକ୍ସପ୍ରେସ ୱେରେ ସ୍ଥାନୀୟ ରାଣୀବଗିଚା ବିଜୁ ପଟ୍ଟନାୟକ ଛକରେ ତଳସରା ବିଧାୟକ ତଥା ଜିଲା ଭାଜପା ସଭାପତି ଭବାନୀ ଶଙ୍କର ଭୋଇଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଚକାଜାମ୍ କରିଥିଲେ । ଏଥିରେ ସାଂସଦଙ୍କ ଜିଲା ପ୍ରତିନିଧି ବଟକିଶୋର ମିଶ୍ର, ବିଧାୟିକା କୁସୁମ ଟେଟେଙ୍କ ପ୍ରତିନିଧି ସୁରେନ୍ଦ୍ର ସ୍ୱର୍ଣ୍ଣକାର, ମହିଳା ନେତ୍ରୀ ଶାନ୍ତିଲତା ସରାଫ, କାନନବାଳା ବେହେରା, ଭେଷଜ ରଥ, ଜଗବନ୍ଧୁ ଭୋଇ ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇଥିଲେ । ପ୍ରଦୀପ ଚୌଧୁରୀଙ୍କ ନେତୃତ୍ୱରେ କିରେଇ ଛକ, ଟାଙ୍ଗରପାଲି ମଣ୍ଡଳ ସଭାପତି ଦୁବରାଜ ନାଏକଙ୍କ ନେତୃତ୍ୱରେ ବାଲିଯୋରି ଛକ, ସୁଜିତ ପଟେଲଙ୍କ ନେତୃତ୍ୱରେ ସବଡେଗା ଛକ, ଉତ୍ସବ ତନ୍ତୀଙ୍କ ନେତୃତ୍ୱରେ ବାଲିଶଙ୍କରା, ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜାମପାଲି ବାଇପାସ ଛକ ଠାରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ତଥା ବିଧାୟକ ପ୍ରାର୍ଥୀ ନରସିଂହ ମିଞ୍ଜଙ୍କ ନେତୃତ୍ୱରେ ଚକାଜାମ ହୋଇଥିଲା । ଏହି ଚକାଜାମ୍ ଆନ୍ଦୋଳନରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଅଜୟ ପଟେଲ , ଉମାଶଙ୍କର ପଟେଲ, ଯଶୋବନ୍ତ ନାଏକ, ଦିନେଶ କର, ରାଜକୁମାର ପଟେଲ, ଉପାଧ୍ୟାୟ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ଅଶୋକ ଲାକ୍ରା, ସ୍ନେହଲତା ବେଜି, ବୈକୁଣ୍ଠ ବନଛୋର, ଲତିକା ପଟ୍ଟନାୟକ, ଅଞ୍ଜନା ପଟେଲ ପ୍ରମୁଖ ସାମିଲ ଥିଲେ। ବଡଗାଁ ବ୍ଲକ ଅଫିସ ସମ୍ମୁଖ ରାଜ୍ୟ ରାଜପଥ– ୧୦କୁ ବଡଗାଁ ମଣ୍ଡଳ ଭାଜପା ପକ୍ଷରୁ ୩ ଘଣ୍ଟା ଅବରୋଧ କରାଯାଇଥିଲା । ବରିଷ୍ଠ ନେତା ରଞ୍ଜନ ପଟେଲ, ଉପାଧ୍ୟାୟ ପାଣିଗ୍ରାହୀ, ବସନ୍ତ ସାହୁଙ୍କ ସହିତ ଜିଲା ପରିଷଦ ସଭ୍ୟ ଅଶୋକ ଲାକ୍ରା, ସ୍ନେହଲତା ବେଜି, ସମିତି ସଭ୍ୟ ଶିଶିର ରାଉତରାୟ, ମଣ୍ଡଳ ସଭାପତି ବାବୁଲି କର୍ସେଲ, ଦିଲୀପ ସେନାପତି, ଦେବେନ୍ଦ୍ର ଦାସ ପ୍ରମୁଖ କର୍ମୀ ଏବଂ କର୍ମକର୍ତ୍ତାମାନେ ରାସ୍ତା ଅବରୋଧ ଏବଂ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

PARADIP PORT TRUST
e-TENDER CALL NOTICE
Name of the work : "Upkeeping of ADB Railway Yard (from ATBK Level Crossing to RSS) for the year 2021 - 22".Estimated cost : Rs.72, 12,071.82. Last Date & time of submission: dt.03/03/2021 upto 17.00 Hrs. Refer our Website for details https://eprocure.gov.in/eprocure/app
Executive Engineer(PRD)
PPT/PR/408/20-21, Dt.13/02/2021

PARADIP PORT TRUST
e-TENDERING NOTICE
No. EM/MM/P/MISC/01/2021/22
Date: 08/02/2021
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/ authorized dealers for supply of **Contactless High Security Smart Cards**. The last date and time of submission of the tender is 17.15 Hours on Dt. 26.02.2021. For details log on to website: https://eprocure.gov.in/eprocure/app.
Sr. Dy. Materials Manager
PPT/PR/400/20-21 Dt. 13/02/2021

RAJENDRA UNIVERSITY, BALANGIR
NO. 447/RU Date: 13.02.2021
ADMISSION NOTICE
Applications are invited for admission into the following vacant seats of 3 years Integrated B.Ed-M.Ed Course (Self financing) for the session 2020-23. The last date for submission of application duly filled in with requisite documents is 22.02.2021.
SC Category - 07, ST Category - 09,
Unreserved - 04, Total = 20
(N.B.: In case of non-availability of suitable candidates from reserve categories, such vacant seats shall be dereserved and shall be filled up from candidates from unreserved category).
For prospectus, application form and other details, please visit the website: **www.rajendracollege.nic.in**.
Sd./- Registrar
Rajendra University, Balangir

THE KOSALA SCHOOL, Estd. - 1979
ENGLISH MEDIUM RESIDENTIAL PUBLIC SCHOOL
At: Nuakhairpali, P.O.- Larasara, Via: Attabira, Dist.- Bargarh, PIN - 768027
E-mail: thekosalaschool1979@gmail.com, Website: www.thekosalaschool.in
Mob.: 6371537828 / 6371532877 / 6370708544
KOSALA ENTRANCE TEST 2021-2022
- Admissions open for Classes UKG to Std.-IX for **BOARDERS ONLY**.
- Interested candidates are to appear entrance test in English, Mathematics and General Awareness on the 28th February or 7th March 2021.
- Entrance Test will be conducted by strictly adhering to Covid-19 safety guidelines.
- Candidates qualified in Entrance Test will get admission strictly on merit basis.
- Enquiry time over Phone - 10.00 A.M. to 2.00 P.M.
- Entrance Test Timings - 10.30 A.M. to 12.30 P.M.
- Selling of Admission forms will start from 10th Feburary 2021.

Sd./- (Director-cum-Principal)

ODISHA CONSTRUCTION CORPORATION LIMITED
BHUBANESWAR, ODISHA
PIN: 751012, Tel No.(0674) 2562020, e-Mail: theoccltd@odishaconstruction.com
GSTIN- 21AAACO2571K2ZM
"e" Procurement Notice No- 32/OCCL/2020-21 (on-line)
Type of Work – Cement Concrete Lining
Total Nos of Works- 02 (Two) Nos. No.CAD-1263

| Sl. No. | Bid Identification No. | Period of completion | Amount put to tender (approx) (Rs. in lakhs) | Bid security (Rs. in lakhs) | Availability of tender (online) | Submission of tender (online) |
|---|---|---|---|---|---|---|
| 01 | OCCL-LISP/01/2020-21 | 18 (Eighteen) calendar months | Rs.5288.56 lakhs | Rs.52.89 lakhs | From 15.02.2021, 10.00 A.M. to 01.03.2021 upto 5.30 P.M. | From 15.02.2021, 10.00 A.M. to 01.03.2021 upto 5.30 P.M. |
| 02 | OCCL-LISP/02/2020-21 | 11 (Eleven) calendar months | Rs.705.75 lakhs | Rs.7.06 lakhs | From 15.02.2021, 10.00 A.M. to 01.03.2021 upto 5.30 P.M. | From 15.02.2021, 10.00 A.M. to 01.03.2021 upto 5.30 P.M. |

**Procurement Officer – Managing Director, Odisha Construction Corporation Limited.** Date of Opening of the Technical Bid: **02.03.2021, 12.00 Noon**. Further details can be seen from the e-procurement portal: https://www.tendersodisha.gov.in
OIPR-34120/11/0007/2021 Managing Director, OCCL

GOVERNMENT OF ODISHA
OFFICE OF THE SUPERINTENDING ENGINEER,
CENTRAL CIRCLE, RURAL WORKS, BHUBANESWAR No.O-1074
"e" Procurement Notice for Road Works under State Plan & RIDF for the year 2020-21

| | | | |
|---|---|---|---|
| 1. | Name of the Work | : | Road Works under State Plan & RIDF for the year 2020-21 |
| 2. | Total No. of works | : | 3 No. of Road Works |
| 3. | Estimated Cost of the Package | : | Varies from Rs.235.96 lakhs to Rs.372.21 lakhs |
| 4. | Class of Contractor | : | Estimated cost more than Rs.40.00 lakhs & up to Rs. 3.00 Crores-B class & A Class Estimated cost more than Rs.3.00 Crores & up to Rs. 6.00 Crores- A class & Special Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | |
|---|---|---|---|---|---|
| | | From | To | Technical bid | Financial bid |
| 1 | 2 | 3 | 4 | 5 | 6 |
| Superintending Engineer, Central Circle, Rural Works, Bhubaneswar | Tender- Online- C.C.- 02 of 2021 | 17.02.2021 at 11.00 A.M. | 08.03.2021 Upto 5.00 P.M. | 09.03.2021 at 11.00 A.M. | 16.03.2021 at 11.00 A.M. |

Further details can be seen from the web site www.tendersorissa.gov.in.
Superintending Engineer, Central Circle, Rural Works, Bhubaneswar
OIPR-25082/11/0009/2021

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS CIRCLE, SAMBALPUR
Tel.: 0663-2548268, E-mail ID: serwcirclesbp@yahoo.com
Bid Identification No. Bridge Tender Online - RWCSBP - 14, No. 289 Dated: 11.02.2021
No. O-1086: The Superintending Engineer Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for 01 (One) No. of Bridge work.

| Sl. No. | Name of Work | Approximate estimated cost put to tender excluding of GST in lakhs (Figure appearing in DTCN is final) | Concerned E.E. with Headquarters | Security Amount (in lakhs) (Online) (Figure appearing in DTCN is final) | Cost of Bid Document (Rs.) (Online) | Class of Bidder | Period of Completion (including rainy, summer & festival) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of over Arkhei nallah at 4th Km on Nilagundia to Chandrapur via Pathuriapal village under Inter District Inter Block Connectivity scheme for the year 2021-21 in the district of Deogarh. | 362.65 | Executive Engineer, Rural Works Division, Deogarh | 3.63 | 10,000/- (Online) | A & Special | 18 (Eighteen) Calendar months |
| Mode of submission of tender | | Tender should be submitted only online in website **www.tendersorissa.gov.in (https://tendersodisha.gov.in)** | | | | | |

* Further details can be seen from the e-procurement portal **www.tendersorissa.gov.in (https//tendersodisha.gov.in)**.

Summary of key dates are provided below:

| Procurement Officer | Bid Identification No. | Availability of Tender Online for bidding | | Last date & time for seeking clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sambalpur | Bridge Tender Online - RWCSBP-14 | 18.02.2021 from 11.00 A.M. | 04.03.2021 upto 4.00 P.M. | 03.03.2021 upto 4.00 P.M. | 06.03.2021 at 11.00 A.M. | Will be intimated later |

* Subsequent modification/corrigendum/addendum if required shall appear in website only.
* The amount put to bid is exclusive of GST.

**OIPR-25091/11/0017/2021** Superintending Engineer, Rural Works Circle, Sambalpur

**୮.୬୮୦ ଗ୍ରାମ ବ୍ରାଉନସୁଗାର ଜବତ**

ନୟାଗଡ ଅଫିସ/ରଣପୁର,(ସ୍ୱ.ପ୍ର.): ନୟାଗଡ ଜିଲା ରଣପୁର ଥାନା ପୋଲିସ କୋଟଗଡ ଘାଟିର ଖିଲାମୁଣ୍ଡା ମନ୍ଦିର ନିକଟରୁ ୮.୬୮୦ ଗ୍ରାମ ବ୍ରାଉନସୁଗାର ଶନିବାର ଅପରାହ୍ଣରେ ଜବତ କରିଛି । ଏହି ଘଟଣାରେ ସୁନାଖଳା ବଣିଆସାହିର ପ୍ରଣବ ଦୋରା(୨୯)ଙ୍କୁ ପୋଲିସ ଗିରଫ କରିଛି । ପ୍ରଣବ ଛଣଗିରିରୁ ବ୍ରାଉନସୁଗାର ଆଣି ସୁନାଖଳାରେ ବିକ୍ରି କରିବାକୁ ବାଇକ୍‌ରେ ଆସୁଥିଲାବେଳେ ପୋଲିସ ହାତରେ ଧରା ପଡିଥିଲେ ।



**ସଂକ୍ଷେପରେ**

## ନିୟମ ଉଲ୍ଲଂଘନ କରିବାରୁ ପେଟ୍ରୋଲ ପମ୍ପ ସିଲ୍

ମାଲକାନଗିରି,୧୩।୨(ଡି.ଏନ୍.ଏ.): ମାଲକାନଗିରି ଜିଲା ଯୋଗାଣ ବିଭଗ ପକ୍ଷରୁ ଶନିବାର ଜିଲା ସଦର ମହକୁମାରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ଯାଞ୍ଚ କରାଯାଇଥିଲା। ଏହି ସମୟରେ ନିୟମ ଉଲ୍ଲଂଘନ କରିଥିବାରୁ ଏକ ପେଟ୍ରୋଲ ପମ୍ପକୁ ସିଲ ପ୍ରଶାସନ ସିଲ୍ କରିଥିଲା। ନିୟମ ଅନୁଯାୟୀ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ୨ ଚକିଆ ଯାନକୁ ବିନା ହେଲମେଟରେ ପେଟ୍ରୋଲ ନ ଦେବାକୁ କୁହାଯାଇଥିଲା। ମାତ୍ର ଯାଞ୍ଚ ବେଳେ ଗନ୍ଧିପାଲିସ୍ଥିତ ସାନ ଫିଲିଙ୍ଗ ଷ୍ଟେସନର ପେଟ୍ରୋଲ ପମ୍ପ ଏହି ନିୟମକୁ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଥିଲା। ବିନା ହେଲମେଟ୍‌ରେ ବାଇକ୍ ଚାଳକଙ୍କୁ ପେଟ୍ରୋଲ ପମ୍ପ ପକ୍ଷରୁ ପେଟ୍ରୋଲ ମିଳୁଥିଲା। ଫଳରେ ଏହି ପେଟ୍ରୋଲ ପମ୍ପକୁ ସିଲ୍ କରାଯାଇଥିଲା। ବିଭାଗ ପକ୍ଷରୁ ଏଣିକି ପ୍ରତ୍ୟେହ ଯାଞ୍ଚ କରାଯିବ। ନିୟମ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ କହିଛନ୍ତି। ଏହି ଚଢାଉରେ ଜିଲା ଯୋଗାଣ ଅଧିକାରୀ ରଥଙ୍କ ସମେତ କର୍ମଚାରୀମାନେ ସାମିଲ ହୋଇଥିଲେ।

# ରାଜ୍ୟରେ ୭୫୯ ଜଳ ଯୋଗାଣ ପ୍ରକଳ୍ପ ଅସମ୍ପୂର୍ଣ୍ଣ

- ଗ୍ରୀଷ୍ମ ଆରମ୍ଭରୁ ଜଳଯନ୍ତ୍ରଣା ଭୋଗିବେ ଗ୍ରାମାଞ୍ଚଳବାସୀ
- ଠିକାଦାରଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରିବା ପାଇଁ ନିର୍ଦ୍ଦେଶ
- ଯାଜପୁର ଜିଲାରେ ଅସମ୍ପୂର୍ଣ୍ଣ ପ୍ରକଳ୍ପ ସଂଖ୍ୟା ସର୍ବାଧିକ

ଯାଜପୁର ଅଫିସ,୧୩।୨

ଜାନୁୟାରୀ ୨୦୨୧ ସୁଦ୍ଧା ରାଜ୍ୟରେ ୭୫୯ ପାଇପ୍ ଜଳ ଯୋଗାଣ (ପିଡବ୍ଲ୍ୟୁଏସ୍) ପ୍ରକଳ୍ପ ନିର୍ମାଣ ଅସମ୍ପୂର୍ଣ୍ଣ ରହିଛି । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍ଏସ୍) ବିଭାଗର ୩୨ଟି ଡିଭିଜନରେ ଏପରି ଅବ୍ୟବସ୍ଥା ସୃଷ୍ଟି ହୋଇଛି । ସେଥିମଧ୍ୟରୁ ଯାଜପୁର ଡିଭିଜନରେ ସର୍ବାଧିକ ୯୫ ପ୍ରକଳ୍ପ ରହିଛି। ନିର୍ଦ୍ଧାରିତ ଅବଧି (୬ ମାସରୁ ୧ ବର୍ଷ) ଅତିକ୍ରାନ୍ତ ହୋଇ ସାରିଥିଲେ ବି ଉପରୋକ୍ତ ପ୍ରକଳ୍ପ କାମ ସରିନାହିଁ । ଏହାକୁ ନେଇ ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିୟମ ଭଙ୍ଗ କରିଥିବା ସମ୍ପୃକ୍ତ ଠିକାଦାରମାନଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରିବାକୁ ସେ ବିଭାଗୀୟ ସମସ୍ତ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ଚୁକ୍ତି ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

ଆଉ କିଛିଦିନ ମଧ୍ୟରେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଆରମ୍ଭ ହେବା ସମ୍ଭାବନା ରହିଛି । ଖରା ବଢ଼ିଲେ ଜଳ ସଙ୍କଟ ଦେଖାଦେବ । ଗ୍ରାମାଞ୍ଚଳର ନଦୀ, ପୋଖରୀ, କୂଅ ଓ ନଳକୂପର ଜଳସ୍ତର ହ୍ରାସ ପାଇବ। ଏପରି ପରିସ୍ଥିତିର ମୁକାବିଲା ପାଇଁ ସରକାର ଉପରୋକ୍ତ ପାନୀୟ ଜଳ ପ୍ରକଳ୍ପ କାମ ଜାନୁୟାରୀ ୨୦୨୧ ସୁଦ୍ଧା ଶେଷ କରିବାକୁ ନିଷ୍ପତ୍ତି ନେଇଥିଲେ । ହେଲେ ନିର୍ଦ୍ଧାରିତ ସମୟ ଭିତରେ ପ୍ରକଳ୍ପ କାମ ଶେଷ ନ ହେବା ବିଭାଗୀୟ ବିଫଳତାକୁ ସ୍ପଷ୍ଟ କରିଛି । ଅନ୍ୟପକ୍ଷେ ଗ୍ରାମାଞ୍ଚଳ ଲୋକଙ୍କୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଯୋଜନା ଫେଲ୍ ମାରିବ ବୋଲି ଆଶଙ୍କା କରାଯାଉଛି । ଅଧିକାଂଶ ସମୟରେ ବିଭାଗୀୟ ଅଧିକାରୀମାନେ ନିଜ ପ୍ରତିଶ୍ରୁତି ପାଳନ କରୁ ନ ଥିବାରୁ ସାଧାରଣ ଲୋକଙ୍କ ପାଖରେ ରାଜ୍ୟ ସରକାର ଅପଦସ୍ଥ ହେଉଛନ୍ତି ବୋଲି ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଭୂତଳ ଜଳ ପୁନଃଭରଣ ଯୋଜନାଗୁଡ଼ିକ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ସ୍ୱାଭାବିକ ଜଳସ୍ତର ନିମ୍ନଗାମୀ ହୋଇଥାଏ। ଫଳରେ ନଳକୂପଗୁଡ଼ିକରୁ ଲୋକଙ୍କ ଚାହିଦା ମୁତାବକ ପାଣି ମିଳି ନ ଥାଏ।


ଯାଜପୁର ଜିଲାର ଏକ ଜଳଯୋଗାଣ ପ୍ରକଳ୍ପ ପାଇଁ ପାଇପ୍ ବିଛାଇବା ପାଇଁ ମାଟିଖୋଳା ଚାଲିଛି।

ଏଥିପାଇଁ ପ୍ରତ୍ୟେକ ଗ୍ରାମାଞ୍ଚଳ ଲୋକେ କିପରି ପାଇପ୍ ଯୋଗେ ପାନୀୟ ଜଳ ପାଇପାରିବେ, ସେ ନେଇ ରାଜ୍ୟ ସରକାର ପିଡବ୍ଲ୍ୟୁଏସ୍ କାର୍ଯ୍ୟକାରୀ କରିଛନ୍ତି। ଗତ ୨ ବର୍ଷ ହେଲା ଏଥିପାଇଁ ଗୁରୁତ୍ୱାରୋପ କରାଯାଇଛି । ପ୍ରତି ଆରଡବ୍ଲ୍ୟୁଏସ୍ଏସ୍ ଡିଭିଜନରେ ବସୁଧା, ଜଳ ଜୀବନ ମିଶନ (ଜେଜେଏମ୍) ଓ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (ଆର୍‌ଆଇଡିଏଫ୍) ଯୋଜନାରେ ଶତାଧିକ ପିଡବ୍ଲ୍ୟୁଏସ୍ କାର୍ଯ୍ୟକାରୀ ହେଉଛି। ପିଡବ୍ଲ୍ୟୁଏସ୍ ପିଛା ପ୍ରାୟ ୫୦ ଲକ୍ଷରୁ ୨ କୋଟି ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀ ଓ ଠିକାଦାରଙ୍କ ଅବହେଳା ସହ ଆନ୍ତରିକତାର ଅଭାବ ଯୋଗୁ ପ୍ରକଳ୍ପଗୁଡିକ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏହି କ୍ରମରେ ଅନୁଗୋଳ ଡିଭିଜନରେ ୧୬, ଆଠଗଡରେ ୪, ବାଲେଶ୍ୱରରେ ୫୨, ବରଗଡ଼ରେ ୪୭, ବାରିପଦାରେ ୨୧, ବ୍ରହ୍ମପୁରରେ ୨୨, ଭଦ୍ରକରେ ୪୫, ଭଞ୍ଜନଗରରେ ୧୯, ଭୁବନେଶ୍ୱରରେ ୧୭, ବଲାଙ୍ଗୀରରେ ୬୦, ବୌଦ୍ଧରେ ୧, କଟକରେ ୨୭, ଦେବଗଡ଼ରେ ୧, ଢେଙ୍କାନାଳରେ ୧୩, ଗଜପତିରେ ୩, ଜଗତ୍‌ସିଂହପୁରରେ ୭, ଯାଜପୁରରେ ୯୫, କଳାହାଣ୍ଡିରେ ୫୦, ଫୁଲବାଣୀରେ ୪୮, କେନ୍ଦ୍ରାପଡ଼ାରେ ୩୭, କୋରାପୁଟରେ ୭, ମାଲକାନଗିରିରେ ୨, ନବରଙ୍ଗପୁରରେ ୩, ନୟାଗଡ଼ରେ ୫୦, ନୂଆପଡ଼ାରେ ୭, ପୁରୀରେ ୨୧, ରାଇରଙ୍ଗପୁରରେ ୯, ରାୟଗଡ଼ାରେ ୧୩, ରାଉରକେଲାରେ ୨୬, ସମ୍ବଲପୁରରେ ୧୦, ସୁବର୍ଣ୍ଣପୁରରେ ୨୩ ଓ ସୁନ୍ଦରଗଡ଼ ଡିଭିଜନରେ ୩ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି।

ଏହାବାଦ୍ ପୂର୍ବରୁ ନିର୍ମାଣ ହୋଇଥିବା ଅଧିକାଂଶ ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ଚାହିଦା ପୂରଣ କରିପାରୁ ନାହିଁ । ପ୍ରାୟ ୮୦% ସୌରଚାଳିତ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇପଡିଛି। କେତେକ ସ୍ଥାନରେ ପ୍ରକଳ୍ପ ଅଚଳ ରହୁଥିଲେ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନେ ସରକାରଙ୍କୁ ଭୁଲ ରିପୋର୍ଟ ଦେଇ ବିଭ୍ରାନ୍ତ କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡୀୟ ନିର୍ବାହୀଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ୍ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରି ନାହିଁ ।

## ସରକାରଙ୍କୁ ନିରଞ୍ଜନଙ୍କ ଟାର୍ଗେଟ

ଭୁବନେଶ୍ୱର,୧୩।୨(ବ୍ୟୁରୋ)

କୋଟିଆ ବିବାଦ ଦୀର୍ଘଦିନ ଧରି ଲାଗି ରହିଥିବା ବେଳେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ଯୋଗୁ କୋଟିଆ ଅଞ୍ଚଳରେ ଆନ୍ଧ୍ର ସରକାର ତାଙ୍କ ସ୍ୱତନ୍ତ୍ର ପୋଲିସ ବାହିନୀ ଏବଂ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ଉପସ୍ଥିତିରେ ନିର୍ବାଚନ କରିପାରିଲେ। ଏହାଠାରୁ ଅଧିକ ଦୁଃଖ ଆଉ ଦୁର୍ଭାଗ୍ୟ ଏ ରାଜ୍ୟ ପାଇଁ କ'ଣ ହୋଇପାରେ ବୋଲି ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଅତି କ୍ଷୋଭର ସହ ପ୍ରକାଶ କରିଛନ୍ତି। ଦୀର୍ଘ ୨ ମାସରୁ ଅଧିକ ସମୟ ଧରି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେଳେ କିଭଳି ରାଜ୍ୟ ସରକାରଙ୍କୁ କାଣିଚାଏ ବି ଖବର ମିଳିଲା ନାହିଁ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ରାଜ୍ୟର ମନ୍ତ୍ରୀମାନେ ତଥାକଥିତ ବାବୁମାନେ ସେ ଅଞ୍ଚଳ ଗ୍ରସ୍ତକରି ଏ ଦିଗରେ ବିହିତ ପଦକ୍ଷେପ କାହିଁକି ନେଲେ ନାହିଁ। ଏ ନିର୍ବାଚନକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ସେଠାରେ ପୋଲିସ ଫୋର୍ସ ଏବଂ ଅଧିକାରୀଙ୍କୁ କାହିଁକି ନିୟୋଜିତ କଲେ ନାହିଁ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।

# ଦେଶର ପ୍ରଥମ ସିଏନ୍‌ଜି ଟ୍ରାକ୍ଟର ଶୁଭାରମ୍ଭ

## ଗ୍ରାମାଞ୍ଚଳରେ ରୋଜଗାର ବଢ଼ିବ-ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ଦେଶର ପ୍ରଥମ ସିଏନ୍‌ଜି ଟ୍ରାକ୍ଟର ଶୁଭାରମ୍ଭ ହେବା ଯୋଗୁ ଚାଷୀମାନେ ନିଜ ଆୟକୁ ବୃଦ୍ଧି କରିବା ସହ ଗ୍ରାମାଞ୍ଚଳର ରୋଜଗାର ମଧ ବଢ଼ିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି କ୍ରମେ ଲକ୍ଷ୍ୟ ରଖାଯାଇଥିବା ଦେଶରେ ପ୍ରଦୂଷଣର ମାତ୍ରାକୁ ହ୍ରାସ କରାଯାଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ଶୁକ୍ରବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଉପସ୍ଥିତିରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରୀଙ୍କ ଦ୍ୱାରା ଦେଶର ପ୍ରଥମ ସିଏନ୍‌ଜି ଟ୍ରାକ୍ଟର ଶୁଭାରମ୍ଭ କରାଯିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ ସିଏନ୍‌ଜି ଚାଳିତ ଟ୍ରାକ୍ଟରଗୁଡିକର ବ୍ୟବହାର ଦ୍ୱାରା ଚାଷୀମାନେ ବାର୍ଷିକ ୧.୫ ଲକ୍ଷ ଟଙ୍କା ସଞ୍ଚୟ କରିପାରିବେ । ଟେକ୍ନୋଲୋଜି ଜରିଆରେ ପୁରୁଣା ଡିଜେଲ ଟ୍ରାକ୍ଟରକୁ ସିଏନ୍‌ଜିରେ ରୂପାନ୍ତରିତ କରାଯାଇଛି। ରୋମାଟ୍ ଟେକ୍ନୋସଲ୍ୟୁଶନ ଏବଂ ଟୋମାସେଟ୍‌ଆଟିଲେ ଇଣ୍ଡିଆ କମ୍ପାନୀ ସହଯୋଗରେ ଏହି ଟେକ୍ନୋଲୋଜିକୁ ବିକଶିତ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ପୁରୁଣା ଡିଜେଲ ଟ୍ରାକ୍ଟର ସିଏନ୍‌ଜିରେ ରୂପାନ୍ତରିତ ହେବ। ଫଳରେ ସ୍ୱଚ୍ଛ ଇନ୍ଧନ ଦ୍ୱାରା ପ୍ରଦୂଷଣ ହ୍ରାସ ପାଇବ। ଇଞ୍ଜିନରେ ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍ ହେବ। ସିଏନ୍‌ଜି ଶସ୍ତା ହୋଇଥିବା କାରଣରୁ ଚାଷୀମାନେ ଲାଭବାନ ହେବେ। ସିଏନ୍‌ଜି ଇନ୍ଧନ କାରଣରୁ ଟ୍ରାକ୍ଟର ନିରାପଦ ରହିବ। ପ୍ରଧାନମନ୍ତ୍ରୀଙ୍କ 'ୱେଷ୍ଟ ଟୁ ୱେଲଥ୍' ଦୃଷ୍ଟିକୋଣରେ ବାୟୋ ସିଏନ୍‌ଜି ପାଇଁ ନଡ଼ା ବ୍ୟବହୃତ ହୋଇଥାଏ। ଏହାଦ୍ୱାରା ଚାଷୀମାନେ ନଡ଼ାକୁ ସ୍ଥାନୀୟ ଅଞ୍ଚଳରେ ନଷ୍ଟ ନ କରି ବିକ୍ରି କରି ଅଧିକ ଲାଭବାନ ହୋଇପାରିବେ।

ସିଏନ୍‌ଜି ଉତ୍ପାଦନ ହେଉଥିବା କୃଷି ଅବଶିଷ୍ଟାଂଶକୁ ମଧ୍ୟ ବାୟୋ-ସିଏନ୍‌ଜି ୟୁନିଟ୍‌ରେ ବିକ୍ରୟ କରିବାକୁ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯିବ। ଆମେରିକା ଓ ଚାଇନା ପରେ ଭାରତ ତୃତୀୟ ଉର୍ଜା ଉପଭୋକ୍ତା ରାଷ୍ଟ୍ର । ବିଶ୍ୱ ଉର୍ଜା ହାରାହାରିରେ ଭାରତର ମୁଣ୍ଡପିଛା ଉର୍ଜା ବ୍ୟବହାର ଏକତୃତୀୟାଂଶ ରହିଛି। ଉର୍ଜା ଉପଭୋକ୍ତା ଭାବରେ ଭାରତ ଆଗାମୀ ଦିନରେ ପ୍ରଥମ ଦେଶ ହେବ ବୋଲି ଆକଳନ କରାଯାଇଛି। ଭାରତ ସରକାର ଅକ୍ଷୟ ଉର୍ଜା ଏବଂ ଜୈବ ଇନ୍ଧନ ଉପରେ ଏକ ନୂତନ ବିକଳ୍ପ ଉର୍ଜା ମଡେଲ ତିଆରି କରୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଭାଜପା ପ୍ରତିନିଧି ଦଳର କୋଟିଆ ଗସ୍ତ

- ବାଧ୍ୟବାଧକତାରେ ଓଡ଼ିଆ ଲୋକେ ଆନ୍ଧ୍ର ମୁହାଁ
- ସୀମାନ୍ତ ସୁରକ୍ଷା ସେଲ୍ ଗଠନ କରିବ ଭାଜପା

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା । ଗଭୀର ଭାବଗତ ସମ୍ପର୍କ ସତ୍ତ୍ୱେ ବାଧ୍ୟବାଧକତାରେ ଓଡ଼ିଆ ଲୋକେ ଆନ୍ଧ୍ର ମୁହାଁ ହୋଇଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଯେଉଁ ଅଞ୍ଚଳର ଲୋକ ଏହି ରାଜ୍ୟ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେମାନେ ଅସୁରକ୍ଷିତ । ୨୦୦୬ରେ ସୁପ୍ରିମକୋର୍ଟ କୋଟିଆ ଉପରେ ସ୍ଥିତାବସ୍ଥା ବଜାୟ ପାଇଁ ଆଦେଶ ଦେଲେ। କିନ୍ତୁ ଆନ୍ଧ୍ରପ୍ରଦେଶ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା ନ କରି ବିଗତ କିଛି ବର୍ଷ ଧରି ମନୋନୟନ ପ୍ରକ୍ରିୟାରେ ନିର୍ବାଚନ କରୁଥିବାବେଳେ ଚଳିତବର୍ଷ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ନିର୍ବାଚନ କରୁଛନ୍ତି । ବିଳମ୍ବରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅବୈଧ ନିର୍ବାଚନ ପ୍ରକ୍ରିୟାକୁ ବନ୍ଦ କରିପାରିଲେ ନାହିଁ । ଓଡ଼ିଶା ରାଜ୍ୟ ସରକାର, ଜିଲା ପ୍ରଶାସନ ଏବଂ ଗୋଇନ୍ଦା ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । କୋଟିଆ ଅଞ୍ଚଳରେ ବିକାଶ ପହଞ୍ଚିବାରେ ବିଫଳ ହୋଇଥିବାରୁ ଓଡ଼ିଶାର ସୀମାନ୍ତବର୍ତ୍ତୀ ଅଞ୍ଚଳର ଲୋକେ ଆନ୍ଧ୍ର ମୁହାଁ ହେଉଛନ୍ତି ବୋଲି ମହାନ୍ତି କହିଛନ୍ତି । ସ୍ୱାସ୍ଥ୍ୟ, ଶିକ୍ଷା, ବାସଗୃହ, ପାନୀୟ ଜଳ ଓ ରୋଜଗାରର ସୁବିଧା ଓଡ଼ିଶାରୁ ମିଳୁନାହିଁ । କେନ୍ଦ୍ର ସରକାରଙ୍କର ଚତୁର୍ଦ୍ଦଶ ଅର୍ଥ କମିଶନରେ ଆସିଥିବା ଅର୍ଥ ବିନିଯୋଗ ହୋଇନାହିଁ । ୨୦୧୮ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ ପରେ ହିଁ କୋଟିଆ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଓ ବିଏସ୍ଏନ୍ଏଲ ଟାୱାର ସ୍ଥାପନା ସମ୍ଭବ ହୋଇପାରିଛି । ବିବାଦୀୟ ପାଟସେନେରୀ ଗାଁରେ ୩୦ ଜଣ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ହିତାଧିକାରୀଙ୍କୁ ବିଗତ ୩ ବର୍ଷ ଧରି କାମର ପାରିଶ୍ରମିକ ମିଳିନାହିଁ । ଅବୈଧ ନିର୍ବାଚନ ପ୍ରକ୍ରିୟାକୁ ଆନ୍ଧ୍ରର ପ୍ରଶାସନିକ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଥିବାବେଳେ ଓଡ଼ିଶା ସରକାର କିମ୍ବା କୋରାପୁଟ ଜିଲା ପ୍ରଶାସନ ଅଧିକାରୀମାନେ ଆଦୌ ଆସୁ ନ ଥିବା ଗ୍ରାମବାସୀମାନେ ଅଭିଯୋଗ କରିଥିଲେ । ୪ ଦିନିଆ ଗସ୍ତରେ ଅବିଭକ୍ତ କୋରାପୁଟ ଓ ଗଞ୍ଜାମ ଜିଲାର ସୀମା ଅଞ୍ଚଳ ବୁଲି, ଆନ୍ଧ୍ର ଅବୈଧ ନିର୍ବାଚନ କରାଉଥିବା ଗାଁଗୁଡିକରେ ଗ୍ରାମବାସୀଙ୍କୁ ଏହି ବେଆଇନ ନିର୍ବାଚନରେ ସାମିଲ ନ ହେବା ପାଇଁ ଭାଜପା ପ୍ରତିନିଧି ଦଳ ଅନୁରୋଧ କରିଥିଲେ । ଆଉ ଗୋଟିଏ ଷଢେଇକଳା-ଖରସୁଆଁ ଘଟଣାର ପୁନରାବୃତ୍ତି ହେବାକୁ ଦେବନାହିଁ । ଏଥିପାଇଁ ଭାଜପା ପକ୍ଷରୁ ସୀମାନ୍ତ ସୁରକ୍ଷା ସେଲ୍ ଗଠନ କରାଯିବ ବୋଲି ମହାନ୍ତି ଘୋଷଣା କରିଛନ୍ତି । ଏହି ପ୍ରତିନିଧି ଦଳରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ବିଧାୟକ କେ.ନାରାୟଣ ରାଓ ଓ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ଓ ଜୟରାମ ପାଙ୍ଗୀ, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ରାଜ୍ୟ ମୁଖପାତ୍ର ବିରଞ୍ଚି ତ୍ରିପାଠୀ, କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ସୁରଥ ବିଶ୍ୱାଳ ଏବଂ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ସାମିଲ ଥିଲେ ।

## ଐତିହ୍ୟ ବାଇ-ଲ' ପ୍ରତ୍ୟାହାର ଦାବିରେ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି

ପୁରୁଣା ଭୁବନେଶ୍ୱର, ୧୩।୨(ଡି.ଏନ୍.ଏ.)

ପୁରୀ ଶ୍ରୀମନ୍ଦିର ଭଳି ଏକାମ୍ର କ୍ଷେତ୍ରରୁ ଏନ୍ଏମ୍ଏ ଐତିହ୍ୟ ବାଇ-ଲ ପ୍ରତ୍ୟାହାର କରିବା ପାଇଁ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ସଙ୍ଗଠନ ଓ ସେବାୟତଙ୍କ ପକ୍ଷରୁ ଦାବି ହେଉଛି। ଏହି ଉପନିୟମ ପ୍ରତ୍ୟାହାର ଦାବିରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଛି। ଏହା ପ୍ରତ୍ୟାହାର ନ ହେଲେ ଅନନ୍ତ ବାସୁଦେବ, ବ୍ରହ୍ମେଶ୍ୱର ମନ୍ଦିର ଏବଂ ବିଭିନ୍ନ ଐତିହ୍ୟ ମନ୍ଦିର ବିକାଶ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି ବୋଲି ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକ ଏଥିରେ ଦର୍ଶାଇଛନ୍ତି।

# ଚଳନ୍ତା ବସ୍‌ରେ ଲାଗିଲା ନିଆଁ

## ବର୍ତ୍ତିଗଲେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ


ଜଳୁଥିବା ବସ୍।

ରାୟଗଡ଼ା ଅଫିସ,୧୩।୨

ନବରଙ୍ଗପୁର ଜିଲାରୁ ଗଞ୍ଜାମ ଜିଲାକୁ ଯାଉଥିବା ଯାତ୍ରୀବାହୀ ବସ୍ 'ବର୍ଷାରାଣୀ'ରେ ଶୁକ୍ରବାର ରାତିରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ରାୟଗଡ଼ାଠାରୁ ୪କି.ମି. ଦୂର ସିରିକଣା ତାରିଣୀ ମନ୍ଦିର ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ବସ୍‌ରେ ଥିବା ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ବସ୍‌ଟି ସନ୍ଧ୍ୟା ୬ଟାରେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ାରୁ ଗଞ୍ଜାମ ଜିଲାର ପୋଲସରା ଅଭିମୁଖେ ବାହାରିଥିଲା। କୋରାପୁଟ ଜିଲା ଲକ୍ଷ୍ମୀପୁର ନିକଟରେ ଗାଡ଼ିରୁ ଧୂଆଁ ସହ ପୋଡ଼ାଗନ୍ଧ ବାହାରିଥିଲା। ଯାତ୍ରୀମାନେ ଏହା ଜାଣିପାରି ଚାଳକଙ୍କୁ ଜଣାଇଥିଲେ ମଧ ସେ ଏହାକୁ ଗୁରୁତ୍ୱ ନ ଦେଇ ଗାଡ଼ି ଆଗକୁ ଚଳାଇଥିଲେ। ପ୍ରାୟ ୪୦ କି.ମି. ଯିବା ପରେ ବସ୍‌ର ପଛ ଚକା ଫାଟିଯିବା ସହ ସିରିକଣା ନିକଟରେ ଗାଡ଼ିରୁ ନିଆଁ ବାହାରିଥିଲା। ଏହା ଦେଖି ସମସ୍ତ ଯାତ୍ରୀ ପ୍ରାଣ ଭୟରେ ଗାଡ଼ିରୁ ଡେଇଁପଡ଼ିଥିଲେ। କିଛି ସମୟ ମଧ୍ୟରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏଥିରେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବାବେଳେ ଜିନିଷପତ୍ର ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି। ଖବର ପାଇ ରାୟଗଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ବସ୍‌ରେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ ଚାଳକଙ୍କ ବେପରୁଆ ମନୋଭାବ ଯୋଗୁ ବସ୍‌ରେ ନିଆଁ ଲାଗିଥିବା ଯାତ୍ରୀମାନେ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପେଟ୍ରୋଲ ୩୧, ଡିଜେଲ ...

ଆଶ୍ୱସ୍ତି ଦେଇଥିଲା। ହେଲେ ଗତ ୧୩ଦିନ ମଧ୍ୟରେ ତୈଳ ବୃଦ୍ଧିର ମୂଲ୍ୟକୁ ଅବଲୋକନ କଲେ ଏହା ଯେ କେନ୍ଦ୍ର ସରକାରଙ୍କ ଏକ ବଡ଼ ଚାଲ୍, ତାହା ଏବେ ସ୍ପଷ୍ଟ ହୋଇଯାଇଛି। ଇତିମଧ୍ୟରେ ୭ଟି ପର୍ଯ୍ୟାୟରେ ଉପଭୋକ୍ତାଙ୍କ ମୁଣ୍ଡ ଉପରେ ପେଟ୍ରୋଲ୍‌ରେ ୨ଟଙ୍କା ୨୨ପଇସା ଏବଂ ଡିଜେଲ୍‌ରେ ୨ଟଙ୍କା ୫୩ ପଇସାର ଅତିରିକ୍ତ ବୋଝ ପଡ଼ିଲାଣି। ସେହିପରି ଚଳିତବର୍ଷ ଆରମ୍ଭରୁ ଏଯାବତ୍ ୧୭ଥର ତେଲ ଦରରେ ବୃଦ୍ଧି ଘଟି ପେଟ୍ରୋଲରେ ୪.୭୪ଟଙ୍କା ଏବଂ ଡିଜେଲରେ ୪.୯୪ଟଙ୍କା ବୃଦ୍ଧି ଘଟିଲାଣି। ଇନ୍ଧନ ଦର ଲଗାତର ବୃଦ୍ଧି ଘଟୁଥିବାରୁ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି। କରୋନା ମହାମାରୀ କାରଣରୁ ଖାଉଟି ସମସ୍ୟାରେ ଥିବା ବେଳେ, ଏହି ସମୟରେ ଦରବୃଦ୍ଧି ଖାଉଟିଙ୍କ ଉପରେ ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ଶନିବାର ମଧ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୩୧ ପଇସା ଏବଂ ଡିଜେଲ ୪୦ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଦର ୮୯.୧୪ ଟଙ୍କା ଏବଂ ଡିଜେଲ ଦର ୮୫.୮୦ ଟଙ୍କାରେ ପହଞ୍ଚିଛି। ଭୁବନେଶ୍ୱରକୁ ଛାଡ଼ି ଦେଲେ ରାଜ୍ୟର ଅନ୍ୟ ପ୍ରମୁଖ ସହରରେ ପେଟ୍ରୋଲ ଲିଟର ପିଛା ୯୦ ଟଙ୍କା ଛୁଇଁଥିବା ବେଳେ ଡିଜେଲ ଦର ମଧ ୮୬ ଟଙ୍କା ଟପିଲାଣି। ମାଲକାନଗିରିରେ ପେଟ୍ରୋଲ ସର୍ବାଧିକ ୯୦.୧୨ ରହିଥିବା ବେଳେ ଡିଜେଲ ୮୬.୨୦ ଟଙ୍କାରେ ବିକ୍ରି ହେଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ଶନିବାର ପେଟ୍ରୋଲ ଉପରେ ୩୦ ପଇସା ଏବଂ ଡିଜେଲ ୩୬ ପଇସା ବଢ଼ିଥିବା ସୂଚନା ମିଳିଛି। ଏହି ମୂଲ୍ୟ ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୮୮.୪୪ ଟଙ୍କା ଓ ଡିଜେଲ ଦର ଲିଟର ପିଛା ୭୮.୭୪ ଟଙ୍କାରେ ପହଞ୍ଚିଛି। ସେହିପରି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ଯଥାକ୍ରମେ ୯୦.୭୦ ଟଙ୍କା, ୮୯.୭୩ ଟଙ୍କା ଏବଂ ୯୪.୯୩ ଟଙ୍କା ରହିଛି। ଏହି ସହରଗୁଡିକରେ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୮୩.୮୬ ଟଙ୍କା, ୮୨.୩୩ ଟଙ୍କା ଏବଂ ୮୫.୭୦ ଟଙ୍କାକୁ ଛୁଇଁଥିବା ଜଣାପଡିଛି।

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଦ୍ରୁତ ଗତିରେ ବଢ଼ିଚାଲିଛି। ଫଳରେ ଦେଶରେ ତେଲ ଦରକୁ ଏହା ପ୍ରଭାବିତ କରୁଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ସୂଚନା ଦେଇଛନ୍ତି। ବର୍ତ୍ତମାନର ସ୍ଥିତିକୁ ଲକ୍ଷ୍ୟକଲେ ଜଣାପଡୁଛି ଯେ, ନିକଟ ଭବିଷ୍ୟତରେ ତୈଳ ଦର ହ୍ରାସ ପାଇବାର କୌଣସି ସମ୍ଭାବନା ଦେଖାଯାଉ ନାହିଁ। ତେଲର ଚାହିଦା ବଢୁଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢ଼ି ଚାଲିଛି। ଏପରି କି ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଶୁଳ୍କ ହ୍ରାସ କରିବା ନେଇ ବିଚାର କରୁ ନ ଥିବା କଥା ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଥିଲେ। ସେହିପରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶୁଳ୍କ ହ୍ରାସ ନ କରିବା କାରଣରୁ ତୈଳ ବଜାର ଦର ଅଣାୟତ୍ତ ହୋଇପଡ଼ିଛି। ପ୍ରତିଦିନ ଦରବୃଦ୍ଧି କାରଣରୁ ଖାଉଟି ମଧ ସରକାରଙ୍କ ଦୋମୁହାଁ କଥା ଓ ବଜେଟ ଅଭିଭାଷଣକୁ ଭିନ୍ନ ଢଙ୍ଗରେ ମତବ୍ୟକ୍ତ କରୁଛନ୍ତି। ଏହି ବିଷୟକୁ ନେଇ ବିଭିନ୍ନ ସଂଗଠନ ରାଜରାସ୍ତାକୁ ଓହ୍ଲାଇବା ସହ ସରକାରଙ୍କୁ ଭର୍ତ୍ସନା କରିଛନ୍ତି । ସେହିଭଳି ଆଗାମୀ ଦିନରେ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ତୈଳ ଦର ବୃଦ୍ଧିକୁ ନେଇ ଭାରତ ବନ୍ଦର ଡାକରା ଦେଇଛନ୍ତି।

## ଉପଯୋଗ ନ କଲେ ...

ଆଶ୍ ବ୍ୟବହାର କ୍ଷେତ୍ରରେ ସିପିସିବି ବିନିଯୋଗ କରିବାକୁ କୁହାଯାଇଛି। ଫ୍ଲାଏ ଆଶ୍ ଠିକ୍ ଭାବେ ବିନିଯୋଗ ହେଉଛି କି ନାହିଁ ସିପିସିବି ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟମାନେ ପ୍ରତି ୩ ମାସରେ ଶିଳ୍ପସଂସ୍ଥା ପରିଦର୍ଶନ କରି ଯାଞ୍ଚ କରିବେ। ଶିଳ୍ପ ସଂସ୍ଥାଗୁଡ଼ିକ ପାଉଁଶ ବିନିଯୋଗ ସମ୍ପର୍କରେ ପ୍ରତ୍ୟେକ ବର୍ଷ ଏପ୍ରିଲ ୧ରୁ ମାର୍ଚ୍ଚ ୩୧ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଫ୍ଲାଏ ଆଶ୍ ବ୍ୟବହାରକାରୀ ଓ ଶିଳ୍ପ ସଂସ୍ଥା ମଧ୍ୟରେ ଦେଖାଦେଉଥିବା ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ଆସନ୍ତା ୩ ମାସ ମଧ୍ୟରେ ଏକ କମିଟି ଗଠନ କରିବାକୁ କୁହାଯାଇଛି। ଫ୍ଲାଏ ଆଶ୍ ଉପଯୋଗ ସମ୍ପର୍କରେ ଅଡିଟ୍ ରିପୋର୍ଟ ଟିପିପିଗୁଡ଼ିକ ପ୍ରତ୍ୟେକ ବର୍ଷ ସିପିସିବି ନିକଟରେ ଦାଖଲ କରିବେ। ସୂଚନାଯୋଗ୍ୟ ଯେ ଦିଲ୍ଲୀସ୍ଥିତ ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନ୍‌ଭାଇରନମେଣ୍ଟ (ସିଏସ୍ଇ) ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରେ ୬୨୭ ନିୟୁତ ଟନ୍ ପାଉଁଶ ଗଚ୍ଛିତ ହୋଇରହିଛି। ତେବେ ଗତ କିଛିବର୍ଷ ହେବ ଦେଶର ବିଭିନ୍ନ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ବର୍ଷକୁ ପ୍ରାୟ ୨୦୦ ନିୟୁତ ଟନ୍ ପାଉଁଶ ଉତ୍ପାଦିତ ହେଉଛି। ୨୦୦୯-୧୦ରୁ ୨୦୧୮-୧୯ ମଧ୍ୟରେ ପାୱାର ପ୍ଲାଣ୍ଟଗୁଡ଼ିକରେ କୋଇଲା ବ୍ୟବହାର ବାର୍ଷିକ ୩୬୭ ନିୟୁତ ଟନ୍‌ରୁ ୬୨୯ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ରାଜ୍ୟରେ ଫ୍ଲାଏ ଆଶ୍ ଉତ୍ପାଦନ ଗତ କିଛିବର୍ଷ ହେଲା ବହୁ ମାତ୍ରାରେ ବୃଦ୍ଧି ପାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୫ ବର୍ଷରେ ୮୦ ନିୟୁତ ଟନ୍ ପାଉଁଶ ଉତ୍ପାଦନ ବୃଦ୍ଧି ହୋଇଛି। ରାଜ୍ୟରେ ଥିବା ୧୦ ମେଗାୱାଟ୍‌ରୁ ୩ ହଜାର ମେଗାୱାଟ୍ ୪୦ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ବାର୍ଷିକ ୩୨.୫୫ ନିୟୁତ ଟନ୍ ଫ୍ଲାଏ ଆଶ୍ ଉତ୍ପାଦନ ହେଉଛି। ସେଥିରୁ ୨୨ ନିୟୁତ ଟନ୍ ବିନିଯୋଗ କରାଯାଉଛି। ଅର୍ଥାତ୍ ଉତ୍ପାଦିତ ହେଉଥିବା ଫ୍ଲାଏ ଆଶ୍ ମଧ୍ୟରୁ ମାତ୍ର ୬୭.୮୩ ପ୍ରତିଶତ ବ୍ୟବହାର କରାଯାଉଛି। ରାସ୍ତା ନିର୍ମାଣ, ଇଟା ତିଆରି, ଖାଲି ଜାଗା ପୂରଣ କରିବା ଆଦିରେ ଏହାକୁ ବ୍ୟବହାର କରାଯାଉଛି। ୧୦୦ ପ୍ରତିଶତ ବିନିଯୋଗ ପାଇଁ ଉଦ୍ୟମ ଜାରି ରହିଛି ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି।

## ଅଭିଯୁକ୍ତଙ୍କ ଲାପ୍‌ଟପ୍‌କୁ ...

ଭାରତୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଫୋରେନ୍‌ସିକ୍ ରିପୋର୍ଟରୁ ମହକିଲ ନିର୍ଦ୍ଦୋଷ ପ୍ରମାଣିତ ହୋଇଥିବା ୱିଲସନ୍‌ଙ୍କ ଓକିଲ ସୁଦୀପ ପାସ୍‌ବୋଲା କହିଛନ୍ତି। ଉକ୍ତ ରିପୋର୍ଟକୁ ନେଇ ସେ ବମ୍ବେ ହାଇକୋର୍ଟରେ ପିଟିଶନ ଦାଖଲ କରି ମହକିଲଙ୍କ ବିରୋଧରେ ମାମଲାକୁ ଖାରଜ କରିଦେବା ପାଇଁ ଅନୁରୋଧ କରିଛନ୍ତି। କେବଳ ୱିଲ୍‌ସନ ନୁହନ୍ତି, ସାଇବର ଆକ୍ରମଣକାରୀ ୪ ବର୍ଷ ମଧ୍ୟରେ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ ଟାର୍ଗେଟ କରିଥିଲେ। ଅନ୍ୟ ହାଇପ୍ରୋଫାଇଲ୍ ମାମଲାରେ ମଧ ଅଭିଯୁକ୍ତମାନଙ୍କୁ ଟାର୍ଗେଟ କରାଯାଉଥିବା ରିପୋର୍ଟରେ କୁହାଯାଇଛି। ୱିଲସନଙ୍କ ଲାପ୍‌ଟପ୍‌କୁ ୨୨ ମାସରୁ ଅଧିକ ସମୟ କମ୍ପ୍ରମାଇଜ୍ କରାଯାଇଥିଲା। ଗୁପ୍ତ ତଥ୍ୟ ସଂଗ୍ରହ କରିବା ଓ ଆପରାଧିକ ଦସ୍ତାବିଜ୍ ଛାଡ଼ିବା ଆକ୍ରମଣକାରୀଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା ବୋଲି ରିପୋର୍ଟରେ କୁହାଯାଇଛି। ଏହା ଅତି ଗୁରୁତର ମାମଲା। ହାଇଦ୍ରାବାଦର କବି ତଥା ସାମାଜିକ କର୍ମୀ ୱାରାୱାରା ରାଓଙ୍କ ଗିରଫ ପ୍ରତିବାଦରେ ଅନ୍ୟ କର୍ମୀମାନେ ୨୦୧୮ ଅଗଷ୍ଟରେ ବିକ୍ଷୋଭ କରୁଥିବାବେଳେ ସେମାନଙ୍କୁ ମିଛ ମାମଲାରେ ଗିରଫ କରାଯାଇଥିଲା।

ତେବେ କର୍ମୀମାନଙ୍କ ବିରୋଧରେ ମାମଲାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୁଖପାତ୍ର ଜୟା ରାୟ କହିଛନ୍ତି, ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଦ୍ୱାରା ୱିଲ୍‌ସନ୍‌ଙ୍କ ଲାପ୍‌ଟପ୍‌ର ଫୋରେନ୍‌ସିକ୍ ଅନୁଧ୍ୟାନ କରାଯାଇଥିଲେ ହେଁ ସେଥିରେ ମାଲ୍‌ୱେରର କୌଣସି ପ୍ରମାଣ ମିଳିନାହିଁ। ଅଭିଯୁକ୍ତମାନଙ୍କ ବିରୋଧରେ ନିର୍ଦ୍ଦିଷ୍ଟ କାଗଜାତ୍ ଓ ମୌଖିକ ପ୍ରମାଣ ରହିଥିବା ସେ କହିଛନ୍ତି। ଫୋରେନ୍‌ସିକ୍ ରିପୋର୍ଟ ପରେ ଭୀମା କୋରେଗାଁଓ ମାମଲାରେ ଜେଲରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ ମୁକ୍ତ କରିଦେବା ପାଇଁ ବାମ ଦଳଗୁଡ଼ିକ ପକ୍ଷରୁ ଦାବି କରାଯାଇଛି। କର୍ମୀମାନଙ୍କ ନାଁରେ ଥିବା ମାମଲା ପ୍ରତ୍ୟାହାର କରିନେବା ପାଇଁ ସିପିଆଇ(ଏମ୍) ପଲିଟ୍‌ବ୍ୟୁରୋ ଦାବି କରିଛି। ଏଥିସହିତ ଅନ୍ତର୍ଜାତୀୟ ବିଶେଷଜ୍ଞମାନଙ୍କ ରିପୋର୍ଟର ସତ୍ୟତା ଅନୁଧ୍ୟାନ ପାଇଁ ଏସ୍‌ଆଇଟି ଗଠନ କରିବାକୁ ବାମଦଳ ପକ୍ଷରୁ ମହାରାଷ୍ଟ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। କମ୍ପ୍ୟୁଟର ହ୍ୟାକ୍ କରାଯାଇ ସେଥିରେ ଆପରାଧିକ ମେଲ୍ ଛଡ଼ାଯିବା ଭୀମା କୋରେଗାଁଓ ମାମଲାରେ ମୋଦି ସରକାରଙ୍କ ଭୟଙ୍କର ପ୍ରଯୁକ୍ତି ଅସ୍ତ୍ର। ଭବିଷ୍ୟତରେ ଏଭଳି ଅସ୍ତ୍ର ରାଜନୈତିକ ବିରୋଧୀମାନଙ୍କ ବିରୋଧରେ ବ୍ୟବହାର କରାଯାଇପାରେ ବୋଲି ପଲିଟ୍‌ବ୍ୟୁରୋ କହିଛି। ସିପିଆଇ ଅନ୍ୟ ଏକ ବିବୃତିରେ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି।

## ଦୁର୍ଗାଙ୍କୁ କେହି ...

ଥିବା 'ଜୟ ସିୟା ରାମ' କହିବାକୁ ଭାଜପାକୁ ମୁଁ ଚ୍ୟାଲେଞ୍ଜ କରୁଛି। ମହିଳାମାନଙ୍କ ପ୍ରତି ସମ୍ମାନ ନ ଥିବାରୁ ସେମାନେ ଏହା କେବେ ବି କହିପାରିବେ ନାହିଁ ବୋଲି ଟିଏମ୍‌ସି ଏମ୍‌ପି ଅଭିଷେକ କହିଛନ୍ତି। ଯେତେବେଳେ କନ୍ୟା ସନ୍ତାନ ଜନ୍ମ ହୁଏ, ଆମେ ତାଙ୍କୁ ମା' ବୋଲି କହିଥାଉ। ମହିଳାଙ୍କ ପ୍ରତି ଅସମ୍ମାନ ହେଉଛି ମା' ଦୁର୍ଗାଙ୍କ ପ୍ରତି ଅସମ୍ମାନ। ଭାଜପା କହୁଛି ଦେବୀ ଦୁର୍ଗାଙ୍କ ପୂର୍ବପୁରୁଷଙ୍କୁ କେହି ଜାଣନ୍ତିନି। ପ୍ରକୃତରେ ଦୁର୍ଗା କିଏ ସେମାନେ ଜାଣନ୍ତି କି? ସେମାନେ ଜାଣନ୍ତି କି ଦୁର୍ଗା ମା' କିପରି ମହିଷାସୁରର ବଧ କରିଥିଲେ। ସେହିପରି ଭାବେ ଦିଲ୍ଲୀ ମହିଷାସୁରର ମଧ ବଧ କରାଯିବ ବୋଲି ଅଭିଷେକ ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷଙ୍କ ମନ୍ତବ୍ୟର ଉତ୍ତର ରଖିଛନ୍ତି।

## ମନ୍ଦିର ବାଇ-ଲ' ...

ଭେଟି ଆଲୋଚନା କରିଛି ବୋଲି ପିନାକୀ କହିଛନ୍ତି। ଜାତୀୟ କିର୍ତ୍ତୀରାଜି କର୍ତ୍ତୃପକ୍ଷ(ଏନ୍ଏମ୍ଏ)ରେ ବର୍ତ୍ତମାନ କୌଣସି ସ୍ଥାୟୀ ଅଧ୍ୟକ୍ଷ କିମ୍ବା ନିର୍ଦ୍ଦେଶକ ନ ଥିବାବେଳେ ଜଣେ କନିଷ୍ଠ ଅଧିକାରୀ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି ବୋଲି ପିନାକୀ କହିଛନ୍ତି। ପ୍ରକାଶ ଯେ, ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଅନନ୍ତ ବାସୁଦେବ ଓ ବ୍ରହ୍ମେଶ୍ୱର ମନ୍ଦିର ପାଇଁ ଏନ୍ଏମ୍ଏ ପକ୍ଷରୁ ଜାରି କରାଯାଇଥିବା ପ୍ରସ୍ତାବିତ ଉପନିୟମରେ ମନ୍ଦିର ପରିସରକୁ ସଂରକ୍ଷଣ ପାଇଁ ବିଭିନ୍ନ ଜୋନ୍‌ରେ ବିଭକ୍ତ କରାଯାଇଛି। ଅନନ୍ତ ବାସୁଦେବ ମନ୍ଦିର ଲିଙ୍ଗରାଜ ମନ୍ଦିର ନିୟନ୍ତ୍ରିତ ଜୋନ୍ ମଧ୍ୟରେ ଆସୁଥିବାବେଳେ ବ୍ରହ୍ମେଶ୍ୱର, ଭାସ୍କରେଶ୍ୱର ଏବଂ ମେଘେଶ୍ୱର ମନ୍ଦିର ୩୦୦ ମିଟର ପରିଧି ମଧ୍ୟରେ ଆସୁଛି।

# ଘରୋଇକରଣରୁ ସମସ୍ୟା ସମାଧାନ ହେବନି

କୋଲକାତା,୧୩।୨

## ପୂର୍ବତନ ଡେପୁଟି ଗଭର୍ନରଙ୍କ ମତ




ଘରୋଇକରଣ ଦ୍ୱାରା ସବୁ ବ୍ୟାଙ୍କର ସମସ୍ୟା ସମାଧାନ ହୋଇ ପାରିବ ନାହିଁ। ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଆର୍‌ବିଆଇର ପୂର୍ବତନ ଡେପୁଟି ଗଭର୍ନର ଏସ୍.ଏସ୍. ମୁନ୍ଦ୍ରା ଏହା କହିଛନ୍ତି। ୨୦୨୧-୨୨ ସାଧାରଣ ବଜେଟରେ ସରକାର ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଗୋଟିଏ ସାଧାରଣ ବୀମା କମ୍ପାନୀକୁ ଘରୋଇକରଣ କରିବା ଲାଗି ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁନ୍ଦ୍ରା କହିଛନ୍ତି, ପାଶ୍ଚାତ୍ୟ ଦେଶ ଭଳି ଭାରତ ବ୍ୟାଙ୍କଗୁଡ଼ିକୁ ପରିଚାଳନା ସ୍ୱାଧୀନତା ଦେବା ଆବଶ୍ୟକ। ସେହିଭଳି ବ୍ୟାଙ୍କଗୁଡ଼ିକରେ ସରକାରୀ ଓନରଶିପ ମଧ୍ୟ ରହିଲେ ଏହା ହୁଏତ ଲାଭକାରୀ ହୋଇପାରିବ। ସରକାରଙ୍କ ସହଯୋଗ ରହିଲେ ଜମାକାରୀଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ। ସରକାରୀ ବ୍ୟାଙ୍କରେ ଅର୍ଥ ଜମା ରହୁଥିବାରୁ ଲୋକମାନେ ଅଧିକ ନିରାପଦ ମଣିବେ ବୋଲି ସେ ମତ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ୟୁନିୟନ ବ୍ୟାଙ୍କ ସିଇଓ ରାଜକିରଣ ରାଓ ଜି କହିଛନ୍ତି, ସରକାର ବ୍ୟାଙ୍କଗୁଡ଼ିକୁ ଦୃଢ଼ୀକରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି। ଲୋକଙ୍କ ଅର୍ଥକୁ ବୁଡ଼ାଇବା ପାଇଁ କୌଣସି ଯୋଜନା ନିଆଯିବ ନାହିଁ। ବ୍ୟାଙ୍କ ଯୋଗାଉଥିବା ମୋଟ ଋଣର ସିଂହଭାଗ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପ୍ରଦାନ କରୁଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଭୂମିକା ଏବେ ମଧ୍ୟ ଗୌଣ୍ୟ ହୋଇନାହିଁ। ଏହି କ୍ଷେତ୍ରରେ ଅଧିକ ପ୍ରତିଦ୍ୱନ୍ଦ୍ୱିତାର ଆବଶ୍ୟକତା ରହିଛି। ପିଏନ୍‌ବି ସିଇଓ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ କହିଛନ୍ତି, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭିତ୍ତିଭୂମି କ୍ଷେତ୍ରକୁ ପ୍ରମୁଖ ଋଣ ଯୋଗାଣକାରୀ।

# ଟ୍ରେନ୍ ସେବା ସ୍ୱାଭାବିକ ନେଇ ରେଳୱେର ସ୍ପଷ୍ଟୀକରଣ

ନୂଆଦିଲ୍ଲୀ,୧୩।୨

ଏପ୍ରିଲ ମାସରେ ନିର୍ଦ୍ଦିଷ୍ଟ ତାରିଖ ସହ ଦେଶରେ ଯାତ୍ରୀବାହୀ ଟ୍ରେନ୍ ପୂର୍ଣ୍ଣମାତ୍ରାରେ ଚଳାଚଳ କରିବାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। କିଛି ଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ ନିୟମିତ ଭାବେ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦିଆଯାଇ ଚାଲିଛି। ପୁଣି ଥରେ ଏ ସମ୍ପର୍କରେ ସୂଚିତ କରାଯାଇଛି। ନିୟମିତ ଭାବେ ପୂର୍ଣ୍ଣମାତ୍ରାରେ ଟ୍ରେନ୍ ଚଳାଚଳ କରିବା ସକାଶେ କୌଣସି ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯାଇନାହିଁ। ପର୍ଯ୍ୟାୟକ୍ରମେ ରେଳବାଇ ପକ୍ଷରୁ ଟ୍ରେନ୍ ସେବାକୁ ବୃଦ୍ଧି କରାଯାଉଛି। ଏବେ ଦେଶ ମଧ୍ୟରେ ୬୫% ଟ୍ରେନ ଚଳାଚଳ କରୁଛି। କେବଳ ଜାନୁୟାରୀ ମାସରେ ୨୫୦ ଅଧିକ ଟ୍ରେନ୍ ସାମିଲ କରାଯାଇଛି। ଧୀରେ ଧୀରେ ଏଥିରେ ଆହୁରି ଅଧିକ ସଂଖ୍ୟକ ଟ୍ରେନ୍ ଯୋଡ଼ାଯିବ। ଏଥିଲାଗି ସମସ୍ତ ଦିଗ ପ୍ରତି ଦୃଷ୍ଟି ଦିଆଯିବ। ପରେ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ। ଭୁଲ୍ ଖବରକୁ ନେଇ ଆଶଙ୍କା ଏବଂ ସମ୍ଭାବନାଠାରୁ ଦୂରେଇ ରହିବାକୁ ରେଲୱେ ପକ୍ଷରୁ ନିବେଦନ କରାଯାଇଛି। ଏ ସମ୍ପର୍କରେ ଯଦି କିଛି ନୂଆ ନିଷ୍ପତ୍ତି ଆସେ ତେବେ ଲୋକଙ୍କୁ ଅବଗତ କରାଯିବ ବୋଲି ଏହା ପ୍ରକାଶ କରିଛି।

# କେନ୍‌ଷ୍ଟାର୍ ପକ୍ଷରୁ ଡିଲର ମିଟ୍

ଜୟପୁର,୧୩।୨ (ନି.ପ୍ର.)



କାର୍ଯ୍ୟକ୍ରମ ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ।

କୋରାପୁଟ ଜିଲା ଜୟପୁରସ୍ଥିତ ସନ୍ଧ୍ୟା ଫଙ୍କସନ ହଲ୍ ଠାରେ କେନ୍‌ଷ୍ଟାର କମ୍ପାନୀ ପକ୍ଷରୁ ଡିଲର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାର ୬୦ରୁ ଅଧିକ ଡିଲର ଯୋଗ ଦେଇଥିଲେ। କେନ୍‌ଷ୍ଟାର କମ୍ପାନୀର ଓଡ଼ିଶା ମୁଖ୍ୟ ଶାଖା ପରିଚାଳକ ବିଦ୍ୟାଧର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୁଲର, ଫ୍ୟାନ୍, ଗ୍ରାଇଣ୍ଡର ଓ ବିଭିନ୍ନ ନୂତନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଲଞ୍ଚ୍ କରାଯାଇଥିଲା। ଏହି ଅବସରରେ ଭେଣ୍ଟିନା (ୱିଣ୍ଡୋ କୁଲର) ଓ ନିକ୍ସ (ପର୍ସନାଲ କୁଲର) ଦୁଇଟି କୁଲର ବଜାର ପ୍ରବେଶ କରାଯାଇଥିଲା। ଓଡ଼ିଶାରେ ପ୍ରାୟ ୪୦ ହଜାର ୟୁନିଟ କୁଲର ବିକ୍ରି କରିବା ନେଇ ଏହି ବର୍ଷ ଲକ୍ଷ୍ୟ ରଖାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ପକ୍ଷରୁ ଓଡ଼ିଶାରେ ୧୭ଟି ସ୍ଥାନରେ ସର୍ଭିସ ସେଣ୍ଟର ରହିଛି। ଏହି କାର୍ଯ୍ୟକ୍ରମରେ କମ୍ପାନୀ ବିଭିନ୍ନ ସାମଗ୍ରୀ ଏବଂ ସ୍କିମ୍ ସମ୍ପର୍କରେ ଡିଲରଙ୍କୁ ଅବଗତ କରାଯାଇଥିଲା। ସେହିଭଳି ଏଥିରେ ଡିଲରଙ୍କ ଲାଗି ଆକର୍ଷଣୀୟ ସ୍କିମ୍ ରଖାଯାଇଥିଲା। କମ୍ପାନୀ ଏହାର ଗ୍ରାହକଙ୍କୁ ସର୍ବୋତ୍ତମ ସର୍ଭିସ ଏବଂ ଆକର୍ଷଣୀୟ ଅଫର ଉପରେ ଗୁରୁତ୍ୱ ଦେଉଛି। ଟୋଲ୍ ଫ୍ରି ନମ୍ବର ଓ ୱାଟ୍ସଆପ୍ ନମ୍ବର ସୁବିଧା ମଧ୍ୟ କରାଯାଇଛି। ଗତ ୨୩ ବର୍ଷ ହେବ କମ୍ପାନୀର ଜିନିଷ ଘରେ ଘରେ ପରିଚିତ ଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମରେ କମ୍ପାନୀର ଏରିଆ ମ୍ୟାନେଜର ଶଶିକାନ୍ତ ପଣ୍ଡା, ସର୍ଭିସ ମ୍ୟାନେଜର ଭବାନୀ ମିଶ୍ର, ଡିଷ୍ଟ୍ରିବ୍ୟୁଟର ଶିବ ସାଇ ଏଣ୍ଟରପ୍ରାଇଜେସ୍‌ର ସ୍ୱତ୍ୱାଧିକାରୀ ଦିଲୀପ ରେଡ୍ଡୀ ଓ ମାର୍କେଟିଂ ମ୍ୟାନେଜର ସୁମେନ ଗୋଲଦର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାସଗୃହ ଋଣ ଯୋଗାଣରେ ଏସ୍‌ବିଆଇର ସଫଳତା

**ନୂଆଦିଲ୍ଲୀ,୧୩।୨:** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଗୃହ ଋଣ କ୍ଷେତ୍ରରେ ଅଗ୍ରଣୀ ସ୍ଥାନ ବଜାୟ ରଖି ୫ଲକ୍ଷ କୋଟି ଟଙ୍କାର କାରବାର ମାଇଲଖୁଣ୍ଟ ହାସଲ କରିବାକୁ ସକ୍ଷମ ହୋଇଛି। ୨୦୨୪ ସୁଦ୍ଧା ଗୃହ ଋଣ ପରିଚାଳନା ଅଧୀନ ସମ୍ପତ୍ତିକୁ ୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଯୋଜନା ରଖିଛି। ଗତ ୧୦ ବର୍ଷରେ ଏସ୍‌ବିଆଇର ରିୟଲ ଇଷ୍ଟେଟ ଏବଂ ହାଉସିଂ ବ୍ୟବସାୟ ୫ ଗୁଣ ବଢ଼ି ୫ ଲକ୍ଷ କୋଟି ଟଙ୍କା ଛୁଇଁଛି। ୨୦୧୧ରେ ଏହା ୮୯ ହଜାର କୋଟି ଟଙ୍କା ରହିଥିଲା। ମହାମାରୀଜନିତ ଲକ୍‌ଡାଉନ ଯୋଗୁ ରିୟଲ ଇଷ୍ଟେଟ କ୍ଷେତ୍ରରେ ପ୍ରଭାବ ସତ୍ତ୍ୱେ ବ୍ୟାଙ୍କ ଏଭଳି ସଫଳତା ହାସଲ କରିଛି। ୨୦୨୦ ଡିସେମ୍ବରରେ ସର୍ବାଧିକ ସୋର୍ସିଂ, ମଞ୍ଜୁରୀ ଏବଂ ଆବଣ୍ଟନ ଜରିଆରେ ବ୍ୟାଙ୍କ ଏହାର ଗୃହଋଣରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ବ୍ୟାଙ୍କ ଗୃହ ଋଣ ଗ୍ରାହକଙ୍କୁ ସବୁ ପ୍ରକାର ସୂଚନା ଦେବା ଲାଗି ଏକ ନୂଆ ବ୍ୟବସ୍ଥା ଆରମ୍ଭ କରିଛି।

# ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର ଡିଜିଟାଲ ସୁବିଧା

**ନୂଆଦିଲ୍ଲୀ,୧୩।୨:** ଗ୍ରାହକ କିଭଳି ସହଜରେ ବାଣିଜ୍ୟ କରିପାରିବେ ତାକୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ନଜରରେ ରଖିଛି। ଏହି ଆଧାରରେ କମ୍ପାନୀ ଏଆଇ ଭିତ୍ତିକ ଡିଜିଟାଲ ସୁବିଧା ପ୍ରଦାନ କରୁଛି। ଦେଶ ମଧ୍ୟରେ ଆଲୋଚନାଭିତ୍ତିକ ବାଣିଜ୍ୟ ସେବା ଉପସ୍ଥାପନ କରିବା ନିମନ୍ତେ ଆଲୋଚାଟ ସହିତ କମ୍ପାନୀ ସହଭାଗିତା ସ୍ଥାପନ କରିଛି। ଏହା ଦେଶର ପ୍ରଥମ ସିମେଣ୍ଟ କମ୍ପାନୀ ଯାହା ଗ୍ରାହକଙ୍କ ଲାଗି ୟାଲୋଚନାମୂଳକ ବାଣିଜ୍ୟ ସେବାର ଶୁଭାରମ୍ଭ କରିଛି। କମ୍ପାନୀ ସେଲ୍‌ସ ଏବଂ ମାର୍କେଟିଂକୁ ଡିଜିଟାଇଜ କରୁଛି। ଏହାଦ୍ୱାରା ଚ୍ୟାନେଲ ପାର୍ଟନରମାନେ ଏଆଇ ଭିତ୍ତିକ ଡିଜିଟାଲ ମାଧ୍ୟମରେ ସହଜରେ ବ୍ୟବସାୟ କରିବାକୁ ସକ୍ଷମ ହେବେ। ୟାଲୋଚାଟ ସହ ଚୁକ୍ତି ଦ୍ୱାରା ଆଲୋଚନାମୂଳକ କମନ ସର୍ଭିସ ଯୋଗାଣ ଦିଗରେ ସହାୟକ ହେବ। ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଗ୍ରାହକଙ୍କୁ ସୁବିଧା ଯୋଗାଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପାର୍ଥ ଜିନ୍ଦଲ କହିଛନ୍ତି।

# ବଜାରରେ ନୂଆ ଜାୱା ୨.୧

**ନୂଆଦିଲ୍ଲୀ,୧୩।୨:** ନୂଆ ଜାୱା ୨.୧ ମଡେଲ ବଜାରକୁ ଆସିଛି। ଏହି ମଡେଲ ଦ୍ୱାରା ଜାୱା ୪୨ ପରିବାରରେ ଆଉ ୩ ନୂଆ ସଦସ୍ୟ ଯୋଡ଼ି ହୋଇଛନ୍ତି। ମଡେଲ ଲାଇନ ଅପ୍‌ରେ ହୋଇଥିବା ନୂଆ ସଂଯୋଗଗୁଡ଼ିକ ସମସ୍ତ ଡିଲରଶିପରେ ଉପଲବ୍ଧ ହେବ ବୋଲି କ୍ଲାସିକ ଲିଜେଣ୍ଡସ ପକ୍ଷରୁ ଘୋଷଣା କରାଯାଇଛି। ଜାୱା ୪୨ ରେଟ୍ରୋ କୁଲ ବିପ୍ଳବକୁ ଆଗେଇନେଉଛି। ୨୦୧୮ରେ ଏହା ଆରମ୍ଭ କରାଯାଇଥିଲା। ଏହାକୁ ଏକ କ୍ଲାସିକ ସ୍ପୋର୍ଟସ ସ୍ପର୍ଶ ପ୍ରଦାନ କରୁଥିବା କମ୍ପାନୀ ପ୍ରକାଶ କରୁଛି। ଏହି ଯାନଟିର ଏକ୍ସ ଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୧.୮୩ ଲକ୍ଷ ଟଙ୍କା ରହିଛି। ଏହି ପରିପ୍ରେକ୍ଷୀରେ କ୍ଲାସିକ ଲିଜେଣ୍ଡସର ସିଇଓ ଆଶିଷ ସିଂ ଜୋଷୀ କହିଛନ୍ତି, ମୋଟର ସାଇକେଲ ପ୍ରଦର୍ଶନ ଏବଂ ଅନୁଭବରେ ଉନ୍ନତି ଆଣିବା ଲାଗି ଚେଷ୍ଟା ସ୍ୱରୂପ ଏଭଳି ପଦକ୍ଷେପ ନିଆଯାଇଛି।

# ଶିକ୍ଷା ବିକାଶ ଲାଗି ଡାଲ୍‌ମିଆର ପ୍ରୟାସ

**ଭୁବନେଶ୍ୱର,୧୩।୨:** ଗୁଣାତ୍ମକ ଶିକ୍ଷାର ବିକାଶ ଲାଗି ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ କମ୍ପାନୀ ପକ୍ଷରୁ ଯାଜପୁରର ବରୁଣିଆ ହରିଶଙ୍କର ବିଦ୍ୟାମନ୍ଦିରଠାରେ ନୂଆ ସ୍କୁଲ ଗୃହ ନିର୍ମାଣ କରାଯାଇଛି। ଗୋଟିଏ ସ୍କୁଲ ଗୃହ ନିର୍ମାଣ ସହ ଅନ୍ୟ ୨ଟିର ମରାମତି ଏବଂ ଉନ୍ନତୀକରଣ ଲାଗି ପଦକ୍ଷେପ ନିଆଯାଇଛି। ପ୍ରାୟ ୫.୬ ଲକ୍ଷ ଟଙ୍କା ବ୍ୟୟରେ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ନୂଆ ପଦକ୍ଷେପ ଦ୍ୱାରା ଛାତ୍ରୀଛାତ୍ର ଲାଭବାନ୍ ହେବେ ବୋଲି କମ୍ପାନୀର ୟୁନିଟ ମୁଖ୍ୟ ଆର୍. ଶର୍ମା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇଥିଲେ।

# ଟ୍ରୁକଲରର ଭର୍ନାକୁଲାର, ଭିଡିଓ ସଲ୍ୟୁଶନ

**ନୂଆଦିଲ୍ଲୀ,୧୩।୨:** ଟ୍ରୁକଲରର ନୂଆ ଭର୍ନାକୁଲାର ଏବଂ ଭିଡିଓ ସଲ୍ୟୁଶନ ପ୍ଲାଟ୍‌ଫର୍ମ ଦୈନିକ ୧୫୦ ନିୟୁତ ସକ୍ରିୟ ୟୁଜରଙ୍କ ମଧ୍ୟରେ ପ୍ରଭାବ ସୃଷ୍ଟି କରିପାରିଛି। ଆଞ୍ଚଳିକ ସେଗମେଣ୍ଟରେ ବିଭିନ୍ନ ବ୍ରାଣ୍ଡର ଲୋକପ୍ରିୟତାକୁ ଅଧିକ ସକ୍ରିୟ କରିବା ଦିଗରେ କମ୍ପାନୀ କାର୍ଯ୍ୟକ୍ରମ ଜାରି ରଖିଛି। ଫଳରେ ସାରା ଦେଶରେ ବ୍ରାଣ୍ଡଗୁଡ଼ିକ ଅଧିକ ସକ୍ରିୟ ହୋଇ ପାରୁଛନ୍ତି। ଟ୍ରୁକଲର ଟାୟାର ୨ ଏବଂ ୩ ସହରରେ ସକ୍ରିୟ ରହିବା ସହ ଆଞ୍ଚଳିକ ସ୍ତରରେ ଅଡିଆନ୍ସଙ୍କ ନିକଟରେ ପହଞ୍ଚିବା ନେଇ କାର୍ଯ୍ୟପନ୍ଥା ଗ୍ରହଣ କରିଛି। ବ୍ରାଣ୍ଡଗୁଡ଼ିକ ଲୋକଙ୍କ ନିକଟରେ ଏହାଦ୍ୱାରା ସହଜରେ ପହଞ୍ଚିପାଇପାରୁଛି। ସେହିଭଳି କମ୍ ସମୟ ମଧ୍ୟରେ ଟ୍ରୁକଲରର ଭିଡିଓ ସଲ୍ୟୁଶନ ବ୍ରାଣ୍ଡଗୁଡ଼ିକୁ ଆଗକୁ ବଢ଼ାଇବାକୁ ସକ୍ଷମ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡର ଅଫର

**ନୂଆଦିଲ୍ଲୀ,୧୩।୨:** ଭାଲେଣ୍ଟାଇନ୍ସ ଡେ ଉପଲକ୍ଷେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ନୂଆ ଅଫର ଲଭ୍ ୨୦୨୧ ଆଣିଛି। ଏହାଦ୍ୱାରା ଗ୍ରାହକ ସୂକ୍ଷ୍ମ କାରିଗରିରେ ସୁନ୍ଦର ଭାବେ ପ୍ରସ୍ତୁତ ଗହଣା ମଧ୍ୟରୁ ନିଜ ପ୍ରେମୀଙ୍କ ଲାଗି ପସନ୍ଦ କରିବାର ସୁଯୋଗ ପାଇପାରିବେ। ହୀରା ଏବଂ ସୁନାରେ ତିଆରି ଗହଣାଗୁଡ଼ିକ ସହ ଭାଲେଣ୍ଟାଇନ୍ସ ଡେ ଅଫରକୁ ଆହୁରି ସ୍ୱତନ୍ତ୍ର କରାଯାଇଛି। ଭାଲେଣ୍ଟାଇନ୍ସ ଡେ ପାଳନ କରିବା ଲାଗି ନୂଆ ଅଫର ଘୋଷଣା କରାଯାଇଥିବା କମ୍ପାନୀର ସିଇଓ ଶୁଭଙ୍କର ସେନ୍ କହିଛନ୍ତି। ଏହି ଅବସରରେ କମ୍ପାନୀ ସୁନା ଏବଂ ହୀରା ଗହଣା ଉପରେ ସ୍ୱତନ୍ତ୍ର ରିହାତି, ମାସିକ କିସ୍ତି ଜରିଆରେ ହୀରା ଗହଣା କ୍ରୟ ସୁବିଧା ଉପଲବ୍ଧ କରାଉଛି।

ଓଡ଼ିଶା ସରକାର
**ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ**
**ଘୋଷଣା**
ସଂଖ୍ୟା: **LA-CASE-15/2019/5052**/ଭୂ-ଅର୍ଜନ ତାରିଖ: **25.03.2020**

No. XVI-16: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ପିରିଜିପୁର, ଥାନା: ଧାମନଗର, ତହସିଲ:ଭଣ୍ଡାରିପୋଖରୀ, ଜିଲ୍ଲା: ଭଦ୍ରକରେ ନିମ୍ନ ସୂଚିତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ ଜିଲ୍ଲାର ରେବ କପାଳି ଡ୍ରେନେଜ ଚ୍ୟାନେଲର ସଂସ୍କାର ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୩୯୪, ତା୦୬।୦୬।୨୦୧୯ରିଖରେ ପ୍ରକାଶିତ ହୋଇଅଛି, ଯାହାକି ତା୨୫ ଜୁଲାଇ ୨୦୧୯ରିଖ ନଂ. ୧୩୨୩ ଓଡ଼ିଶା ରାଷ୍ଟ୍ରପତ୍ରରେ ପ୍ରକାଶ ପାଇଅଛି।
ପୁନଶ୍ଚ ଏହି ଘୋଷଣା କରାଯାଉଛି ଯେ, ମୌଜା: ପିରିଜିପୁର, ଥାନା: ଧାମନଗର, ତହସିଲ:ଭଣ୍ଡାରିପୋଖରୀ, ଜିଲ୍ଲା: ଭଦ୍ରକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଭୂ-ଅର୍ଜନ ହେଉଥିବା ଭୂମି ନକ୍ସା ଓ ଭୂମି ଅନୁସୂଚୀ ଭୂ-ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ଭଦ୍ରକ** **ତହସିଲ: ଭଣ୍ଡାରିପୋଖରୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପିରିଜିପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୪.୯୭ ଏକର | ୧.୮୪ ଏକର | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ଭଦ୍ରକ** **ତହସିଲ: ଭଣ୍ଡାରିପୋଖରୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୦୬।୦୬।୨୦୨୦

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ଜ୍ଞାନ ଦାସ)**
**ଜିଲ୍ଲାପାଳ, ଭଦ୍ରକ**
**OIPR- 24017/14/0021/2021**

ଓଡ଼ିଶା ସରକାର
**ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ**
**ଘୋଷଣା**
ସଂଖ୍ୟା: **LA-CASE-12/2019/4791**/ଭୂ-ଅର୍ଜନ ତାରିଖ: **19.03.2020**

No. XVI-01: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ନିର୍ଗୁଣ୍ଡି, ଥାନା: ଧାମନଗର, ତହସିଲ: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକରେ ନିମ୍ନ ସୂଚିତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ ଜିଲ୍ଲାର ରେବ କପାଳି ଡ୍ରେନେଜ ଚ୍ୟାନେଲର ସଂସ୍କାର ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୩୬୭, ତା୦୬।୦୬।୨୦୧୯ରିଖରେ ପ୍ରକାଶିତ ହୋଇଅଛି ; ଯାହାକି ତା୨୫ ଜୁଲାଇ ୨୦୧୯ରିଖ ନଂ. ୧୩୨୬ ଓଡ଼ିଶା ରାଷ୍ଟ୍ରପତ୍ରରେ ପ୍ରକାଶ ପାଇଅଛି।
ପୁନଶ୍ଚ ଏହି ଘୋଷଣା କରାଯାଉଛି ଯେ, ମୌଜା: ନିର୍ଗୁଣ୍ଡି, ଥାନା: ଧାମନଗର, ତହସିଲ: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଭୂ-ଅର୍ଜନ ହେଉଥିବା ଭୂମି ନକ୍ସା ଓ ଭୂମି ଅନୁସୂଚୀ ଭୂ-ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ଭଦ୍ରକ** **ତହସିଲ: ଭଣ୍ଡାରୀପୋଖରୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନିର୍ଗୁଣ୍ଡି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨୦.୪୭ ଏକର | ୧୧.୯୫ ଏକର | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ଭଦ୍ରକ** **ତହସିଲ: ଭଣ୍ଡାରୀପୋଖରୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୦୬।୦୬।୨୦୨୦

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ଜ୍ଞାନ ଦାସ)**
**ଜିଲ୍ଲାପାଳ, ଭଦ୍ରକ**
**OIPR- 24017/14/0006/2021**

ଓଡ଼ିଶା ସରକାର
**ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ**
**ଘୋଷଣା**
ସଂଖ୍ୟା: **LA-CASE-5/2019/7003**/ଭୂ-ଅର୍ଜନ ତାରିଖ: **30.05.2020**

No. XVI-05: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: କଲେଇ, ଥାନା: ଭଦ୍ରକ, ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକରେ ନିମ୍ନ ସୂଚିତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ ଜିଲ୍ଲାର ରେବ କପାଳି ଡ୍ରେନେଜ ଚ୍ୟାନେଲର ସଂସ୍କାର ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୩୦୪, ତା୦୬।୦୬।୨୦୧୯ରିଖରେ ପ୍ରକାଶିତ ହୋଇଅଛି ; ଯାହାକି ତା୨୫ ଜୁଲାଇ ୨୦୧୯ରିଖ ନଂ. ୧୩୩୩ ଓଡ଼ିଶା ରାଷ୍ଟ୍ରପତ୍ରରେ ପ୍ରକାଶ ପାଇଅଛି।
ପୁନଶ୍ଚ ଏହି ଘୋଷଣା କରାଯାଉଛି ଯେ, ମୌଜା: କଲେଇ, ଥାନା: ଭଦ୍ରକ, ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଭୂ-ଅର୍ଜନ ହେଉଥିବା ଭୂମି ନକ୍ସା ଓ ଭୂମି ଅନୁସୂଚୀ ଭୂ-ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ଭଦ୍ରକ** **ତହସିଲ: ଭଦ୍ରକ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଲେଇ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୧୪.୫୪ ଏକର | ୨.୭୪ ଏକର | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ଭଦ୍ରକ** **ତହସିଲ: ଭଦ୍ରକ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୦୮।୦୮।୨୦୧୯

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ଡ. ଜ୍ଞାନ ଦାସ)**
**ଜିଲ୍ଲାପାଳ, ଭଦ୍ରକ**
**OIPR- 24017/14/0010/2021**

ଓଡ଼ିଶା ସରକାର
**ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ**
**ଘୋଷଣା**
ସଂଖ୍ୟା: **LA-CASE-13/2019/5045**/ଭୂ-ଅର୍ଜନ ତାରିଖ: **25.03.2020**

No. XVI-11: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ମହୁରା, ଥାନା: ଧାମନଗର, ତହସିଲ:ଭଣ୍ଡାରିପୋଖରୀ, ଜିଲ୍ଲା: ଭଦ୍ରକରେ ନିମ୍ନ ସୂଚିତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ ଜିଲ୍ଲାର ରେବ କପାଳି ଡ୍ରେନେଜ ଚ୍ୟାନେଲର ସଂସ୍କାର ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୩୭୬, ତା୦୬।୦୬।୨୦୧୯ରିଖରେ ପ୍ରକାଶିତ ହୋଇଅଛି ; ଯାହାକି ତା୨୫ ଜୁଲାଇ ୨୦୧୯ରିଖ ନଂ. ୧୩୨୫ ଓଡ଼ିଶା ରାଷ୍ଟ୍ରପତ୍ରରେ ପ୍ରକାଶ ପାଇଅଛି।
ପୁନଶ୍ଚ ଏହି ଘୋଷଣା କରାଯାଉଛି ଯେ, ମୌଜା: ମହୁରା, ଥାନା: ଧାମନଗର, ତହସିଲ:ଭଣ୍ଡାରିପୋଖରୀ, ଜିଲ୍ଲା: ଭଦ୍ରକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଭୂ-ଅର୍ଜନ ହେଉଥିବା ଭୂମି ନକ୍ସା ଓ ଭୂମି ଅନୁସୂଚୀ ଭୂ-ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ଭଦ୍ରକ** **ତହସିଲ: ଭଣ୍ଡାରିପୋଖରୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମହୁରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୧.୨୦ ଏକର | ୦.୬୪ ଏକର | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ଭଦ୍ରକ** **ତହସିଲ: ଭଣ୍ଡାରିପୋଖରୀ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୦୬।୦୬।୨୦୨୦

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ଜ୍ଞାନ ଦାସ)**
**ଜିଲ୍ଲାପାଳ, ଭଦ୍ରକ**
**OIPR- 24017/14/0016/2021**

## ରୁଷିଆ ଭାକ୍ସିନ ନେବେନି ପୁଟିନ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ନିଜ ଦେଶରେ ପ୍ରସ୍ତୁତ କରୋନା ଟିକା ନେବାକୁ ଆଗ୍ରହୀ ନାହାନ୍ତି। ସ୍ପୁଟ୍‌ନିକ୍-ଭି ଭାକ୍ସିନର ପୂର୍ବରୁ ପ୍ରଶଂସା କରିଥିବା ସତ୍ତ୍ୱେ ୨୦୨୧ ଶେଷ ବେଳକୁ ଟିକା ନେବା କଥା ଚିନ୍ତା କରିବେ ବୋଲି ସେ କହିଛନ୍ତି। କରୋନା ସଂକ୍ରମଣକୁ ନେଇ ପୁଟିନ୍ ବେଶ୍ ସତର୍କ ଅଛନ୍ତି। ଏପରି କି ତାଙ୍କୁ ଭେଟିବାକୁ ଚାହୁଁଥିବା ଲୋକଙ୍କୁ ପ୍ରଥମେ ୨ ସପ୍ତାହ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନରେ ରଖାଯାଉଛି।



## ସଂକ୍ଷେପରେ

### ୫ ଜଣଙ୍କୁ ଗୁଳି କରି ହତ୍ୟା

**ଚଣ୍ଡିଗଡ଼, ୧୩।୨:** ହରିୟାଣାର ରୋହତକସ୍ଥିତ ରେସ୍‌ଲିଂ ଭେନ୍ୟୁରେ ଶୁକ୍ରବାର ରାତିରେ ୫ ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତକଙ୍କ ମଧ୍ୟରେ ୨ ମହିଳା, ଜଣେ ଶିଶୁ ଓ କୋଚ୍ ରହିଛନ୍ତି। ଅନ୍ୟ ୨ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାତି ପ୍ରାୟ ସାଢ଼େ ୯ଟାରେ ଆତତାୟୀମାନେ ସହରର ଏକ କଲେଜ ଭିତରେ ଥିବା ଜିମ୍ନାସିୟମ ହଲ୍‌ରେ କୋଚ୍ ଏବଂ ଖେଳାଳିଙ୍କ ଉପରକୁ ଗୁଳି ଚଳାଇଥିଲେ। ପୂର୍ବଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥିବା ପୋଲିସ କହିଛି।

### ‘କୃଷି କାରବାର ଦୁଇ ବନ୍ଧୁଙ୍କୁ ଦେବାକୁ ଚାହାନ୍ତି ମୋଦି’


ରାହୁଲ ଗାନ୍ଧୀ

**ଜୟପୁର, ୧୩।୨(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସମସ୍ତ କୃଷି କାରବାର ତାଙ୍କର ଦୁଇ ବନ୍ଧୁଙ୍କୁ ହସ୍ତାନ୍ତର କରିବାକୁ ଚାହାନ୍ତି ବୋଲି ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ରାଜସ୍ଥାନର ରୂପାନଗଡ଼ଠାରେ କୃଷକମାନଙ୍କ ଏକ ସଭାକୁ ସମ୍ବୋଧିତ କରି ରାହୁଲ କହିଥିଲେ, କୃଷି ବ୍ୟବସାୟରେ ଦେଶର ୪୦ ପ୍ରତିଶତ ଲୋକ ସମ୍ପୃକ୍ତ। ସେମାନଙ୍କ ମଧ୍ୟରେ ଚାଷୀ, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ, ଟ୍ରେଡର, ଶ୍ରମିକ ଅଛନ୍ତି। ଏହି ସମସ୍ତ ବ୍ୟବସାୟ ଦୁଇ ବନ୍ଧୁଙ୍କୁ ଦେଇଦେବା ନୂଆ କୃଷି ଆଇନର ଉଦ୍ଦେଶ୍ୟ ବୋଲି ରାହୁଲ କହିଥିଲେ। ତେବେ ସେ ଦୁଇ ବନ୍ଧୁଙ୍କ ନାଁ ନେଇ ନ ଥିଲେ। ପ୍ରଧାନମନ୍ତ୍ରୀ ଚାଷୀଙ୍କ ପାଇଁ କ୍ଷୁଧା, ବେକାରି ଓ ଆତ୍ମହତ୍ୟାର ବିକଳ୍ପ ଆଣିଥିବା ରାହୁଲ କହିଥିଲେ। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ରାଜ୍ୟ କଂଗ୍ରେସ ସଭାପତି ଗୋବନ୍ଦ ସିଂ ଦୋତ୍‌ସ୍ରାଙ୍କ ସହ ରାହୁଲ ଏକ ଟ୍ରାକ୍ଟର ଚଳାଇ ସଭାସ୍ଥଳରେ ପହଞ୍ଚିଥିଲେ।

### ଟିକାର ଦ୍ୱିତୀୟ ଡୋଜ୍ ଆରମ୍ଭ

**ନୂଆଦିଲ୍ଲୀ, ୧୩।୨(ପି.ଟି.):** କୋଭିଡ୍-୧୯ ଟିକାକରଣର ଦ୍ୱିତୀୟ ଡୋଜ୍ ଶନିବାରଠାରୁ ଆରମ୍ଭ ହୋଇଛି। ଯେଉଁ ସ୍ୱାସ୍ଥ୍ୟ କର୍ମଚାରୀମାନେ ପ୍ରଥମ ଡୋଜ୍ ନେବା ୪ ସପ୍ତାହ ହୋଇଯାଇଛି, ସେମାନେ ଏହାର ଦ୍ୱିତୀୟ ଡୋଜ୍ ନେବେ। ଦେଶରେ ଜାନୁୟାରୀ ୧୬ରୁ ଟିକାକରଣ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୮୦ ଲକ୍ଷରୁ ଅଧିକ ଲୋକ ପ୍ରଥମ ଡୋଜ୍ ଟିକା ନେଇସାରିଲେଣି।

### ମଙ୍ଗୋଲପୁରୀ ହତ୍ୟା ମାମଲା କ୍ରାଇମ୍‌ବ୍ରାଞ୍ଚକୁ ସ୍ଥାନାନ୍ତର

**ନୂଆଦିଲ୍ଲୀ, ୧୩।୨:** ଦିଲ୍ଲୀର ମଙ୍ଗୋଲପୁରୀ ଅଞ୍ଚଳରେ ଜନ୍ମଦିନ ପାଳନ ବେଳେ ଯୁବକଙ୍କୁ ହତ୍ୟା ଘଟଣାରେ ୫ ଜଣଙ୍କୁ ଗିରଫ କରାଯିବା ପରେ ଦିଲ୍ଲୀ ପୋଲିସ ଏହାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚକୁ ପ୍ରଦାନ କରିଛି। ମୃତକ ରିଙ୍କୁ ଶର୍ମା ଲାବରେଟୋରି ଟେକ୍‌ନିସିଆନ୍ ଭାବେ କାର୍ଯ୍ୟ କରୁଥିଲେ। ମୃତକ ଓ ଅଭିଯୁକ୍ତମାନେ ଜନ୍ମଦିନ ପାର୍ଟିରେ ଯୋଗଦେଇଥିଲେ। ପାର୍ଟିରୁ ଫେରିବା ପରେ ୪ ଅଭିଯୁକ୍ତ ରିଙ୍କୁଙ୍କ ଘରେ ପହଞ୍ଚି ତାଙ୍କୁ ଛୁରି ଭୁସି ହତ୍ୟା କରିଥିଲେ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡ ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଦାୟୀ କରିଛି।

## ଜାତିସଂଘ ମହାସଚିବ ପ୍ରାର୍ଥୀ ଆକାଂକ୍ଷା



**ନ୍ୟୁୟର୍କ, ୧୩।୨:** ଜାତିସଂଘର ମହାସଚିବ ପଦରେ ନିଜକୁ ପ୍ରାର୍ଥୀ ଘୋଷଣା କରିଛନ୍ତି ଭାରତୀୟ ବଂଶୋଦ୍ଭବ ଆକାଂକ୍ଷା ଅରୋରା। ୩୪ ବର୍ଷୀୟା ଆକାଂକ୍ଷା ଏବେ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ରେ ଅଡିଟ୍ କୋଅର୍ଡିନେଟର ରହିଛନ୍ତି। ବର୍ତ୍ତମାନ ମହାସଚିବ ଥିବା ଆଣ୍ଟୋନିଓ ଗୁଟେରେସ୍‌ଙ୍କ ବିପକ୍ଷରେ ନିଜ ପ୍ରାର୍ଥିତ୍ୱ ଘୋଷଣା କରିବାରେ ସେ ପ୍ରଥମ ମହିଳା। ଏଥିପାଇଁ ଆକାଂକ୍ଷା ନିଜର ପ୍ରଚାର ଆରମ୍ଭ କରିଦେଇଛନ୍ତି। ଗତ ୭୫ ବର୍ଷରେ ଜାତିସଂଘ କୌଣସି ମହିଳାଙ୍କୁ ମହାସଚିବ ହେବା ଦେଖିନାହିଁ। ଗତମାସରେ ୭୧ ବର୍ଷୀୟ ଗୁଟେରେସ୍ ପରବର୍ତ୍ତୀ ୫ ବର୍ଷ ନିମନ୍ତେ ଦ୍ୱିତୀୟ ଥର ଏହି ପଦବୀ ପାଇଁ ଆଶାୟୀ ଥିବା ଘୋଷଣା କରିସାରିଛନ୍ତି। ୨୦୨୧ ଡିସେମ୍ବର ୩୧ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ୨୦୨୨ ଜାନୁୟାରୀ ୧ରୁ ପରବର୍ତ୍ତୀ ମହାସଚିବଙ୍କ କାର୍ଯ୍ୟକାଳ ଆରମ୍ଭ ହେବ।

## ମାରିଓ ଡ୍ରାଘି ଇଟାଲୀ ପ୍ରଧାନମନ୍ତ୍ରୀ

**ରୋମ୍, ୧୩।୨(ପି.ଟି.)**



ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କର ପୂର୍ବତନ ମୁଖ୍ୟ ମାରିଓ ଡ୍ରାଘି ଇଟାଲୀର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶନିବାର ଶପଥ ଗ୍ରହଣ କରିଛନ୍ତି। ସେ ରାଷ୍ଟ୍ରପତିଙ୍କୁ ଭେଟିବା ପରେ ନୂଆ କ୍ୟାବିନେଟ ଘୋଷଣା କରିଛନ୍ତି। ଗତ ମାସରେ ପୂର୍ବ ସରକାର ଭାଙ୍ଗିଯିବା ପରେ ମାରିଓଙ୍କୁ ପ୍ରାୟ ସମସ୍ତ ପ୍ରମୁଖ ବିରୋଧୀ ଦଳ ସମର୍ଥନ ଦେଇଛନ୍ତି। କରୋନା ମହାମାରୀ କବଳିତ ଇଟାଲୀର ଅର୍ଥନୀତି ଦଶନ୍ଧିର ସବୁଠୁ ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। ଏଠାରେ କରୋନାରେ ୯୩,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି।

# ବିହାରରେ କରୋନା ମହାଦୁର୍ନୀତି

**ପାଟନା, ୧୩।୨**




- ନକଲି ନାଁ, ନମ୍ବରରେ ଟେଷ୍ଟ
- ବିନା ପରୀକ୍ଷାରେ ପଜିଟିଭ୍
- କ୍ୱାରାଣ୍ଟାଇନରେ ରହୁଛନ୍ତି ସୁସ୍ଥ ଲୋକ
- ଦିନକୁ ଲକ୍ଷେ ଟେଷ୍ଟ ହେଉଥିବା ଡାଟା କହୁଛି
- ସଂଖ୍ୟା ବଢ଼ାଇବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚାପ

ଦେଶରେ ଫେବୃୟାରୀ ୧୩ ସୁଦ୍ଧା ୨୦ କୋଟି ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ କରୋନା ଟେଷ୍ଟ ସରିଥିବା ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମ୍ଆର୍) ୱେବସାଇଟ୍‌ରେ ତଥ୍ୟ ରହିଛି। ଆଖିଦୃଶିଆ ଏହି ତଥ୍ୟ ପ୍ରଚାର କରି ବାହାବା ନେଉଛନ୍ତି ସରକାର। କେଉଁ ରାଜ୍ୟ ସରକାର ଏପରି ଦେଖାଣିଆ ରେକର୍ଡ କରିବାରେ ମାହିର ତାହା ମଧ୍ୟ ପ୍ରଘଟ କରାଯାଉଛି। ହେଲେ ବାସ୍ତବ କଥା ସତଠାରୁ କେତେ ଦୂରରେ ତାହା ଦେଖିବାକୁ ମିଳିଛି ନୀତୀଶ କୁମାରଙ୍କ ଶାସନାଧୀନ ବିହାରରେ। ନକଲି ନାଁ ମିଥ୍ୟା ମୋବାଇଲ ନମ୍ବରରେ କରୋନା ଟେଷ୍ଟ କରାଇ ରୋଗୀ ସଂଖ୍ୟା ବଢ଼ାଇବା, ଏପରି କି ସୁସ୍ଥ ଲୋକଙ୍କୁ ଜବରଦସ୍ତି କ୍ୱାରାଣ୍ଟାଇନରେ ରଖି ରେକର୍ଡ ନିଜ ନାଁରେ ଉଲ୍ଲେଖ କରିବାରେ ଏହି ରାଜ୍ୟ କେତେ ପାରଙ୍ଗମ ତାହା ଏକ ଜାତୀୟ ଖବରକାଗଜ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି।

ତଥ୍ୟ କହୁଛି, ଭାଜପା ସରକାର ଥିବା ଉତ୍ତରପ୍ରଦେଶରେ ସର୍ବାଧିକ ୨.୮୯ କୋଟି ନମୁନା ପରୀକ୍ଷା କରାଯାଇଛି। ବିହାର ବର୍ତ୍ତମାନ ସୁଦ୍ଧା ୨.୧୬ କୋଟି ଜଣଙ୍କ କରୋନା ଟେଷ୍ଟ କରାଇ ସବୁଠାରୁ ଅଧିକ ଟେଷ୍ଟିଂ ତାଲିକାରେ ଦ୍ୱିତୀୟରେ ରହିଛି। ନୀତୀଶ ସରକାର ଦିନକୁ ଲକ୍ଷାଧିକ ଲୋକଙ୍କ କୋଭିଡ୍ ପରୀକ୍ଷା କରାଉଥିବା କହୁଛନ୍ତି। କେବଳ ଚଳିତ ସପ୍ତାହରେ ହାରାହାରି ୭୫ ହଜାର ଟେଷ୍ଟ ହୋଇଥିବା ସରକାରୀ ସ୍ତରରେ ତଥ୍ୟ ପ୍ରକାଶ ପାଇଛି। କିନ୍ତୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଯାହା ଅଭିଯୋଗ ଆସିବାରେ ଲାଗିଛି, ତାହା ପ୍ରଶାସନ ଓ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇଛି।

ଜମୁଇ, ଶୈଖପୁରା, ପାଟନା ଆଦି ସ୍ଥାନରେ କୋଭିଡ୍ ଟେଷ୍ଟରେ ବ୍ୟାପକ ଦୁର୍ନୀତି ହୋଇଥିବା ଘଟଣା ସାମ୍ନାକୁ ଆସିଛି। ସଂକ୍ରମଣର କୌଣସି ଲକ୍ଷଣ ନ ଥିବା ଗ୍ରାମାଞ୍ଚଳ ଲୋକଙ୍କୁ ଜବରଦସ୍ତି ଟେଷ୍ଟ ପାଇଁ ନିଆଯାଉଥିବା ଏବଂ ସଂକ୍ରମଣର ଭୁଲ ରିପୋର୍ଟ ଦେଇ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯାଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏପରିକି ପଜିଟିଭ୍ ଚିହ୍ନଟ ହୋଇଥିବା ଲୋକଙ୍କ ମଧ୍ୟରୁ କେତେକେ ଅଲଗା ଭାବେ କରୋନା ପରୀକ୍ଷା କରିବାରେ ନେଗେଟିଭ୍ ରିପୋର୍ଟ ଆସିବାରୁ ସେମାନେ ଜିଲା ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନକଲି ନାଁ ଏବଂ ମୋବାଇଲ ନମ୍ବର ସ୍ଥାନରେ ୧୦ଟି ଶୂନ ରଖି କରୋନା ରୋଗୀଙ୍କ ମିଥ୍ୟା ପଞ୍ଜୀକରଣ ହେଉଥିବା ଜଣାପଡିଛି। ଡାଟାରେ ଅଧିକାଂଶ ଲୋକଙ୍କ ଆଣ୍ଟିଜେନ ଟେଷ୍ଟ ହେଉଥିବା ଦର୍ଶାଯାଇଛି। ଗତ ଜୁଲାଇ ସୁଦ୍ଧା ରାଜ୍ୟରେ ଦିନକୁ ୧୦ ହଜାର ଲୋକଙ୍କ କୋଭିଡ୍ ପରୀକ୍ଷା କରାଯାଉଥିବାବେଳେ ହଠାତ୍ ତାହା ୧ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ଆଣ୍ଟିଜେନ ଟେଷ୍ଟ ପାଇଁ କିଟ୍ ପିଛା ୪୦ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଲକ୍ଷ ଲକ୍ଷ ମିଥ୍ୟା ଟେଷ୍ଟିଂ ରିପୋର୍ଟ ଦେଇ ବିଲ୍ ପ୍ରସ୍ତୁତ କରାଯାଉଛି। ଅନ୍ୟପକ୍ଷରେ ଅଧିକ ରୋଗୀଙ୍କ ତାଲିକା ଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଉପରେ ସରକାରୀ ସ୍ତରରେ ଚାପ ପଡୁଥିବା ସେଠାକାର କର୍ମଚାରୀ କହିଛନ୍ତି। ଟାର୍ଗେଟ ପୂରଣ ହେଉ ନ ଥିବାରୁ ସ୍ୱାସ୍ଥ୍ୟକର୍ମୀ ଗାଁ ଗାଁ ବୁଲି ଲୋକଙ୍କ ଟେଷ୍ଟ କରାଇ ରିପୋର୍ଟ ଦେଉଥିବା ଜଣାପଡିଛି।

## ଦୁର୍ନୀତିର ଭବିଷ୍ୟବାଣୀ କରିଥିଲି: ତେଜସ୍ୱୀ



କରୋନା ଟେଷ୍ଟରେ ଦୁର୍ନୀତିକୁ ନେଇ ବିହାରର ଭାଜପା ଓ ଜନତା ଦଳ ମେଣ୍ଟ ସରକାର ଉପରେ ବର୍ଷିଛନ୍ତି ବିରୋଧୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ। କରୋନା ଦୁର୍ନୀତି ହେବ ବୋଲି ବହୁ ପୂର୍ବରୁ ଭବିଷ୍ୟବାଣୀ କରିଥିଲି। ଯେତେବେଳେ ଟେଷ୍ଟିଂ ଡାଟା ସାର୍ବଜନୀନ କରିଥିଲି ତାହାକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏଡ଼ାଇ ଯାଇଥିଲେ। ନୀତୀଶ ଓ ସ୍ୱାସ୍ଥ୍ୟ ବିଭାଗର ବିଶ୍ୱସ୍ତ ବାବୁଙ୍କ ସହ ମିଶି କରୋନା ଟେଷ୍ଟିଂ ସଂଖ୍ୟା ବଢ଼ାଇଥିବା ନେଇ ତେଜସ୍ୱୀ ଅଭିଯୋଗ କରିଛନ୍ତି। ସେମାନେ ମିଶି କେବଳ ୭ ଦିନରେ ଦୈନିକ କରୋନା ପରୀକ୍ଷା ସଂଖ୍ୟା ୧୦ ହଜାରରୁ ୧ ଲକ୍ଷ ଏବଂ ୨୫ ଦିନରେ ଏହା ୨ ଲକ୍ଷ ଅତିକ୍ରମ କରାଇଛନ୍ତି। ଟେଷ୍ଟିଂ ନାଁରେ ବିହାର ସରକାର ଓ ଅଧିକାରୀମାନେ ଟଙ୍କା ହଡ଼ପ କରିବାରେ ଲାଗିଥିବା ତେଜସ୍ୱୀ କହିଛନ୍ତି।

## ପାର୍ଲାମେଣ୍ଟରେ ତଦନ୍ତ ଦାବି

ବିହାରରେ କୋଭିଡ୍-୧୯ ଟେଷ୍ଟ ନାଁରେ ବ୍ୟାପକ ଦୁର୍ନୀତି ହୋଇଥିବା ଘଟଣା ପାର୍ଲାମେଣ୍ଟରେ ଉପସ୍ଥାପନ କରିଛନ୍ତି ଆର୍‌ଜେଡିର ରାଜ୍ୟ ସଭା ସଦସ୍ୟ ମନୋଜ ଝା। ଟେଷ୍ଟିଂ ସଂଖ୍ୟା କିପରି ୭ ଦିନରେ ଦୈନିକ ୧୦ ହଜାରରୁ ୧ ଲକ୍ଷ ଟପିଗଲା ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ


ମନୋଜ ଝା

ମନୋଜ ଦାବି ଉଠାଇଥିଲେ। ଘଟଣାର ତଦନ୍ତ ପାଇଁ ରାଜ୍ୟ ସଭା ସଭାପତି ଭେଙ୍କୟା ନାଇଡୁ ବିହାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କହିଥିଲେ। ଅଭିଯୋଗର ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିହାର ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳ ପାଣ୍ଡେ କହିଛନ୍ତି।

## ‘ଦୋଷୀଙ୍କୁ ଛଡ଼ାଯିବନି’

କରୋନା ଟେଷ୍ଟିଂ ଦୁର୍ନୀତି ଘଟଣାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି, ସେ ପ୍ରମୁଖ ସଚିବଙ୍କ ସହ ଏ ନେଇ କଥା ହୋଇଛନ୍ତି। ୨୨ଟି ଜିଲାରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜମୁଇର ସିଭିଲ ସର୍ଜନ, ଡିପିଏମ୍, ଡିଆଇଓ, ବ୍ଲକ ହେଲ୍‌ଥ ମ୍ୟାନେଜର, ସିକନ୍ଦରା ଏବଂ ବରହଟ୍ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ନିଲମ୍ବନ


ନୀତୀଶ କୁମାର

କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ।

## ଜାପାନରେ ବଡ଼ ଭୂକମ୍ପ

**ଟୋକିଓ, ୧୩।୨**

ଜାପାନର ଫୁକୁଶିମା ଉପକୂଳରେ ଶନିବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୧ ଥିବା ଜାପାନ ପାଣିପାଗ ସଂସ୍ଥା କହିଛି। ଫୁକୁଶିମା ଉପକୂଳର ୬୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ ବୋଲି କୁହାଯାଉଛି। ତେବେ ସୁନାମି ସତର୍କ ସୂଚନା ଜାରି ହୋଇନାହିଁ। ଭୂକମ୍ପ ପ୍ରଭାବରେ ରାଜଧାନୀ ଟୋକିଓରେ ବିଲ୍ଡିଂଗୁଡ଼ିକ ଦୋହଲିଯାଇଥିଲା। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ତୁରନ୍ତ ସଙ୍କଟ ପରିଚାଳନା ଅଫିସ୍ ଖୋଲାଯାଇଛି। ଫୁକୁଶିମାର ଆଣବିକ ପ୍ଲାଣ୍ଟଗୁଡ଼ିକରେ ଲିକ୍ ହୋଇଛି କି ନାହିଁ ତାହାର ଯାଞ୍ଚ କରାଯାଉଛି। ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ ଫୁକୁଶିମାର ନାମି ସହରର ଉତ୍ତରପୂର୍ବ ଦିଗରେ ଭୂକମ୍ପର କେନ୍ଦ୍ରସ୍ଥଳ। ସୂଚନାଯୋଗ୍ୟ, ୨୦୧୧ ମାର୍ଚ୍ଚ ୧୧ରେ ଫୁକୁଶିମାରେ ବଡ଼ ଭୂକମ୍ପ ଏବଂ ସୁନାମି ଯୋଗୁ ୧୮ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା।

## ଗଲ୍‌ୱାନ ଯିବ ସଂସଦୀୟ କମିଟି

**ନୂଆଦିଲ୍ଲୀ, ୧୩।୨:** ପ୍ରତିରକ୍ଷା ସଂସଦୀୟ ଷ୍ଟାଣ୍ଡିଂ କମିଟି ପୂର୍ବ ଲଦାଖର ଗଲ୍‌ୱାନ ଉପତ୍ୟକା ଓ ପାଙ୍ଗୋଙ୍ଗ୍ ହ୍ରଦ ଅଞ୍ଚଳ ଗସ୍ତ କରିବାକୁ ନିଷ୍ପତ୍ତି ନେଇଛି। ଗତବର୍ଷ ମେ’ରୁ ସେଠାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗିରହିଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍‌ଙ୍କ ଅଧ୍ୟକ୍ଷତାରେ ମେ’ ଶେଷ ସପ୍ତାହ କିମ୍ବା ଜୁନ୍‌ରେ ପୂର୍ବ ଲଦାଖ ଯିବାକୁ ଥିବା ୩୦ ଜଣିଆ ସଂସଦୀୟ କମିଟିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସଦସ୍ୟ ଅଛନ୍ତି।


ଭାଲେଣ୍ଟାଇନ ଡେ ପାଇଁ ବେଙ୍ଗାଲୁରୁରେ ଜଣେ ଦୋକାନୀ ଗୋଲାପ ଫୁଲର ପସରା ମେଲାଇଛନ୍ତି।

## ପାକିସ୍ତାନରେ ଡୋଭାଲଙ୍କ ଅଫିସ୍ ଭିଡିଓ

**ଜମ୍ମୁ, ୧୩।୨(ଆଇଏଏନ୍‌ଏସ୍)**

ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ଛାମୁଆ ଗୋଷ୍ଠୀ ଜୈଶ-ଇ-ମୁସ୍ତାଫା (ଜେଇଏମ୍) ମୁଖ୍ୟ ହିଦାୟତୁଲ୍ଲା ମଲିକ୍ ଜେରା ବେଳେ ବିସ୍ଫୋରକ ତଥ୍ୟ ପ୍ରଘଟ କରିଛନ୍ତି। ଗତ ୬ ତାରିଖରେ ଜମ୍ମୁର ସଞ୍ଜୱାନି ଅଞ୍ଚଳରୁ ଗିରଫ ହୋଇଥିବା ଏହି ଆତଙ୍କବାଦୀ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ କାର୍ଯ୍ୟାଳୟର ଗୁପ୍ତ ଭିଡିଓ ପ୍ରସ୍ତୁତ କରି ପାକିସ୍ତାନ ପଠାଇଥିବା କହିଛନ୍ତି। ସେ ଦିଲ୍ଲୀର ଅନ୍ୟ କେତେକ ପ୍ରମୁଖ ସ୍ଥାନର ଭିଡିଓ ପାକିସ୍ତାନରେ ଥିବା ଜେଇଏମ୍ କମାଣ୍ଡରମାନଙ୍କ ପାଖକୁ ପଠାଇଛନ୍ତି। ଡୋଭାଲଙ୍କ କାର୍ଯ୍ୟାଳୟର ସୁରକ୍ଷା ବଢ଼ାଇ ଦିଆଯାଇଛି। ୨୦୧୬ ଉରି ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ବାଲାକୋଟ ଏୟାର ଷ୍ଟ୍ରାଇକ୍ ପରେ ଡୋଭାଲ ଆତଙ୍କବାଦୀମାନଙ୍କ ମୁଖ୍ୟ


ଅଜିତ ଡୋଭାଲ

### ଗିରଫ ଜେଇଏମ୍ ମୁଖ୍ୟଙ୍କ ବିସ୍ଫୋରକ ପ୍ରଘଟ

ଟାର୍ଗେଟରେ ରହିଛନ୍ତି। ଶୋପିଆନ୍‌ର ଏହି ଆତଙ୍କବାଦୀଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନରେ ମାମଲା ରୁଜୁ ହୋଇଛି। ହିଦାୟତୁଲ୍ଲାଙ୍କ ସୂଚନା ଅନୁଯାୟୀ ଗତବର୍ଷ ମେ’ରେ ସେ ଦିଲ୍ଲୀ ଯାଇ ଡୋଭାଲଙ୍କ ଅଫିସ୍‌ର ଭିଡିଓ ରେକର୍ଡିଂ କରିଥିଲେ। ପରେ ସେ ହ୍ୱାଟ୍ସଆପ୍ ମାଧ୍ୟମରେ ଉକ୍ତ ଭିଡିଓକୁ ପାକିସ୍ତାନୀ କମାଣ୍ଡରଙ୍କ ପାଖକୁ ପଠାଇଥିଲେ।

## ‘ଜମ୍ମୁ-କଶ୍ମୀରକୁ ଠିକ୍ ସମୟରେ ମିଳିବ ରାଜ୍ୟ ମାନ୍ୟତା’

**ନୂଆଦିଲ୍ଲୀ, ୧୩।୨**

ଉପଯୁକ୍ତ ସମୟରେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରଦାନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶନିବାର କହିଛନ୍ତି। ବିସ୍ଥାପିତ ହୋଇଥିବା ସମସ୍ତ କଶ୍ମୀରୀ ପଣ୍ଡିତଙ୍କୁ ୨୦୨୨ ସୁଦ୍ଧା ଉପତ୍ୟକାରେ ପୁନଃଥଇଥାନ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ସେଠାରେ ୨୫,୦୦୦ ନିଯୁକ୍ତି ସୃଷ୍ଟି କରାଯିବା ସହ ଉକ୍ତ ଅଞ୍ଚଳକୁ ରେଳ ସଂଯୋଗ କରାଯିବ ବୋଲି ଶାହା କହିଥିଲେ। ରିଲିଫ୍ କାର୍ଡ ଥିବା ୪୪ ହଜାର କଶ୍ମୀରୀ ପଣ୍ଡିତ ପରିବାରକୁ ସରକାର ମାସିକ ୧୩ ହଜାର ଟଙ୍କା ସହ ମାଗଣାରେ ରାଶନ ସାମଗ୍ରୀ ଯୋଗାଇ ଦେଉଛନ୍ତି। ଲୋକ ସଭାରେ ଜମ୍ମୁ-କଶ୍ମୀର ପୁନର୍ଗଠନ



(ସଂଶୋଧନ) ବିଲ୍, ୨୦୨୧ ଉପରେ ଆଲୋଚନା ବେଳେ ସେ କହିଥିଲେ, ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ପ୍ରଦାନ ପାଇଁ ବିଲ୍ ଆଣିବା ନିମନ୍ତେ ବହୁ ଏମ୍‌ପି ଦାବି କରୁଛନ୍ତି। ବିଲ୍ ପ୍ରସ୍ତୁତ ହେଉଛି ଓ ଠିକ୍ ସମୟରେ ଜମ୍ମୁ-କଶ୍ମୀର ରାଜ୍ୟ ମାନ୍ୟତା ପାଇବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ସ୍ପଷ୍ଟ କରିଥିଲେ। ଆଲୋଚନା ପରେ ଜମ୍ମୁ-କଶ୍ମୀର ପୁନର୍ଗଠନ ସଂଶୋଧନ ବିଲ୍ ଗୃହୀତ ହୋଇଛି। ସୂଚନାଯୋଗ୍ୟ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ଉଚ୍ଛେଦ କରିଦେବା ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ।

- ୨୦୨୨ ସୁଦ୍ଧା କଶ୍ମୀରୀ ପଣ୍ଡିତଙ୍କ ଥଇଥାନ
- ଜମ୍ମୁ-କଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ୍ ଗୃହୀତ

## ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶେଷ

**ନୂଆଦିଲ୍ଲୀ, ୧୩।୨**

ପାର୍ଲାମେଣ୍ଟ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶନିବାର ଶେଷ ହୋଇଛି। ଏଥିସହିତ ଲୋକ ସଭାକୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ୮ରୁ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇ ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବ। ବଜେଟ ଅଧିବେଶନ ସାଧାରଣତଃ ଦୁଇ ପର୍ଯ୍ୟାୟରେ ହୋଇଥାଏ। ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଏବଂ ବଜେଟ ଉପସ୍ଥାପନ କରାଯାଇଥାଏ। ଏହା ପରେ ବିଭିନ୍ନ ମନ୍ତ୍ରଣାଳୟର ଅନୁଦାନ ଦାବି ଉପରେ ବିଭାଗୀୟ ଷ୍ଟାଣ୍ଡିଂ କମିଟି ଅନୁଧ୍ୟାନ କରିବା ଲାଗି ବିରତି ହୋଇଥାଏ। ଅର୍ଥ ବିଲ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଦାବି ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଗୃହୀତ ହେବ। ଶନିବାର ଗୃହ କାର୍ଯ୍ୟ ଶେଷ ହେବା ପରେ ମାର୍ଚ୍ଚ ୮ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଲା ବୋଲି ବାଚସ୍ପତି ଓମ୍ ବିର୍ଲା ଘୋଷଣା କରିଥିଲେ। ଜାନୁୟାରୀ ୨୯ରେ ବଜେଟ ଅଧିବେଶନ ଆରମ୍ଭ ହୋଇଥିଲା। ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ସାଧାରଣ ବଜେଟ ଉପସ୍ଥାପନ କରିଥିଲେ। ରାଜ୍ୟ ସଭାରେ ପ୍ରଥମ ପର୍ଯ୍ୟାୟ ପ୍ରୋସିଡିଂ ଶୁକ୍ରବାର ଶେଷ ହୋଇଥିଲା।

ଧରିତ୍ରୀ
DHARITRI
ରବିବାର, ୧୪ ଫେବୃୟାରୀ, ୨୦୨୧



ବଲିଉଡ୍‌ର ସୁପରହିଟ ଅଭିନେତ୍ରୀ ଦୀପିକା ପାଦୁକୋନ ନିଜର ଅଭିନୟ ଏବଂ ଫ୍ୟାଶନ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଏବେ ଦୀପିକାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ଅଭିନେତ୍ରୀଙ୍କୁ ମୁମ୍ବାଇର ଏକ ହୋଟେଲରୁ ବାହାରୁଥିବାର ଦେଖିବାକୁ ମିଳୁଛି। ସେ ଟପ ଟୁ ବଟମ୍ କଳା ରଙ୍ଗର ପୋଷାକ ପିନ୍ଧିଥିଲେ। ଏଥିସହ କଳାରଙ୍ଗର ଏକ ମାସ୍କ ମଧ ସେ ଲଗାଇଥିଲେ। ତେବେ ଏହି ଫଟୋରେ ଦୀପିକାଙ୍କ ପୋଷାକ ଅପେକ୍ଷା ତାଙ୍କ ମାସ୍କର ବେଶୀ ଚର୍ଚ୍ଚା ହେଉଛି। ଏହି ମାସ୍କର ମୂଲ୍ୟ ୨୫ ହଜାର ଟଙ୍କା। ସେହିପରି ସେ ହାତରେ ଧରିଥିବା ବ୍ୟାଗ୍‌ର ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି।



# ୫ ବର୍ଷରେ ୪୭% ବଢ଼ିଛି ବଳାତ୍କାର

**ଭାରତରେ ଯୌନଶୋଷଣ, ବଳାତ୍କାର, ଗଣବଳାତ୍କାର ଭଳି ଜଘନ୍ୟ ମାମଲା ବଢ଼ିବାରେ ଲାଗିଛି। ଏମିତି ନୁହେଁ, ପୂର୍ବରୁ ଏଭଳି ଅପରାଧ ହେଉ ନ ଥିଲା। ହେଲେ ଅନେକ ମାମଲା ବିରୋଧରେ ସ୍ୱର ଉଠାଇବାକୁ ଭୟ କରୁଥିଲେ ପୀଡ଼ିତା ଏବଂ ସେମାନଙ୍କ ପରିବାର। ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପରେ ଏଭଳି ଘଟଣା ବିରୋଧରେ ଆଇନଗତ ଲଢ଼େଇ ବଢ଼ିଛି। ଗତ ୫ ବର୍ଷ ମଧ୍ୟରେ ବଳାତ୍କାର ମାମଲାରେ ୪୭% ବୃଦ୍ଧି ଘଟିଛି, ଯାହା ୨୦୧୬ରେ ୧୭.୬୪% ଥିଲା।**

**ନୂଆଦିଲ୍ଲୀ:** ଭାରତର କଏଦୀ, ସେମାନଙ୍କ ଦ୍ୱାରା ସଂଘଟିତ ଅପରାଧ ଏବଂ ଦଣ୍ଡବିଧାନକୁ ନେଇ 'ପ୍ରୋଜେକ୍ଟ ୩୯ଏ' ପକ୍ଷରୁ ନିକଟରେ ଏକ ରିପୋର୍ଟ ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ୨୦୨୦ରେ ଦେଶର ବିଭିନ୍ନ ସେସନ୍ସ କୋର୍ଟ ୭୬ଜଣ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ସେଥିରୁ ୫୦ଜଣ ଅର୍ଥାତ୍ ୬୫ ପ୍ରତିଶତଙ୍କୁ ଯୌନଶୋଷଣ ମାମଲାରେ ଦଣ୍ଡବିଧାନ ହୋଇଛି। ଗତ ୫ବର୍ଷ ମଧ୍ୟରେ ଏହା ହେଉଛି ସବୁଠାରୁ ଅଧିକ। ଆଶ୍ଚର୍ଯ୍ୟର କଥା ମାମଲାର ୮୨% ପୀଡ଼ିତା ହେଉଛନ୍ତି ନାବାଳିକା।

୨୦୧୬ରେ ୧୭.୬୪% କଏଦୀଙ୍କୁ ଯୌନ ଉତ୍ପୀଡ଼ନ ମାମଲାରେ ମୃତ୍ୟୁଦଣ୍ଡ ଶୁଣାଯାଇଥିଲା। ୨୦୨୦ରେ ଏହା ବୃଦ୍ଧି ପାଇ ୬୪.୯୩%ରେ ପହଞ୍ଚିଛି। ୨୦୧୭ରେ ୩୭.୨୭%, ୨୦୧୮ରେ ୪୧.୧୦%, ୨୦୧୯ରେ ୫୩.୩୯% ରହିଥିଲା। ୨୦୧୬ରୁ ୨୦୨୦ ମଧ୍ୟରେ ଡେଥ୍ ପେନାଲ୍ଟି ୪୭% ବଢ଼ିଛି। ଏହା ପଛରେ ମହିଳାଙ୍କ ମଧ୍ୟରେ ସଚେତନତା ଏବଂ ପୋକ୍‌ସୋ ଆଇନରେ ପରିବର୍ତ୍ତନ ବଡ଼ କାରଣ ବୋଲି କୁହାଯାଉଛି। ୨୦୧୮ରେ ଏହି ପୋକ୍‌ସୋ ଆଇନରେ ସଂଶୋଧନ କରାଯାଇଥିଲା। ୧୨ବର୍ଷରୁ କମ୍ ବୟସର ବାଳିକାଙ୍କୁ ଯୌନଶୋଷଣ ମାମଲାରେ ମୃତ୍ୟୁଦଣ୍ଡ ଦିଆଯାଇପାରିବ ବୋଲି ଏଥିରେ ବ୍ୟବସ୍ଥା କରାଯାଇଥିଲା। ଜେଲ ସୁଧାରକ ଭାବେ କାର୍ଯ୍ୟରତ ତିନ୍‌କା ତିନ୍‌କା ଫାଉଣ୍ଡେଶନର ପ୍ରତିଷ୍ଠାତା ବର୍ତ୍ତିକା ନନ୍ଦା କୁହନ୍ତି, କେସ୍ ସଂଖ୍ୟା ବଢ଼ିବା ଅର୍ଥ କୋର୍ଟ ଏଭଳି ଘଟଣାକୁ ଗମ୍ଭୀରତାର ସହ ନେଉଛନ୍ତି। ଗତ କିଛିବର୍ଷ ମଧ୍ୟରେ ଗଣମାଧ୍ୟମ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପରିସ୍ଥିତି ବଦଳିବା ଆରମ୍ଭ ହୋଇଛି। ତଥାପି ଆହୁରି ସମୟ ଲାଗିବ।

୨୦୧୯ରେ ୧୦୩ ଲୋକଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଗତବର୍ଷ ଏହି ସଂଖ୍ୟା ୭୬କୁ ଖସିଆସିଛି। ଏହାର ବଡ଼ କାରଣ କରୋନା ବୋଲି କୁହାଯାଉଛି। କାରଣ ଲକ୍‌ଡାଉନ ପାଇଁ କୋର୍ଟ କାର୍ଯ୍ୟ ପ୍ରଭାବିତ ହେବା ପରେ ବହୁ ମାମଲାର ଶୁଣାଣି ହୋଇପାରି ନ ଥିଲା। ତଥାପି ୨୦୨୦ ମାର୍ଚ୍ଚ ସୁଦ୍ଧା ୪୮ କଏଦୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଯାଇଥିଲା। ୨୦୧୯ରେ



ସମାନ ସମୟରେ ଏହି ସଂଖ୍ୟା ଥିଲା ୨୦। ଗତ ଦୁଇ ଦଶନ୍ଧି ମଧ୍ୟରେ ୨୦୧୮ରେ ସର୍ବାଧିକ ୧୬୩ କଏଦୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ସେହିବର୍ଷ ମାର୍ଚ୍ଚ ସୁଦ୍ଧା ଏହି ସଂଖ୍ୟା ୨୭ ଥିଲା। ଏହାକୁ ବିଚାର କଲେ ଲକ୍‌ଡାଉନ ହୋଇ ନ ଥିଲେ ୨୦୨୦ରେ ସଂଖ୍ୟା ଅଧିକ ହୁଅନ୍ତା ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି।

ଅପରପକ୍ଷେ ଏଭଳି ଜଘନ୍ୟ ମାମଲା ସେସନ୍ସ କୋର୍ଟରୁ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ଯାଏ ପହଞ୍ଚିବା ପରେ ସଂଖ୍ୟା ବଦଳିଯାଇଥାଏ। ୨୦୨୦ ଡିସେମ୍ବର ୩୧ ସୁଦ୍ଧା ଭାରତର ୪୦୪ ଜଣ କଏଦୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଉତ୍ତରପ୍ରଦେଶର ସର୍ବାଧିକ ୫୯ଜଣ ଏଥିରେ ସାମିଲ ଅଛନ୍ତି। ୨୦୧୯ ଡିସେମ୍ବର ୩୧ରେ ଏହି ସଂଖ୍ୟା ୩୭୮ ଥିଲା। ଅର୍ଥାତ୍ ଗୋଟିଏ ବର୍ଷରେ ୨୬ ମାମଲା ବୃଦ୍ଧି ଘଟିଥିଲା। ଗତ ୨୦ ବର୍ଷରେ ମାତ୍ର ୮ଜଣଙ୍କୁ ଫାଶୀ ଦିଆଯାଇଛି। ଏମାନଙ୍କ ମଧ୍ୟରୁ ଦିଲ୍ଲୀ ନିର୍ଭୟା ଗଣବଳାତ୍କାର ମାମଲାରେ ଗତବର୍ଷ ମାର୍ଚ୍ଚରେ ୪ଜଣ ଦୋଷୀଙ୍କୁ ଫାଶୀରେ ଝୁଲାଯାଇଥିଲା। ୨୦୧୫ରେ ୟାକୁବ ମେନନ୍, ଫେବୃୟାରୀ ୨୦୧୩ରେ ଅଫଜଲ ଗୁରୁ, ୨୦୧୨ରେ ଅଜମଲ କସବ ଏବଂ ୨୦୦୪ରେ ଧନଞ୍ଜୟ ଚାଟାର୍ଜୀଙ୍କୁ ଫାଶୀ ଦିଆଯାଇଥିଲା। ଗତ ୫ ବର୍ଷରେ ସର୍ବାଧିକ ଫାଶୀ ଦଣ୍ଡାଦେଶ ଶୁଣାଇଥିବା ୫ ରାଜ୍ୟ ମଧ୍ୟରେ ଉତ୍ତରପ୍ରଦେଶ (୫୯), ମଧ୍ୟପ୍ରଦେଶ (୩୭), ବିହାର (୨୮), ପଶ୍ଚିମବଙ୍ଗ (୩୪) ଏବଂ ମହାରାଷ୍ଟ୍ର (୪୫) ରହିଛି। ସେହିପରି କମ୍ ମୃତ୍ୟୁଦଣ୍ଡ ଶୁଣାଇଥିବା ରାଜ୍ୟ ଭିତରେ ହିମାଚଳପ୍ରଦେଶ (୩), ତ୍ରିପୁରା (୩), ମଣିପୁର (୩), ଓଡ଼ିଶା (୩) ଏବଂ ଆନ୍ଧ୍ରପ୍ରଦେଶ (୨) ରହିଛି।

ପୃଥିବୀର ୫୩ ଦେଶରେ ମୃତ୍ୟୁଦଣ୍ଡ ଦିଆଯିବା ବ୍ୟବସ୍ଥା ରହିଛି। ସମ୍ପୃକ୍ତ ଦେଶଗୁଡ଼ିକରେ ୨୦୧୯ରେ ୨୩୦୭ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଯାଇଥିବାବେଳେ ୬୫୭ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ୨୦୧୮ରେ ଏହି ସଂଖ୍ୟା ଥିଲା ୬୯୦। ଇରାନ, ଇରାକ, ପାକିସ୍ତାନ, ସାଉଦି ଆରବରେ ଅଧିକ ମୃତ୍ୟୁଦଣ୍ଡ ମାମଲା ସାମ୍ନାକୁ ଆସିଛି। ଚାଇନା, ଉତ୍ତରକୋରିଆ ଭଳି କମ୍ୟୁନିଷ୍ଟ ରାଷ୍ଟ୍ର ଏହାକୁ ଗୁପ୍ତ ରଖୁଥିବାରୁ ସମ୍ପୃକ୍ତ ଦେଶର ସ୍ପଷ୍ଟ ଚିତ୍ର ଆସେନାହିଁ।

# ରାଜକୁମାରୀ ଲୁକ୍‌ରେ ନୋରା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ନୋରା ଫତେହି । ଆଜିକାଲି ଯୁବବର୍ଗଙ୍କ ପାଇଁ ଏହି ନାଁ ହିଁ ବହୁତ କିଛି। ନୋରା ତାଙ୍କ ସୁନ୍ଦରତା ପାଇଁ ଯେତିକି ଚର୍ଚ୍ଚିତ ତା'ଠାରୁ ଅଧିକ ଚର୍ଚ୍ଚିତ ତାଙ୍କ ଡ୍ୟାନ୍ସକୁ ନେଇ। ତେବେ ସୋସିଆଲ ମିଡିଆରେ ଆକ୍ଟିଭ ରହୁଥିବା ଏହି ଅଭିନେତ୍ରୀ ଅନେକ ସମୟରେ ନିଜର କିଛି ଫଟୋ ଓ ଭିଡିଓକୁ ନେଇ ମଧ ଆସିଥାଆନ୍ତି ଚର୍ଚ୍ଚାକୁ। ଏବେ ନିକଟରେ ତାଙ୍କର ଏକ ମ୍ୟୁଜିକ ଭିଡିଓ 'ଛୋଡ ଦେଙ୍ଗେ' ରିଲିଜ୍ ହୋଇଥିଲା। ଯେଉଁଥିରେ ନୋରାଙ୍କ ଭିନ୍ନ ଭିନ୍ନ ରୂପ ଦେଖିବାକୁ ମିଳିଥିଲା। ଏବେ ସୋସିଆଲ ମିଡିଆରେ ତାଙ୍କର ଏକ ଫଟୋ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ରାଜକୁମାରୀ ବେଶରେ ନଜର ଆସିଛନ୍ତି। ହ୍ୱାଇଟ ବ୍ଲେଜର ସହ ବ୍ଲାକ ହାଫ ନେଟ ଡିଜାଇନ ଟପ୍‌ରେ ନଜର ଆସିଛନ୍ତି ନୋରା । ତେବେ ଫଟୋଟି ତାଙ୍କ ପ୍ରଶଂସକଙ୍କ ମନକୁ ବେଶ ପାଇଛି। ଏହା 'ଛୋଡ ଦେଙ୍ଗେ' ଗୀତର ଶୁଟିଂ ସମୟର ଫଟୋ । ନିଜେ ନୋରା ଏହି ଫଟୋକୁ ତାଙ୍କ ଇନଷ୍ଟାଗ୍ରାମରେ ପୋଷ୍ଟ କରିବା ପରେ ଏହା ଭାଇରାଲ ହେବାରେ ଲାଗିଛି । ସୂଚନାଯୋଗ୍ୟ, ଏହି ଗୀତରେ ନୋରାଙ୍କ ଭଲ ପାଇବା ଓ ବିଶ୍ୱାସକୁ ଧୋକା ଦେଇଥିବା ବ୍ୟକ୍ତି ଉପରେ ସେ ପ୍ରତିଶୋଧ ନେଉଛନ୍ତି । ଗୀତରେ କେତେକ ସ୍ଥାନରେ ନୋରା ବଞ୍ଜାରନ ଅବତାରରେ ବି ନଜର ଆସିଛନ୍ତି ।

# ନୀଳରଙ୍ଗର କୁକୁର



**ନୂଆଦିଲ୍ଲୀ:** ସାଧାରଣତଃ କଳା, ଧଳା, ବାଦାମୀ ଏମିତି ବିଭିନ୍ନ ରଙ୍ଗର କୁକୁର ଦେଖିବାକୁ ମିଳିଥାନ୍ତି। କିନ୍ତୁ ନୀଳ ରଙ୍ଗର କୁକୁରଙ୍କୁ କେହି ହୁଏତ କୌଣସି ସ୍ଥାନରେ ବି ଦେଖି ନ ଥିବେ। ମାତ୍ର ଏମିତି ରଙ୍ଗର କୁକୁରଙ୍କୁ ଏବେ ଦେଖିବାକୁ ମିଳିଛି, ଯାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ନୀଳ ରଙ୍ଗର ଦଳେ କୁକୁରଙ୍କର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରୁଷିଆର ନୋଭଗୋରୋଡ ଅଞ୍ଚଳରେ ଥିବା ଡେଜରଜିନସ୍କରେ ଏଭଳି ନୀଳ ରଙ୍ଗର କୁକୁର ଦେଖାଯାଉଥିବା ଖବର ମିଳିଛି। ସୂଚନା ଅନୁସାରେ ଏଠାରେ କିଛି ବୁଲା କୁକୁରଙ୍କ ରଙ୍ଗ ଏଭଳି ହୋଇଯାଇଛି। କୁକୁରଙ୍କ ରଙ୍ଗ ଏପରି ହୋଇଥିବାରୁ ଏବେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ସୋସିଆଲ ମିଡିଆର ଖବର ଅନୁସାରେ କୁକୁରଙ୍କ ତ୍ୱଚା ପୂରା ନୀଳ ହୋଇଯାଇଛି। ତେଣୁ କୁହାଯାଉଛି କି କୌଣସି ଏକ ରାସାୟନିକ ପ୍ରତିକ୍ରିୟାରୁ ଏପରି ହୋଇଛି। କୁକୁରଙ୍କର ଏହି ଫଟୋ ହାଇଡ୍ରୋସେନିକ୍ ଏସିଡ୍ ଉତ୍ପନ ହେଉଥିବା ଏକ ପ୍ଲାଣ୍ଟ ପାଖରେ ଥିବାରୁ ପ୍ଲାଣ୍ଟ ପ୍ରଭାବରେ ଏପରି ହୋଇଥିବା କୁହାଯାଉଛି। କିନ୍ତୁ ସମ୍ପୃକ୍ତ ପ୍ଲାଣ୍ଟର ମାଲିକ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ କହିବା ଅନୁସାରେ କପର ସଲଫେଟ୍ ନାମକ କେମିକାଲ ସଂସ୍ପର୍ଶରେ ଆସି କୁକୁରଙ୍କର ଏଭଳି ରଙ୍ଗ ହୋଇଛି। ତେବେ କୁକୁରଙ୍କର ଏଭଳି ରଙ୍ଗ ପରିବର୍ତ୍ତନକୁ ନେଇ ସୋସିଆଲ ମିଡିଆରେ ଚାରିଆଡୁ ଲୋକେ ସମାଲୋଚନା କରିଛନ୍ତି। କୁକୁରଙ୍କର ରଙ୍ଗ ଏଭଳି କାହିଁକି ହୋଇଛି ସେନେଇ ବିଶେଷଜ୍ଞମାନେ ଅନୁସନ୍ଧାନ ଜାରି ରଖିଛନ୍ତି। ଖୁବଶୀଘ୍ର ନୀଳ ରଙ୍ଗର କୁକୁରଙ୍କ ସମ୍ପର୍କରେ ଜଣାପଡ଼ିଯିବ ବୋଲି କୁହାଯାଇଛି।

# ଛାଡ଼ପତ୍ର ପରେ ଦ୍ୱିତୀୟ ବିବାହ



**ମୁମ୍ବାଇ:** ବଲିଉଡ୍‌ରେ ସୁପରହିଟ ଫିଲ୍ମ 'ରେହନା ହୈ ତେରେ ଦିଲ ମେଁ' ଅଭିନେତ୍ରୀ ଦିୟା ମିର୍ଜା ପୁଣି ଥରେ ବିବାହ କରିବାକୁ ଯାଉଛନ୍ତି। ରିପୋର୍ଟ ଅନୁଯାୟୀ, ଦିୟା ୧୫ ଫେବୃୟାରୀରେ ବ୍ୟବସାୟୀ ବୈଭବ ରେଖୀଙ୍କ ସହ ବିବାହ କରିବେ। ଲକ୍‌ଡାଉନ ସମୟରେ ଦିୟା ଏବଂ ବୈଭବଙ୍କ ମଧ୍ୟରେ ବନ୍ଧୁତ୍ୱ ବଢ଼ିଥିଲା। ବୈଭବ ପ୍ରସିଦ୍ଧ ଯୋଗ ପ୍ରଶିକ୍ଷକ ସୁନୈନା ରେଖୀଙ୍କର ସ୍ୱାମୀ ଥିଲେ। ପରେ ଉଭୟ ପରସ୍ପରଠାରୁ ଅଲଗା ହୋଇଥିଲେ। ଦିୟା ୧୮ ଅକ୍ଟୋବର ୨୦୧୪ରେ ବ୍ୟବସାୟୀ ସାହିଲ ସଂଘାଙ୍କୁ ବିବାହ କରିଥିଲେ। ଅଗଷ୍ଟ ୨୦୧୯ରେ ଦିୟା ସାହିଲଙ୍କ ଠାରୁ ଅଲଗା ହୋଇଯାଇଥିଲେ।

**Happy Birthday Shobhit**



ଶୋଭିତ୍ ପାଢ଼ୀ
ବ୍ରହ୍ମପୁର
ଆଜି ତୋର ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଏତିକି ପ୍ରାର୍ଥନା ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ। ଭଲ ମଣିଷ କରି ଗଢ଼ି ତୋଳନ୍ତୁ। ତୋର ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ ।
-:ଶୁଭେଚ୍ଛା ସହ:-
ଗୁନ, ଗୁଡୁଲି, ଶ୍ରେୟା, ମାମା, ପାପା, ମାଆ, ବାପା, ଅଜା, ଆଈ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୯୯୪୮

**ଜନ୍ମଦିନ ଶୁଭେଚ୍ଛା**



ତେଜେଶ୍ୱର
ଜନ୍ମଦିନ ଅବସରରେ ତୋର ଚଲାପଥ କୁସୁମିତ ହେଉ, ଈଶ୍ୱରଙ୍କ ନିକଟରେ ଏତିକି ପ୍ରାର୍ଥନା ।
-:ଶୁଭେଚ୍ଛା ସହ:-
ମାଆ, ବାପା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଭାଇ, ଭଉଣୀମାନେ ।
ଧ-୧୯୯୩୬

**Marriage Anniversary**



Dua karte hain humari jindegi kelie Lamhe Lamhe ki har khusiyon kelie Humari daman esehi muhabbat se bhari rahe.
Happy 10th Marriage Anniversary
LALU & SONIA
D-70314

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



ଲାସ୍ୟାତାପସୀ (ରାଣୀ)
ନାବାର୍ଡ ଅଫିସର୍ସ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ, ଓଠେଥାଇ ହସ ଜୀବନ ସାରା। ଆମର ଆଶିଷ ମଥାପରେ ଥାଉ, ସଭିଙ୍କର ହୁଅ ଦୁଃଖ ପାସୋରା ।
-:ଆଶୀର୍ବାଦ ସହ:-
ମାଆ-ବାପା, ଦାଦା-ଖୁଡୀ, ଜେଜେ-ଜେଜେମାଆ, ଅଜା-ଆଈ ଏବଂ ପରିବାରବର୍ଗ ।
ଧ-୬୯୪୮୬

# ବିଶ୍ୱର ସର୍ବକନିଷ୍ଠା କୋଟିପତି



**ନୂଆଦିଲ୍ଲୀ:** ମାନସମ୍ମାନ ଆଉ ପ୍ରତିଷ୍ଠା ସହିତ ଅର୍ଥ ରୋଜଗାର କରି ଶୀର୍ଷ ସ୍ଥାନରେ ପହଞ୍ଚିବା ପାଇଁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। କିନ୍ତୁ କିଛି ଲୋକ ପରିଶ୍ରମ ସହିତ ବିଚକ୍ଷଣ ବୁଦ୍ଧି ପ୍ରୟୋଗ କରି ଖୁବ୍ କମ୍ ବୟସରେ ସଫଳତା ହାସଲ କରିପାରନ୍ତି। ଠିକ୍ ଏମିତି ସଫଳତା ହାସଲ କରି ଏବେ ବିଶ୍ୱର ସର୍ବକନିଷ୍ଠ କୋଟିପତି ମହିଳା ହୋଇପାରିଛନ୍ତି ଆମେରିକାର ହ୍ୱିଟ୍‌ନୀ ଓଲ୍‌ଫ।

ଆମେରିକାର ଡେଟିଂ ଆପ୍ 'ବମ୍ବଲ'ର ସହ ପ୍ରତିଷ୍ଠାତା ହ୍ୱିଟ୍‌ନୀଙ୍କର ମୋଟ ସମ୍ପତ୍ତି ବୃଦ୍ଧି ପାଇ ଏବେ ୧୦ ହଜାର କୋଟି ହୋଇଛି। ତେଣୁ ୩୧ ବର୍ଷୀୟ ଏହି ମହିଳା ଏବେ ବିଶ୍ୱର କୋଟିପତି ବ୍ୟକ୍ତିତ୍ୱଙ୍କ ମଧ୍ୟରେ ସବୁଠୁ କମ୍ ବୟସର ମହିଳା ପାଲଟିଛନ୍ତି। ମହିଳାଙ୍କ ପାଇଁ ଅନ୍‌ଲାଇନ୍ ଡେଟିଂ ଆପ୍ 'ବମ୍ବଲ୍'ର ଶେୟାର ଆମେରିକା ଷ୍ଟକ୍ ମାର୍କେଟ ତାଲିକାରେ ସ୍ଥାନ ପାଇବା ମାତ୍ରେ ଏହାର ଶେୟାର ହଠାତ୍ ବଢ଼ିଯାଇଥିଲା। ହ୍ୱିଟ୍‌ନୀଙ୍କର ଏହି କମ୍ପାନୀରେ ୧୨ ପ୍ରତିଶତ ଶେୟାର ରହିଛି। ତେଣୁ ଷ୍ଟକ୍ ମାର୍କେଟରେ ଏହି କମ୍ପାନୀର କାରବାର ବୃଦ୍ଧି ପାଇବାରୁ ହ୍ୱିଟ୍‌ନୀଙ୍କର ମୋଟ ସମ୍ପତ୍ତି ବୃଦ୍ଧି ପାଇ ୧୫୦ ଡଲାର ବା ୧୦ ହଜାର କୋଟି ଟଙ୍କା ହୋଇପାରିଛି। ଆମେରିକାର ସବୁଠୁ ବଡ଼ ଡେଟିଂ ଆପ୍ 'ଟିଣ୍ଡର'ରେ ମଧ ହ୍ୱିଟ୍‌ନୀ ସହ ପ୍ରତିଷ୍ଠାତା ଅଛନ୍ତି। ୨୦୧୪ ମସିହାରେ ସେ ବମ୍ବଲ ଆପ୍ ଆରମ୍ଭ କରିଥିଲେ। ସାରା ବିଶ୍ୱରେ ଡେଟିଂ ଆପ୍ 'ବମ୍ବଲ'ର ଏବେ ୧୦ କୋଟିରୁ ବି ଅଧିକ ଫଲୋଅର ଅଛନ୍ତି। ଭାରତରେ ଏହି ଆପ୍‌ର ୪୦ ଲକ୍ଷରୁ ଅଧିକ ଫଲୋଅର ଅଛନ୍ତି। ଏହି କମ୍ପାନୀରେ ଏବେ ୪ହଜାରରୁ ଅଧିକ ଲୋକ କାମ କରୁଛନ୍ତି। ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଟେନିସ୍ ଖେଳାଳି ସେରେନା ୱିଲିୟମ୍ସ ଏହି କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି।

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ**



ସ୍ୱର୍ଗତ ପଣ୍ଡିତ ଶଶିଶେଖର ମିଶ୍ର
ସ୍ଥାନ- ବ୍ରହ୍ମପୁର ଗାନ୍ଧିନଗର ଦ୍ୱିତୀୟ ଗଳି
ଆବିର୍ଭାବ: ୨୯।୦୭।୧୯୩୧
ତିରୋଧାନ: ୦୩।୦୨।୨୦୨୧
ନନା, ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ, ଭଲପାଇବା ଆମ୍ଭମାନଙ୍କ ପ୍ରେରଣାର ଉତ୍ସହୋଇ ରହିଥାଉ। ତୁମ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ଦିବଙ୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ସର୍କଳେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଉମାଶଙ୍କର, ଗିରିଜାଶଙ୍କର, ଗୀତା, ସସ୍ମିତା, ବନ୍ଦନା, ଚନ୍ଦନା, ରଞ୍ଜନା, ସଦାନନ୍ଦ, ସ୍ୱପ୍ନେଶ୍ୱର, ଗଙ୍ଗା, ଜୁକୁଲି, ସିଦ୍ଧାର୍ଥ, ଜିଥୁନ୍, ଇଥୁନ୍, ଈଶାନି, ଈଶିତା, ରୋସନ, ରୋସନୀ, ଗୁନ୍‌ଗୁନ୍ ।
ଧ-୧୯୯୫୧

**ଦଶମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ
ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
ତିରୋଧାନ: ୦୫।୦୨।୨୦୧୧
ଆପଣଙ୍କର ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ଭଉଣୀ, ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ।
ଧ-୧୯୯୧୬

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ଉମା ପ୍ରସାଦ କର
ଅବକାଶ ଲେନ୍, ପୁରୀ-୨
ତା. ୧୪।୦୨।୨୦୨୧
(ମାଘମାସ କୃଷ୍ଣପକ୍ଷ ତୃତୀୟା ତିଥି)
ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁମାନେ, ନାତି ଓ ନାତୁଣୀ, ପ୍ରିୟଜନ ଓ ପରିବାରବର୍ଗ ।
ଧ-୬୮୮୫

# ଫୁଙ୍କାଗଲା ୧୮ ହଜାର ବର୍ଷ ପୁରାତନ ଶଙ୍ଖ

**ପ୍ୟାରିସ:** ଫ୍ରାନ୍ସର ନାଚ୍ୟୁରାଲ ହିଷ୍ଟ୍ରି ମ୍ୟୁଜିୟମ ଅଫ ଟୋଉଲଉସ୍‌ରେ ରଖାଯାଇଥିବା ୧୮ ହଜାର ବର୍ଷ ପୁରାତନ ଶଙ୍ଖକୁ ଫୁଙ୍କା ଯାଇଛି। ଏହାକୁ ୧୯୩୧ରେ ପାଇରନିସ ପାହାଡ଼ର ମାର୍ସୋଉଲାସ ଗୁମ୍ଫାରୁ ଗବେଷକ ପାଇଥିଲେ। ସେବେଠାରୁ ଏହାକୁ ମ୍ୟୁଜିୟମ୍‌ରେ ରଖାଯାଇଥିଲା। ତେବେ ପ୍ରଥମ ଥର ପାଇଁ ଏବେ ଏହାକୁ ଫୁଙ୍କା ଯାଇଛି। ମନୁଷ୍ୟ ଖପୁରୀ ଆକାର ଏହି ଶଙ୍ଖର ଶବ୍ଦ ସମସ୍ତଙ୍କୁ ଆନନ୍ଦିତ କରିଥିବା ମ୍ୟୁଜିୟମ କର୍ମକର୍ତ୍ତାମାନେ କହିଛନ୍ତି। ହୁଏତ ଗୁମ୍ଫାରେ ବାସ କରୁଥିବା ପୁରାତନ ମାନବ ଶଙ୍ଖକୁ ବାଦ୍ୟ ଭାବେ ବ୍ୟବହୃତ କରିଥିଲେ ବୋଲି ସୋରବନ ବିଶ୍ୱବିଦ୍ୟାଳୟର ପ୍ରଫେସର ଫିଲିପ ୱାଲ୍ଟର ସୂଚନା ଦେଇଛନ୍ତି। ୯୦ ବର୍ଷ ତଳେ ମିଳିଥିବା ଏହି ଶଙ୍ଖକୁ ନେଇ ଗବେଷଣା ଜାରି ରହିଛି ବୋଲି ସେ କହିଛନ୍ତି।



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NATIONAL FINANCE
ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କ ଭରସାର ପ୍ରତୀକ
FINANCE LOAN
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା ଓ କର୍ମଚାରୀ ମାନଙ୍କ ପାଇଁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9473753634

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଠିକା ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପି ପାଇଁ ଭାଲେଣ୍ଟାଇନ୍



କୁହାଯାଏ ପ୍ରେମ ଏକ ଅଙ୍କାବଙ୍କା ରାସ୍ତା, ଯେଉଁଠି କେବେ କଣ୍ଟା ତ ଆଉ କେବେ ମଖମଲୀ ଗୋଲାପ। ଆଉ ଏମିତିରେ ଯେଉଁମାନଙ୍କ ପ୍ରେମ ହୁଏ ସଫଳ ଏବଂ ସାରାଜୀବନ ସାଥୀ ହୋଇ ରହିବାର ମିଳେ ସୌଭାଗ୍ୟ ସେମାନଙ୍କ ପାଇଁ ପ୍ରେମର ଦୁନିଆ ପାଲଟିଯାଏ ରଙ୍ଗିନ। ଆଜି ଭାଲେଣ୍ଟାଇନ୍ସ ଡ଼େ' ଅବସରରେ ପ୍ରେମୀଯୁଗଳରୁ ଜୀବନସାଥୀ ପାଲଟିଥିବା କେତେଜଣ ଓଡିଆ ସେଲିବ୍ରିଟିଙ୍କ ପ୍ରେମ କାହାଣୀକୁ ନେଇ ଉପସ୍ଥାପନା...



ସୁନୀତା-ସତ୍ୟରଞ୍ଜନ



ଦୀପକ-ତନୁଜା



ସ୍ୱୟଂ-ଇପ୍ସିତା

**ହଁ ଶୁଣିବାକୁ ଲାଗିଥିଲା ବର୍ଷେ:** ଦୀପକ, ଅଭିନେତା- ଧର୍ମଶାଳା ମହାବିଦ୍ୟାଳୟରେ ମୁଁ ଯୁକ୍ତ ତିନି ପଢିବା ବେଳେ ଯୁକ୍ତ ୨ରେ ପଢୁଥିଲେ ତନୁଜା। ପ୍ରଥମ ଦେଖାରୁ କେଜାଣି କାହିଁକି ସେ ଖୁବ୍ ଭଲ ଲାଗିଥିଲେ ମୋତେ। ଯଦିଓ କଲେଜରେ ପଢିବା ସମୟରେ ଆମେ ହାତ ଗଣତି ମାତ୍ର ୪-୫ ଥର ହିଁ କଥା ହେଇଛୁ, କିନ୍ତୁ ତାଙ୍କୁ କଲେଜରେ ଦେଖିଦେଲେ ଖୁସିଲାଗୁଥିଲା। ହେଲେ ପଢା ସରିବା ପରେ ଯେବେ ମୋର କଲେଜ ଯିବା ସହ ତାଙ୍କୁ ଦେଖିବା ବନ୍ଦ ହୋଇଗଲା, ମୁଁ ତାଙ୍କୁ ମିସ୍ କଲି ଆଉ ନିଜ ଭିତରେ ଥିବା ତାଙ୍କ ପ୍ରତି ଭଲ ପାଇବାକୁ ଅନୁଭବ କଲି। ଆଉ ବିଳମ୍ବ ନ କରି ଦିନେ ଦେଖା କରି ମନ କଥା ଖୋଲି କହିଦେଲି ସତ, ହେଲେ ତାଙ୍କ ନିରବତା ଭାରି କଷ୍ଟ ଦେଇଥିଲା। ତା' ପରେ ଅନେକ ଥର ଦେଖା ହେଇଛୁ, କଥା ହେଇଛୁ, ହସ ଖୁସି କରିଛୁ, କିନ୍ତୁ ଏସବୁ ମୋତେ ସେତେଟା ଖୁସି ଦେଉ ନ ଥିଲା। କାରଣ ମନ ଭିତରେ ଅପେକ୍ଷା ଥିଲା ତାଙ୍କଠାରୁ ମୋ ପ୍ରପୋଜର ଉତ୍ତର ଶୁଣିବାକୁ। ଇତି ମଧ୍ୟରେ ପାଖା ପାଖି ବର୍ଷେ ବିତିଗଲା। ଫାଇନାଲି, ସେଦିନ ଆସିଗଲା। ତାଙ୍କ ଠାରୁ ହଁ ଶୁଣିବା ପରେ ମୋ ଖୁସିର ସୀମା ରହି ନ ଥିଲା। ତା' ପରେ ଉଭୟ ପରିବାରକୁ ଏକଥା ଜଣାଇଲୁ ଏବଂ ବାହାଘର ହେଲା। ନିଜ ମନର ମଣିଷକୁ ଜୀବନସାଥି ଭାବେ ପାଇବାର ଅପୂର୍ବ ଖୁସି ଅବର୍ଣ୍ଣନୀୟ। ତେଣୁ ଆମ ପାଇଁ କେବଳ ଏଇ ଭ୍ୟାଲେଣ୍ଟାଇନ୍ସ ଡେ' ନୁହେଁ ସବୁଦିନ ସ୍ପେଶାଲ୍।

**ବାହାଘର ଥିଲା ଆମ ପାଇଁ ବାସ୍ତବ ପ୍ରେବ ଦିବସ: ସୁନିତା ବାବୁ,** ଅଭିନେତ୍ରୀ- ଶୁଣିଥିଲି ଯୋଡ଼ି ଭଗବାନ ବନାନ୍ତି। ଯାହା ପାଇଁ ସେ ଯାହାକୁ ବାଛିଥାନ୍ତି ଜୀବନର କୌଣସି ମୋଡ଼ରେ ସେମାନେ ଏକାଠି ହୁଅନ୍ତି, ଆଉ ସେ ସମ୍ପର୍କ ପାଲଟିଯାଏ ଅତୁଟ। ଠିକ୍ ସେମିତି ଘଟିଥିଲା ମୋ ସହ। ଅଭିନୟ କରିବାର ନିଶା ମୋତେ ପଶ୍ଚିମ ଓଡ଼ିଶାରୁ ଭୁବନେଶ୍ୱର ଟାଣି ଆଣିଥିଲା ସତ ହେଲେ ଏଠାରେ ମୋତେ ମୋ ମନର ମଣିଷ ଓ ଜୀବନସାଥି ସତ୍ୟରଞ୍ଜନ ନନ୍ଦୀ ମିଳିବା ଥିଲା ମୋର ସୌଭାଗ୍ୟ। ପ୍ରଥମେ ଏକା ଫିଲ୍ମରେ କାମ କରୁଥିଲେ ବି ଆମେ ପରସ୍ପର ପାଇଁ ଥିଲୁ ଅଜଣା। ୨୦୧୪ରେ ପ୍ରଥମେ ଆମେ ଏକ କାର୍ଯ୍ୟକ୍ରମରେ ଦେଖା ହେଇଥିଲୁ। ତା' ପରେ କେବଳ ପ୍ରଫେଶନାଲ୍ ଫ୍ରେଣ୍ଡ ଭଳି କେବେ କେମିତି ଫେସ୍‌ବୁକ୍‌ରେ ଚାଟ୍ କରିଥିଲୁ। ୨୦୧୫ରେ ଏକ କାର୍ଯ୍ୟକ୍ରମରେ ଆମକୁ ଡାନ୍ସ ପାର୍ଟନର ଭାବେ ବଛାଯିବାରୁ ପ୍ରାକ୍ଟିସ୍ ଲାଗି ଉଭୟଙ୍କ ଫ୍ରି ଟାଇମ୍ ଜାଣିବା ଲାଗି ଫୋନ୍ କଥା ହେବା ଆରମ୍ଭ ହେଲା। ଧିରେ ଧିରେ ଏକାଠି ଅନେକ ପ୍ରୋଗ୍ରାମ କଲୁ ଏବଂ ଦର୍ଶକ ଏବଂ ସାଙ୍ଗସାଥି ଆମ ଯୋଡିକୁ ବେଶ୍ ପସନ୍ଦ କଲେ। ଆମକୁ ଅନେକେ ବିବାହ କର ବୋଲି ମଧ୍ୟ ପ୍ରସ୍ତାବ ଦେଲେ। ହେଲେ ଆମେ କେବଳ ପରସ୍ପରର ଭଲ ବନ୍ଧୁ ଥିଲୁ। ଥରେ ମୋ ଭାଇ ଭାଇ ଦେହ ବହୁତ ଖରାପ ଥିଲା ଏବଂ ମୁଁ ସୁଟିଂ ସେଟ୍‌ରେ ଚୁପ୍ ହୋଇ ବସିଥିଲି, ସେ ଆସି ମୋତେ ଯେଉଁ ସାନ୍ତ୍ୱନା ଦେଇଥିଲେ ତାହା କେବଳ ଜଣେ ସାଙ୍ଗର କର୍ତ୍ତବ୍ୟ ଭଳି ଲାଗି ନ ଥିଲା। ସେଦିନ ପ୍ରଥମ ଥର ତାଙ୍କ ଭିତରେ ମୋ ପ୍ରତି ଥିବା ଭଲ ପାଇବାକୁ ଅନୁଭବ କରିଥିଲି। ଏମିତି କିଛି ଦିନ ବିତିଗଲା। ଥରେ ହଠାତ୍ ସେ ଆସି ମୋତେ କହିଲେ, 'ଆମ ଘର ଲୋକେ ମୋ ପାଇଁ ବାହାଘର ଖୋଜିବା ଆରମ୍ଭ କଲେଣି, ମୁଁ ଭାବୁଛି ଯଦି ଆମେ ଦୁହଁ ପରସ୍ପରକୁ ବାହା ହୁଅନ୍ତେ ତେବେ ଭଲ ହେବ, ତମେ କ'ଣ କହୁଛ' ? ଯଦିଓ ସେ ମୋତେ ଭଲ ଲାଗନ୍ତି ହେଲେ ହଠାତ୍ ଏମିତି ବାହାଘର କଥା ଶୁଣି ମୁଁ ଏକ୍‌ଦମ୍ ଚୁପ୍ ରହିଗଲି। ତା'ପରେ ଧିରେ ଧିରେ ଆମ ଭିତରେ କେତେବେଳେ ଭଲ ଭାଇବା ଏତେ ଭଗୀର ହୋଇଗଲା ଜାଣିନି। ବିବାହ ପାଇଁ ତାଙ୍କ ପରିବାର ତ ରାଜି ହୋଇଗଲେ ହେଲେ ଆମ ଘରେ ଥିଲେ ଅରାଜି। ଆମେ ଦୁହେଁ ନିଷ୍ପତ୍ତି ନେଲୁ ଯଦି ବାହାଘର ନ ହୁଏ ତେବେ ଆମେ ସାରାଜୀବନ ପରସ୍ପରକୁ ଭଲପାଇ ଏମିତି ଅବିବାହିତ ରହିଯିବା। କିନ୍ତୁ ବହୁ ବାଧାବିଘ୍ନ ପରେ ଶେଷରେ ପରିବାର ରାଜି ହୋଇଗଲେ ଏବଂ ଆମକୁ ବୈବାହିକ ସ୍ୱୀକୃତି ମିଳିଗଲା। ଆଉ ବାସ୍ତବରେ ସେଦିନ ହିଁ ଥିଲା ଆମ ପାଇଁ ପ୍ରକୃତ ପ୍ରେମ ଦିବସ। ତଥାପି ପ୍ରତିଥର ଭଳି ଆଜିର ଭ୍ୟାଲେଣ୍ଟାଇନ୍ସ ଡ଼େ'କୁ ଆମେ ସ୍ପେଶାଲ୍ ଢଙ୍ଗରେ ସେଲିବ୍ରେଟ୍ କରିବୁ ନିଶ୍ଚୟ।

**ଏବେବି ଭୁଲିନି ସେ ମୁହୂର୍ତ୍ତ: ସ୍ୱୟଂ ପ୍ରଭାସ ପାଢ଼ୀ,** କଣ୍ଠଶିଳ୍ପୀ- ଆପେକ୍ସ ଇଞ୍ଜିନିୟରିଂ କଲେଜରେ ପଢିବା ବେଳେ ମୋ କ୍ଲାସ୍‌ମେଟ୍ ଥିଲେ ଇପ୍ସିତା ପାଣିଗ୍ରାହୀ। ଖୁବ୍ ମିଶାଣିଆ ଏବଂ ସ୍ନେହି ସ୍ୱଭାବର ଝିଅ ବୋଲି ବୋଧହୁଏ ଧିରେ ଧିରେ ତାଙ୍କ ପ୍ରତି ଭଲପାଇବା ଆସିଯାଇଥିଲା। ମନଭିତରେ। ସବୁଠୁ ବଡ଼ କଥା ଥିଲା ମୋତେ ବାହା ହେବା ଲାଗି ଝିଅଟି ଉଚ୍ଚ ଶିକ୍ଷିତା ହୋଇଥିବ, ଏକା ଜାତିର ହୋଇଥିବ ଇତ୍ୟାଦି ମୋ ମା' ଖୋଜୁଥିବା ସମସ୍ତ ଗୁଣ ବି ଥିଲା ତାଙ୍କ ପାଖରେ। ଆମ ଭିତରେ ଖୁବ୍ ନିବିଡ଼ ବନ୍ଧୁତା ଥିଲେ ବି କେବେ ଭଲପାଇବା ପ୍ରସଙ୍ଗ ଉଠି ନ ଥିଲା। ଯେହେତୁ ମୋ ମନରେ ତାଙ୍କପ୍ରତି ଷ୍ଟ୍ରଙ୍ଗ୍ ଫିଲିଙ୍ଗ୍ସ ଆସିଯାଇଥିଲା, ସେ ବି ମୋତେ ଲାଇକ୍ କରୁଥିବେ ନିଶ୍ଚୟ ବୋଲି ବିଶ୍ୱାସ ଥିଲା। ତେଣୁ ଥରେ ନୂଆ ବର୍ଷରେ ୱିଶ୍ କରିବା ବେଳେ ମୁଁ ତାଙ୍କୁ ପ୍ରପୋଜ କରିଥିଲି। ଏବେବି ଭୁଲିନି ସେ ମୁହୂର୍ତ୍ତ, ହଠାତ୍ ଧିମା ପଡ଼ିଯାଇଥିବା ତାଙ୍କର ସେ ଲାଜୁଆ ଲାଜୁଆ କଣ୍ଠରେ ସହମତି। ସତରେ ଦୁନିଆ ଯେମିତି ରଙ୍ଗୀନ ହୋଇଯାଇଥିଲା ତାଙ୍କଠୁ ହଁ ଶୁଣିବା ପରେ। ଉଭୟ ପରିବାର ମଧ୍ୟ ଏ ପ୍ରସ୍ତାବରେ ରାଜି ହୋଇଯିବା ଆମ ପାଇଁ ଥିଲା ସବୁଠୁ ଖୁସିର କଥା। ଯଦିଓ ଏହା ପରେ ବିବାହ ହେବାକୁ ଆଠ ବର୍ଷ ଲାଗିଯାଇଥିଲା ହେଲେ ଆମ ପାଇଁ ପ୍ରେମର ଦୁନିଆ ଖୁବ୍ ସୁନ୍ଦର ପାଲଟି ଯାଇଥିଲା। ପ୍ରତିବର୍ଷ ଭଳି ଆଜି ବି ଆମେ ପରସ୍ପରକୁ ଭ୍ୟାଲେଣ୍ଟାଇନ୍ସ ଡ଼େ' ୱିଶ୍ କରିବା ସହ ସରପ୍ରାଇଜ୍ ଗିଫ୍ଟ ଦେଇ କିଛି ସ୍ପେଶାଲ୍ ଖାଇବାର ମଜା ନେବାକୁ ପ୍ଲାନ୍ ରଖିଛୁ।

– ପୌର୍ଣ୍ଣମାସୀ

## ଅବସର ଅନୁସାରେ ଟାଏ ପିନ୍

ବ୍ଲେଜର୍ ଏବଂ ଟାଏ କେବଳ ଅଫିସିଆଲ୍ ୱେର୍ ନୁହେଁ ବରଂ ପାର୍ଟି, ଫଙ୍କସନ୍ ଆଦିରେ ପିନ୍ଧିଲେ ମଧ୍ୟ ଆକର୍ଷଣୀୟ ଲୁକ୍ ଦେଇଥାଏ। ତେବେ ଏହି ଗେଟ୍‌ଅପ୍‌ରେ ଅବସର ଅନୁସାରେ ନିଜକୁ ଅଧିକ ପରଫେକ୍ଟ ଲୁକ୍ ଦେବା ଲାଗି ବାଛି ପାରିବେ ବିଭିନ୍ନ ଟାଏ ପିନ୍...

– ଯଦି କୌଣସି ଅଫିସିଆଲ୍ ମିଟିଙ୍ଗ୍‌ରେ ଯୋଗ ଦେବାକୁ ଯାଉଥାନ୍ତି ତେବେ ଗେଟ୍‌ଅପ୍ ଫର୍ମାଲ୍ ରଖନ୍ତୁ। ଏଥିରେ ଆପଣ ସିଲ୍‌ଭର କିମ୍ବା ଗୋଲ୍ଡେନ୍ ମେଟାଲିକ୍ ସିଙ୍ଗଲ୍ ପିସ୍ ଟାଏ ପିନ୍ ବ୍ୟବହାର କରିପାରିବେ। ଏହା ଆପଣଙ୍କ ପର୍ସନାଲିଟିକୁ ଆହୁରି ଆକର୍ଷଣୀୟ କରିବ।

– ଭାଲେଣ୍ଟାଇନ୍ସ ଡେ', କୌଣସି ରୋମାଣ୍ଟିକ୍ ଡେଟ୍ କିମ୍ବା ଏନ୍‌ଗେଜ୍‌ମେଣ୍ଟ ଭଳି ଅବସରରେ ନିଜ ଲୁକ୍‌କୁ ଅଧିକ ଖାସ୍ କରିବାକୁ ଚାହୁଁଥିଲେ ହାର୍ଟ ଶେପ୍ ଟାଏ ପିନ୍ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ।

– ଯଦି ଆପଣଙ୍କୁ ସିଙ୍ଗଲ୍ ପିସ୍ ବା ଷ୍ଟ୍ରେଟ୍ ପିନ୍ ପସନ୍ଦ ନୁହେଁ ତେବେ ରାଉଣ୍ଡ ଟାଏ ପିନ୍ ଟ୍ରାଏ କରନ୍ତୁ। ହେଲେ ଧ୍ୟାନରେ ରଖିବେ ଯେପରି ଏହାର ସାଇଜ୍ ଅଧିକ ବଡ ନ ହୁଏ। ଲାଇଟ୍ ସେଡ୍ ଟାଏ ସହିତ ବ୍ଲାକ୍ ଏବଂ ଗୋଲ୍ଡେନ୍ କମ୍ବିନେଶନ୍ ଥିବା ରାଉଣ୍ଡ ପିନ୍ ଖୁବ୍ ସୁନ୍ଦର ଲାଗିଥାଏ।



– ଯଦି ଆପଣଙ୍କ ଲୁକ୍‌କୁ ଫର୍ମାଲ୍‌ରୁ ଷ୍ଟାଇଲିସ୍ ଟଚ୍ ଦେବାକୁ ଚାହୁଁଛନ୍ତି ତେବେ ବୋ ଟାଏ ପିନ୍ ଟ୍ରାଏ କରି ପାରିବେ। ମାର୍କେଟ୍‌ରେ ବିଭିନ୍ନ କଲରର ବୋ ପିନ୍ ଉପଲବ୍ଧ। ଆପଣ ଚାହିଁଲେ ନିଜ କୋଟ୍ ଏବଂ ଟାଏର କଲରକୁ ସୁଟ୍ କରିବା ଭଳି ବୋ ପିନ୍ ଆଣି ବ୍ୟବହାର କରିପାରିବେ।

ଜାଣନ୍ତୁ ଦୁନିଆ

## ଦାମୀ କଫି

ମୁଡ୍ ଫ୍ରେଶ୍ ଲାଗି ଗୋଟେ କପ୍ କଫି ପିଇବାକୁ ଅନେକେ ପସନ୍ଦ କରନ୍ତି। ହେଲେ ଆପଣ ଜାଣନ୍ତିକି, ଏମିତି ବି ଏକ କଫି ଅଛି ଯାହା ପ୍ରସ୍ତୁତ ହୋଇଥାଏ ଏକ ପକ୍ଷୀର ମଳରେ ଏବଂ ଯାହାର ଦାମ୍ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ ନିଶ୍ଚିତ। ଜାଣି ରଖିବା ପୃଥିବୀର ଏହି ଦାମୀ କଫି ସମ୍ପର୍କରେ...



➤ପୃଥିବୀର ବିଭିନ୍ନ ସ୍ଥାନରେ ମିଳୁଥିବା କଫି ମଧ୍ୟରୁ ବ୍ରାଜିଲ୍‌ରେ ମିଳୁଥିବା ଜାକୁ ବାର୍ଡ କଫି ଅନ୍ୟତମ। କାରଣ ଏହା ବ୍ରାଜିଲ୍‌ର ଏକ ବିଲୁପ୍ତପ୍ରାୟ ଜାକୁ ପକ୍ଷୀର ମଳରୁ ପ୍ରସ୍ତୁତ ହେଉଥିବା ବେଳେ ଏହାର ଦାମ୍ କିଲୋ ପିଛା ଏକ ହଜାର ଡଲାର, ଅର୍ଥାତ୍ ଭାରତୀୟ ମୁଦ୍ରାରେ ୭୨ ହଜାର ଟଙ୍କା।

➤ସୂଚନା ମୁତାବକ ଏହି କଫି ଚାଷ ପ୍ରାୟ ୨୦୦୦ ମସିହା ବେଳକୁ ଆରମ୍ଭ ହୋଇଥିଲା। ହେନରିକ୍ ସ୍ଲୋପର ଡି. ଅରାଉଜୋ ନାମକ ଜଣେ ବ୍ୟକ୍ତିଙ୍କର ଏକ କଫି ଫାର୍ମ ଥିଲା। ଦିନେ ସକାଳୁ ସେ ଦେଖିବା ବେଳକୁ କେତେଗୁଡ଼ିଏ ଜାକୁ ପକ୍ଷୀ ଫାର୍ମରେ ଥିବା କଫି ମଞ୍ଜି ଖାଇ ଚାଷ ନଷ୍ଟ କରୁଛନ୍ତି। ସେହି ସମୟରେ ସେ ଭାବିଲେ ଯଦି ଇଣ୍ଡୋନେସିଆରେ ସିବେଟ୍ ପଶୁ ମଳରୁ ଦାମୀ କୋପି ଲୁବାକ କଫି ପ୍ରସ୍ତୁତ କରାଯାଇପାରୁଛି, ତେବେ ଜାକୁ ପକ୍ଷୀ ମଳରୁ ମଧ୍ୟ କଫି ମଞ୍ଜି ସଂଗ୍ରହ କରାଯାଇ କଫି ପ୍ରସ୍ତୁତ କରାଯାଇପାରିବ। ବାସ୍ ତା' ପରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ।

➤ତେବେ ଏହି କଫି ପ୍ରସ୍ତୁତ ଲାଗି ଜାକୁ ପକ୍ଷୀ ମଳ ସଂଗ୍ରହ କରାଯାଇ ସେଥିରୁ କଫି ମଞ୍ଜି ବାଛି ସଫା କରିବା ଏକ କଷ୍ଟକର କାର୍ଯ୍ୟ। ତେବେ କୌଣସି ମେଶିନ୍ ବ୍ୟବହାର ନ ହୋଇ ହାତରେ ଏସବୁ କରାଯାଉଥିବାରୁ ଏହାର ଦାମ୍ ଖୁବ୍ ଅଧିକ।




## ବଞ୍ଚାନ୍ତୁ ଇନ୍ଧନ



ଆଜିର ଦିନରେ ବିଭିନ୍ନ ଯାନବାହନ ମଣିଷକୁ ଏକ ଆରାମଦାୟକ ଜୀବନଶୈଳୀ ଯୋଗାଇଦେଉଛି। ହେଲେ ଅପରପକ୍ଷେ ଏହାର ବର୍ଦ୍ଧିତ ସଂଖ୍ୟା ଅନୁପାତରେ ଇନ୍ଧନ ଖର୍ଚ୍ଚ ମଧ୍ୟ ବଢ଼ି ଚାଲିଛି ଏବଂ ପୃଥିବୀରୁ କ୍ରମଶଃ ଇନ୍ଧନର ପରିମାଣ ହ୍ରାସ ପାଉଛି। ତେଣୁ ବେଳହୁଁ ଏଥିପ୍ରତି ସଚେତନ ହେବା ଆବଶ୍ୟକ...

ବର୍ତ୍ତମାନ ବିଭିନ୍ନ ଯାନବାହନ ବ୍ୟବହାର କରିବାରେ ସବୁଠୁ ଆଗରେ ଅଛନ୍ତି ଯୁବପିଢି। ତେଣୁ ସେମାନେ ଗାଡ଼ି ଚଲାଇବା ସମୟରେ କେତୋଟି ଛୋଟ କଥା ପ୍ରତି ଦୃଷ୍ଟି ଦେଲେ ପେଟ୍ରୋଲ, ଡିଜେଲ ଆଦି ଇନ୍ଧନ ଖର୍ଚ୍ଚ କମାଇପାରିବେ...

➔ଗାଡ଼ି ଚଲାଇବା ସମୟରେ ସ୍ମୁଥ୍ ଡ୍ରାଇଭିଂ ପ୍ରତି ଧ୍ୟାନ ଦିଅନ୍ତୁ। ଏହାଦ୍ୱାରା କିଛି ମାତ୍ରାରେ ପେଟ୍ରୋଲ୍, ଡିଜେଲ୍ ସେଭ୍ କରିପାରିବେ। କାରଣ ଷ୍ଟାଇଲ୍ ପାଇଁ କେତେକ ଯୁବପିଢ଼ିଙ୍କର ରଫ୍ ଡ୍ରାଇଭିଂ କରିବା, ମନଇଚ୍ଛା ଗାଡ଼ିର ଏକ୍ସିଲିଟର ବଢ଼ାଇବା, ହଠାତ୍ ବ୍ରେକ୍ କରିବା ଆଦି ବଦଭ୍ୟାସ ଯୋଗୁ ଗାଡ଼ିର ଇନ୍ଧନ ଅଧିକ ସରିଥାଏ। ସେହିପରି ଗିଅର ବ୍ୟବହାର ମଧ୍ୟ ଠିକ୍ ଭାବେ ନ କଲେ ଅଧିକ ଇନ୍ଧନ ସରୁଥିବାରୁ ଏଥିପ୍ରତି ଯତ୍ନଶୀଳ ହୁଅନ୍ତୁ।

➔ଛୋଟ ହେଉ ବା ବଡ଼ ଗାଡ଼ି ବ୍ୟବହାର କରୁଥିଲେ ଟ୍ରାଫିକ୍ କିମ୍ବା ଅନ୍ୟ କୌଣସି ସ୍ଥାନରେ ଠିଆ ହେବା ସମୟରେ ଷ୍ଟାର୍ଟ ବନ୍ଦ ରଖନ୍ତୁ। କାରଣ ଷ୍ଟାର୍ଟ ମୋଡ୍‌ରେ ରଖି ଅଧିକ ସମୟ ଗାଡ଼ି ଠିଆ କଲେ ଆବଶ୍ୟକରୁ ଯଥେଷ୍ଟ ଅଧିକ ଇନ୍ଧନ ନଷ୍ଟ ହୋଇଥାଏ।

➔ଗାଡ଼ିରେ କୌଣସି ନୂଆ ସ୍ଥାନକୁ ଯିବାର ଥିଲେ ପ୍ରଥମେ ଉକ୍ତ ସ୍ଥାନର ଅବସ୍ଥିତି ସମ୍ପର୍କରେ ଭଲ ଭାବେ ବୁଝି ସବୁଠାରୁ କମ୍ ଦୂରତା ବା ଶର୍ଟକଟ୍ ରାସ୍ତା ବାଛନ୍ତୁ। ନଚେତ୍ ଏଣେ ତେଣେ ଖୋଜିବାରେ ଉଭୟ ସମୟ ଏବଂ ଇନ୍ଧନ ଅଧିକ ନଷ୍ଟ ହେବ।

➔ବଡ଼ ଗାଡ଼ିରେ ଏସିରେ ବସିବା ଯଦିଓ ଆରାମଦାୟକ ହେଲେ ଆପଣ ଜାଣନ୍ତି କି, ଏସି ପ୍ରାୟ ୧୦% ପେଟ୍ରୋଲ୍ ଖର୍ଚ୍ଚ କରିଥାଏ। ତେଣୁ ଏସି ଅନ୍ କରୁଥିଲେ ଗାଡି ଭିତର ଥଣ୍ଡା ହେବାର ତୁରନ୍ତ ପରେ ବନ୍ଦ କରିଦିଅନ୍ତୁ।

➔ଦିନବେଳା ଗାଡ଼ିକୁ ଖରାରେ ରଖିଲେ ସିଧା ସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ଗାଡି ସହ ଏହାର ଇଞ୍ଜିନ ଗରମ ହୋଇଥାଏ। ଗାଡି ଷ୍ଟାର୍ଟ ହେବା ପରେ ଇଞ୍ଜିନ ଥଣ୍ଡା ହେବା ଲାଗି ଅଧିକ ଇନ୍ଧନ ଆବଶ୍ୟକ କରିଥାଏ। ତେଣୁ ଦିନବେଳା ସବୁବେଳେ ଗାଡ଼ିକୁ ଛାଇରେ ପାର୍କିଂ କରନ୍ତୁ ଇନ୍ଧନ ଖର୍ଚ୍ଚ ଅପେକ୍ଷାକୃତ କମ୍ ହେବ।

➔ଗାଡ଼ିରେ ଅଧିକ ଓଜନ ହେଲେ ୨% ଇନ୍ଧନ ଅଧିକ ସରିଥାଏ। ତେଣୁ ଇନ୍ଧନ ଖର୍ଚ୍ଚ କମାଇବାକୁ ଚାହୁଁଥିଲେ ଅନାବଶ୍ୟକ ସ୍ଥଳେ ଗାଡ଼ିରେ ଅଧିକ ଓଜନ ବଢ଼ାନ୍ତୁ ନାହିଁ।



## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଭାରତ ପୁନଃନବୀକରଣ ଶକ୍ତି କ୍ଷେତ୍ରରେ........ ଦେଶ ସହିତ ମିଶି ପ୍ରଥମ ମିଟିଂରେ ଅଂଶଗ୍ରହଣ କରିଥିଲା ?

୨– ନ୍ୟାଶନାଲ୍ ସେଫ୍ଟି କାଉନ୍‌ସିଲ୍........ ମନ୍ତ୍ରଣାଳୟ ଦ୍ୱାରା ପ୍ରତିଷ୍ଠା କରାଯାଇଛି ?

୩– ପୃଥିବୀର ବିଭିନ୍ନ ଦେଶରେ ଭାକ୍ସିନ୍ ବଣ୍ଟନରେ ୟୁନିସେଫ୍‌କୁ ସହଯୋଗର ହାତ ବଢ଼ାଇଥିବା ଭାରତୀୟ କମ୍ପାନୀ.......... ?

୪– ଦି ଲିଟିଲ୍ ବୁକ୍ ଅଫ୍ ଏନ୍‌କରେଜ୍‌ମେଣ୍ଟର ଲେଖକ........... ?

୫– ଟିଟିକାକା ହ୍ରଦ........... ଏବଂ .......... ଦୁଇଟି ଦେଶର ସୀମାକୁ ଲାଗିଛି ?

## ଗତ ଥରର ଉତ୍ତର

୧ ନ୍ୟାଶନାଲ୍ ନନ୍-କମ୍ୟୁନିକେବଲ୍ ଡିଜିଜ୍ ମନିଟରିଙ୍ଗ୍ ସର୍ଭେ

୨ ରୁଷିଆ ଏବଂ ଆମେରିକା

୩ ଗୋବିନ୍ଦ ବଲ୍ଲଭ ପନ୍ତ

୪ ବ୍ରୁସେଲ୍ସ

୫ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ

## ଉତ୍ତରଦାତା



ପ୍ରଶାନ୍ତ କର, ପୁରୀ



ଶୈଳେନ୍ଦ୍ର ନାରାୟଣ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ପାଠକଙ୍କ ମତ

– କରୋନା ଲାଗି ପରୀକ୍ଷା କୋହଳ ହେବା ନେଇ ଛାତ୍ରୀଛାତ୍ରଙ୍କ ମନରେ ଥିବା ଭ୍ରାନ୍ତ ଧାରଣା ଦୂର କରିବାରେ ପୂର୍ବ ସପ୍ତାହରେ ପ୍ରକାଶିତ ଆସୁଛି ପରୀକ୍ଷା ପାଠଟି ବେଶ୍ ସହାୟକ ହୋଇପାରିବ।

*– ମନମୋହନ ଦାଶ, ସାଲେପୁର, କଟକ*

– ମୋବାଇଲ୍‌ରେ ବାରମ୍ବାର ଶୀଘ୍ର ଚାର୍ଜ କମିବାକୁ ନେଇ ମୁଁ ବ୍ୟସ୍ତ ହେଉଥିଲି। ଗତ ସପ୍ତାହରେ ପ୍ରକାଶିତ ଏ ସମ୍ବନ୍ଧିତ ପାଠଟି ମୋ ପାଇଁ ବେଶ୍ ଉପଯୋଗୀ ହୋଇପାରିଛି। ଏଭଳି ଶିକ୍ଷଣୀୟ ବିଷୟ ପ୍ରକାଶ କରୁଥିବାରୁ ଧରିତ୍ରୀକୁ ମୋର ଧନ୍ୟବାଦ।

*– ସୌଭାଗ୍ୟଲକ୍ଷ୍ମୀ ବେହେରା, ପୁରୀ*

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୧୪ ଫେବୃୟାରୀ, ୨୦୨୧ Sambalpur, Sunday, February 14/2021

# ପ୍ରି- କ୍ୱାର୍ଟରରେ ନାଡାଲ, ମେଡଭେଡେଭ


ରିଟର୍ନ ଶଟ୍ ଖେଳିବା ଅବସରରେ ଆସ୍‌ଲେ ବାର୍ଟି।

**ମେଲବୋର୍ନ, ୧୩।୨:** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଶନିବାର ଷଷ୍ଠ ଦିବସରେ ପହଞ୍ଚିଛି। ପୁରୁଷ ଓ ମହିଳା ସିଙ୍ଗଲ୍ସରେ ସିଡେଡ୍ ଖେଳାଳିମାନେ ଚତୁର୍ଥ ରାଉଣ୍ଡ ଅର୍ଥାତ୍ ପ୍ରି -କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ସ୍ପେନର ରାଫାଲ ନାଡାଲ, ୧୬ତମ ସିଡ୍ ଇଟାଲୀର ଫାବିଓ ଫୋଗନିନି, ପଞ୍ଚମ ସିଡ୍ ଗ୍ରୀସ୍‌ର୍ ଷ୍ଟିଫାନୋଜ ସିଟିସପାସ, ନବମ ସିଡ୍ ଇଟାଲୀର ମାଟେଓ ବେରେଟିନ, ଚତୁର୍ଥ ସିଡ୍ ରୁଷିଆର ଡାନିଲି ମେଡ୍‌ଭେଡେଭ, ଆମେରିକାର ଅଣସିଡ୍ ଖେଳାଳି ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡ ଓ ସପ୍ତମ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍ଲେଭ ଓ ୨୪ତମ ସିଡ୍ ନରୱେର କାସପେର ରୁଡ୍ ପ୍ରଭୃତି ଖେଳାଳି ତୃତୀୟ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି।

## ଅଷ୍ଟ୍ରେଲିଆନ ଓପନ୍ ଟେନିସ୍

ନାଡାଲ ତୃତୀୟ ରାଉଣ୍ଡରେ ବିଶ୍ୱର ୬୯ତମ ଖେଳାଳି ୟୁକେର କାମେରନ ନୋରିଙ୍କୁ ୭-୫, ୬-୨, ୭-୫ ସେଟ୍‌ରେ ହରାଇଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ଫୋଗନିନିଙ୍କୁ ଭେଟିବେ। ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ଫୋଗନିନି ୬-୪, ୬-୩, ୬-୪ ସେଟ୍‌ରେ ୨୧ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ହରାଇଛନ୍ତି। ସେହିପରି ସିଟିସପାସ ୬-୪, ୬-୧, ୬-୧ ସେଟ୍‌ରେ ସ୍ୱିଡେନର ମିକାଏଲ ୟମେରଙ୍କୁ ହରାଇଛନ୍ତି। ଚତୁର୍ଥ ରାଉଣ୍ଡରେ ସିଟିସପାସ ବେରେଟିନିଙ୍କୁ ଭେଟିବେ। ବେରେଟିନ୍ ତୃତୀୟ ରାଉଣ୍ଡରେ ୭-୬, ୭-୬, ୭-୬ ସେଟ୍‌ରେ ୧୯ତମ ସିଡ୍ ରୁଷିଆର କାରେନ ଖାଚାନୋଭଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ମେଡ୍‌ଭେଡେଭ ୬-୩, ୬-୩, ୪-୬, ୩-୬, ୬-୦ ସେଟ୍‌ରେ ୨୮ତମ ସିଡ୍ ସର୍ବିୟାର ଫିଲିପ କ୍ରାଜିନୋଭିକଙ୍କୁ ହରାଇଛନ୍ତି। ସେ ଚତୁର୍ଥ ରାଉଣ୍ଡରେ ମ୍ୟାକ୍‌ଡୋନାଲ୍ଡଙ୍କୁ ଭେଟିବେ। ମ୍ୟାକ୍‌ଡୋନାଲ୍ଡ ୭-୬, ୬-୧, ୬-୪ ସେଟ୍‌ରେ ଦକ୍ଷିଣ ଆଫ୍ରିକାର ଲୟେଡ ହାରିସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ରୁବ୍ଲେଭ ୭-୫, ୬-୨, ୬-୩ ସେଟ୍‌ରେ ସ୍ପେନ୍‌ର ଫେଲିସିଆନୋ ଲୋପେଜଙ୍କୁ ହରାଇଛନ୍ତି। ସେ ଚତୁର୍ଥ ରାଉଣ୍ଡରେ ରୁଡ୍‌ଙ୍କୁ ଭେଟିବେ। ରୁଡ୍ ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ମୋଲଡୋଭାର ରାଡୁ ଅଲବୋଟ୍‌ଙ୍କୁ ୬-୧, ୫-୭, ୬-୪, ୬-୪ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି।

### ଚତୁର୍ଥ ରାଉଣ୍ଡରେ ବାର୍ଟି, ଭିଟୋଲିନା

ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ଅଷ୍ଟ୍ରେଲିଆର ଆସ୍‌ଲେ ବାର୍ଟି ଚତୁର୍ଥ ରାଉଣ୍ଡରେ ଆମେରିକାର ଶେଲବି ରୋଜର୍ସଙ୍କୁ ଭେଟିବା ସ୍ପଷ୍ଟ ହୋଇଛି। ବାର୍ଟି ତୃତୀୟ ରାଉଣ୍ଡରେ ୨୯ତମ ସିଡ୍ ରୁଷିଆର ଏକାଟେରିନା ଆଲେକଜାଣ୍ଡ୍ରୋଭାଙ୍କୁ ୬-୨, ୬-୪ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ରୋଜର୍ସ ୬-୪, ୬-୩ ସେଟ୍‌ରେ ୨୧ତମ ସିଡ୍ ଇସ୍ତୋନିଆର ଆନେଟ କୋଣ୍ଟାଭେଟ୍‌ଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପଞ୍ଚମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା ଚତୁର୍ଥ ରାଉଣ୍ଡରେ ଆମେରିକାର ଜେସିକା ପେଗୁଲାଙ୍କୁ ଭେଟିବେ। ଭିଟୋଲିନା ୬-୪, ୬-୦ ସେଟ୍‌ରେ ୨୬ତମ ସିଡ୍ କାଜାଖସ୍ତାନର ୟୁଲିଆ ପୁଟିନଶୋଭାଙ୍କୁ ହରାଇ ଓ ପେଗୁଲା ୬-୨, ୬-୧ ସେଟ୍‌ରେ ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡୋନୋଭିକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମୁକାବିଲାରେ ଆମେରିକାର ୨୨ତମ ସିଡ୍ ଖେଳାଳି ଜେନିଫର ବ୍ରାଡି ଓ ୨୮ତମ ସିଡ୍ କ୍ରୋଏସିଆର ଡୋନ ଭେକିକ୍ ମୁହାଁମୁହିଁ ହେବା ସ୍ପଷ୍ଟ ହୋଇଛି। ସେହିପରି ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇ ୧୮ତମ ସିଡ୍ ବେଲଜିୟମର ଏଲିସ ମେର୍ଟେନ୍ସ ଓ ୨୫ତମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭା ଚତୁର୍ଥ ରାଉଣ୍ଡରେ ପରସ୍ପରକୁ ଭେଟିବେ।

## ଭାରତୀୟ ଅଭିଯାନ ଶେଷ

**ମେଲବୋର୍ନ, ୧୩।୨(ପି.ଟି.):** ଚଳିତ ଅଷ୍ଟ୍ରେଲିଆନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ମିକ୍ସଡ ଡବଲ୍ସ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛନ୍ତି। ପ୍ରଥମ ରାଉଣ୍ଡରେ ବୋପାନ୍ନା ଓ ତାଙ୍କ ଚାଇନିଜ ପାର୍ଟନର ୟିଙ୍ଗ୍‌ୟିଙ୍ଗ୍ ଡୁଆନ ୪-୬, ୪-୬ ସେଟ୍‌ରେ ଆମେରିକୀୟ ଯୋଡି ବେଥାନି ମାଟେକ ସାଣ୍ଡ୍ସ ଓ ୟୁନାଇଟେଡ କିଙ୍ଗଡମ୍‌ର ଜେମି ମୁରେଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି। ଏଥିସହ ଅଷ୍ଟ୍ରେଲିଆନ୍ ଓପନ୍‌ରୁ ଭାରତୀୟ ଅଭିଯାନ ଶେଷ ହୋଇଛି। ମାତ୍ର ୧ ଘଣ୍ଟା ୩ ମିନିଟ୍‌ରେ ବୋପାନ୍ନା ଓ ଡୁଆନ ପରାସ୍ତ ହୋଇଥିଲେ। ଏହାପୂର୍ବରୁ ପୁରୁଷ ଡବଲ୍ସ ଇଭେଣ୍ଟରେ ବୋପାନ୍ନା ଓ ତାଙ୍କ ଜାପାନ ସାଥୀ ବେନ୍ ମ୍ୟାକଲାଚଲାନ ୪-୬, ୬-୭ ସେଟ୍‌ରେ କୋରିଆ ୱାଇଲ୍ଡକାର୍ଡ ଯୋଡି ଜି ସୁଙ୍ଗ ନାମ ଓ ମିନ୍‌କ୍ୟୁ ସଙ୍ଗଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ। ସେହିପରି ଅନ୍ୟତମ ଭାରତୀୟ ଖେଳାଳି ଦିଭିଜ ଶରଣ ଓ ମହିଳା ଖେଳାଳି ଅଙ୍କିତା ରାଇନା ସେମାନଙ୍କ ପାର୍ଟନରଙ୍କ ସହ ଯଥାକ୍ରମେ ପୁରୁଷ ଓ ମହିଳା ଡବଲ୍ସରେ ଗୁରୁବାର ପରାସ୍ତ ହୋଇ ବିଦାୟ ନେଇସାରିଛନ୍ତି।

## ଓସିଏ ଟେକ୍ନିକାଲ କମିଟିର ଭେନ୍ୟୁ ନିରୀକ୍ଷଣ

**ଭୁବନେଶ୍ୱର, ୧୩।୨(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଗ୍ରାଉଣ୍ଡ ଟେକ୍ନିକାଲ କମିଟି ଶନିବାର ଗଞ୍ଜାମ, କଳାହାଣ୍ଡି, ଗଜପତି, ପୁରୀ ଜିଲାରେ ପଡ଼ିଆ ନିରୀକ୍ଷଣ କରିଛନ୍ତି। ଓସିଏର ଭିଜନ-୨୦୨୪ ଅନ୍ତର୍ଗତ ରାଜ୍ୟର ବିଭିନ୍ନ ପଡ଼ିଆରେ କ୍ରିକେଟ ଭିତ୍ତିଭୂମି ଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଓସିଏ ସଦସ୍ୟ ଧୀରେନ ପଲେଇ, ଦେବାଶିଷ ପାତ୍ରୀ ଓ ଅନ୍ୟ କେତେକ ସଦସ୍ୟ ଏହି ନିରୀକ୍ଷଣକାରୀ ଦଳରେ ସାମିଲ ଥିଲେ।


















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୪ ଫେବୃୟାରୀ, ୨୦୨୧

## ୨ ବାଲ୍ୟ ବିବାହ ରୋକିଲା ପ୍ରଶାସନ

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ପଣ୍ଡରାଣୀ ଗାଁରେ ୨ଟି ବାଲ୍ୟ ବିବାହକୁ ପ୍ରଶାସନ ପକ୍ଷରୁ ଶୁକ୍ରବାର ରୋକଯାଇଛି । ୨ ନାବାଳିକାଙ୍କ ବିବାହ ସ୍ଥିର ହେବା ପରେ ଚାଇଲ୍ଡଲାଇନ ନିକଟରେ ଅଭିଯୋଗ ହୋଇଥିଲା । ଚାଇଲ୍ଡ ଲାଇନ ପକ୍ଷରୁ ଏ ନେଇ ଜିଲାପାଳଙ୍କୁ ଜଣାଇ ଦିଆଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ଲୋଇସିଂହା ପୋଲିସ ଉପସ୍ଥିତିରେ ସିଡିପିଓ ପ୍ରଜ୍ଞା ବାରିକ, ଅଙ୍ଗନୱାଡି କର୍ମୀ, ଚାଇଲ୍ଡଲାଇନ କର୍ମକର୍ତ୍ତା ଓ ସ୍ଥାନୀୟ ଜନପ୍ରତିନିଧି ନାବାଳିକାଦ୍ୱୟଙ୍କ ଘରକୁ ଯାଇ ବିବାହ ନ କରିବାକୁ ବାରଣ କରିଥିଲେ। ଆଇନଗତ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ସେମାନଙ୍କ ପରିବାର ଲୋକଙ୍କୁ ବୁଝାଇଥିଲେ । ପରେ ବିବାହ ବନ୍ଦ କରିବାକୁ ସେମାନେ ରାଜି ହୋଇଥିବା ସିଡିପିଓ ବାରିକ କହିଛନ୍ତି।



## ସଂକ୍ଷେପରେ

### ମୋ ଚାଟଶାଳୀ ଉଦ୍‌ଘାଟିତ

ଟିକ୍ରାପଡା,୧୩।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତର ଝିଙ୍କିଡୁଙ୍ଗୁରୀ, ନାଗଫେଣା, ଟିକ୍ରାପଡା ପଞ୍ଚାୟତର ଫଟାମୁଣ୍ଡା, କଦଳିମୁଣ୍ଡା, ଧରପଗଡ ପଞ୍ଚାୟତର ପେଣ୍ଡ୍ରାମାଲ, କରମତଲା ପଞ୍ଚାୟତର ଝିମନପାଲି ପ୍ରଭୃତି ଗ୍ରାମରେ ମୋ ଚାଟଶାଳୀ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ମହିଳା ଶ୍ରମଜୀବୀ ମଞ୍ଚ, ଓଡିଶା ଶ୍ରମଜୀବୀ ମଞ୍ଚ, ଆତ୍ମଶକ୍ତି ଟ୍ରଷ୍ଟ, ଲୋକ ଉନ୍ନତି ସଙ୍ଗଠନ ଏବଂ ଶିକ୍ଷିତ ଯୁବତୀଯୁବକଙ୍କ ମିଳିତ ଉଦ୍ୟମରେ ଏହି ଅଭିଯାନ ଆରମ୍ଭ ହୋଇଛି । ଝିଙ୍କିଡୁଙ୍ଗୁରୀଠାରେ ଲୋକ ଉନ୍ନତି ସଙ୍ଗଠନର ବ୍ଲକ ସଂଯୋଜିକା ଗୀତାଞ୍ଜଳି କୁମ୍ଭାର ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ୱାର୍ଡସଭ୍ୟା ସୁଷମା ପ୍ରଧାନୀ ଅତିଥିଭାବେ ଯୋଗଦେଇ ଚାଟଶାଳୀକୁ ଉଦ୍‌ଘାଟନ କରିଥିଲେ । ପ୍ରିୟଙ୍କା ବେହେରା, ବିଶ୍ୱନାଥ ବାଗ, ବଂଶୀଧର ସୁନାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସୁରକ୍ଷିତ ଦେଶାନ୍ତର ଉପରେ କର୍ମଶାଳା

ଲୋଇସିଂହା,୧୩।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ଅନ୍ତର୍ଗତ ବିନ୍ଧାପାଲି କଲ୍ୟାଣ ମଣ୍ଡପଠାରେ ସିଡବ୍ଲୁଏସ ଭୁବନେଶ୍ୱର ଆନୁକୂଲ୍ୟରେ ସୁରକ୍ଷିତ ଦେଶାନ୍ତର ଉପରେ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପଞ୍ଚାୟତ ଅଧୀନ ଗ୍ରାମର ଦାଦନ ଶ୍ରମିକମାନେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସରପଞ୍ଚ ଗଣେଶ ସାହୁ ଅତିଥି ଭାବେ ଯୋଗଦେଇ ସୁରକ୍ଷିତ ଦେଶାନ୍ତର ପାଇଁ ଶ୍ରମିକମାନେ ବ୍ଲକ ଓ ପଞ୍ଚାୟତସ୍ତରରେ ପଞ୍ଜୀକୃତ ହେବାକୁ ପରାମର୍ଶ ଦେଇଥିଲେ।କର୍ମଶାଳାକୁ ଗୋବିନ୍ଦ ବିଶି, ପ୍ରହଲ୍ଲାଦ ପଧାନ, ବୈକୁଣ୍ଠ ସାହୁ ଓ ପିଣ୍ଟୁ ପଧାନ ପରିଚାଳନା କରିଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ : ଅନ୍ତର୍ଡା ଚାମ୍ପିୟନ

ବିନିକା,୧୩।୨(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଡା ବଜରଙ୍ଗବଲି ଖେଳ ପଡିଆରେ ଚାଲିଥିବା ସେଭେନ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମୁକାବିଲା ଅନ୍ତର୍ଡା ବନାମ କଇଁତରା ମଧରେ ହୋଇଥିଲା । ଅନ୍ତର୍ଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ସମସ୍ତ ଉଇକେଟ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା । ଜବାବରେ କଇଁତରା ସମସ୍ତ ଉଇକେଟ ହରାଇ ୧୩୧ରନ୍ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ ଯୋଗଦେଇ ବିଜେତା ଅନ୍ତର୍ଡା ଦଳକୁ ଚାମ୍ପିୟନ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ବିନିକା କୃଷି କେନ୍ଦ୍ର ଅଧକ୍ଷ ପ୍ରତାପ ଚାନ୍ଦ, ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ ଧିରେନ୍ଦ୍ର ନାୟକ, ମଞ୍ଚ କଳାକାର ଗୋପାଳ ପଣ୍ଡା, ସିଂଘିଯୁବା ପ୍ୟାକ୍ସ ସଭାପତି ମନୋଜ ସାହୁ ଯୋଗ ଉପବିଜେତା ଦଳ କଇଁତରାକୁ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାନ୍ ଅଫ୍ ଦ ଟୁର୍ନାମେଣ୍ଟ ଅନ୍ତର୍ଡାର ଭୀମ, ବେଷ୍ଟ ବ୍ୟାଟ୍ସମ୍ୟାନ ଆଖ୍ୟା ପାଇଥିଲେ କଇଁତରର ଦିଲୀପ ।

### ବିଜେଡିର କର୍ମୀ ସମାବେଶ

ଦେଓଗାଁ,୧୩।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମପାହାଡ଼ ପାଦଦେଶରେ ଶନିବାର ବିଜେଡିର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଅର୍କେଶ ନାରାୟଣ ସିଂଦେଓ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳର ବିଜୟ ସମ୍ଭାବନାକୁ ନିଶ୍ଚିତ କରିବା ପାଇଁ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ । ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ଉମା ଶଙ୍କର ସିଂ, କୈଳାସ ମହାନ୍ତି, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ରାଜେନ୍ଦ୍ର ହୋତା, ବିଭୂତି ଭୂଷଣ ମିଶ୍ର, ପ୍ରମୋଦ ବହିଦାର, ଉତାର ସମିତି ସଭ୍ୟ ଟିକେନ୍ଦ୍ର ସାହ, ପ୍ରମୋଦ କୁମାର ବହିଦାର ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ସମାବେଶରେ ମୁକୁନ୍ଦପୁର, ଉପରଝର, ମହଲାଇ ଓ ଉତାର ପଞ୍ଚାୟତର ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ ।

# ଶିଳାନ୍ୟାସରେ ଅଟକିଛି ପ୍ରକଳ୍ପ କାମ

ସୋନପୁର,୧୩।୨(ନି.ପ୍ର.)

**ସୁବର୍ଣ୍ଣପୁର ନୂତନ ଡିଏଚ୍‌ଏଚ୍**



- ୩ବର୍ଷ ପରେ ବି କାମ ଆରମ୍ଭ ହୋଇନି
- ପଠାଯାଇଛି ନୂଆ ଏଷ୍ଟିମେଟ: ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ

ସୁବର୍ଣ୍ଣପୁରରେ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍) ନିର୍ମାଣ ଆରମ୍ଭ ହୋଇପାରିନି। ଶିଳାନ୍ୟାସର ସାଢେ ତିନିବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ପ୍ରକଳ୍ପ କାମ ଆରମ୍ଭ ହୋଇ ନ ପାରିବା ଜିଲାବାସୀଙ୍କୁ ବ୍ୟଥିତ କରିଛି।

ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୧୭ ଜୁଲାଇ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲା ସଦର ମହକୁମାରେ ନୂତନ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। କିନ୍ତୁ ସରକାର ଅନୁଦାନ ଯୋଗାଇ ଦେଲେନି କି କାମ ଆରମ୍ଭ ହେଲାନି। ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମୋ ସରକାର କାର୍ଯ୍ୟକ୍ରମକୁ ଅଧିକ ଦକ୍ଷ ଓ ଉତ୍ତରଦାୟୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ୨୦୧୯ ନଭେମ୍ବର ୭ ତାରିଖରେ ତତ୍କାଳୀନ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଓ ୫-ଟି ସଚିବ ଭି.କେ.ପାଣ୍ଡିଆନ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ସେମାନଙ୍କ ସହ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଚିକିତ୍ସାଳୟର ବହିର୍ବିଭାଗ ଓ ଅନ୍ତର୍ବିଭାଗ ପରିଦର୍ଶନ କରିଥିଲେ। ଜିଲାର ପ୍ରଶାସନିକ ଅଧିକାରୀ ଓ ଡାକ୍ତରଙ୍କ ସହ ମୁଖ୍ୟ ଶାସନ ସଚିବ ଓ ୫ଟି ସଚିବଙ୍କ ବୈଠକ ହୋଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ଅଧିକାରୀମାନେ କହିଥିଲେ ଯେ, ଦୁଇଦିନ ମଧ୍ୟରେ ଜମି ସମସ୍ୟାର ସମାଧାନ ହେବ । ୮୪ କୋଟି ଟଙ୍କା ବ୍ୟୟରେ ଖୁବ୍‌ଶୀଘ୍ର ଡିଏଚଏଚ୍ ନିର୍ମାଣ ହେବ। ଏଥିପାଇଁ ସରକାର ଅନୁମୋଦନ କରିଛନ୍ତି। ଅନ୍ୟପକ୍ଷେ ମୋ ସରକାରର ଏହି ଟିମ୍ ରୋଗୀମାନଙ୍କ ଫିଡ୍‌ବ୍ୟାକ୍ ଓ ଡାକ୍ତରମାନଙ୍କ ସହ ଆଲୋଚନାକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଟିମ୍ ଗସ୍ତର ଠିକ୍ ୧ ମାସ ପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଘୋଷଣା କରିଥିଲେ ଯେ, ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ୨୦୦ଶଯ୍ୟା ବିଶିଷ୍ଟ ୭ ମହଲା କୋଠାର ନିର୍ମାଣ କାର୍ଯ୍ୟ ଠିକ୍ ୧ ମାସ ମଧ୍ୟରେ ଆରମ୍ଭ କରାଯିବ। କିନ୍ତୁ ଏହି ଘୋଷଣାର ଏକବର୍ଷ ଅତିକ୍ରାନ୍ତ ହୋଇଥିଲେ ବି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନି।

ଏ ସମ୍ପର୍କରେ ଭାଜପା ନେତା ତଥା ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ୍ କୁହନ୍ତି, ମୁଖ୍ୟମନ୍ତ୍ରୀ ନିଜେ ଶିଳାନ୍ୟାସ କରିଥିବା ପ୍ରକଳ୍ପ କାମ ଆରମ୍ଭ ନ ହେବା ବିଡମ୍ବନାର ବିଷୟ। ସରକାର ନୂତନ ଡିଏଚ୍‌ଏଚ୍ ପାଇଁ ଅନୁଦାନ ଦେଇ କାର୍ଯ୍ୟ ଆରମ୍ଭ ନ କଲେ ଆନ୍ଦୋଳନ କରାଯିବ। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡାଙ୍କୁ ଏ ସମ୍ପର୍କରେ ପଚାରିବାରୁ ଡିଏଚ୍‌ଏଚ୍ ୨ଶହ ଶଯ୍ୟା ବିଶିଷ୍ଟ ହେବାର ଯୋଜନା ଥିଲା। ଜମି ସମସ୍ୟା ଓ ଶଯ୍ୟା ବୃଦ୍ଧି ନିଷ୍ପତ୍ତି କାରଣରୁ ବିଳମ୍ବ ହୋଇଥିବା କହିଥିଲେ। ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ.ଦାମୋଦର କୈବର୍ତ୍ତଙ୍କ ପ୍ରତିକ୍ରିୟା ନେବାରୁ ୩ଶହ ଶଯ୍ୟା ବିଶିଷ୍ଟ ୭ମହଲା କୋଠା(ନୂତନ ଡିଏଚ୍‌ଏଚ୍) ନିର୍ମାଣ ପାଇଁ ନିକଟରେ ବିଭାଗ ପକ୍ଷରୁ ୧୧୦କୋଟି ଟଙ୍କାର ଏଷ୍ଟିମେଟ୍ ସରକାରଙ୍କୁ ପଠାଯାଇଥିବା କହିଛନ୍ତି।

# ଚିକିତ୍ସାରେ ଅର୍ଥ ବାଧକ



ଅସୁସ୍ଥ ଶିଶୁକୁ ମା’ କୋଳେଇ ଧରିଛନ୍ତି ।

ବରଗଡ଼ ଅଫିସ୍, ୧୩।୨

**ସଳଖ ରହୁନି ମୁଣ୍ଡ, ବଙ୍କେଇ ଯାଉଛି ଶରୀର**

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଯୋଖିପାଲି ଗ୍ରାମର ବେଣୁ ସାହୁଙ୍କ ଶିଶୁପୁତ୍ର ଦେବାନନ୍ଦର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ଆଉ ପ୍ରାୟ ୪ମାସ ପରେ ତାକୁ ଚାରିବର୍ଷ ପୂରିବ। ହେଲେ ସେ ଚଲାବୁଲା କରିବା ତ ଦୂରର କଥା, ଉଠାବସା ମଧ୍ୟ କରିପାରୁନି। ଦେବାନନ୍ଦର ମୁଣ୍ଡ ସଳଖ ରହୁ ନ ଥିବାବେଳେ ଡାହାଣ ହାତ ବଙ୍କେଇ ଯାଉଛି। ତା’ ପେଟର ଗୋଟିଏ ପାର୍ଶ୍ୱ ଦବି ଯାଉଛି। ଶିଶୁର ଏଭଳି ଅବସ୍ଥା ଦେଖି ପରିବାର ଲୋକେ ଚିନ୍ତିତ ହୋଇ ପଡ଼ିଛନ୍ତି। ବିଭିନ୍ନ ଡାକ୍ତରଖାନାକୁ ନେଇ ଧାର, କରଜ କରି ଶିଶୁପୁତ୍ରର ଚିକିତ୍ସା କରାଇଛନ୍ତି। ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ସରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ବେଣୁ କହିଛନ୍ତି।

ସ୍ତ୍ରୀ ଲକ୍ଷ୍ମୀ(୩୨), ଝିଅ ରୁକ୍ମିଣୀ(୧୬), ଦୁଇପୁଅ ଡୋଳାମଣି(୭) ଦେବାନନ୍ଦ(୪)ଙ୍କୁ ନେଇ ବେଣୁଙ୍କ ପରିବାର। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବେଣୁ ଜଣେ ଛୋଟ ମାଛ ବେପାରୀ। ଗାଁ ଗାଁ ବୁଲି ମାଛ ବିକ୍ରି କରି ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚଳେ। ଏପରିସ୍ଥଳେ ପୁଅର ସ୍ୱାସ୍ଥ୍ୟ ତାଙ୍କର ଚିନ୍ତାର କାରଣ ପାଲଟିଛି। ସରକାରୀ ସହାୟତା କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହଯୋଗ କଲେ ଦେବାନନ୍ଦ ଆରୋଗ୍ୟ ଲାଭ କରିବ ବୋଲି ବେଣୁ ଆଶା ରଖିଛନ୍ତି। ସାମାଜିକ କର୍ମୀ ଦିବସ କୁମାର ସାହୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବରଗଡ଼ର ମ୍ୟାନେଜରଙ୍କ ସହିତ ଯୋଗାଯୋଗ କରି ଶିଶୁର ଚିକିତ୍ସା ପାଇଁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

# ସୁଧୀର ସ୍ମାରକୀ କ୍ରିକେଟ : ସମ୍ବଲପୁରକୁ ଟାଇଟଲ

ଅମରପାଲି, ୧୩।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାରେ ଚାଲିଥିବା ସପ୍ତମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବରଗଡକୁ ହରାଇ ସମ୍ବଲପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ଖେଳାହୋଇଥିଲା। ପ୍ରଥମେ ଖେଳା ହୋଇଥିବା ଟି-୧୦ ଫର୍ମାଟରେ ସମ୍ବଲପୁର ଦଳ ବ୍ୟାଟିଂ କରି ୧୦ ଓଭରରେ ୪ ଉଇକେଟ ହରାଇ ୧୧୨ ରନ କରିଥିଲା। ଜବାବରେ ବରଗଡ ଆବଶ୍ୟକ ୧୧୩ ରନକୁ ୧୦ ଓଭରରେ ୮ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ବରଗଡ ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ ହରାଇ ୮୨ ରନ କରିଥିବା ବେଳେ ସମ୍ବଲପୁର ୩.୩ ଓଭରରେ କୌଣସି ଉଇକେଟ ନ ହରାଇ ୮୪ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିତିବାରୁ ସୁପର-୨



ଟ୍ରଫି ସହ ଚାମ୍ପିୟନ ଦଳ ।

ଖେଳାଯାଇଥିଲା। ଏଥିରେ ବରଗଡ ୨ ଓଭରରେ ୧୩ ରନ କରିଥିବା ବେଳେ ସମ୍ବଲପୁର ୧.୩ ଓଭରରେ ୧୪ ରନ କରିଥିଲା। ଫଳରେ ସମ୍ବଲପୁର ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷ ସନ୍ତୋଷ ଭୋଇ ମୁଖ୍ୟଅତିଥି ଏବଂ ଉଲୁଣ୍ଡା ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ରାଧାକାନ୍ତ ମହାକୁର, ସ୍ଥାନୀୟ ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଘୁନାଥ ଜଗଦଳା, ସପନ ପଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମ୍ବଲପୁରର ଆକାଶଙ୍କୁ ମ୍ୟାନ ଅଫ୍ ଫାଇନାଲ ଓ ରାକେଶଙ୍କୁ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରିବା ସହ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା।

## ଚାକିରି ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର

ପାଇକମାଳ,୧୩।୨(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଚାକିରି ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଶନିବାର ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଥିବା ଆଇଆଇସି ବିଶ୍ୱଜିତ ମନବୋଧ କହିଛନ୍ତି। ଜାନୁୟାରୀ ୩୧ତାରିଖ ସନ୍ଧ୍ୟାରେ ବଇଦପାଲିର ଜଣେ ଯୁବକ ଚାକିରି କରାଇଦେବାକୁ କହି ଉକ୍ତ ନାବାଳିକାଙ୍କୁ ତାମିଲନାଡୁ ନେଇ ସେଠାରେ ବଳାତ୍କାର କରିଥିଲେ। ଗତ ୯ତାରିଖରେ ଯୁବକ ଜଣକ ତାମିଲନାଡୁରୁ ତାଙ୍କୁ ଆଣି ପାଇକମାଳ ମାହାରପଡାସ୍ଥିତ ନିଜର ଜଣେ ସମ୍ପର୍କୀୟଙ୍କ ଘରେ ରଖି ସେଠାରେ ମାରପିଟ କରିବା ସହ ବଳାତ୍କାର କରିଥିଲେ। ପୀଡିତା ପାଇକମାଳରେ ଥିବା ଖବର ପାଇ ଗତ ୧୨ ତାରିଖରେ ପରିବାର ଲୋକ ତାଙ୍କୁ ଉଦ୍ଧାର କରିଥିଲେ।

## ମହିଳାଙ୍କୁ ପଥର ମାଡ଼ ଘଟଣା: ମାମଲା ରୁଜୁ

ଅତାବିରା, ୧୩।୨ (ଡି.ଏନ.ଏ)

ବରଗଡ ଜିଲା ରୁଷୁଡା ଫାଣ୍ଡି ଅଧୀନ ଦେଶଭଟିଲି ଗ୍ରାମରେ ଗତ ଶୁକ୍ରବାର ଜଣେ ମହିଳାଙ୍କୁ ପଥର ମାଡ଼ ଘଟଣାରେ ପୋଲିସ ଏକ ମାମଲା (ନଂ.୨୩/୨୧) ରୁଜୁ କରି ତଦନ୍ତ ଚଳାଇଛି। ଦେଶଭଟିଲି ରାମଜୀ ମନ୍ଦିର ପ୍ରାଙ୍ଗଣରେ ମହିଳାମାନେ ସଂକ୍ରାନ୍ତି ପାଳନ କରୁଥିବା ବେଳେ ମନ୍ଦୋଦରୀ ଭୋଇଙ୍କୁ ପଥର ମାଡ଼ ହୋଇଥିଲା। ଫଳରେ ସେ ଗୁରୁତର ହୋଇ କାଦୋବାହାଲ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ମହିଳାଙ୍କ ସ୍ୱାମୀ ଆନନ୍ଦ ଭୋଇଙ୍କ ଏତଲାକୁ ଭିତ୍ତିକରି ପୋଲିସ ଉକ୍ତ ମାମଲା ରୁଜୁ କରିଛି। ଶନିବାର ବରଗଡ ଏସ୍‌ଡିପିଓ ଦୀପକ କୁମାର ଗୋଛାୟତ ସଦଳବଳ ଉକ୍ତ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାର ଅଭିଯୁକ୍ତ ଫେରାର ଅଛନ୍ତି।

# ମଣ୍ଡିରୁ ଉଠୁନି ଧାନ: ଚକାଜାମ୍ କଲା ଭାଜପା



ବଲାଙ୍ଗୀର ଗାନ୍ଧୀନଗରପଡ଼ାରେ ରାଜପଥକୁ ଭାଜପା କର୍ମୀମାନେ ଅବରୋଧ କରିଛନ୍ତି।



ସୋନପୁର କୁଞ୍ଜଛକରେ କରାଯାଇଥିବା ରାସ୍ତାରୋକୋରେ ଭାଜପା ନେତା ଓ କର୍ମୀ।



ବରଗଡ଼ରେ ଭାଜପା ନେତା,କର୍ମୀଙ୍କ ଚକାଜାମ୍ ଆନ୍ଦୋଳନ।

**ବରଗଡ଼ ଅଫିସ୍,୧୩।୨:** ଧାନ ସଂଗ୍ରହରେ ଅବ୍ୟବସ୍ଥାକୁ ନେଇ ବରଗଡ଼ ଜିଲାରେ ଶନିବାର ଭାଜପା ତିନି ଘଣ୍ଟିଆ (ଦିନ ୧୦ଟାରୁ ୧ଟା) ଚକାଜାମ୍ ଆନ୍ଦୋଳନ କରିଥିଲା। ବରଗଡ଼ ସହର ଉପକଣ୍ଠ ବିକାଶ ସ୍କୁଲ ନିକଟ ଛକରେ ଜିଲା ସଭାପତି ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ୫୩ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ରବି ନାରାୟଣ ଦାଶ, ପ୍ରୀତମ ସିଂ, ସୁବ୍ରତ ହୋତା, କୁଶ କୁମ୍ଭାର, ଅବନୀକାନ୍ତ ପଣ୍ଡାଙ୍କ ସମେତ ବହୁସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ତୁରନ୍ତ ଚାଷୀଙ୍କ ଧାନ ଉଠା ନ ଗଲେ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ଷଡ଼ଙ୍ଗୀ ଚେତାବନୀ ଦେଇଥିଲେ। ଅମ୍ବାଭୋନା ବ୍ଲକରେ ବ୍ଲକ ସଭାପତି ପ୍ରହଲ୍ଲାଦ ଖମାରୀଙ୍କ ନେତୃତ୍ୱରେ ଚାଷୀମାନେ ଭୁକ୍ତା-ପ୍ରକାଶପୁର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ବରପାଲି ଗାନ୍ଧୀ ଛକରେ ଭାଜପା ନେତା ସନତ ଗଡ଼ତିଆଙ୍କ ନେତୃତ୍ୱରେ ଚକାଜାମ୍ ଆନ୍ଦୋଳନ ହୋଇଥିବା ଆମ ବରପାଲି ପ୍ରତିନିଧି ସୂଚନା ଦେଇଛନ୍ତି। ପଦ୍ମପୁର ସର୍ଗିବାହାଲ ଛକରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଗୋବର୍ଦ୍ଧନ ଭୋଏ, ପ୍ରୀତେଶ ବହିଦାର, ନିରାକାର ବରିହାଙ୍କ ନେତୃତ୍ୱରେ ରାସ୍ତା ଅବରୋଧ କରାଯାଇଥିଲା ବୋଲି ଆମ ପଦ୍ମପୁର ପ୍ରତିନିଧି ଜଣାଇଛନ୍ତି ।

**ବଲାଙ୍ଗୀର ଅଫିସ/ଖପ୍ରାଖୋଲ/ଲାଠୋର/ମୁରିବାହାଲ/ଦେଓଗାଁ/କଣ୍ଟାବାଞ୍ଜି/ଲୋଇସିଂହା(ଡି.ଏନ.ଏ.):** ଗାନ୍ଧୀନଗର ପଡା ୨୬ ନମ୍ବର ଜାତୀୟ ରାଜପଥ ବଲାଙ୍ଗୀର-ସମ୍ବଲପୁର ରୋଡ ଓ ବଲାଙ୍ଗୀର-ପାଟଣାଗଡ ରୋଡ ଝାଙ୍କରପାଲି ଛକରେ ୩ଘଣ୍ଟା ଧରି ଚକାଜାମ୍ କରିଥିଲା ଭାଜପା । ପଙ୍କଜିନୀ ପଣ୍ଡାଙ୍କ ନେତୃତ୍ୱରେ ଗାନ୍ଧୀନଗର ପଡା ଛକ ଓ ଅନନ୍ତ କୁମାର ଦାସଙ୍କ ନେତୃତ୍ୱରେ ଝାଙ୍କରପାଲି ଛକରେ ରାସ୍ତାରୋକୋ କରାଯାଇଥିଲା। ଖପ୍ରାଖୋଲ ଥାନା ଛକରେ ସରପଞ୍ଚ ଉପେନ୍ଦ୍ର ଭୋଇ, ହରିବୋଲ ପୋଢ, ଯଦୁମଣି ସାହୁ, ନାରାୟଣ ଦଣ୍ଡସେନା ପ୍ରମୁଖଙ୍କ ନେତୃତ୍ୱରେ ଏବଂ ଧଣ୍ଡାମୁଣ୍ଡାରେ ମଣ୍ଡଳ ସଭାପତି ଦେବକାନ୍ତ ପାଣିଗ୍ରାହୀ, ଭରତ ସାହୁ, କର୍ଣ୍ଣ ଠାକୁର ପ୍ରମୁଖଙ୍କ ନେତୃତ୍ୱରେ ଭାଜପା କର୍ମୀ ଓ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲାଠୋର କଲେଜ ଛକରେ ସେରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କ ନେତୃତ୍ୱରେ ୩ଘଣ୍ଟା ଧରି ଆନ୍ଦୋଳନ ହେବାରୁ ବଲାଙ୍ଗୀର-ନୂଆପଡା ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ମଣ୍ଡଳ ଯୁବମୋର୍ଚ୍ଚା ସଭାପତି କାଶିନାଥ ମେହେର, ମିଡିଆ ସେଲର ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୁରିବାହାଲରେ ଗୋପାଳପୁର-ରାୟପୁର ୫୯ ନମ୍ବର ଜାତୀୟ ରାଜପଥର ଗୋଇମୁଣ୍ଡ ଛକରେ ରାସ୍ତା ଅବରୋଧ କରାଯାଇଥିଲା। ଏଥିରେ ଜିଲା ସଭାପତି ଶିବାଜୀ ମହାନ୍ତି, ଉପସଭାପତି ଶ୍ରୀବତ୍ସ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ବାଗ,ଅର୍ଜୁନ ଯାଦବ, ମୁରିବାହାଲ ମଣ୍ଡଳ ସଭାପତି ସୁରେଶ ଭୋଇ ସାମିଲ ହୋଇଥିଲେ। ଦେଓଗାଁ ବସଷ୍ଟାଣ୍ଡରେ ଅମିତ କୁମାର ସିଂ ନିନା, ବନ୍ଧପଡା ମଣ୍ଡଳ ସଭାପତି ବାସୁଦେବ ସିଂ ନିନା, ଅଚ୍ୟୁତ ସାହୁ, ରାଜକିଶୋର ସାହ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଧାନକିଣା ନୀତିରେ ଅବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । କଣ୍ଟାବାଞ୍ଜି ଇନ୍ଦିରା ଛକରେ ଭାଜପା କର୍ମୀମାନେ ବଲାଙ୍ଗୀର-ବଙ୍ଗୋମୁଣ୍ଡା ରାଜ୍ୟ ରାଜପଥ ନଂ. ୪୨କୁ ଅବରୋଧ କରିଥିଲେ । ଜିଲା ସମ୍ପାଦକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ଟାଉନ ସଭାପତି ବେଦବ୍ୟାସ ନାଗ, ଖଗସା ସରପଞ୍ଚ ସୁଦର୍ଶନ କଟା, ଲମ୍ବୁ ହଂସ, ଚୈତନ ହଂସ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ । ଲୋଇସିଂହା ଥାନା ରୁଗୁଡିଖାଲଠାରେ ମଣ୍ଡଳ ସଭାପତି ସରୋଜ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାକୁ ଭୂତନାଥ ନାଏକ ସଂଯୋଜନା କରିଥିଲେ। ଧାରଣାରେ ବିଧାୟକ ମୁକେଶ ମହାଲିଙ୍ଗ ସାମିଲ ହୋଇ ମଣ୍ଡି ପରିଚାଳନା ଗତ ଅବ୍ୟବସ୍ଥାକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

**ସୋନପୁର,୧୩।୨(ନି.ପ୍ର.):** ସୁବର୍ଣ୍ଣପୁର ଜିଲାରେ ଧାନବିକ୍ରି ସମସ୍ୟାର ସମାଧାନ ଦାବିରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଶନିବାର ୩ଘଣ୍ଟିଆ ଚକାଜାମ୍ କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଦଳୀୟ କର୍ମୀମାନେ ଜିଲାର ୧୦ଟି ସ୍ଥାନରେ ରାସ୍ତାରୋକୋ କରିଥିଲେ। ଫଳରେ ସୋନପୁର-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ, ଡୁଙ୍ଗୁରିପାଲି-ବରଗଡ ୨୬ ନଂ ଜାତୀୟ ରାଜପଥ, ସୋନପୁର-ରାମପୁର-ଡୁଙ୍ଗୁରିପାଲି ରାଜ୍ୟ ରାଜପଥ, ସୋନପୁର-ବୀରମହାରାଜପୁର ଓ ଉଲୁଣ୍ଡା-ସମ୍ବଲପୁର ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସୋନପୁର ସହରର କୁଞ୍ଜଛକ, ବ୍ଲକଛକ ଓ ବୁଢାରାଜା ଛକରେ ରାସ୍ତାରୋକୋ ହୋଇଥିଲା। ବୀରମହାରାଜପୁର ମୁଖ୍ୟ ଛକରେ ଅନୁଷ୍ଠିତ ଚକାଜାମ୍‌ରେ କିଶୋର ହୋତା, ପଞ୍ଚାୟତ ସମିତି ଅଧକ୍ଷ ତଥା ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସନ୍ତୋଷ ଭୋଇ, ନଳିନୀ ପଣ୍ଡା, ପଦାର୍ଥ ଜଗଦଳା, ସତ୍ୟ ମିଶ୍ର, ଦିଲ୍ଲିପ ପ୍ରଧାନ ଓ ବଳାରାମ ବାଘାର ସାମିଲ ହୋଇଥିଲେ। ତରଭା ନମସ୍ତେ ଛକରେ ବିମଳ ଚନ୍ଦ୍ର ମିଶ୍ର, ସୁରେଶ ମହଲା, ରାମ ନାରାୟଣ ବେଜ୍ ଓ ଗୋବିନ୍ଦ ମେହେର ଜାତୀୟ ରାଜପଥ ଓ ତରଭା ରାସ୍ତାକୁ ଅବରୋଧ କରିଥିଲେ। ବିନିକା ସିଦ୍ଧାର୍ଥ କଲେଜ ଛକରେ ଅଶୋକ ପୃଷ୍ଟି, ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ପଣ୍ଡା ଓ ବିଶ୍ୱମ୍ବର ମିଶ୍ର ଚକାଜାମ୍‌ର ନେତୃତ୍ୱ ନେଇଥିଲେ। ରାମପୁର ନାଇକେନପାଲି ଛକରେ ଅଶୋକ ପୂଜାରୀଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇଥିଲା। ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡ ଛକରେ ଜିଲା ପରିଷଦ ଉପାଧକ୍ଷ ରୁଦ୍ର ପ୍ରସାଦ ମହଲା, ହେମନ୍ତ ବିଶ୍ୱାଳ, ନିତେଇ ପାଲ, ଧୀରେନ୍ଦ୍ର ପ୍ରଧାନ, ବେଣୁଧର ଡନସେନା ଓ ସୁରେଶ ସାହୁ ଆନ୍ଦୋଳନରେ ସାମିଲ ହୋଇଥିଲେ। ଉଲୁଣ୍ଡାରେ ବଳରାମ ସୁନା, ଆଦିତ୍ୟ ପୁରୋହିତ ଓ କ୍ଷୀର ଭୋଇଙ୍କ ନେତୃତ୍ୱରେ ରାସ୍ତାରୋକୋ ହୋଇଥିଲା।

**କୋକସରା, ୧୩।୨ (ଡି.ଏନ.ଏ.):** କୋକସରା ବ୍ଲକ ଆମପାଣି ନିକଟରେ ଭାଜପା ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟିଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇଥିଲା। ଏଥିରେ ଜିଲା ଉପସଭାପତି ବଦ୍ରୀ ନାରାୟଣ ପଟ୍ଟନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜନାର୍ଦ୍ଦନ ପଣ୍ଡା, ଭାଜପା କୋକସରା ମଣ୍ଡଳ ସଭାପତି ତ୍ରିନାଥ ବାଗ, ସମ୍ପାଦକ ତ୍ରିନାଥ ଶବର, ଉପସଭାପତି ଗୋପାଳ ଚନ୍ଦ୍ର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ହଂସ, ମଧୁବନ ପାତ୍ର, ଗଣେଶ ନନ୍ଦ, ସୁଶୀଲ ପାଢ଼ୀ, ଚକ୍ରଧର ବେଶ୍ରା, ମହିଳା ମୋର୍ଚ୍ଚା ସଭାନେତ୍ରୀ ରୁକ୍ମଣୀ ଦାସ, ଦୁର୍ଗାପ୍ରସାଦ ପ୍ରଧାନୀ, ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ। ସେହିପରି ମୋଟେର ଛକରେ ଜିଲା ପରିଷଦ ସଦସ୍ୟ ଅମୋଜ ପଣ୍ଡା, ଭାଜପା ଜିଲା ଯୁବ ସଭାପତି ବିଜୟଦେବ ସାହୁ, ନାରୀନେତ୍ରୀ କୁନ୍ତି ପାଳ, ରାଧେଶ୍ୟାମ ଗୋପାଳ ସୁଜିତ୍ ସିଂ ରାଜପୁତ ପ୍ରମୁଖ ସାମିଲ ଥିଲେ ।

**ଜୁନାଗଡ,୧୩।୨(ଡି.ଏନ୍.ଏ):** ଜୁନାଗଡ ଭାଜପା ପକ୍ଷରୁ ସ୍ଥାନୀୟ ହାତୀବ୍ରିଜ ୨୬ନଂ ଜାତୀୟ ରାଜପଥରେ ପୂର୍ବାହ୍ନ ୧୦ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ୨ଘଣ୍ଟା ଧରି ଚକାବନ୍ଦ ଆନ୍ଦୋଳନ କରାଯାଇଥିଲା। ଜିଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ, ବ୍ଲକ ଅଧକ୍ଷା ଏନ. ମାଝୀ, ଉପାଧକ୍ଷ ଟଙ୍କଧର ନାଏକ, ମନୋଜ କୁମାର ମେହେର, ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର, କାଞ୍ଚନ ବାଗ, ଅଜୟ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

**ବୌଦ୍ଧ(ସ୍ୱ.ପ୍ର.):** ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ ବାଘଙ୍କ ନେତୃତ୍ୱରେ ବାଉଁଶୁଣୀ ଠାରେ, ବୌଦ୍ଧ ସହରର ବ୍ରିଜଛକଠାରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ରାସ୍ତାରୋକୋ କରିଥିଲେ। ଆନ୍ଦୋଳନରେ ସୁଶାନ୍ତ କୁମାର ପ୍ରଧାନ, ମାଗୁଣି ଗାଇଗୌରିଆ, ସୂର୍ଯ୍ୟ ନାରାୟଣ ମହାପାତ୍ର, ମନରଞ୍ଜନ ଦାଶ, କୃଷ୍ଣଚନ୍ଦ୍ର ମିଶ୍ର, ନମିତାରାଣୀ ଦାଶ, ତାପସ କୁମାର ପଟ୍ଟନାୟକ, ବାବୁନି ଦଲାଲ ପ୍ରମୁଖ ସାମିଲ ହୋଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୪ ଫେବୃୟାରୀ, ୨୦୨୧



## ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

ଖଡିଆଳ,(ଡି.ଏନ.ଏ): ନୂଆପଡା ଜିଲା ଖଡିଆଳ ବ୍ଲକ ତୁକଲା କଲେଜ ଛକ ନିକଟରେ ସଡକ ଦୁର୍ଘଟଣା ଘଟିଛି। ଜଣେ ବୃଦ୍ଧ ତୁକଲାରୁ ସାଇକେଲରେ ଖଡିଆଳ ପଟକୁ ଆସୁଥିଲେ। ବିପରିତ ଦିଗରୁ ଏକ ଟ୍ରକ ଗାଡି ନଂ. ସିଜି ୧୨ ଏଜେଡ୍- ୯୯୧୩ ଖଡିଆଳ ପଟୁ ଭବାନୀପାଟଣା ଅଭିମୁଖେ ଯାଉଥିବା ସମୟରେ ବୃଦ୍ଧଙ୍କୁ ଧକ୍କା ଦେଇଥିଲା । ଖବରପାଇ ଖଡିଆଳ ଅଗ୍ନିଶମ ବିଭାଗର କର୍ମଚାରୀ ଓ ଖଡିଆଳ ପୋଲିସ ଘଟଣାସ୍ଥଳରୁ ବୃଦ୍ଧଙ୍କୁ ଉଦ୍ଧାର କରି ଖଡିଆଳ ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଉଛନ୍ତି ବୋଡେନ ବ୍ଲକ ଲର୍କା ଗାଁର ଗୁଞ୍ଜ ପୁଞ୍ଜି । ଏ ନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଗଛରେ ପିଟିହେଲା ପରିବା ବୋଝେଇ ପିକ୍ଅପ, ଜଣେ ମୃତ

ଦେଓଗାଁ ,୧୩।୨(ଡି.ଏନ.ଏ.): ଦେଓଗାଁ ବ୍ଲକ ଆଟଗାଁ ନିକଟରେ ପରିବା ବୋଝେଇ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱସ୍ଥ ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡିରେ ଥିବା ପରିବା ବ୍ୟବସାୟୀ ବରକାନୀର ରାମେଶ୍ୱର ନାଗ(୨୪)ଙ୍କ ମୃତ୍ୟୁ ଘଟିଛି। ଆହତ ଡ୍ରାଇଭର ସଞ୍ଜନ ମେହେରଙ୍କୁ ପୁଇଁନ୍ତଲା ଥାନା ପୋଲିସ ଉଦ୍ଧାର କରି ବଲାଙ୍ଗୀର ପଠାଇଛି।

### ଦୁର୍ଘଟଣାରେ ଯୁବକ ମୃତ

କୋକସରା,୧୩।୨(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ବିଜୁ ଏକ୍ସପ୍ରେସ ରାସ୍ତାର ଦର୍ଲିପଡା-ଭୁର୍ଷାଗୁଡା ନିକଟରେ ଶନିବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭୁର୍ଷାଗୁଡା ଗ୍ରାମର ମହେଶ୍ୱର ମାଝୀ (୩୦) । ମହେଶ୍ୱର ଏକ ବାଇକ (ଓଡି ୦୮ ଜି-୪୨୫୧)ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଡି ୦୮ କେ- ୫୦୧ନଂ ଟ୍ରାକ୍ଟର ପଛପଟେ ପିଟି ହୋଇ ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ଜମି ହଡ଼ପ, ତହସିଲ ଅଫିସ ଘେରାଉ

ଝାରବନ୍ଧ,୧୩।୨(ଡି.ଏନ.ଏ): ଝାରବନ୍ଧ ତହସିଲ ଅନ୍ତର୍ଗତ କୁକୁରିପାଲିରେ ପ୍ରାୟ ୪୮ଏକରରୁ ଉର୍ଦ୍ଧ୍ୱ ଜମି ହଡ଼ପ ଅଭିଯୋଗ ହୋଇଛି। କାର୍ଯ୍ୟାନୁଷ୍ଠାନ ଦାବିରେ ଶନିବାର ଭଣ୍ଡାରପୁରୀ ପଞ୍ଚାୟତ ଅନ୍ତର୍ଗତ କୁକୁରିପାଲିର ୫୦ଜଣ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ବର୍ଗର ଲୋକେ ତହସିଲ ଅଫିସ ଘେରାଉ କରିଥିଲେ। କୁକୁରିପାଲି ମୌଜାର ଜଙ୍ଗଲ ଜମି ଓ ପତିତ କିସମ ଜମିକୁ ଚାଷୋପଯୋଗୀ ଜମି କରି ଲୋକେ ପୁରୁଷାନୁକ୍ରମେ ଚାଷ କରି ଆସୁଥିଲେ। ମାତ୍ର ସେହି ଜମିକୁ କିଛି ନିର୍ଦ୍ଦିଷ୍ଟ ଲୋକ ବେଆଇନ ଭାବେ ପଟ୍ଟା କରି ବିକ୍ରି କରିଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ ସୁଫଳ ମିଳି ନ ଥିବା କଳାଚାନ୍ଦ ସାହୁ, ଅଲେଖ ଭୋଇ, ଅନୁସୂୟା ଭୋଇ ପ୍ରମୁଖ କହିଛନ୍ତି ।

### ଜଗଦାନନ୍ଦ ସ୍ମାରକୀ କ୍ରିକେଟ: ହିଙ୍ଗମା ଚାମ୍ପିୟନ

ଉଲୁଣ୍ଡା, ୧୩।୨(ଡି.ଏନ.ଏ.): ଉଲୁଣ୍ଡା ବ୍ଲକ ବାରିଗାଁଠାରେ ଚାଲିଥିବା ଜଗଦାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ ହୋଇଯାଇଛି । ଏଥିରେ ତେଲିପାଲି ଦଳକୁ ହରାଇ ହିଙ୍ଗମା ଚାମ୍ପିୟନ ହୋଇଛି। ହିଙ୍ଗମା ନିର୍ଦ୍ଧାରିତ ୮ ଓଭରରେ ୪ଉଇକେଟ ହରାଇ ୮୪ ରନ କରିଥିଲା। ତେଲିପାଲି ଦଳ ସମସ୍ତ ଉଇକେଟ ହରାଇ ୪୫ରନ କରି ପରାଜିତ ହୋଇଥିଲା । ଶିବରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ମହେଶ ରଞ୍ଜନ ପୁରୋହିତ, ସୈଳରଞ୍ଜନ ବାଦୀ, ରମଣ ଦୀପ, ୱାର୍ଡସଭ୍ୟ ଗରିବ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଥିଲେ ।

### ନିତ୍ୟାନନ୍ଦପୁର ଚାମ୍ପିୟନ

ପଦ୍ମପୁର, ୧୩।୨ (ଡି.ଏନ.ଏ): ପଦ୍ମପୁର ଉପଖଣ୍ଡ କୁର୍ମାଠାରେ ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ କୋଶଳ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଛି। ଅନ୍ତରଝଲା ଓ ନିତ୍ୟାନନ୍ଦପୁର ମଧରେ ଫାଇନାଲ ମ୍ୟାଚ୍ ହୋଇ ନିତ୍ୟାନନ୍ଦପୁର ଚାମ୍ପିୟନ ହୋଇଥିଲା । ମନୋରଞ୍ଜନ ସିଂ ବରିହା, ମାନଭଞ୍ଜନ ପ୍ରଧାନ, ଡା. ନରେନ୍ଦ୍ର ପ୍ରଧାନ, ଶରତ ସାହୁ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ, ରନର୍ସ, ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ସିରିଜକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ ।

# ଜିଲା ସଂଗ୍ରହାଳୟ ପାଇଁ ୫୦ଲକ୍ଷ ଅନୁଦାନ

ବୌଦ୍ଧ,୧୩।୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ସଂଗ୍ରହାଳୟ ପରିଚାଳନା ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ଦିଆଯିବ ବୋଲି ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଶନିବାର ମନ୍ତ୍ରୀ ପାଣିଗ୍ରାହୀ ସୁନ୍ଦରଗଡ ଗସ୍ତ ସମୟରେ ବୌଦ୍ଧ ଜିଲାର ପର୍ଯ୍ୟଟନ ଉପରେ ସମୀକ୍ଷା କରିଥିଲେ । ସର୍କିଟ ହାଉସଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସଂଗ୍ରହାଳୟ ପାଇଁ ଅନୁଦାନ ଯୋଗାଇ ଦେବା ସମ୍ପର୍କରେ କହିବା ସହ ଏହାର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ହାତକୁ ନେବା ପାଇଁ ପ୍ରକ୍ରିୟା ଚାଲିଥିବା ସେ ସୂଚନା ଦେଇଥିଲେ । ବୌଦ୍ଧ ରାଜାଙ୍କ ଦ୍ୱାରା ନିର୍ମିତ କଚେରି କୋଠାକୁ ଶହେ ବର୍ଷ ପୁରି ଯାଇଥିବା ବେଳେ ଏହି କୋଠା ଜିଲା ସ୍ୱନକ୍ଷତ୍ର ଦିବସରେ ଜିଲା ସଂଗ୍ରହାଳୟର ମାନ୍ୟତା ପାଇଛି । ଏହା ରାଜ୍ୟର ପ୍ରଥମ ଜିଲାସ୍ତରୀୟ ସଂଗ୍ରହାଳୟ ହୋଇଛି । ଏହି ସଂଗ୍ରହାଳୟରେ ଜିଲାର ଲୋକକଳା, ସଂସ୍କୃତି, ପ୍ରାଚୀନ ପରମ୍ପରା, କାରିଗରୀ, କିର୍ତ୍ତୀରାଜି ଓ ବିକାଶର ଝଲକ ଦେଖିବାକୁ ମିଳୁଛି । ମନ୍ତ୍ରୀ ପାଣିଗ୍ରାହୀ ଏହି ସଂଗ୍ରହାଳୟକୁ ଗୁରୁତ୍ୱ ଦେବା ସହ ଏହାର ଉନ୍ନତିକରଣ ପାଇଁ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଓ ଜିଲା ପ୍ରଶାସନ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ବୌଦ୍ଧ ଜିଲାର ଇକୋ ଟୁରିଜିମ ଏବଂ ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ରଗୁଡିକର ସ୍ଥିତାବସ୍ଥା ସଂପର୍କରେ ମଧ ଆଲୋଚନା କରିଥିଲେ। ଜିଲା ଗଠନ ହେବାର ୨୭ ବର୍ଷ ହୋଇଥିବା ବେଳେ ଜିଲାରେ ପର୍ଯ୍ୟଟନ କାର୍ଯ୍ୟାଳୟ ଖୋଲା ଯାଇ ନ ଥିବା ନେଇ ଖବରଦାତାମାନେ ପ୍ରଶ୍ନ କରିଥିଲେ। ସମୀକ୍ଷା ବୈଠକ ପରେ ବିଧାୟକ ଅମାତଙ୍କ ସହ ବୌଦ୍ଧ ସହର ନିକଟସ୍ଥ ମହାନଦୀ ଦ୍ୱୀପ ଭିତରେ ରହିଥିବା ମର୍ଜାକୁଦ ଅଞ୍ଚଳ ପରିଦର୍ଶନରେ ମନ୍ତ୍ରୀ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଉପଜିଲାପାଳ ଅଶ୍ୱନୀ କୁମାର ମେହେର, ସହକାରୀ ଜିଲାପାଳ ଅବିନାଶ ପାଣ୍ଡିଆ, ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ, ସୂଚନା ଲୋକ ସମ୍ପର୍କ ଅଧିକାରୀ ବିରଞ୍ଚି ଧରୁଆ ଉପସ୍ଥିତ ରହିଥିଲେ।


ପର୍ଯ୍ୟଟନ ମନ୍ତ୍ରୀ ମର୍ଯ୍ୟାକୁଦ ବୁଲି ଦେଖିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

**ବୌଦ୍ଧରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସୂଚନା**

# ଗ୍ରାଉଣ୍ଡ ଟେକ୍ନିକାଲ କମିଟି ପରିଦର୍ଶନ କଲା ବିଜୁ ପଟ୍ଟନାୟକ ଷ୍ଟାଡିୟମ୍

ଜୁନାଗଡ,୧୩।୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରର ବିଜୁ ପଟ୍ଟନାୟକ ଷ୍ଟାଡିୟମକୁ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ସମସ୍ତ ଉନ୍ନତମାନର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହାର ସାରଥି ସାଜିଛନ୍ତି ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଓଡିଶା କ୍ରିକେଟ ଆସୋସିଏଶନର ଗ୍ରାଉଣ୍ଡ ଟେକ୍ନିକାଲ କମିଟି ବିଜୁ ପଟ୍ଟନାୟକ ଷ୍ଟାଡିୟମକୁ ପରିଦର୍ଶନ କରିଛନ୍ତି। ଏହି ସମୟରେ ମନ୍ତ୍ରୀ ମିଶ୍ରଙ୍କ ସହ ଟେକନିକାଲ କମିଟିର ଅଧ୍ୟକ୍ଷ ବିରେନ ପଲେଇ, ସଦସ୍ୟ ଦେବାଶୀଷ ପାତ୍ରୀ, ପଙ୍କଜ ପଟ୍ଟନାୟକ, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ମହେଶ ସାହୁ, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା ପ୍ରମୁଖ ପରଦର୍ଶନ କରିଥିଲେ। ପଡିଆର ଉନ୍ନତମାନର ଭିତ୍ତିଭୂମି, ପାରିପାର୍ଶ୍ୱିକ ବ୍ୟବସ୍ଥା ଦେଖି ସେମାନେ ସନ୍ତୋଷ ପ୍ରକାଶ କରିଥିଲେ। ଖୁବଶୀଘ୍ର ରାଜ୍ୟ ଓ ଜିଲାସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରାଯିବା ପାଇଁ ଉଦ୍ୟମ କରାଯିବ ବୋଲି ସେମାନେ କହିଥିଲେ। ପରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିସରରେ ଥିବା ଇନ୍‌ଡୋର ଷ୍ଟାଡିୟମକୁ ବୁଲି ଦେଖିଥିଲେ।


ମନ୍ତ୍ରୀଙ୍କ ସହ ଟେକ୍ନିକାଲ କମିଟି ଷ୍ଟାଡିୟମ ପରିଦର୍ଶନ କରୁଛନ୍ତି ।

# ଦୁଗ୍ଧ ଉତ୍ପାଦକ କେନ୍ଦ୍ର ବନ୍ଦ କରିବାକୁ ଚକ୍ରାନ୍ତ

ବିନିକା,୧୩।୨(ଡି.ଏନ୍.ଏ.)

- ଅଭିଯୋଗ ଆଣିଲେ ସମିତି ସମ୍ପାଦକ
- ଜିଲାପାଳଙ୍କୁ ଲେଖି ଜଣାଇଲେ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ଗୁଲୁଣ୍ଡାଠାରେ ଥିବା ଜୟ ଜଗନ୍ନାଥ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଲିଃକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରାଯାଉଥିବା ସମିତି ସମ୍ପାଦକ ଦେବେନ୍ଦ୍ର କୁମାର ଶତପଥୀ ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ଶୁକ୍ରବାର ସୁବର୍ଣ୍ଣପୁର ଜିଲାପାଳ , ବିଏମ୍‌ସି ସାଧାରଣ ପ୍ରଶାସକ ଓ ସାଧାରଣ ପରିଚାଳକ ସମ୍ବଲପୁରଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ପ୍ରକାଶ ଯେ, ଗତ ୧୮ ବର୍ଷ ହେଲା ଗୁଲୁଣ୍ଡା ଗାଁର ଗୋଚାଷୀମାନଙ୍କ ଠାରୁ ଦୁଗ୍ଧ ସଂଗ୍ରହ କରି ଉକ୍ତ ସମିତି ବିନିକା ସହରସ୍ଥିତ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର(ବିଏମ୍‌ସି)କୁ ଦୁଗ୍ଧ ପଠାଇଥାଏ । ମାତ୍ର ବିଏମ୍‌ସିର ଉପବିଧି ନିୟମ ଅନୁଯାୟୀ ପରିଚାଳିତ ହେଉ ନ ଥିବା ଦର୍ଶାଇ ଗତମାସ ୩୦ ତାରିଖରେ ଗୁଲୁଣ୍ଡା ଦୁଗ୍ଧ ଉତ୍ପାଦକ ସମିତିର ସମ୍ପାଦକ ଶତପଥୀଙ୍କ ନିକଟକୁ ବିନିକା ବିଏମ୍‌ସି ମଣ୍ଡଳ ଅଧିକାରୀ(ଆର୍.ଆଇ.ସି) ଏକ ଚିଠି ପଠାଇଥିଲେ । ଏହି ଚିଠିରେ ସମିତିକୁ ବିନିକା ବିଏମ୍‌ସି ପକ୍ଷରୁ ମିଳିଥିବା ସମସ୍ତ ଦୁଗ୍ଧ ସଂଗ୍ରହ ଉପକରଣ ଓ ପରୀକ୍ଷା ଉପକରଣ ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦନ କେନ୍ଦ୍ରକୁ ଫେରାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ସମ୍ପାଦକ ଶତପଥୀ ଅଭିଯୋଗର ଖଣ୍ଡନ କରି ଦର୍ଶାଇଛନ୍ତି , ଗୁଲୁଣ୍ଡା ସମିତି କୌଣସି ନିୟମ ଉଲ୍ଲଂଘନ କରିନାହିଁ।।

୧୮ବର୍ଷ ଧରି ସମିତି ଦୁଗ୍ଧ ଯୋଗାଇ ଆସୁଛି । କରୋନା ମହାମାରୀ ବ୍ୟାପିବା ଯୋଗୁ ଦୁଗ୍ଧ ଉତ୍ପାଦକ ସମିତି ବନ୍ଦ ରହିଥିଲା। ମାସେ ହେଲା ଦୁଗ୍ଧ ସଂଗ୍ରହ ଆରମ୍ଭ ହୋଇଛି। ଆଗକୁ ଦୁଗ୍ଧ ସଂଗ୍ରହ ହାର ବଢ଼ିବ। ସମିତିରେ ଚାଷୀମାନେ ଦୁଗ୍ଧ ଦେଇ ଜୀବିକା ନିର୍ବାହ କରୁଥିବା ବେଳେ ଏହାକୁ ବନ୍ଦ କରିବା ନେଇ ଷଡଯନ୍ତ୍ର କରିବା ଦୁର୍ଭାଗ୍ୟଜନକ। ଏହାର ପୁନଃବିଚାର କରା ନ ଗଲେ ଅଞ୍ଚଳର ଗୋ-ଚାଷୀଙ୍କ ଆର୍ଥିକ ପରିସ୍ଥିତି ବିଗିଡି ଯିବାର ଆଶଙ୍କା ରହିଛି ବୋଲି ସମ୍ପାଦକ ଅଭିଯୋଗରେ ଦର୍ଶାଇଛନ୍ତି । ଏ ନେଇ ବିନିକା ବିଏମ୍‌ସି ମଣ୍ଡଳ ଅଧିକାରୀ ସନ୍ତୋଷ ମହାନ୍ତିଙ୍କୁ ପଚାରିବାରେ, ଦୁଗ୍ଧର ମାନ ହ୍ରାସ ପାଉଛି । ୨୦୧୯ ଅଗଷ୍ଟ ମାସରୁ ଉକ୍ତ ସମିତିରୁ ଦୁଗ୍ଧ ସଂଗ୍ରହ ହାର ମଧ୍ୟ କମିବାରେ ଲାଗିଛି। ଏଥିସହିତ ବିଏମ୍‌ସି ଉପବିଧି ନିୟମ ଉପରେ ଗୁଲୁଣ୍ଡା ସମିତି ସମ୍ପାଦକ ନଜର ନ ଦେଇ ମନମୁଖୀ ଦୁଗ୍ଧ ସଂଗ୍ରହ କରିବା ଓ କମ୍ ଦୁଗ୍ଧ ବିଏମ୍‌ସିକୁ ଦେବା ଯୋଗୁ ଏପରିପଦକ୍ଷେପ ନିଆଯାଇଛି ବୋଲି କହିଥିଲେ।

# ତେଲଙ୍ଗାନାରୁ ୧୧ଗୋଟି ଶ୍ରମିକ ଉଦ୍ଧାର

ବଲାଙ୍ଗୀର ଅଫିସ,୧୩।୨

ତେଲଙ୍ଗାନାର ଏକ ଇଟାଭାଟିରେ ଦୀର୍ଘ ୪ମାସରୁ ଉର୍ଦ୍ଧ୍ୱ ସମୟ ଧରି ବନ୍ଧକ ଥିବା ବଲାଙ୍ଗୀର ଜିଲାର ୧୧ ଜଣ ଗୋଟି ଦାଦନ ଶ୍ରମିକ ଓ ୬ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଶନିବାର ସକାଳେ ଏକ ଗାଡି ଯୋଗେ ସମସ୍ତ ୧୭ଜଣ ବଲାଙ୍ଗୀରରେ ପହଞ୍ଚିଛନ୍ତି । ସମସ୍ତ ୧୧ଜଣ ଗୋଟି ଶ୍ରମିକଙ୍କୁ ୨୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ୪ମାସ ତଳେ ଲୋଇସିଂହା ଓ ପାଟଣାଗଡ ବ୍ଲକର ୧୧ଜଣ ଗୋଟି ଦାଦନ ଶ୍ରମିକ ଓ ସେମାନଙ୍କ ୬ଜଣ ଶିଶୁଙ୍କୁ ନେଇ ବେଲପଡା ଅଞ୍ଚଳର ଦାଦନ ସର୍ଦ୍ଦାର କୈଳାସ ମେହେର ତେଲଙ୍ଗାନା ରାଜ୍ୟ ପଏଦାପାଲି ଜିଲା ଗରୁଡପେଟ ଗ୍ରାମର ଏନ୍ଏନସି ଇଟାଭାଟିକୁ ନେଇଥିଲେ। ସେଠାରେ ଇଟାଭାଟି ମାଲିକ ଭାସ୍କର ସେମାନଙ୍କୁ ନିର୍ଯାତନା ଦେବା ସହ ବନ୍ଧକ କରି କାମ କରାଉଥିଲେ । ଖବର ପାଇ ପୋଡ଼ମୁଣ୍ଡାର ସାମାଜିକ କର୍ମୀ କାର୍ତ୍ତିକ ନାଗ ଓ ଦାଦନ ଶ୍ରମିକ ସଭାପତି ପିତାମ୍ବର ବାଗ ଜିଲା ପ୍ରଶାସନ, ଶ୍ରମ ବିଭାଗ ଓ ସଦର ଥାନାରେ ଅଭିଯୋଗ କରି ସେମାନଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଥିଲେ । ଅଭିଯୋଗ ପାଇବା ପରେ ବଲାଙ୍ଗୀର ଜିଲା ପ୍ରଶାସନ, ଶ୍ରମବିଭାଗ ଓ ପୋଲିସ ପକ୍ଷରୁ ତେଲଙ୍ଗାନା ଶ୍ରମ ବିଭାଗକୁ ଅବଗତ କରିଥିଲା। ତେଲଙ୍ଗାନା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଇଟାଭାଟିରେ ଚଢ଼ାଉ କରାଯାଇ ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ସମସ୍ତଙ୍କୁ ତେଲେଙ୍ଗାନା ସରକାର ଗୋଟି ଶ୍ରମିକ ଭାବେ ପ୍ରମାଣ ପତ୍ର ଦେଇ ସେଠାରୁ ଫେରାଇଛନ୍ତି।


ଉଦ୍ଧାର ଶ୍ରମିକମାନଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଚେକ୍ ପ୍ରଦାନ କରାଯାଉଛି।

**ପ୍ରତ୍ୟେକଙ୍କୁ ୨୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ**

# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ଜୁନାଗଡ,୧୩।୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆଠାରେ ଶୁକ୍ରବାରଠାରୁ ଚାଲିଥିବା ଜାତୀୟସ୍ତରୀୟ ଆଦିବାସୀ ଲୋକନୃତ୍ୟ ଓ ଲୋକସଙ୍ଗୀତ ଉତ୍ସବ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ଅଧ୍ୟକ୍ଷ ଡ.ରାମକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ କହିଲେ ଯେ, କଳାହାଣ୍ଡି ହେଉଛି କଳାର ହାଣ୍ଡି। ଏଠାକାର କଳାକାରମାନେ ନିଜ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ନ ଭୁଲି ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିଛନ୍ତି। ଫଳରେ ନିଜ କଳା ମାଧ୍ୟମରେ ସେମାନେ ଦେଶ,ବିଦେଶରେ ନା କମାଇବା ସହ ଜିଲା ପାଇଁ ଗୌରବ ଆଣୁଛନ୍ତି। ସମ୍ମାନିତ ଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଜିଲାପାଳ ଡ.ପରାଗ ହର୍ଷଦ ଗାଭାଲି, ମହାବୀର ସାଂସ୍କୃତିକ ଅନୁଷ୍ଠାନର ଅଧ୍ୟକ୍ଷ ଜୟନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଧନ୍ୟବାଦ ଦେଇଥିଲେ। ସେହିପରି ଭାନୁ ପ୍ରକାଶ ରଥ ସଭା ପରିଚାଳନା କରିଥିଲେ। ଉତ୍ସବର ଦ୍ୱିତୀୟ ଦିନରେ ଆସାମର ବୋଡନୃତ୍ୟ-କଳାଭୂମି ମାଜୁଲି ଆସୋସିଏଶନ୍, ଝାରଖଣ୍ଡର ପାଇକନୃତ୍ୟ-ସୁବୋଧ ପ୍ରମାଣିକ ଓ ସାଥୀ , ପଶ୍ଚିମବଙ୍ଗର ନିତିକା ବାଲେଟ ଦଳ-ଶୀଳା ବିଟ୍, ଓଡିଶା ବଜାଶାଲ-କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ କେନ୍ଦ୍ର ଓ କୋୟାନାଚ-ଧନୁ ମୁଦୁଲି ଓ ସାଥୀ ମାଲକାନଗିରି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯାହାକି ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ଓଡିଶାରେ ପ୍ରଥମ ଥର ପାଇଁ ୧୨ତାରିଖଠାରୁ ୧୪ ରବିବାର ପର୍ଯ୍ୟନ୍ତ ୩ ଦିନ ଧରି ଏହି ଉତ୍ସବ ଜୁନାଗଡ ହାଇସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ହେଉଛି। ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ଭାରତ ସରକାରଙ୍କ ଇଷ୍ଟର୍ଣ୍ଣ ଜୋନାଲ୍ କଲଚରାଲ ସେଣ୍ଟର କୋଲକତା, ଓଡିଶା ସରକାରଙ୍କ ଭାଷା, ସଂସ୍କୃତି ବିଭାଗ, କଳାହାଣ୍ଡି ଜିଲା ପ୍ରଶାସନ ଓ ଜିଲା ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଛି ବୋଲି ସଂଯୋଜକ ତଥା ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ ପ୍ରକାଶ କରିଛନ୍ତି।


ଦ୍ୱିତୀୟ ଦିନ ସଂଧ୍ୟାରେ ଯୋଗ ଦେଇଥିବା ଅତିଥି ଗଣ ।


**PARADIP PORT TRUST**

**e-TENDER CALL NOTICE**

Name of the work : **"Upkeeping of ADB Railway Yard (from ATBK Level Crossing to RSS) for the year 2021 - 22"**.Estimated cost : **Rs.72, 12,071.82.** Last Date & time of submission: **dt.03/03/2021 upto 17.00 Hrs**. Refer our Website for details https://eprocure.gov.in/eprocure/app

**Executive Engineer(PRD)**

PPT/PR/408/20-21, Dt.13/02/2021

**PARADIP PORT TRUST**

**e-TENDERING NOTICE**

**No. EM/MM/P/MISC/01/2021/22**

**Date: 08/02/2021**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/ authorized dealers for supply of **Contactless High Security Smart Cards**. The last date and time of submission of the tender is 17.15 Hours on Dt. 26.02.2021. For details log on to website: https://eprocure.gov.in/eprocure/app.

**Sr. Dy. Materials Manager**

PPT/PR/400/20-21 Dt. 13/02/2021

**RAJENDRA UNIVERSITY, BALANGIR**

**NO. 447/RU** **Date: 13.02.2021**

**ADMISSION NOTICE**

Applications are invited for admission into the following vacant seats of 3 years Integrated B.Ed-M.Ed Course (Self financing) for the session 2020-23. The last date for submission of application duly filled in with requisite documents is 22.02.2021.

**SC Category - 07, ST Category - 09, Unreserved - 04, Total = 20**

(N.B.: In case of non-availability of suitable candidates from reserve categories, such vacant seats shall be dereserved and shall be filled up from candidates from unreserved category).

For prospectus, application form and other details, please visit the website: **www.rajendracollege.nic.in**.

**Sd./- Registrar**
**Rajendra University, Balangir**

**THE KOSALA SCHOOL, Estd. - 1979**

**ENGLISH MEDIUM RESIDENTIAL PUBLIC SCHOOL**

**At: Nuakhairpali, P.O.- Larasara, Via: Attabira, Dist.- Bargarh, PIN - 768027**
**E-mail: thekosalaschool1979@gmail.com, Website: www.thekosalaschool.in**
**Mob.: 6371537828 / 6371532877 / 6370708544**

**KOSALA ENTRANCE TEST 2021-2022**

- Admissions open for Classes UKG to Std.-IX for **BOARDERS ONLY**.
- Interested candidates are to appear entrance test in English, Mathematics and General Awareness on the 28th February or 7th March 2021.
- Entrance Test will be conducted by strictly adhering to Covid-19 safety guidelines.
- Candidates qualified in Entrance Test will get admission strictly on merit basis.
- Enquiry time over Phone - 10.00 A.M. to 2.00 P.M.
- Entrance Test Timings - 10.30 A.M. to 12.30 P.M.
- Selling of Admission forms will start from 10th Feburary 2021.

**Sd./- (Director-cum-Principal)**

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
**PIN: 751012, Tel No.(0674) 2562020, e-Mail: theoccltd@odishaconstruction.com**
**GSTIN- 21AAACO2571K2ZM**
**"e" Procurement Notice No- 32/OCCL/2020-21 (on-line)**

Type of Work – Cement Concrete Lining
Total Nos of Works- 02 (Two) Nos.
No.CAD-1263

| Sl. No. | Bid Identification No. | Period of completion | Amount put to tender (approx) (Rs. in lakhs) | Bid security (Rs. in lakhs) | Availability of tender (online) | Submission of tender (online) |
|---|---|---|---|---|---|---|
| 01 | OCCL-LISP/01/2020-21 | 18 (Eighteen) calendar months | Rs.5288.56 lakhs | Rs.52.89 lakhs | From 15.02.2021, 10.00 A.M. to 01.03.2021 upto 5.30 P.M. | From 15.02.2021, 10.00 A.M. to 01.03.2021 upto 5.30 P.M. |
| 02 | OCCL-LISP/02/2020-21 | 11 (Eleven) calendar months | Rs.705.75 lakhs | Rs.7.06 lakhs | From 15.02.2021, 10.00 A.M. to 01.03.2021 upto 5.30 P.M. | From 15.02.2021, 10.00 A.M. to 01.03.2021 upto 5.30 P.M. |

**Procurement Officer – Managing Director, Odisha Construction Corporation Limited.** Date of Opening of the Technical Bid: **02.03.2021, 12.00 Noon**. Further details can be seen from the e-procurement portal: https://www.tendersodisha.gov.in

OIPR-34120/11/0007/2021 **Managing Director, OCCL**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**CENTRAL CIRCLE, RURAL WORKS, BHUBANESWAR**
No.O-1074
**"e" Procurement Notice for Road Works under State Plan & RIDF for the year 2020-21**

| | | | |
|---|---|---|---|
| 1. | Name of the Work | : | Road Works under State Plan & RIDF for the year 2020-21 |
| 2. | Total No. of works | : | 3 No. of Road Works |
| 3. | Estimated Cost of the Package | : | Varies from Rs.235.96 lakhs to Rs.372.21 lakhs |
| 4. | Class of Contractor | : | Estimated cost more than Rs.40.00 lakhs & up to Rs. 3.00 Crores-B class & A Class Estimated cost more than Rs.3.00 Crores & up to Rs. 6.00 Crores- A class & Special Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | |
|---|---|---|---|---|---|
| | | From | To | Technical bid | Financial bid |
| 1 | 2 | 3 | 4 | 5 | 6 |
| Superintending Engineer, Central Circle, Rural Works, Bhubaneswar | Tender- Online- C.C.- 02 of 2021 | 17.02.2021 at 11.00 A.M. | 08.03.2021 Upto 5.00 P.M. | 09.03.2021 at 11.00 A.M. | 16.03.2021 at 11.00 A.M. |

Further details can be seen from the web site www.tendersorissa.gov.in.

**Superintending Engineer, Central Circle, Rural Works, Bhubaneswar**
OIPR-25082/11/0009/2021

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS CIRCLE, SAMBALPUR**
**Tel.: 0663-2548268, E-mail ID: serwcirclesbp@yahoo.com**
**Bid Identification No. Bridge Tender Online - RWCSBP - 14, No. 289 Dated: 11.02.2021**

No. O-1086: The Superintending Engineer Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for 01 (One) No. of Bridge work.

| Sl. No. | Name of Work | Approximate estimated cost put to tender excluding of GST in lakhs (Figure appearing in DTCN is final) | Concerned E.E. with Headquarters | Security Amount (in lakhs) (Online) (Figure appearing in DTCN is final) | Cost of Bid Document (Rs.) (Online) | Class of Bidder | Period of Completion (including rainy, summer & festival) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of over Arkhei nallah at 4th Km on Nilagundia to Chandrapur via Pathuriapal village under Inter District Inter Block Connectivity scheme for the year 2021-21 in the district of Deogarh. | 362.65 | Executive Engineer, Rural Works Division, Deogarh | 3.63 | 10,000/- (Online) | A & Special | 18 (Eighteen) Calendar months |
| Mode of submission of tender | | Tender should be submitted only online in website **www.tendersorissa.gov.in (https://tendersodisha.gov.in)** | | | | | |

* Further details can be seen from the e-procurement portal **www.tendersorissa.gov.in (https//tendersodisha.gov.in)**.

Summary of key dates are provided below:

| Procurement Officer | Bid Identification No. | Availability of Tender Online for bidding | | Last date & time for seeking clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sambalpur | Bridge Tender Online - RWCSBP-14 | 18.02.2021 from 11.00 A.M. | 04.03.2021 upto 4.00 P.M. | 03.03.2021 upto 4.00 P.M. | 06.03.2021 at 11.00 A.M. | Will be intimated later |

* Subsequent modification/corrigendum/addendum if required shall appear in website only.
* The amount put to bid is exclusive of GST.

**OIPR-25091/11/0017/2021** **Superintending Engineer, Rural Works Circle, Sambalpur**